# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୫/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 25 / 2018 (Career & Appointment) | ★★★★★★

୪୪ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମିଡିଆ ଗୁଜବକୁ ଭୟ କରେନାହିଁ: ଆଲିଆ**

ରଣବୀରଙ୍କ ସହ ସମ୍ପର୍କ ପ୍ରସଙ୍ଗରେ ଗଣମାଧମରେ ପ୍ରଚାର କରାଯାଉଥିବା ଗୁଜବକୁ ନେଇ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଆଦୌ ବିଚଳିତ ନ ଥିବା ପ୍ରକାଶ କରିଛନ୍ତି ।

୧୪

୧୯

**ଦେବାଶିଷ ଜାତୀୟ ଜୁନିୟର ଚୟନକର୍ତ୍ତା**

ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓଡ଼ିଶାର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି ।




DSPL-134

14005/13/0025/1819




ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କର ଉପଲବ୍ଧି ଓ ସଫଳତାକୁ ମାନ୍ୟତା ଦେବାପାଇଁ ଏକ ନୂତନ ଅଭିଯାନ

www.iamodisha.info କିମ୍ବା WhatsApp No.7978927908 ଜରିଆରେ ନିଜର ଏବଂ ନିକଟତମ ଲୋକଙ୍କର ଏହି ଅଭିଯାନ ସମ୍ପର୍କିତ ଆଲେଖ୍ୟ ସେୟାର୍ କରି ଏହି ଅଭିଯାନରେ ସାମିଲ ହୁଅନ୍ତୁ । ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୧୮ ଅବସରରେ ସବୁଠାରୁ ପ୍ରେରଣାଦାୟୀ ଏବଂ ପ୍ରଭାବଶାଳୀ ଆଲେଖ୍ୟକୁ ସମ୍ମାନିତ କରାଯିବ ।

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Download Mobile App 'MakeInOdisha' from | Follow us on


■ ଏମ୍ସ ସମାବର୍ତ୍ତନ ଉତ୍ସବ

## ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ପ୍ରଥମ ସମାବର୍ତ୍ତନ ଉତ୍ସବ ଶନିବାର ପାଳନ କରିବ। ଏଥିରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେବେ। ଏମ୍ସରେ ଆସନ୍ତା ଶିକ୍ଷାବର୍ଷରୁ ସୁପର ସ୍ପେଶିଆଲିଷ୍ଟ ଡାକ୍ତରୀ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ମାଷ୍ଟର ଡିଗ୍ରୀ ଆଣ୍ଡ୍



ମାଷ୍ଟର ଅଫ୍ ସର୍ଜରି(ଏମ୍‌ଡି ଆଣ୍ଡ୍ ଏମ୍‌ଏସ୍)ରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବେ।

☞ପୃଷ୍ଠା-୪

**ରାଜଧାନୀରେ ପୁଣି ୨ ହତ୍ୟାକାଣ୍ଡ**

........୧୧........



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନାରତ । **(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୭)**

# ବିଧାନ ପରିଷଦ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ରାଜ୍ୟ ସରକାର ବିଧାନ ପରିଷଦ ଗଠନ ପାଇଁ ଆଉ ଦୁଇପାଦ ଆଗେଇଛନ୍ତି। ଉଚ୍ଚସଦନର ରୂପରେଖ କିପରି ହେବ ସେ ନେଇ ମଧ୍ୟ ଶେଷ ସ୍ପର୍ଶ ଦିଆଯାଇଛି। ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅନୁମୋଦନ ପରେ ଆସନ୍ତା ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ଏ ନେଇ ଏକ ସଂକଳ୍ପ ପାରିତ କରାଯିବ। ପରେ ଭାରତୀୟ ସମ୍ବିଧାନର ଧାରା ୧୬୯ ଅନୁଯାୟୀ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ଏହାକୁ ପଠାଯିବ। ପାର୍ଲାମେଣ୍ଟରେ ଏ ନେଇ ଏକ ବିଲ୍ ଆଗତ ହେବ । ପାର୍ଲାମେଣ୍ଟର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯିବ। ରାଷ୍ଟ୍ରପତି ଏହା ଉପରେ ମୋହର ମାରିବା ପରେ ବିଧାନ ପରିଷଦ ଗଠନ ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିବେ। ଏହା ଏକ ଲମ୍ବା ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପରିଷଦ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଆସନ୍ତା ବିଧାନସଭାରେ ପରିଷଦ ଗଠନ ନେଇ ସର୍ବସମ୍ମତ ସଂକଳ୍ପ ଗୃହୀତ କରାଇ କେନ୍ଦ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।

କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ସରକାର ବିଧାୟକ ନୃସିଂହ ସାହୁଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ମନୋହର ରନ୍ଧାରୀ, କଂଗ୍ରେସ ବିଧାୟକ ଭୁଜବଳ ମାଝି ଏବଂ ଭାଜପା ବିଧାୟକ ନୀତିଶ

☞ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**

- ଆସନ୍ତା ବିଧାନସଭା ଅଧିବେଶନରେ ଆସିବ ସଂକଳ୍ପ
- ୬ ବର୍ଷ କାର୍ଯ୍ୟକାଳ, ୪୯ ସଭ୍ୟ ରହିବେ
- ଏହା ଏକ ଥଇଥାନ ସଂସ୍ଥା ପାଲଟିବ: କଂଗ୍ରେସ

■ ମାଡ଼ିଗଲା ଭାଜପା ଏମ୍‌ପିଙ୍କ ଗାଡ଼ି

## ମହିଳା ମୃତ, ଜଣେ ଗୁରୁତର

ଗୁଣ୍ଟୁର, ୨୪।୮

ଦୁଇଜଣ ମହିଳାଙ୍କ ଉପରକୁ ମାଡ଼ିଗଲା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଜି.ଭି.ଏଲ୍. ନରସିଂହ ରାଓଙ୍କ ଗାଡ଼ି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଅନ୍ତର୍ଗତ ତାଡେପଲ୍ଲୀ ନିକଟବର୍ତ୍ତୀ କୋଲାନୁକୋଣ୍ଡା ଗ୍ରାମରେ ଶୁକ୍ରବାର ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।



ପ୍ରାଥମିକ ରିପୋର୍ଟ ମୁତାବକ, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାବେଳେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇ ପଥଚାରୀଙ୍କ ଉପରକୁ ଚଢ଼ାଇ ଦେଇଥିଲେ। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମୟରେ ଏମ୍‌ପି ନରସିଂହ ମଧ୍ୟ ଗାଡ଼ିରେ ବସିଥିଲେ। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ସେ ତୁରନ୍ତ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ମନ୍ତବ୍ୟ**

"ମୁଁ ହୃଦୟର କଥା କୁହେ, କାରଣ ମନ କଥା କହିବା ଢାଞ୍ଚା ଅନ୍ୟ କାହା ପାଖରେ ଅଛି ।

**-ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି**

**ଆଜିର ସମ୍ପାଦକୀୟ**

**ପାର୍ଶ୍ୱପ୍ରବେଶକୁ ବିରୋଧ**


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | |
|---|---|---|
| Gold 24 CT - ₹ | 30,500/- | 10gm. |
| Gold 22 CT - ₹ | 29,500/- | 10gm. |
| Silver Rate - ₹ | 380/- | /10gm. |
| Making Charge - ₹ | 100/- onwards | / 1gm. |

Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 24.08.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସପ୍ତାହ ମଧ୍ୟରେ ୩୩.୨ ନିୟୁତ ଡଲାର ହ୍ରାସ ଘଟି ୪୦୦.୮୪୭ ବିଲିୟନ ଡଲାରକୁ ଖସିଛି। ଏହାର ପୂର୍ବବର୍ତ୍ତୀ ସପ୍ତାହରେ ଏଥିରେ ୧.୮୨୨ ବିଲିୟନ ଡଲାର ହ୍ରାସ ଘଟି ୪୦୦.୮୮୧ ବିଲିୟନ ଡଲାର ରହିଥିଲା।

– ଆର୍‌ବିଆଇ ତଥ୍ୟ

■ କଳଙ୍କିତ ହେଲା ପବିତ୍ର ସମ୍ପର୍କ

# ଝିଆରୀଙ୍କୁ ବଳାତ୍କାର କରି ପୋଲିସ ଏଏସ୍‌ଆଇ ଗିରଫ

ଭାପୁର, ୨୪।୮ (ଡି.ଏନ୍.ଏ.)

ଦାଦା ଝିଆରୀ ଭଳି ପବିତ୍ର ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଏଭଳି ଲଜ୍ଜାଜନକ ଘଟଣା ଘଟିଛି ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରେ। ଜଣେ ପୋଲିସ ଅଫିସର ତାଙ୍କ ଝିଆରୀଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ଦାଦାଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ବାଣିଗୋଛା ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି ବ୍ରଜବନ୍ଧୁ ମଲ୍ଲିକ (୫୦)। ସେ ଫତେଗଡ ଥାନା ବନମାଳୀପୁର ପଞ୍ଚାୟତ ଅଞ୍ଚଳର ତାଙ୍କ ବଡଭାଇଙ୍କ ନାବାଳିକା ଝିଅଙ୍କୁ ବିଭିନ୍ନ ସମୟରେ ବଳାତ୍କାର କରିଆସୁଥିଲେ। ଫଳସ୍ୱରୂପ ନାବାଳିକା ଜଣକ ଏବେ ୬ ମାସର ଗର୍ଭବତୀ। ଦାଦାଙ୍କ ଏହି ଅନୈତିକ ସମ୍ପର୍କ ନେଇ ନାବାଳିକା ଗୁରୁବାର ନୟାଗଡ ଶିଶୁ ମଙ୍ଗଳ ସମିତିରେ ଅଭିଯୋଗ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟମାନେ ଏ ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଫତେଗଡ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଫତେଗଡ ଥାନା ଅଧିକାରୀ ଆଶୁତୋଷ ମିଶ୍ର ଶୁକ୍ରବାର ଏ ନେଇ ୧୬୨/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଏଏସ୍‌ଆଇ ବ୍ରଜବନ୍ଧୁଙ୍କୁ ଗିରଫ କରିଛନ୍ତି। ଉଭୟ ଦାଦା ଓ ଝିଆରୀଙ୍କ ଡାକ୍ତରୀମାଇନା କରାଇ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ବ୍ରଜବନ୍ଧୁଙ୍କ ସ୍ତ୍ରୀ ଫତେଗଡ ଥାନାରେ ପହଞ୍ଚି ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଓ ତାଙ୍କୁ ଘରୋଇ କଳି, ଜମିବାଡି ଭାଗବଣ୍ଟାକୁ ନେଇ ମିଥ୍ୟା ମାମଲାରେ ଫସାଯାଇଛି। ତାଙ୍କ ଝିଆରୀଙ୍କୁ ଯେଉଁ ଅଭିଯୁକ୍ତ ଗର୍ଭବତୀ କରିଛନ୍ତି ତାଙ୍କ ନାମ ଲୁଚାଯାଇଛି ବୋଲି କହିଛନ୍ତି।

## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

**୯୪୩୭୦୦୯୪୪୧, ୯୯୩୭୬୧୨୮୪୧**






"ସମଗ୍ର ଦେଶରେ ଏବେ ଅରାଜକତା ଚାଲିଛି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଭାଜପା ଦାୟୀ। ଲୋକମାନେ କ'ଣ ଖାଇବେ, ତାହା ମଧ କ'ଣ ଗୈରିକ ଦଳ ନିଷ୍ପତ୍ତି ନେବ।

- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବିବାଦ
### ବିରୋଧୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ/କଲିକତା, ୨୪।୮ (ପି.ଟି.):** ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୨୦,୦୦୦ରୁ ଅଧିକ ପଞ୍ଚାୟତ ଆସନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ। ସେଥିରେ ଅଧିକାଂଶ ପ୍ରାର୍ଥୀ ଥିଲେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର। ତେବେ ପଞ୍ଚାୟତ ନିର୍ବାଚନକୁ ରଦ୍ଦ କରିବା ଲାଗି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ଏହାକୁ ମଝିରେ ଅଟକାଯାଇ ପାରିବ ନାହିଁ ବୋଲି ଏହାର ଆଇନଗତ ସମାଧାନ ଦିଗକୁ ଆଲୋକପାତ କରି ଅଦାଲତ କହିଛନ୍ତି। ଏହାସହ ଇମେଲ୍ ଏବଂ ହ୍ୱାଟ୍ସଆପ୍ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ନାମାଙ୍କନପତ୍ର ଦାଖଲ କରିବା ନେଇ କଲିକତା ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନକୁ ଦେଇଥିବା ନିର୍ଦ୍ଦେଶନାମାକୁ ମଧ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତା ବିଶିଷ୍ଟ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି।

### ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୪।୮ (ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟର ବେଳେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଟଳିପଡ଼ିଥିବା ଆତଙ୍କବାଦୀ ହେଉଛନ୍ତି ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସଦସ୍ୟ। ଜଣେ ପୋଲିସ ମୁଖପାତ୍ରଙ୍କ କହିବା ଅନୁଯାୟୀ, କୋକେରନାଗ ଅଞ୍ଚଳର ଭୈଲୁଠାରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିବା ପରେ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଗୁଳି ବିନିମୟ ବେଳେ ଉକ୍ତ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ତାଙ୍କଠାରୁ ବିପୁଳ ଅସ୍ତ୍ର ଜବତ ହୋଇଛି।

### ଆଇଆର୍‌ସିଟିସି ମାମଲା
### ଲାଲୁଙ୍କ ବିରୋଧରେ ଇଡି ଚାର୍ଜଶିଟ୍

**ରାଞ୍ଚି, ୨୪।୮ (ପି.ଟି)** ଆଇଆର୍‌ସିଟିସି ହୋଟେଲ ଟେଣ୍ଡର ଆବଣ୍ଟନରେ ହୋଇଥିବା ଦୁର୍ନୀତି ମାମଲାରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆରଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ସହ ତାଙ୍କର ପରିବାର ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଲାଲୁଙ୍କ ସ୍ତ୍ରୀ ରାବ୍ରୀ ଦେବୀଙ୍କ ସହ ସାନପୁଅ ତେଜସ୍ୱୀ ଯାଦବଙ୍କ ସହ ମୋଟ ୧୩ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି ଇଡି। ସେଭଳି ଗୋଖାଦ୍ୟ ଦୁର୍ନୀତି ମାମଲାରେ ରାଞ୍ଚି ହାଇକୋର୍ଟ ଲାଲୁଙ୍କ ଅନ୍ତରୀଣ ଜାମିନ୍ ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି।

### 'କିସିଂ ବାବା' ଗିରଫ

**ମୋରିଗାଓଁ, ୨୪।୮:** ଯୌନ ନିର୍ଯାତନା ଅଭିଯୋଗରେ ବନ୍ଧାହେଲେ 'ଚୁମ୍ବନ ବାବା' (କିସିଂ ବାବା)। ଆସାମର ମୋରିଗାଓଁ ଅନ୍ତର୍ଗତ ଭୋରାଲ୍‌ଟୁପ୍ ଗ୍ରାମର ବାବା ରାମପ୍ରକାଶ ଚୌହାନ୍ ମାନସିକ ଏବଂ ଶାରୀରିକ କଷ୍ଟ ଦୂର କରିବା ଆଳରେ ମହିଳାଙ୍କୁ ଚୁମ୍ବନ ଏବଂ ଆଲିଙ୍ଗନ କରିଥାନ୍ତି। ବାବାଙ୍କ ଏଭଳି ବ୍ୟବହାର ଯୋଗୁ ଅନୁଗାମୀମାନେ ତାଙ୍କୁ 'କିସିଂ ବାବା' ବୋଲି କହୁଥିଲେ। ନିଜକୁ ଭଗବାନ ବୋଲାଉଥିବା ରାମପ୍ରକାଶ ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରୁଥିଲେ। ଗ୍ରାମରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମହିଳାମାନେ ଉକ୍ତ ମନ୍ଦିରକୁ ଯାଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ। ଏ ବିଷୟରେ ଖବର ପାଇବା ପରେ ଅଗଷ୍ଟ ୨୨ରେ ବାବା ଚୌହାନ୍ ଓ ତାଙ୍କ ମା'ଙ୍କୁ ଗିରଫ କରାଯାଇଥିଲା।

### ସ୍କଟ ମୋରିସନ୍ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

**ମେଲବୋର୍ଣ୍ଣ, ୨୪।୮ (ପି.ଟି.):** ଅଷ୍ଟ୍ରେଲିଆର ଶାସକ ଲିବରାଲ ପାର୍ଟିରେ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ଶୁକ୍ରବାର ସ୍କଟ ମୋରିସନ



୩୦ ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ମ୍ୟାଲକମ୍ ଟର୍ନବୁଲଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୫୦ ବର୍ଷୀୟ ମୋରିସନ୍ ହେଉଛନ୍ତି ୧୦ ବର୍ଷ ଭିତରେ ଅଷ୍ଟ୍ରେଲିଆର ଷଷ୍ଠ ପ୍ରଧାନମନ୍ତ୍ରୀ।

■ ଲଣ୍ଡନରେ ବର୍ଷିଲେ ରାହୁଲ: ମୋଦିଙ୍କ ଅବହେଳାର ପରିଣତି ଡୋକ୍‌ଲାମ

# ମୁସ୍‌ଲିମ୍ ବ୍ରଦରହୁଡ୍ ଭଳି ଆର୍‌ଏସ୍‌ଏସ୍

**ଲଣ୍ଡନ, ୨୪।୮ (ପି.ଟି.)**

ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ମନ୍ତବ୍ୟକୁ ନେଇ ଝଡ଼ ଥମି ନ ଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)କୁ ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ସହ ତୁଳନା କଲେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ। ଲଣ୍ଡନର ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍‌ରେ ଶୁକ୍ରବାର ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ଆରବ ଦେଶର ଇସ୍‌ଲାମିକ୍ ସଙ୍ଗଠନ ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ଭଳି ଭାରତର ଆର୍‌ଏସ୍‌ଏସ୍। ଏହା ଭାରତର ବୈଶିଷ୍ଟ୍ୟ ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଛି। ଦେଶର ସବୁ ପ୍ରତିଷ୍ଠାନକୁ ନିଜ ନିୟନ୍ତ୍ରଣାଧୀନ କରିବାକୁ ଚେଷ୍ଟା ଚଳାଇଛି। କଂଗ୍ରେସ, ସମାଜବାଦୀ ପାର୍ଟି, ବିଏସ୍‌ପି ହେଉ ଅବା ଡିଏମ୍‌କେ, କୌଣସି ଦଳ ଭାରତୀୟ ପ୍ରତିଷ୍ଠାନଗୁଡ଼ିକୁ କବ୍‌ଜା କରିବାକୁ ଚେଷ୍ଟା କରି ନ ଥାନ୍ତେ।



ଆମେ ଏକ ସମ୍ପୂର୍ଣ୍ଣ ନୂଆ ବିଚାରଧାରା ସହ କାର୍ଯ୍ୟ କରୁଥିବାବେଳେ ଆର୍‌ଏସ୍‌ଏସ୍ ଏକ ପୁରୁଣା ବିଚାରଧାରାର ପୁନର୍ଜନ୍ମ ଏବଂ ଏହା ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ସହ ସମାନ। ଅନ୍ୟ ସମସ୍ତ ବିଚାରଧାରା ସ୍ଥାନରେ ଏକମାତ୍ର ବିଚାରଧାରାର ପ୍ରଚଳନ କରିବାକୁ ଉଦ୍ୟମ ହେଉଛି। ସେଥିପାଇଁ ସୁପ୍ରିମକୋର୍ଟର ୪ ବିଚାରପତି ବିଦ୍ରୋହ କରିଥିଲେ। ବିମୁଦ୍ରୀକରଣ ଘୋଷଣା ପରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ ଆଶ୍ଚର୍ଯ୍ୟବ୍ୟକ୍ତ କରିଥିଲେ ବୋଲି ରାହୁଲ କହିଛନ୍ତି। ପ୍ରକାଶ ଯେ, ମୁସଲିମ୍ ବ୍ରଦର୍‌ହୁଡ୍ ହେଉଛି ଆରବ ଜଗତର ସର୍ବପୁରାତନ ରାଜନୈତିକ ଇସ୍‌ଲାମିକ୍ ସଙ୍ଗଠନ। ଏହାକୁ ବିଭିନ୍ନ ଦେଶର ସରକାର ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିବା ସହ ଏହା ଉପରେ କଟକଣା ଜାରି କରିଛନ୍ତି।

ଏହାପୂର୍ବରୁ ଜର୍ମାନୀର ବର୍ଲିନ୍‌ଠାରେ ଏକ କାର୍ଯ୍ୟକ୍ରମରେ ଡୋକ୍‌ଲାମ୍ ବିବାଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବହେଳାର ପରିଣତ ବୋଲି ରାହୁଲ ବିବେଚନା କରିଛନ୍ତି। ଚାଇନା ସେନା ସହ ଡୋକ୍‌ଲାମ ବିବାଦ କିଛି ନୂଆ ପ୍ରସଙ୍ଗ ନୁହେଁ, ଏହା ଏକାଧିକ ଘଟଣାକ୍ରମର ପରିଣତି ବୋଲି ରାହୁଲ କହିଛନ୍ତି। ତାଙ୍କ ଦଳ ଭାରତବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖୁଥିବାବେଳେ ଭାଜପା ଏବଂ ଆର୍‌ଏସ୍‌ଏସ୍ ଦେଶବାସୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରୁଛି ଏବଂ ଘୃଣା ପ୍ରସାର କରୁଛି। କୃଷକମାନେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି ଏବଂ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। କିନ୍ତୁ କଂଗ୍ରେସ ବିବିଧତା ମଧ୍ୟରେ ଏକତା ଉପରେ ବିଶ୍ୱାସକରେ। ବିଭାଜନ ମଧ୍ୟରେ ଲୋକଙ୍କୁ ଏକଜୁଟ୍ କରି ଦେଶକୁ ବିକାଶ ଦିଗରେ ଆଗେଇନେବା ଆମର ଦାୟିତ୍ୱ ବୋଲି ରାହୁଲ କହିଛନ୍ତି।

## କଂଗ୍ରେସ 'କଣ୍ଟ୍ରାକ୍ଟ କିଲର'

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାଜପା। କଂଗ୍ରେସକୁ ଭାରତୀୟ ବିଚାରଧାରାର 'କଣ୍ଟ୍ରାକ୍ଟ କିଲର' ବିବେଚନା କରିବା ସହ ଦଳର ଅଧକ୍ଷ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଗୈରିକ ଦଳ ଦାବି କରିଛି। ରାହୁଲଙ୍କ ମନ୍ତବ୍ୟ ପରେ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଶୁକ୍ରବାର କହିଛନ୍ତି, ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପୂର୍ବସୂରୀ ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ଆର୍‌ଏସ୍‌ଏସ୍ ପରିବାର ସଦସ୍ୟ। ସଙ୍ଗଠନକୁ ରାହୁଲ ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ସହ ତୁଳନା କରିବା ଅକ୍ଷମଣୀୟ। ଭାରତୀୟ ବିଚାରଧାରା ହତ୍ୟା କରିବା ବନ୍ଦ କରନ୍ତୁ। ରାହୁଲ ହିନ୍ଦୁଙ୍କୁ କାହିଁକି ଘୃଣା କରୁଛନ୍ତି ବୋଲି ସମ୍ବିତ୍ କହିଛନ୍ତି।

■ ମାମଲା ଶୁଣାଣିର ସିଧା ପ୍ରସାରଣ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**

### କୋର୍ଟରୁମ୍‌ରେ ଭିଡ଼ କମିବ

■ ପ୍ରସ୍ତାବ ସପକ୍ଷରେ କେନ୍ଦ୍ର ସରକାର
■ ସିଜେଆଇଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ
■ ସଫଳ ହେଲେ ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ହୋଇପାରେ ସିଧା ପ୍ରସାରଣ



କୋର୍ଟରୁମ୍‌ରେ ମାମଲାର ବିଚାର ଚାଲିଥିବାବେଳେ ଟେଲିଭିଜନରେ ଏହାର ସିଧା ପ୍ରସାରଣ ନେଇ ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହା ସପକ୍ଷରେ ଟିପ୍ପଣୀ ଦେଇ ରାୟ ସଂରକ୍ଷିତ ରଖିଛନ୍ତି।

ଦେଶର ସାଧାରଣ ଜନତା ଘରେ ବସି ଟିଭି ଚ୍ୟାନେଲରେ ଖେଳ, ଲୋକ ସଭା/ ରାଜ୍ୟ ସଭାରେ ଗୃହକାର୍ଯ୍ୟ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଭଳି କୋର୍ଟରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଦେଖିପାରିବେ। ଖୁବ୍‌ଶୀଘ୍ର ଏହା ସତରେ ପରିଣତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟରୁମ୍‌ଗୁଡ଼ିକରେ ଅଯଥା ଭିଡ଼ କମାଇବା ପାଇଁ 'ଖୋଲା କୋର୍ଟ'ର ଧାରଣାକୁ କାର୍ଯ୍ୟକାରୀ କରାଇ ଏହାକୁ ବାସ୍ତବ ରୂପ ଦେବାକୁ ଚାହୁଁଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ନେଇ ଗାଇଡ୍‌ଲାଇନ୍ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଶୁକ୍ରବାର ସୁପ୍ରିମକୋର୍ଟରେ ଉପସ୍ଥାପନ କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, କୋର୍ଟରୁ ସିଧା ପ୍ରସାରଣ କରାଗଲେ କିଛି ଅସୁବିଧା ହେବ ନାହିଁ। ପ୍ରଥମେ ଏହାକୁ ଆରମ୍ଭ କରାଯାଉ ଓ ଆଗକୁ ଏହା କିପରି ଚାଲୁଛି ଦେଖାଯାଉ। ଆମେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରିପାରିବା ବୋଲି ଖଣ୍ଡପୀଠ କହିଛନ୍ତି। ଆଟର୍ନି ଜେନେରାଲ ବେଣୁଗୋପାଳ କହିଥିଲେ, ସାମ୍ବିଧାନିକ ବିଶେଷତ୍ୱ ବହନ କରୁଥିବା ମାମଲାଗୁଡ଼ିକର ସିଧା ପ୍ରସାରଣ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇପାରେ। ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନଙ୍କ ଅଦାଲତ ଏବଂ ସାରା ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଏହି ପ୍ରେଜେକ୍ଟର ସଫଳତା ଉପରେ ନିର୍ଭର କରେ। ବ୍ୟକ୍ତିଗତ ଗୋପନୀୟତା ବା ଜାତୀୟ ନିରାପତ୍ତା ଭଳି ସମ୍ବେଦନଶୀଳ ମାମଲାର ବିଚାର ବେଳେ କିମ୍ବା ଆଇନଜୀବୀ ଦୁର୍ବ୍ୟବହାର ଦେଖାଇଲେ ବିଚାରପତି ଶବ୍ଦକୁ ଶୁଣି ନ ହେବା ଭଳି ଶକ୍ତିହୀନ (ମ୍ୟୁଟ୍) କରିପାରିବେ। ଏଥିସକାଶେ ଲାଇଭ୍ ଷ୍ଟ୍ରିମିଂକୁ ୭୦ ସେକେଣ୍ଡ ବିଳମ୍ବ କରାଯିବା ଉଚିତ। ସମସ୍ତ ପକ୍ଷ, ଖବରଦାତା, ଆଇନଜୀବୀ ଓ ପରିଦର୍ଶକମାନେ ଯେପରି ସିଧା ପ୍ରସାରଣ ଦେଖିପାରିବେ ସେଥିପାଇଁ ଅଦାଲତ ପରିସରରେ ଏକ ମିଡିଆ ରୁମ୍ ପ୍ରତିଷ୍ଠା କରାଗଲେ ଭିଡ଼ ହ୍ରାସ ପାଇବ ବୋଲି ବେଣୁଗୋପାଳ ପ୍ରସ୍ତାବ ଦେଇଥିଲେ। ପ୍ରକାଶ ଯେ, ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ, ରାଜସ୍ଥାନର ଯୋଧପୁରସ୍ଥିତ ନ୍ୟାଶନାଲ ଲ ୟୁନିଭର୍ସିଟି ଛାତ୍ର ସ୍ୱପ୍ନିଲ ତ୍ରିପାଠୀ ଏବଂ ଅନ୍ୟ କେତେଜଣ ଆବେଦନକାରୀ ସିଧା ପ୍ରସାରଣ ପାଇଁ ପିଟିଶନ ଦାଏର କରିଥିଲେ।

# ୩୩ ଦୋଷୀ: ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**

### ମିର୍ଚ୍ଚପୁର ଦଳିତ ହତ୍ୟା ମାମଲା

ମିର୍ଚ୍ଚପୁର ଦଳିତ ହତ୍ୟା ମାମଲାରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ୩୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରୁ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ତଳକୋର୍ଟ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଦୋଷୀ ପ୍ରମାଣ କରାଯାଇଛି। ଏମାନଙ୍କ ଦଣ୍ଡ ଅବଧି ଭିନ୍ନ ଭିନ୍ନ ରହିଛି। ସ୍ୱାଧୀନତାର ୭୧ ବର୍ଷ ପରେ ବି ଅନୁସୂଚିତ ଜାତିର ଲୋକଙ୍କ ପ୍ରତି ଅତ୍ୟାଚାର ଥମୁ ନାହିଁ ବୋଲି ଜଷ୍ଟିସ୍ ମୁରଲୀଧର ଏବଂ ଜଷ୍ଟିସ୍ ଆଇ.ଏସ୍. ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୦ ଏପ୍ରିଲରେ ହରିୟାଣାର ହିସାର ଜିଲା ଅନ୍ତର୍ଗତ ମିର୍ଚ୍ଚପୁର ଗ୍ରାମରେ ଜାଟ୍ ଓ ଦଳିତ ସମ୍ପ୍ରଦାୟ ମଧ୍ୟରେ ହିଂସା ଘଟିଥିଲା। ଏପ୍ରିଲ ୧୯, ୨୦ ଓ ୨୧ରେ ବାଲ୍ମୀକି ସମ୍ପ୍ରଦାୟର ଲୋକଙ୍କୁ ଜାଟ୍‌ମାନେ ଅନେକ ଅତ୍ୟାଚାର କରିଥିଲେ। ଜଣେ ୬୦ ବର୍ଷୀୟ ଦଳିତ ବ୍ୟକ୍ତିଙ୍କ ଘରେ ଜାଟ୍‌ମାନେ ନିଆଁ ଲଗାଇଦେବାରୁ ସେ ଓ ତାଙ୍କର ଦିବ୍ୟାଙ୍ଗ ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ହତ୍ୟା ମାମଲାରେ ୨୦୧୧ ସେପ୍ଟେମ୍ବର ୨୪ରେ ତଳକୋର୍ଟ ୯୭ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଦୁଇ ଦୋଷୀଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ୧୩ ଦୋଷୀ ତଳକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭାରତରେ ବନ୍ଦ ହୋଇପାରେ ଅଲ୍ ଜଜିରା

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**



ଭାରତରେ ବନ୍ଦ ହୋଇପାରେ ଅନ୍ତର୍ଜାତୀୟ ଇଂଲିଶ୍ ନ୍ୟୁଜ୍ ଚ୍ୟାନେଲ୍ ଅଲ୍ ଜଜିରାର ପ୍ରସାରଣ। କାତାରର ଏହି ଚ୍ୟାନେଲ୍‌କୁ ପ୍ରଦାନ କରିଥିବା ନିରାପତ୍ତା ଅନୁମତି (ସିକ୍ୟୁରିଟି କ୍ଲିଅରାନ୍ସ)ଶୁକ୍ରବାର ହଟାଇ ନେଇଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଏହା ବିରୋଧରେ ଭାରତ ସରକାରଙ୍କ ନିକଟରେ ପୁନଃ ଆବେଦନ କରିଛି ଅଲ ଜଜିରା। ପୁଣିଥରେ ସିକ୍ୟୁରିଟି କ୍ଲିଅରାନ୍ସ ପ୍ରଦାନ କରିବା ଲାଗି ଚ୍ୟାନେଲ ଆବେଦନ କରିଛି। କିନ୍ତୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ଆସିନାହିଁ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଅଲ ଜଜିରା ନିକଟରୁ କାହିଁକି ସିକ୍ୟୁରିଟି କ୍ଲିଅରାନ୍ସ ହଟାଇ ନିଆଯାଇଛି, ତାହା ଏଯାଏ ଜଣାପଡ଼ିନାହିଁ। ଜମ୍ମୁ-କଶ୍ମୀର ଉପରେ ଚ୍ୟାନେଲ୍‌ର ପ୍ରସାରଣ କରିଥିବା ଏକ ପ୍ରାମାଣିକ ଚଳଚ୍ଚିତ୍ରକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅସନ୍ତୁଷ୍ଟ ଥିଲା। ଏଥିଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

# ରାଜସ୍ଥାନରେ ଦଙ୍ଗା: କର୍ଫ୍ୟୁ ଜାରି

**ଜୟପୁର, ୨୪।୮ (ପି.ଟି.)**

ରାଜସ୍ଥାନର ଟୋଙ୍କ ଜିଲା ଅନ୍ତର୍ଗତ ମାଲପୁରା ସହରରେ କାଉଡ଼ିଆଙ୍କ ଉପରେ ଆକ୍ରମଣ ହେବା ପରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଛି। ସହରରେ ଅଶାନ୍ତ ବାତାବରଣ ଲାଗିରହିଥିବାରୁ ଶୁକ୍ରବାର କର୍ଫ୍ୟୁ ଜାରି କରାଯାଇଛି। ଗୁରୁବାର ମାଲପୁରାରେ କାଉଡ଼ିଆମାନେ ଯାଉଥିବାବେଳେ ସେମାନଙ୍କ ଉପରକୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଟେକାମାଡ଼ କରିଥିଲେ। ଏଥିରେ ୧୫ ଜଣ କାଉଡ଼ିଆ ଆହତ ହେଲେ। ଏହାପରେ ଆରମ୍ଭ ହୋଇଗଲା ଖଣ୍ଡଯୁଦ୍ଧ। ଦୁଇ ସମ୍ପ୍ରଦାୟର ଲୋକେ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ସହରରେ ଅନେକ ଗାଡ଼ି ମଧ ପୋଡ଼ିଦେଲେ ଦଙ୍ଗାକାରୀ। ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି ହୋଇଛି। କାଉଡ଼ିଆଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିରୋଧ କରି ଟୋଙ୍କ ଏମ୍‌ପି, ମାଲପୁରା ବିଧାୟକ ଏବଂ କେତେଜଣ ହିନ୍ଦୁ ମିଶି ଶୁକ୍ରବାର ତ୍ରିରଙ୍ଗା ଯାତ୍ରା କରିବା ବେଳେ ମୁସଲମାନମାନେ ପୁଣି ଟେକାମାଡ଼ କରିଥିଲେ। ଫଳରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଗଲା।

■ ବନ୍ୟା ପାଇଁ କେରଳ, ତାମିଲନାଡୁ ମୁହାଁମୁହିଁ

# ମୁଲ୍ଲାପେରିୟାର ଡ୍ୟାମ୍‌ର ଜଳସ୍ତର ୧୩୯ ଫୁଟ ରଖ

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ବନ୍ୟା ବିପର୍ଯ୍ୟୟ ପାଇଁ କେରଳ ଏବଂ ତାମିଲନାଡୁ ମଧ୍ୟରେ ଦୋଷ ଲଦାଲଦି ଚାଲିଛି। ସୁପ୍ରିମକୋର୍ଟ ଶୁକ୍ରବାର ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ମୁଲ୍ଲାପେରିୟାର ଡ୍ୟାମ୍‌ର ଜଳସ୍ତର ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୩୧ ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୩୯.୯୯ ଫୁଟ ମଧ୍ୟରେ ରଖିବାକୁ କମିଟିକୁ କହିଛନ୍ତି। କେରଳର ଇଦୁକ୍କି ଜିଲାରେ ଥିବ । ପେରିୟାର ନଦୀରେ ୧୯୮୫ରେ ମୁଲ୍ଲାପେରିୟାର ଡ୍ୟାମ୍ ନିର୍ମାଣ ହୋଇଥିଲା। କିନ୍ତୁ ଏହି ଜଳଭଣ୍ଡାରର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଉଛି ତାମିଲନାଡୁ। ପଡ଼ୋଶୀ ରାଜ୍ୟ ହଠାତ୍ ଅଧିକ ପାଣି ଡ୍ୟାମ୍‌ରୁ ଜଳ ଛାଡ଼ିଦେବା ଯୋଗୁ ଏତେବଡ଼ ବନ୍ୟା ହୋଇଗଲା ବୋଲି କେରଳ ସରକାର ଅଭିଯୋଗ କରୁଛନ୍ତି। କିନ୍ତୁ ଏହାକୁ ଶୁକ୍ରବାର ଖଣ୍ଡନ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ। କେରଳର ୮୦ରୁ ଊର୍ଦ୍ଧ୍ୱ ଜଳଭଣ୍ଡାରରୁ ଜଳ ନିଷ୍କାସନ କରିବା ଯୋଗୁ ଏହି ବିପତ୍ତି ଆସିଲା ବୋଲି ସେ କହିଛନ୍ତି। ନିଜର ଯୁକ୍ତି ଦର୍ଶାଇବା ସହ ଏକ ସତ୍ୟପାଠ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି ତାମିଲନାଡୁ ସରକାର। କେରଳ ଅସହଯୋଗ କରୁଛି ବୋଲି ସେଥିରେ ଦର୍ଶାଯାଇଛି। ଏ ମାମଲାର ବିଚାର କରୁଛନ୍ତି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର ଏବଂ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ।



■ କେରଳ ବନ୍ୟାକୁ ନେଇ ରାଜନୈତିକ ଉଷ୍ମତା

# ସଙ୍କଟ ବେଳେ ନାଟ

**ନୂଆଦିଲ୍ଲୀ/କୋଚି, ୨୪।୮ (ପି.ଟି.)**

### ବିଦେଶୀ ପାଣ୍ଠିକୁ ନେଇ ବାକ୍‌ଯୁଦ୍ଧ



ଅହମ୍ମଦ ଅଲ୍‌ବାନ୍ନମ୍



ପିନାରାୟୀ ବିଜୟନ

■ ଆର୍ଥିକ ସହାୟତା ଘୋଷଣା କରିନି ୟୁଏଇ
■ ସ୍ପଷ୍ଟ କଲେ ଆରବ ରାଷ୍ଟ୍ରଦୂତ ■ କେରଳ ମୁଖ୍ୟମନ୍ତ୍ରୀ ଅପଦସ୍ଥ
■ ବିଜୟନ୍‌ଙ୍କୁ ଘେରିଲା ଭାଜପା ■ କେଉଁଠୁ ପାଇଲ ସୂଚନା, ଉତ୍ତର ଦିଅ

ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବରେ ରଣଭୂମି ପାଲଟିଥିବା କେରଳରେ ଏବେ ଲୋକେ ଜୀବନଜୀବିକା ପାଇଁ ବାଟ ଖୋଜୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଏବଂ କ୍ଷୁଧା ମେଣ୍ଟାଇବାକୁ ଆହାର ପାଇଁ ଅନ୍ୟର ହାତକୁ ଚାହିଁରହିଛନ୍ତି। ଏଭଳି ସଙ୍କଟ ଦେଇ କେରଳୀମାନେ କାଳାତିପାତ କରୁଥିବାବେଳେ ବନ୍ୟାକୁ ନେଇ ଜୋର୍ ଧରିଛି ରାଜନୀତି ନାଟ। ବିଦେଶୀ ପାଣ୍ଠିକୁ ନେଇ ରାଜନୈତିକ ପାଣିପାଗ ଉଷ୍ମ ଥିବାବେଳେ ଶୁକ୍ରବାର ଏକ ଭିନ୍ନ ମୋଡ଼ ଆସିଛି। କେରଳକୁ କେତେ ପରିମାଣରେ ଆର୍ଥିକ ସହାୟତା ଯୋଗାଇଦିଆଯିବ ସେ ନେଇ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିନାହିଁ। ତେଣୁ ପାଣ୍ଠି ଦାନ ସମ୍ପର୍କରେ ଘୋଷଣାର ପ୍ରଶ୍ନ ଉଠୁନାହିଁ ବୋଲି ୟୁଏଇ ଦୂତାବାସର ଜଣେ ଅଧିକାରୀ କହିଛନ୍ତି। ତାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଘେରିଛି ବିରୋଧୀ ଭାଜପା। ୟୁଏଇ ୭୦୦ କୋଟି ଟଙ୍କା ସହାୟତା ଦେବାକୁ ଘୋଷଣା କରି ନ ଥିଲା ବେଳେ ବିଜୟନ୍ ଆପେ ଆପେ କହିବୁଲୁଛନ୍ତି। ତାଙ୍କୁ ଏ ସୂଚନା କିଏ ଦେଇଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ନିକଟରେ କେରଳ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସୂଚନା ଦେଇଥିଲେ ଯେ, କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୟୁଏଇ ୭୦୦ କୋଟି ଟଙ୍କା ଦେବ। କାତାର ଓ ମାଳଦ୍ୱୀପ ମଧ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେବା ପରେ କେରଳର ଶାସକ ଏଲ୍‌ଡିଏଫ୍, କଂଗ୍ରେସ ଓ ଅନ୍ୟଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। କାଦୁଅଫିଙ୍ଗା ଚାଲିଥିଲାବେଳେ ଶୁକ୍ରବାର ୟୁଏଇ ଆମ୍ବାସାଡର ଅହମ୍ମଦ ଅଲ୍‌ବାନ୍ନମ୍ ଯେଉଁ ଖୁଲାସା କଲେ, ତାହା ବିଜୟନ୍‌ଙ୍କୁ ଲଜ୍ଜିତ କରିଛି। ଅଲ୍‌ବାନ୍ନମ୍ କହିଛନ୍ତି, କେରଳବାସୀଙ୍କୁ ରିଲିଫ୍ ସହାୟତା ଯୋଗାଇବା ପାଇଁ ୟୁଏଇ ସରକାର କେବଳ ଏକ ଜାତୀୟ ଜରୁରିକାଳୀନ କମିଟି ଗଠନ କରିଛନ୍ତି। କୌଣସି ଆର୍ଥିକ ସହାୟତା ବିଷୟରେ ସରକାରୀ ସ୍ତରରେ ଘୋଷଣା ହୋଇନାହିଁ। ୟୁଇଏ ସରକାର କେରଳ ବିପନ୍ନଙ୍କୁ କେଉଁ ପ୍ରକାର ସହଯୋଗ କରିବେ, ତାହା ଆଗାମୀ କିଛିଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ୟୁଏଇ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟ ପରେ କେରଳର ଭାଜପା ମୁଖ୍ୟ ପି.ଏସ୍. ଶ୍ରୀଧରନ୍ ପିଲ୍ଲାଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ୟୁଏଇ କୌଣସି ପ୍ରକାର ଘୋଷଣା କରି ନ ଥିବାବେଳେ ବିଜୟନ୍ କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି ଚଳାଇଛନ୍ତି। ସେ କେଉଁ ସୂତ୍ରରୁ ଏଭଳି ମିଥ୍ୟା ସୂଚନା ପାଇଲେ, ତାହାର ଜବାବ ଦିଅନ୍ତୁ। ଚଳିତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀରେ ବିଜୟନ୍ କହିଥିଲେ ଯେ, ମଧ୍ୟପ୍ରାଚ୍ୟର ପ୍ରମୁଖ ବ୍ୟବସାୟୀ ଏମ୍.ଏ. ୟୁସୁଫ୍ ତାଙ୍କୁ ୟୁଏଇର ସହାୟତା ବିଷୟରେ ସୂଚନା ପ୍ରଦାନ କରିଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଅଗଷ୍ଟ, ୨୦୧୮



ଥାଇଲାଣ୍ଡର ବ୍ୟାଙ୍କକ୍ ନିକଟବର୍ତ୍ତୀ କାଞ୍ଚନବୁରୀ ଅଞ୍ଚଳରେ ଜଣେ ବୁଦ୍ଧ ଭିକ୍ଷୁ ଜଣେ ୯ ବର୍ଷର ବୁଦ୍ଧିଷ୍ଟ ନୋଭିସ୍‌ଙ୍କୁ ପିଟି ହତ୍ୟା କରିଛନ୍ତି। ପାଗୋଡ଼ାରେ ପ୍ରାର୍ଥନା ସମୟରେ ୱାନାପୋଲ୍ ସିସାୱ୍ଦ୍ ନାମକ ବାଳକ ଭିକ୍ଷୁଙ୍କ ପିଲାଳିଆମୀ ବ୍ୟବହାରରେ ବିରକ୍ତ ହୋଇ ୬୪ ବର୍ଷୀୟ ଭିକ୍ଷୁ ସୁପାଚାଇ ସୁହିୟାତୋ ତାଙ୍କୁ ମାରପିଟ କରିଥିଲେ। ବାଉଁଶ ବାଡ଼ିରେ ମାରିବା ସହ ପାଗୋଡ଼ା ସ୍ତମ୍ଭରେ ତାଙ୍କ ମୁଣ୍ଡ ବାଡ଼େଇଥିଲେ। ବାଳକ ଭିକ୍ଷୁ କିଛିଦିନ କୋମାରେ ରହିବା ପରେ ଶୁକ୍ରବାର ପ୍ରାଣ ହରାଇଛନ୍ତି।





©Dharitri

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ଭୁବନେଶ୍ୱରରୁ ସୁରଟ ବିମାନ ସେବା

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ସେବା ପ୍ରଦାନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କୁ ଚିଠି ଲେଖିଛନ୍ତି। ଲକ୍ଷାଧିକ ଓଡ଼ିଆ ପରିବାର ସୁରଟରେ ବସବାସ କରୁଛନ୍ତି। ସେମାନେ ବୟନ ଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନସେବା ନାହିଁ। ଦୁଇଟି ସହର ମଧ୍ୟରେ ଯାତ୍ରା କରିବା ପାଇଁ ଅନେକ ସମୟ ଲାଗୁଛି। ଜରୁରିକାଳୀନ ପରିସ୍ଥିତି ସମୟରେ ସୁରଟରେ ରହୁଥିବା ଓଡ଼ିଆମାନେ ଓଡ଼ିଶାରେ ଠିକ୍ ସମୟରେ ପହଞ୍ଚିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଭୁବନେଶ୍ୱର ଓ ସୁରଟ ମଧ୍ୟରେ ବିମାନ ସେବା ଆରମ୍ଭ ହେଲେ ଦୁଇଟି ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ତେଣୁ ୨ ସହର ମଧ୍ୟରେ ବିମାନ ଚଳାଚଳ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେହିପରି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ଖୁବ୍‌ଶୀଘ୍ର ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଓ କଲୋମ୍ବୋକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରାଯିବ। ବ୍ୟାଙ୍କକ୍‌କୁ ବନ୍ଦ ହୋଇଥିବା ବିମାନ ସେବା ପୁଣି ଥରେ ଆରମ୍ଭ କରିବାକୁ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିବା ସେ କହିଛନ୍ତି। ଏହାସହ ଆଗାମୀ ୨୦୨୧ ସୁଦ୍ଧା ବିଦେଶର ୧୦ଟି ସ୍ଥାନକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସୁବିଧା ଉପଲବ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ କହିଛନ୍ତି।

# ୨ ଯନ୍ତ୍ରୀ, ଠିକାଦାରଙ୍କୁ ଜେରା

## ଟିଟୋ ଗିରଫ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୨୪।୮:** ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ ଉସମାନ ଅଲ୍ଲୀ ଗିରଫ ମାମଲାରେ କେନ୍ଦ୍ରାପଡ଼ା ଜିଲାର ଉଠା ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୨ ନିର୍ବାହୀ ଯନ୍ତ୍ରୀ ଏବଂ ଜଣେ ଠିକାଦାରଙ୍କୁ ଶୁକ୍ରବାର ଜେରା କରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଏସ୍‌ଟିଏଫ କେସ ନଂ. ୧୦/୧୮ର ଅଭିଯୋଗକାରିଣୀ ଜଗତସିଂହପୁର ଜିଲା କୁଜଙ୍ଗ ଥାନା କୁଜଙ୍ଗର ସରୋଜିନୀ ମିଶ୍ରଙ୍କ ଅଭିଯୋଗ ଶୁଣାଣି କରିଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ରାଉତଙ୍କ ୨ ଜଣିଆ ଟିମ୍ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତି ଓ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଦ୍ୟାଭୂଷଣ ନାୟକଙ୍କୁ ପଚରାଉଚୁରା କରିଥିଲେ। ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଟେଣ୍ଡର ପେପର କିଣାରେ ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ କରିଥିଲେ। ସେହିପରି ପୁରୁଷୋତ୍ତମପୁର ଗ୍ରାମର ଠିକାଦାର ରଞ୍ଜନ ସାମଲଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରିଥିଲେ। ଏହି ଟିମ ପୁରୁଷୋତ୍ତମପୁରରେ ସରୋଜିନୀଙ୍କ ଜମି ଜବରଦଖଲ ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ। ସରୋଜିନୀ କହିଥିଲେ ଯେ, ୨୦୧୪ରେ ସେ ପୁରୁଷୋତ୍ତମପୁରରେ ୩୬ ଗୁଣ୍ଠ ଜମି କିଣିଥିଲେ। ଏହି ଗ୍ରାମର କମଳାକାନ୍ତ ଚଇନି(ଟିଟୋଙ୍କ ସହଯୋଗୀ) ସେହି ଜମିରେ ବାଲି, ଗୋଡ଼ି ଜମାଇ ରଖିଛନ୍ତି। ଏପରି କି ଉକ୍ତ ଜମି ବିକ୍ରି ନ କରିବା ପାଇଁ ତାଙ୍କୁ ଧମକ ଦିଆ ଯାଇଥିବା ସେ ମାସକ ପୂର୍ବେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଟିମ୍‌କୁ ସବିଶେଷ ତଥ୍ୟ ଯୋଗାଇ ଦିଆ ଯାଇଥିବା ସରୋଜିନୀ ପ୍ରକାଶ କରିଛନ୍ତି।












ଭାରତର ଏକାଧିକ ସ୍ଥାନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଆଣ୍ଡାମାନ ନିକୋବର ଦ୍ୱୀପରେ ଦୁଇଥର ମଧ୍ୟମ ଧରଣର ଝଟକା ଅନୁଭୂତ ହୋଇଥିବାବେଳେ ରାଜସ୍ଥାନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ରାଜସ୍ଥାନର ଝୁନ୍‌ଝୁନୁଠାରେ ଗୁରୁବାର ବିଳମ୍ବିତ ରାତି ୩ଟା୨୫ ମିନିଟ୍‌ରେ ସଂଘଟିତ ହୋଇଥିବା ଭୂକମ୍ପର ତୀବ୍ରତା ୩.୭ ରହିଥିଲା। ଆଣ୍ଡାମାନ ନିକୋବରରେ ଶୁକ୍ରବାର ୫.୫ ଏବଂ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା ବୋଲି ନ୍ୟାଶନାଲ୍ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ ସୂଚନା ଦିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:.......................................
ଜନ୍ମ ତାରିଖ: ..................................


ଓମ୍
ପରିବାରବର୍ଗ


ରୋଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

New residential plotting project near KIIT, developed by SDIPL having 40’ main, 30’ internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100’ ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

Bhubaneswar AIIMS Hospital, DOON School 30’ road gharabari possession plot. 9438763122. D-62775

Gharabari plots available adjacent to NH-5 Hanspal Pahal sides. Contact: 9438101895. D-7987

ପାହାଳ NH-5 ଠାରୁ ୬୦୦ ମିଟର ଦୂରତାରେ ୮୦ଫୁଟ ରୋଡକୁ ଲାଗି ଓ ୩୦ଫୁଟ ଇଣ୍ଟରନାଲ୍ ରୋଡଥାଇ ଜାଗା ବିକ୍ରି ହେଉଛି। 9438361586, 9439914523. D-8025

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8027

Book on 3BHK flats at OMFED Chandrasekharpur. Price 4800/- sqft. 7008394927. D-62782

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 Lakhs Contact: 9937059891, 8 9 0 8 3 1 2 3 1 5 , 8908292617.** D-8063

Yellowzone ଘରବାରି plot ଝାରପଡ଼ା back side ମହାଦେବ ନଗରରେ ମିଳୁଛି। 8480447967. D-63076

Gharabari plot available near Kateni chhak adjacent Chandaka- Pitapalli highway, 5km from SUM Hospital Rs 550/- Psqft. Contact: 8339076535. D-63479

Luxurious ready to move 3BHK flat BJB Nagar, Bhubaneswar, genuine buyer contact Deepak: 9937329999. D-61494

4BHK duplex at Balianta (land- 1400 construction- 2100) @ 50 Lakh residential gharabari land at Patrapada @ 2100, Malipada @ 1050, Nuagaon @ 800. Contact: M.Planets: 9861022055, 9938219397. D-8032

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64897




Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8062

### GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63593




3BHK flats with all modern amenities available for rent near Studio Chhack, Sum Hospital, Bhubaneswar. Contact: 7873983006, 7 0 0 8 6 8 3 6 3 4 , 9348302543. D-64102




“Ashribad Spa” is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

G.S Spa herbal full body massage ladies/ gents. 9078429117, 7683840853. D-63072

Fully refreshed/ relaxed body massage by expert therapist, Shastrinagar. 7377984773. D-64894

Newly opening ayurvedic body massage in joint pains, smart therapist. 9776383819. D-64895

Newly opening ayurvedic body massage smart therapist, Shree Herbal. 7750020754. D-64896

Ayurvedic full body massage ladies / gents smart expert therapist. 9114697517. D-63043

Experience full body massage with us by experts enquiry. 7377048581. D-64899

Herbal full body massage by smart/ expert therapist. Contact: 8338067247. D-64900

All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38524

Physiotherapy and Herbal massage by trained ladies/ Gents Therapist-7008773793. D-63478

### LOST

ମୁଁ ଶ୍ରୀ ସୁଶାନ୍ତ କୁମାର ସାହୁ, ପିତା- ଗୋପାଳ ଚନ୍ଦ୍ର ସାହୁ, ରୂପା ଆପାର୍ଟମେଣ୍ଟ, ସତ୍ୟନଗର ଭୁବନେଶ୍ୱର। ମୁଁ କିଣିଥିବା ପୁରୀଘର କବଲା ନଂ- ୩୯୧୬, ୩୯୧୭, ତା୨୯।୦୮।୨୦୦୬ ଏବଂ LIC ବଣ୍ଡ ଏବଂ ମୋ ସ୍ୱାକ୍ଷର ଥିବା ସାଦା କାଗଜ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହି ନମ୍ବରରେ 9776170960 ଯୋଗାଯୋଗ କରନ୍ତୁ। ଯଦି କୌଣସି ବ୍ୟକ୍ତି ଉପର ଲିଖିତ ଡକ୍ୟୁମେଣ୍ଟସ୍‌କୁ ଅପବ୍ୟବହାର କରନ୍ତି ତେବେ ମୁଁ ଏଥିପାଇଁ କୌଣସି ପ୍ରକାରର ଦାୟୀ ରହିବି ନାହିଁ। ଧ-୮୦୨୬

Now Matrimonial ads. only on Wednesday & Sunday
Book 1 Get 1 FREE

### AFFIDAVIT

By virtue of an affidavit before the Notary Bhubaneswar, Dated 23.08.18. I Saubhagyalaxmi Dei, Resident of Gangotri Nagar, Sisupalgarh, Bhubaneswar have changed my name from Saubhagyalaxmi Dei to Saubhagyalaxmi Dutta for all future purposes. D-8056

### ନିରୁଦ୍ଦିଷ୍ଟ



**ସୁବ୍ରତ କୁମାର ଗଜେନ୍ଦ୍ର** (୨୧), ସା- କାଳିକାବାଡି, ବ୍ରହ୍ମଗିରି, ପୁରୀ, ଉତ୍ତମ ସ୍ୱାସ୍ଥ୍ୟ, ଶ୍ୟାମଳ ରଙ୍ଗ, ଉଚ୍ଚତା- ୫.୬ଇଞ୍ଚ, କଳା ହାପ୍‌ପ୍ୟାଣ୍ଟ, ଧଳା ଗଞ୍ଜି କେଉଁଆଡେ ଚାଲିଯାଇଛନ୍ତି। ଯଦି କିଏ ଏହାଙ୍କର ସନ୍ଧାନ ପାଆନ୍ତି ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ଆଇ.ଆଇ.ସି, ବ୍ରହ୍ମଗିରି ଥାନା, ପୁରୀ, ଫୋ: 06752235530, 9937919886. D-8061

### 6th Birthday Wish



**(Anshu)**
**Aaryan Anshuman**
Ratilo, Nimapada, Puri
Wish you a very very Happy Birthday from:
Grand Father, Grand Mother and Family.
D-64103

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ**
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୬୨୭୮୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀଧର ଦାସ**
ତିରୋଧାନ: ତା ୦୬।୦୮।୨୦୧୭
(ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ)
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀ ସାଇନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ: ବଳରାମ ପ୍ରସାଦ (ବସଲା ସାହି) କାଣ୍ଡସର (ସାଇ ନଗର) ଅନୁଗୋଳ।
ଧ-୮୦୩୩

### ଶ୍ରଦ୍ଧାଞ୍ଜଳି

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



**√ ଦେବେନ୍ଦ୍ରନାଥ ଦାସ**
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ଶିବ ପବିତ୍ରାରୋପଣ ଚତୁର୍ଦ୍ଦଶୀ ୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୮୦୩୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପାର୍ବତି ନାୟକ**
ଖଣ୍ଡଗିରି, କୋଳଥିଆ
ଆବିର୍ଭାବ: ୨୦ ଜୁନ, ୧୯୬୪
ତିରୋଧାନ: ୧୫ ଅଗଷ୍ଟ, ୨୦୧୮
ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟ ପରାୟଣତା ଓ ଧାର୍ମିକ ଉପଦେଶ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ସେହି ପ୍ରେରଣା ଦେଉଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୮୦୩୪

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା ଅଫିସ,୨୪।୮

ସିପିଆଇ (ମାଓବାଦୀ) ସଙ୍ଗଠନରେ ୪ ସଶସ୍ତ୍ର କ୍ୟାଡର ମାଓବାଦୀ ଶୁକ୍ରବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ନାବାଳକ (୧୫ ବର୍ଷ) ଥିବା ଜଣାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟା ୫ଟାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ, ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶ ଏବଂ ସିଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଜଗନ ସିଂ ଓରଫ ଜଗଦୀଶ ଓରଫ ରତନ (୨୩), ମାତ୍ରୁ ବୁଡିଂ ଓରଫ ତେଜା (୩୧), ଗୋମିଆ ମୁଣ୍ଡା ଓରଫ ଗୁମା (୩୫) ଓ ଜଣେ ନାବାଳକ। କେନ୍ଦୁଝର ଗୁଗୁଡ଼ି ଅଞ୍ଚଳର ଗୋମିଆ ମୁଣ୍ଡା ୨୦୦୮ରେ ମାଓ ସଂଗଠନରେ ଯୋଗଦେଇଥିଲେ। ତାଙ୍କୁ ବିଭିନ୍ନ ସ୍ଥାନକୁ ମାଓବାଦୀ ସାମଗ୍ରୀ ନେବା ଆଣିବାରେ ନିୟୋଜିତ କରାଯାଉଥିଲା। ଅନ୍ୟମାନେ ମୁଖ୍ୟସ୍ରୋତକୁ ଫେରିବା ଖବର ଶୁଣି ସେ ସଙ୍ଗଠନ ଛାଡ଼ିଥିବା କହିଛନ୍ତି। ଏମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ଥଇଥାନ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜି ଆସୁଛନ୍ତି ...

ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି ବୋଲି ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଛନ୍ତି। ଶୁକ୍ରବାର ଏମ୍‌ସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଥିଲେ, ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେବେ। ଏହି ଅବସରରେ ୫ ଛାତ୍ରୀଛାତ୍ରଙ୍କୁ ୨୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏମ୍‌ବିବିଏସ୍‌ରେ ୩ ଛାତ୍ରୀଛାତ୍ର ଥିବାବେଳେ ବି.ଏସ୍ ନର୍ସିଂରେ ୨ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ମିଳିବ। ଏମ୍‌ବିବିଏସ୍‌ରେ ଅନଘା ମେନୋନ ଶ୍ରେଷ୍ଠ ଡାକ୍ତର ପୁରସ୍କାର ଏବଂ ବି.ଏସ୍ ନର୍ସିଂରେ ଶିବାନୀ ଓ ସିମରାଟ କୌର ଶ୍ରେଷ୍ଠ ନର୍ସ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପ୍ରତିଦିନ ଏମ୍‌ସ ବହିର୍ବିଭାଗକୁ ୩୦୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେଥିରୁ ୮୦% ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବାବେଳେ ୨୦% ବାହାର ରାଜ୍ୟରୁ ଆସୁଛନ୍ତି। ହସ୍ପିଟାଲରେ ମୋଟ ଶଯ୍ୟା ୯୭୨ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୨୨ ଶଯ୍ୟା ଚିକିତ୍ସା ପାଇଁ କାର୍ଯ୍ୟକ୍ଷମ ହୋଇପାରିଛି। ଅବଶିଷ୍ଟ ଶଯ୍ୟା ଚଳିତବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଆଗକୁ ୨୫ ମଡ୍ୟୁଲାର ଅସ୍ତ୍ରୋପଚାରାଗାର ହସ୍ପିଟାଲରେ ଉଦ୍‌ଘାଟନ ହେବ। ଏଗୁଡିକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇସିୟୁରେ ମଧ୍ୟ ଶଯ୍ୟା ବୃଦ୍ଧି କରାଯାଇ ୧୧୨ କରାଯିବ।

ଏହାବ୍ୟତୀତ ନାଲ୍‌କୋ ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟ ରହିବା ପାଇଁ ୫୬୦ ଶଯ୍ୟା ବିଶିଷ୍ଟ ଏକ ଧର୍ମଶାଳା କୋଠା ନିର୍ମାଣ ହେବ। ଏଥିପାଇଁ ୨୬ କୋଟି ଟଙ୍କା ନାଲ୍‌କୋ ବ୍ୟୟ କରିବ। ଧର୍ମଶାଳା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଶନିବାର ସମାବର୍ତ୍ତନ ଉତ୍ସବରେ ଏହାର ଶିଳାନ୍ୟାସ କରାଯିବ। ଏନ୍‌ଟିପିସି ପକ୍ଷରୁ ଏମ୍‌ସରେ ବର୍ନ ଟ୍ରିଟ୍‌ମେଣ୍ଟ ୟୁନିଟ୍(ବିଟିୟୁ) ଖୋଲାଯିବ। ଏଥିପାଇଁ ଏନ୍‌ଟିପିସି ୧୪ କୋଟି ଟଙ୍କା ଖର୍ଚ୍ଚ କରିବ। ବିଟିୟୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ୧୦ କୋଟି ଟଙ୍କା ବ୍ୟୟରେ ଏମ୍‌ସରେ ଏକ ଟ୍ରମା କେୟାର ବିଲ୍‌ଡିଂ ନିର୍ମାଣ କରିବ। ଉକ୍ତ ଟ୍ରମା କେୟାର ବର୍ତ୍ତମାନ ଟ୍ରମା କେୟାରଠାରୁ ବଡ ହେବ। ଏଥିପାଇଁ ପେଟ୍ରୋନେଟ୍ ଏଲଏନଜି ଏବଂ ଏମ୍‌ସ ମଧ୍ୟରେ ବୁଝାମଣା ପ୍ରକ୍ରିୟା ଚାଲିଛି ବୋଲି ନିର୍ଦ୍ଦେଶିକା କହିଛନ୍ତି।

ଅନ୍ୟପଟେ ଭୁବନେଶ୍ୱର ଏମ୍‌ସରେ ଡାକ୍ତର କମ୍ ଥିବା ନେଇ ସିଏଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏହାକୁ ନେଇ ନିର୍ଦ୍ଦେଶିକା କୁହନ୍ତି, ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୩୫୦ ପଦବୀ ପୂରଣ ପାଇଁ ରହିଛି। ତେବେ ୨୦୧୪ରୁ ୨୦୧୮ ମଧ୍ୟରେ ୧୮୦ ପଦବୀ ପୂରଣ କରାଯାଇଛି। ଆଗକୁ ମଧ୍ୟ ନିଯୁକ୍ତି ଦିଆଯିବ। ମୋଟ ପଦବୀରୁ ୬୧% ପୂରଣ କରାଯାଇଛି। ସମ୍ମିଳନୀରେ ଏମ୍‌ସର ଅଧକ୍ଷ ଏମ୍‌ସର ଅଧକ୍ଷ ଡ. ସଚ୍ଚି ମହାନ୍ତି, ଡିନ୍ ବିକାଶ ଭାଟିଆ ଏବଂ ରେଜିଷ୍ଟ୍ରାର ବି.ବି. ମିଶ୍ର ଉପସ୍ଥିତ ଥିଲେ।

## ବିଧାନ ପରିଷଦ ...

ଗଙ୍ଗଦେବ ସଦସ୍ୟ ରହିଛନ୍ତି। ସେମାନେ ୪ଟି ରାଜ୍ୟ କର୍ନାଟକ, ବିହାର, ମହାରାଷ୍ଟ୍ର ଓ ତେଲେଙ୍ଗାନା ଗସ୍ତ କରି ସେଠାରେ ଥିବା ବିଧାନ ପରିଷଦର ଅଧକ୍ଷ, ଉପାଧକ୍ଷ, ସଭ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହିତ ନୂତନ ବିଧାନ ପରିଷଦ ଗଠନ, ସଭ୍ୟ ଚୟନ, ସମାଜର ବିଭିନ୍ନ ବର୍ଗରୁ ସଭ୍ୟମାନଙ୍କର ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଏହି କମିଟି ସେମାନଙ୍କର ସୁପାରିସ ଓ ମତାମତ ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ରାଜ୍ୟ ସରକାର ଉକ୍ତ ତାକୁ ଗ୍ରହଣ କରିବା ସହ ବିଧାନ ପରିଷଦ ଗଠନ ପାଇଁ କ୍ୟାବିନେଟ ମୋହର ମାରି ସବୁଜ ସଙ୍କେତ ଦେଇଛନ୍ତି। ବିଧାନସଭା ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ ବିଧାନ ପରିଷଦରେ ରହିବେ। ଅର୍ଥାତ୍ ଓଡିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ ହୋଇଥିବାରୁ ବିଧାନ ପରିଷଦ ସଦସ୍ୟ ସଂଖ୍ୟା ୪୯ ହେବ। ସେମାନଙ୍କ ମଧ୍ୟରୁ ୧୬ ଜଣ ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ଏବଂ ୧୬ ଜଣ ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ସେହିପରି ୯ ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବାକୁ ଥିବାବେଳେ ୪ଜଣ ଶିକ୍ଷକ ଓ ୪ ଜଣ ଗ୍ରାଜୁଏଟ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଏହାର କାର୍ଯ୍ୟକାଳ ରାଜ୍ୟ ସଭା ଭଳି ୬ବର୍ଷ ରହିବ। ବିଧାନସଭା ସଦସ୍ୟଙ୍କ ଭଳି ପରିଷଦର ସଦସ୍ୟମାନେ ସମାନ ସୁବିଧା ଓ ସୁଯୋଗ ଉପଭୋଗ କରିବେ। ବିଧାନ ପରିଷଦ ଗଠନ ହେଲେ କର୍ନାଟକ, ମହାରାଷ୍ଟ୍ର, ବିହାର, ଜମ୍ମୁ-କଶ୍ମୀର, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ସହ ଓଡିଶା ଦୁଇ ସଦନ ବିଶିଷ୍ଟ ରାଜ୍ୟରେ ପରିଣତ ହେବ। ବିଧାନ ପରିଷଦ ପରିଚାଳନା ପାଇଁ ବାର୍ଷିକ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ବିଧାନ ପରିଷଦର ଅଧିବେଶନ ପୁରୁଣା ବିଧାନ ସୌଧ କୋଠାରେ ଅନୁଷ୍ଠିତ ହେବ। ତେବେ ରାଜ୍ୟ ସରକାରଙ୍କ ବିଧାନ ପରିଷଦ ଗଠନକୁ ବିରୋଧୀ ଦଳ କଡା ବିରୋଧ କରିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ କଂଗ୍ରେସ ମୂଳରୁ ବିଧାନ ପରିଷଦ ପରିକଳ୍ପନାକୁ ବିରୋଧ କରି ଆସିଛି। ଏବେ ବି ତାହା ଅବ୍ୟାହତ ରହିଛି । ରାଜ୍ୟ ସରକାର ବିଧାନସଭା ଠିକ୍ ଭାବେ ଚଳାଇପାରୁ ନାହାନ୍ତି। ବିଧାନସଭାରେ ଉପସ୍ଥାପନ କମ ରହୁଛି। ପ୍ରୋସିଡିଂ ଦେଇପାରୁ ନାହାନ୍ତି। ଏହା ଏକ ଥଇଥାନ ସଂସ୍ଥା ହେବ। ଗ୍ରାମାଞ୍ଚଳରେ ପିଇବା ପାଣି ମିଳୁନି, ଡାକ୍ତରଖାନାରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ବିଧାନ ପରିଷଦ ଗଠନ କରିବାରେ କିଛି ମାନେ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ତୃତୀୟାଧିପତି ଚତୁର୍ଥଭାବସ୍ଥ ହେତୁ ବନ୍ଧୁମିଳନରୁ ଖୁସି ହେବେ କିନ୍ତୁ ଶେଷ ପର୍ଯ୍ୟାୟରେ ମତପାର୍ଥକ୍ୟର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ସାମାନ୍ୟ କାରଣରୁ ବିତର୍କ ଲାଗି ମାନସିକ ଅବସ୍ଥା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ଥିଲେ ମଧ୍ୟ ସମାଧାନର ରାସ୍ତା ମଧ୍ୟ ଖୋଜିବାରେ ଲାଗି ପଡିବେ।

**ବୃଷ**
ଚନ୍ଦ୍ରକ୍ଷେତ୍ରସ୍ଥ ତୃତୀୟରେ ବୁଧ ପ୍ରଭାବରୁ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ବନ୍ଧୁସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି। ଯେତେ ଭଲକାମ କଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଅସୁବିଧାକୁ ଜଣାଇଲେ ମଧ୍ୟ ଉପରିସ୍ଥ କର୍ମଚାରୀମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମିଥୁନ**
କର୍ମଭାବ ଶୁକ୍ରଙ୍କ ଦୃଷ୍ଟିରେ ରହିଥିବାରୁ ଆନୁଷଙ୍ଗିକ ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। କଳେବଳେ କୌଶଳେ ପ୍ରାପ୍ୟ ଅର୍ଥ ପାଇବା ସକାଶେ ଚେଷ୍ଟାକରି ସଫଳତା ହାସଲ କରିବେ। ଅଫିସରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଷଷ୍ଠାଧିପ ବୃହସ୍ପତି ଚତୁର୍ଥଭାବରେ ରହି ପାରିବାରିକ ସମସ୍ୟାରେ ହନ୍ତସନ୍ତ କରିପାରନ୍ତି। କର୍ମକ୍ଷେତ୍ରର କେତେକ ଅସଜଡା କାମକୁ ନେଇ ମାନସିକ ସ୍ଥିତି କ୍ରମଶଃ ଜଟିଳ ହୋଇପଡିବ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ସିଂହ**
ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ଅସ୍ଥିରତା ଦୂର କରିବା ବିଷୟରେ ପ୍ରିୟବନ୍ଧୁଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିସ୍ଥିତିବଶତଃ ମନ ନ ଥିଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା**
ବହୁତ ଦିନରୁ ରହିଯାଇଥିବା କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବେ। ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ ଓ ଜମାରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା**
ଧୈର୍ଯ୍ୟ ଓ ସ୍ଥିରତା ବଳରେ ଅସାଧ ସାଧନ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଆକସ୍ମିକ ଭାବରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ମନସ୍ତାପ କରିବାକୁ ପଡିପାରେ। ଆଶା କରୁଥିବା ସ୍ଥାନରୁ ବନ୍ଧୁମାନଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ।

**ବିଛା**
ପାରସ୍ପରିକ ଆଲୋଚନା ମାଧ୍ୟମରେ ପ୍ରତ୍ୟେକ କାମକୁ ସହଜରେ ସମ୍ପନ୍ନ କରିପାରିବେ। ବନ୍ଧୁମାନେ ସହଯୋଗର ହାତ ବଢାଇବେ, ଫଳରେ କାର୍ଯ୍ୟ ସାଧିତ ହେବା ସହଜହେବ। ଅନ୍ୟଥା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। କଚେରି ମାମଲା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ଅଷ୍ଟମସ୍ଥ ବୁଧ ସହ ରାହୁଙ୍କ ସଂଯୋଗ କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ତଥା ଅସହଯୋଗରୁ ଚିନ୍ତିତ ରହିବେ।

**ମକର**
ଆଜି ପରିସ୍ଥିତିର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ । ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ**
ମଙ୍ଗଳ ଦ୍ୱାଦଶସ୍ଥ ହେତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ଜମିଜମା, ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ନିର୍ମାଣ, ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ନୂତନ କର୍ମାରମ୍ଭ ସାଙ୍ଗକୁ ଅର୍ଥଲାଭ ଯୋଗୁ ମନ ପ୍ରଫୁଲ୍ଲ ରହିବ। ସାଙ୍ଗଠନିକ ସ୍ତରରେ ସହକର୍ମୀଙ୍କ ସାହାଯ୍ୟ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନିଜ ଇଚ୍ଛା ଅନୁଯାୟୀ କାମ ହାସଲ କରି ଦିନଟିକୁ ଆନନ୍ଦର ସହ ବିତାଇବେ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶନିବାର, ଅଗଷ୍ଟ ୨୫, ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ଚକ୍ଷୁଦାନପକ୍ଷ ଆରମ୍ଭ (ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮) ରାଶି ନକ୍ଷତ୍ର ମଘା-ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଶରଣଂ, ଦିବା ଘ୧୧।୪୬ମି. ଗତେ ଘ୧।୨୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୬ମି. ମଧ୍ୟେ ଅମୃତବେଳା । ସକାଳ ଘ୬।୫୧ମି. ଗତେ ଘ୮।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୧ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।





## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ୮ ବର୍ଷର ଶ୍ରେଷ୍ଠ ବିଧାୟକମାନେ



ପ୍ରଫୁଲ୍ଲ ମାଝି | ଅରୁଣ ସାହୁ | ବିଷ୍ଣୁ ଦାସ | ପ୍ରଦୀପ ପୁରୋହିତ | ଦିବ୍ୟଶଙ୍କର ମିଶ୍ର | ରାସେଶ୍ୱରୀ ପାଣିଗ୍ରାହୀ | ବିଜୟ କୁମାର ମହାନ୍ତି | ପ୍ରଶାନ୍ତ ମୁଦୁଲି | ସମୀର ରଞ୍ଜନ ଦାଶ | ପ୍ରୀତିରଞ୍ଜନ ଘଡ଼େଇ | ସଞ୍ଜୟ ଦାସବର୍ମା



ଚକ୍ରଧର ପାଇକ | ସୁରେନ୍ଦ୍ର ପରମାଣିକ | ରାଜେନ୍ଦ୍ର ଢ଼ୋଲକିଆ | ବିକ୍ରମ କେଶରୀ ବର୍ମା | ଉମେଶ ସ୍ୱାଇଁ | ନିତ୍ୟାନନ୍ଦ ପ୍ରଧାନ | ବିମ୍ବାଧର କୁଅଁର | ସୁରେନ୍ଦ୍ର ନାଥ ନାୟକ | ରମେଶ ଚନ୍ଦ୍ର ଚାଉପଟ୍ଟନାୟକ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ପ୍ରମିଳା ମଲ୍ଲିକ | ଅମର ପ୍ରସାଦ ଶତପଥୀ

# ଲୋକଙ୍କୁ ଭଲ ପାଇଲେ ନେତୃତ୍ୱ ନେଇପାରିବ: ମୁଖ୍ୟମନ୍ତ୍ରୀ

### ସମ୍ମାନିତ ହେଲେ ୨୪ ବିଧାୟକ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନ ପ୍ରତିନିଧିମାନେ ଲୋକଙ୍କ ସହ ଅଧିକ ସମୟ ବିତାଇବା ଦରକାର। ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଆଶା ଓ ବିଶ୍ୱାସରେ ନାଗରିକମାନେ ଭୋଟ ଦେଇଛନ୍ତି। ଏହି ବିଶ୍ୱାସ ପ୍ରତି ନିର୍ବାଚିତ ଜନପ୍ରତିନିଧିମାନେ ଉତ୍ତରଦାୟୀ ରହିବାକୁ ହେବ। ବିଧାନସଭାର ସଦସ୍ୟମାନେ ପ୍ରଚଳିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ ନିଜର ଦାୟିତ୍ୱ ବିନା ଭୟ ଓ ପକ୍ଷପାତିତାରେ ସମ୍ପାଦନ କରିବା ଉଚିତ। ବିଧାୟକମାନଙ୍କୁ ଏଭଳି ଗୁରୁବାଣୀ ଶୁଣାଇଛନ୍ତି ବିଧାନସଭାର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭା ପରିସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରେଷ୍ଠ ବିଧାୟକ ସମ୍ମାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମାର୍ଟିନ ଲୁଥର କିଙ୍ଗଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି ବିଧାୟକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଯଦି ତୁମେ ଲୋକମାନଙ୍କୁ ଭଲ ପାଇବ ନାହିଁ, ତେବେ ସେମାନଙ୍କର ନେତୃତ୍ୱ ନେଇପାରିବ ନାହିଁ। ରାଜନୀତିରେ ଅଧିକରୁ ଅଧିକ ଯୁବ ଓ ଉତ୍ତମ ବ୍ୟକ୍ତି ଯୋଗ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁବକମାନେ ଲୋକମାନଙ୍କର ସେବା ପାଇଁ ଉତ୍ସର୍ଗୀକୃତ ହେଲେ ସମାଜରେ ପରିବର୍ତ୍ତନ ହୋଇପାରିବ। ସେମାନେ ବାସ୍ତବିକ ପରିବର୍ତ୍ତନକାରୀ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରେଷ୍ଠ ବିଧାୟକ ସମ୍ମାନ ଉତ୍ସବ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତ୍ୟଙ୍କୁ ଧନ୍ୟବାଦ ଦେବା ସହ ସମ୍ମାନିତ ହୋଇଥିବା ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁସ୍ଥ ଗଣତନ୍ତ୍ରର ବିକାଶ ପାଇଁ ସେମାନେ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସଂସଦୀୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ଜଣ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ପଣ୍ଡିତ ନୀଳକଣ୍ଠ ସମ୍ମାନ, ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ଓ ଉତ୍କଳମଣି ଗୋପବନ୍ଧୁ ସମ୍ମାନ ପ୍ରଦାନ କରିଛନ୍ତି।

୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯାଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଠିତ ଓଡିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ୨୦୦୯ ପାଇଁ ଶ୍ରେଷ୍ଠ ବିଧାୟକ ବିଷ୍ଣୁ ଚରଣ ଦାସ, ୨୦୧୦ ଅରୁଣ କୁମାର ସାହୁ, ୨୦୧୧ ପ୍ରଭାତ କୁମାର ବିଶ୍ୱାଳ (ଅସୁସ୍ଥତା ଯୋଗୁ ଉତ୍ସବରେ ଯୋଗଦେଇ ନାହାନ୍ତି), ୨୦୧୨ ପ୍ରଫୁଲ୍ଲ ମାଝି, ୨୦୧୩ ଅମର ପ୍ରସାଦ ଶତପଥୀ, ୨୦୧୪ ପ୍ରମିଳା ମଲ୍ଲିକ, ୨୦୧୫ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ୨୦୧୬ ପାଇଁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୨୦୦୯ ପାଇଁ ସୁରେନ୍ଦ୍ର ନାଥ ନାଏକ, ୨୦୧୦ ବିମ୍ବାଧର କୁଅଁର, ୨୦୧୧ ନିତ୍ୟାନନ୍ଦ ପ୍ରଧାନ, ୨୦୧୨ ଉମେଶ ଚନ୍ଦ୍ର ସ୍ୱାଇଁ, ୨୦୧୩ ବିକ୍ରମ କେଶରୀ ବର୍ମା, ୨୦୧୪ ରାଜେନ୍ଦ୍ର ଢୋଲକିଆ, ୨୦୧୫ ସୁରେନ୍ଦ୍ର ପରମାଣିକ ଏବଂ ୨୦୧୬ ପାଇଁ ଚକ୍ରଧର ପାଇକଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସଞ୍ଜୟ ଦାସବର୍ମା, ୨୦୧୦ ପ୍ରୀତିରଞ୍ଜନ ଘଡାଇ, ୨୦୧୧ ସମୀର ରଞ୍ଜନ ଦାଶ, ୨୦୧୨ ପ୍ରଶାନ୍ତ କୁମାର ମୁଦୁଲି, ୨୦୧୩ ବିଜୟ କୁମାର ମହାନ୍ତି, ୨୦୧୪ ରାସେଶ୍ୱରୀ ପାଣିଗ୍ରାହୀ, ୨୦୧୫ ଦିବ୍ୟ ଶଙ୍କର ମିଶ୍ର ଏବଂ ୨୦୧୬ ପାଇଁ ପ୍ରଦୀପ ପୁରୋହିତଙ୍କୁ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ସର୍ବକାଳୀନ ଶ୍ରେଷ୍ଠ ବିଧାୟକମାନଙ୍କୁ ୧ ଲକ୍ଷ, ପୂର୍ବତନ ବିଧାୟକଙ୍କୁ ୭୫ ହଜାର ଓ ପ୍ରଥମ ଥର ନିର୍ବାଚିତ ହୋଇଥିବା ଶ୍ରେଷ୍ଠ ବିଧାୟକମାନଙ୍କୁ ୫୦ ହଜାର ଟଙ୍କା ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ବିଧାୟକ ପୁରସ୍କାର ୧ ଲକ୍ଷ ଟଙ୍କାକୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେରଳ ବନ୍ୟା ପୀଡିତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରତିବର୍ଷ ଦେଲେ ଭଲ। ବିଧାୟକମାନେ କେତେ ଅଧିକ ସମୟ ବିଧାନସଭାରେ ରହୁଛନ୍ତି, କେତେ ପ୍ରଶ୍ନ ପଚାରୁଛନ୍ତି, କେତେ ଦିନ ଭାଗ ନେଉଛନ୍ତି ସେ ସବୁର ପ୍ରତିଯୋଗିତା ହେବା କଥା । ବିଧାନସଭାରେ ଯେଉଁ ଉଚ୍ଚକୋଟୀର ଆଲୋଚନା ହେବା କଥା ତାହା ହେଉ ନାହିଁ। ଧୀରେ ଧୀରେ ବିଧାୟକମାନଙ୍କର ଆଗ୍ରହ କମି ଯାଉଛି। ବିଧାୟକମାନେ ଭାବୁଛନ୍ତି ଆଲୋଚନା କରି କିଛି ସୁଫଳ ମିଳୁ ନାହିଁ। ଆଲୋଚନା କରି କି ଲାଭ । ଏଭଳି ଭାବନା ନ ରଖିବାକୁ ନରସିଂହ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ବାଚସ୍ପତି ଏବଂ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ସମ୍ମାନିତ ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଡାକ୍ତର ନିଯୁକ୍ତି ପରୀକ୍ଷା ହେବ ଅନ୍‌ଲାଇନ

## ଓଡ଼ିଶା ହିନ୍ଦୁ ଦେବୋତ୍ତର ନିୟମ ସଂଶୋଧନ ହେବ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ରାଜ୍ୟରେ ଆଉ ଡାକ୍ତରମାନଙ୍କର ନିଯୁକ୍ତି ଲିଖିତ ପରୀକ୍ଷା ମାଧ୍ୟମରେ ହେବ ନାହିଁ। ଅନଲାଇନ ଜରିଆରେ ପରୀକ୍ଷା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା (ଚୟନ ପ୍ରବଧି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୧୮କୁ ସଂଶୋଧନ କରାଯିବ। ଆଡହକ ଓ ବିଶେଷଜ୍ଞ ଡାକ୍ତରମାନେ ବର୍ଷକୁ ୩ ପ୍ରତିଶତ ହିସାବରେ ସର୍ବାଧିକ ୧୫ ପ୍ରତିଶତ ପର୍ଯ୍ୟନ୍ତ ମାର୍କ ପାଇବେ। ସଂଶୋଧନ ପରେ ଡାକ୍ତରୀ ସେବାକୁ ୩ଟି ବର୍ଗରେ ବିଭକ୍ତ କରାଯିବ। ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ଓ ସାଧାରଣ ଶାଖାରେ ଅନ୍ତର୍ଭୁକ୍ତ କରାଯିବ। ସାଧାରଣ ସେବା ଶାଖା ଅନ୍ତର୍ଭୁକ୍ତ କନିଷ୍ଠ- କ ବର୍ଗ ପାହ୍ୟାର ଡାକ୍ତରଙ୍କୁ ବରିଷ୍ଠ-କ ବର୍ଗ ପାହ୍ୟାକୁ ପଦୋନ୍ନତି ନିମନ୍ତେ ଏହି ପାହ୍ୟାରେ ଅନ୍ତତଃ ୬ ବର୍ଷ କାର୍ଯ୍ୟ ସମ୍ପାଦନ କରିବା ଦରକାର। ସେହିପରି ବିଶେଷଜ୍ଞ ଓ ଜନସ୍ୱାସ୍ଥ୍ୟ ଶାଖା ଅନ୍ତର୍ଭୁକ୍ତ କନିଷ୍ଠ-କ ବର୍ଗ ପାହ୍ୟାର ଡାକ୍ତରଙ୍କୁ ବରିଷ୍ଠ- କ ବର୍ଗ ପାହ୍ୟାକୁ ପଦୋନ୍ନତି ପାଇଁ ଅନ୍ୟୂନ ୫ ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟ ସମ୍ପାଦନ କରିବାକୁ ପଡିବ। ସେହିପରି ପ୍ରଶାସନିକ କ୍ଷେତ୍ରରେ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ପାଇଁ ଜଣେ ସାଧାରଣ ସେବା ଶାଖା ଅନ୍ତର୍ଭୁକ୍ତ ବରିଷ୍ଠ- କ ବର୍ଗ ଡାକ୍ତରଙ୍କୁ ସମଗ୍ର କାର୍ଯ୍ୟକାଳ ମଧ୍ୟରେ ୧୦ ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟ ସମ୍ପାଦନ କରିଥିବେ। ସେଥିରୁ ଅତି କମରେ ୪ ବର୍ଷ କେବିକେରେ କାର୍ଯ୍ୟ କରିଥିବେ।

ରାଜ୍ୟରେ ହିନ୍ଦୁ ଧର୍ମାନୁଷ୍ଠାନଗୁଡିକର ସ୍ୱାର୍ଥ ରକ୍ଷା ତଥା ସେଗୁଡିକର ଉତ୍ତମ ପ୍ରଶାସନ ଓ ପରିଚାଳନା ପାଇଁ ଓଡିଶା ହିନ୍ଦୁ ଦେବୋତ୍ତର ଅଧିନିୟମ ୧୯୫୧କୁ ସଂଶୋଧନ କରାଯିବ। ଏହାଦ୍ୱାରା କୌଣସି ହିନ୍ଦୁ ଧର୍ମାନୁଷ୍ଠାନ ପାଇଁ ଯେ କୌଣସି ପରିକଳ୍ପନା ପ୍ରସ୍ତୁତ କରିବା ବେଳେ ସରକାରଙ୍କ ନିୟନ୍ତ୍ରଣ ରହିବା ସଙ୍ଗେ ସଙ୍ଗେ ଅଧିକାରୀମାନଙ୍କୁ ମଧ୍ୟ ଟ୍ରଷ୍ଟି ରୂପେ ମନୋନୀତ କରାଯାଇ ପାରିବ। ପ୍ରସ୍ତାବ ସଂଶୋଧନ ଦ୍ୱାରା ଟ୍ରଷ୍ଟି ମଣ୍ଡଳୀର କାର୍ଯ୍ୟ ପ୍ରଣାଳୀକୁ ସ୍ୱଚ୍ଛ କରିବା ସଙ୍ଗେ ସଙ୍ଗେ ଦେବଦେବୀ, ଧାର୍ମିକ ଅନୁଷ୍ଠାନ ଓ ହିନ୍ଦୁ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା କରାଯାଇ ପାରିବ । ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟରେ ଅନୁମୋଦନ କରାଯାଇଛି।






# ୪୮ ଘଣ୍ଟାରେ ଲଘୁଚାପ

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୨୬ରେ ବର୍ଷା ବଢ଼ିବ। ୩ ଦିନ ଧରି ଆଭ୍ୟନ୍ତରୀଣ ଓ ଉପକୂଳରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଦୁଇଦିନ ହେବ ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ କାଁ ଭାଁ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୧୪.୬, କୋରାପୁଟରେ ୧୭.୮ ଏବଂ ଦାରିଙ୍ଗିବାଡିରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ହ୍ୱାଟ୍ସଆପ୍‌ରେ ଜାଲ୍ ଚିଠି: ବନ୍ଦ ହୋଇଯିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୨୪।୮:** ଅକ୍ଟୋବର ପହିଲାରୁ ଏୟାର ଇଣ୍ଡିଆ ବନ୍ଦ ହୋଇଯିବ ବୋଲି ହ୍ୱାଟ୍ସଆପରେ ଏକ ଜାଲ୍ ଚିଠି ବୁଲୁଛି। ଏହି ଘଟଣା ଜଣାପଡିବା ପରେ କେନ୍ଦ୍ର ସରକାର ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୧୮ ତାରିଖ ସୁପ୍ରିମକୋର୍ଟଙ୍କ ମେମୋରାଣ୍ଡମ ଆଧାରରେ ସରକାରଙ୍କ ନିର୍ଦ୍ଦେଶରେ ଅକ୍ଟୋବର ପହିଲାରୁ ଏୟାର ଇଣ୍ଡିଆକୁ ବନ୍ଦ କରି ଦିଆଯାଉଛି। ପରେ ସ୍ଥାୟୀ କର୍ମଚାରୀଙ୍କୁ ଭତ୍ତା ପ୍ରଦାନ ନେଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରଦର୍ଶିତ ପତ୍ରରେ ଦର୍ଶାଯାଇଥିବା ଦେଖି କମ୍ପାନୀ କର୍ମଚାରୀଙ୍କ ମୁଣ୍ଡରେ ଯେପରି ବଜ୍ର ପଡିଥିଲା। ସମସ୍ତେ ଭୟରେ ଆତଙ୍କିତ ହୋଇ ଉଠିଥିଲେ। ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ଆର.ଏନ. ଚୌବେ ଏବଂ ଏୟାର ଇଣ୍ଡିଆ ଅଧ୍ୟକ୍ଷ ପି.ଏସ. ଖରୋଲା ହ୍ୱାଟ୍ସଆପ୍‌ରେ ପ୍ରସାରିତ ଚିଠି ଜାଲ୍ ବୋଲି ଦର୍ଶାଇଛନ୍ତି। ଏଭଳି କୌଣସି ଚିଠି ଜାରି କରାଯାଇନି ବୋଲି ସେମାନେ କହିଛନ୍ତି।




B-61 & 62, 1st floor, Near Durga Mandap, Saheed Nagar, Bhubaneswar.





ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ପାର୍ଶ୍ୱପ୍ରବେଶକୁ ବିରୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରଙ୍କ ଯୁଗ୍ମସଚିବ-ସ୍ତରୀୟ ପଦପଦବୀରେ ନିଯୁକ୍ତି କ୍ଷେତ୍ରରେ ପାର୍ଶ୍ୱପ୍ରବେଶକୁ ଅନୁମତି ଦେବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ନେଇ ନିଶ୍ଚୟ ସମସ୍ତେ ଉତ୍ସାହିତ ନାହାନ୍ତି। ଏ ପ୍ରସ୍ତାବରେ ତ ବାବୁମାନେ ଆଦୌ ଆନନ୍ଦିତ ନୁହନ୍ତି। ଏବେ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ନିଷ୍ପତ୍ତିକୁ ମନମୁଖି ବୋଲି ଅଭିଯୋଗ କରି ଆବେଦନକାରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ପୂର୍ବତନ ସଚିବ ଚନ୍ଦ୍ରପାଲ କହିଛନ୍ତି ଯେ, ଏହାଦ୍ୱାରା ଅମଲାତନ୍ତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ। କାରଣ ଅମଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ମେଧା ଭିତ୍ତିରେ ମନୋନୀତ ହୋଇଥାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଘରୋଇ କ୍ଷେତ୍ରରୁ ପ୍ରଶାସନ ପାଇଁ ବାବୁମାନଙ୍କୁ ମନୋନୟନ କରାଗଲେ, ତାହା ରାଜନୈତିକ ବିଚାର ଦ୍ୱାରା ପ୍ରଭାବିତ ହେବ ଏବଂ ଏଥିରେ 'ସ୍ୱାର୍ଥ-ଦ୍ୱନ୍ଦ୍ୱ' ସୃଷ୍ଟି ହେବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଘରୋଇ କ୍ଷେତ୍ରର ପ୍ରାର୍ଥୀମାନଙ୍କଠାରୁ ଯେଉଁ ଦରଖାସ୍ତ ଆହ୍ୱାନ କରାଯାଇଛି, ସେଥିରେ ଯୁଗ୍ମ ସଚିବ ପଦ ପାଇଁ କୌଣସି ମାନଦଣ୍ଡ ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବୋଲି ଚନ୍ଦ୍ରପାଲ ଅଭିଯୋଗ କରିଛନ୍ତି। ତେବେ ଚନ୍ଦ୍ରପାଲଙ୍କ ଏହି ପଦକ୍ଷେପ କ'ଣ ସରକାରଙ୍କ ନୂଆ ନୀତିର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିବ ? ଏଭଳି ସମ୍ଭାବନାରେ କେନ୍ଦ୍ର ସରକାର କେବେ ବି ଖୁସି ହୋଇ ନ ପାରନ୍ତି।

### ଅସନ୍ତୁଷ୍ଟ ବିହାରୀ ବାବୁ

ବିହାରରେ ଏକ ନୂଆ ନୀତିକୁ ନେଇ ଆଇଏଏସ୍ ଓ ଆଇପିଏସ୍ ମହଲ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିହାର କ୍ୟାଡର ଅଫିସରମାନଙ୍କୁ ନିଜର ବ୍ୟକ୍ତିଗତ ମାମଲାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ସହ ଯୋଗାଯୋଗ ନ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ ଅଫିସର ସେପରି କରିବେ, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ ତାଗିଦ କରାଯାଇଛି। ଅତିରିକ୍ତ ସଚିବ ଦୟାନିଧାନ ପାଣ୍ଡେଙ୍କ ଦ୍ୱାରା ଇସ୍ୟୁ କରାଯାଇଥିବା ଉକ୍ତ ଚିଠିରେ କୁହାଯାଇଛି ଯେ, ବାବୁମାନଙ୍କର କୌଣସି ତ୍ରୁଟିପୂର୍ଣ୍ଣ ଆଚରଣ ସ୍ପୃହଣୀୟ ନୁହେଁ। ଏହି ଆଦେଶନାମା ରାଜ୍ୟ କ୍ୟାଡରର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଓଏସ୍ ବାବୁ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଜରୁରୀ ବ୍ୟକ୍ତିଗତ ଓ ଚାକିରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟର ଦ୍ୱାରସ୍ଥ ହେବାକୁ ବାରଣ କରାଯିବା ଦ୍ୱାରା ବିଭିନ୍ନ ସମୟରେ ବାବୁମାନଙ୍କ ଲାଗି ସମସ୍ୟା ସୃଷ୍ଟି ହେବ। ତେବେ ସଚିବାଳୟ ତରଫରୁ କୁହାଯାଇଛି ଯେ, ବ୍ୟକ୍ତିଗତ ମାମଲାର କୌଣସି ଫାଇଲ ସମ୍ବନ୍ଧରେ ସଚିବାଳୟରୁ କିଛି ସୂଚନା ଚାହିଁବା ବାସ୍ତବିକ ତ୍ରୁଟିପୂର୍ଣ୍ଣ ଆଚରଣ। ଏ ପରମ୍ପରା ବନ୍ଦ କରିବାକୁ ରାଜ୍ୟ ସରକାର ଚାହାନ୍ତି। କିନ୍ତୁ ଏଭଳି ସ୍ପଷ୍ଟୀକରଣ ବିହାରୀ ବାବୁମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ।

### ଡିଜିପି ନିଯୁକ୍ତିର ନୂଆ ନିୟମ

ନିକଟରେ ସୁପ୍ରିମ୍‌କୋର୍ଟ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ପୋଲିସ ସଂସ୍କାର ପାଇଁ ଦୀର୍ଘଦିନର ଆବଶ୍ୟକତା ଥିଲା। ସର୍ବୋଚ୍ଚ ନ୍ୟାୟାଳୟର ଏହି ଆଦେଶନାମା ଅନୁସାରେ, ରାଜ୍ୟ ସରକାର କୌଣସି ପୋଲିସ ଅଫିସରଙ୍କୁ କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରିପାରିବେ ନାହିଁ। କାର୍ଯ୍ୟରତ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ୟୁପିଏସ୍‌ସି ସମସ୍ତ ଯୋଗ୍ୟତା ଥିବା ତିନିଜଣ ଅଫିସରଙ୍କର ଏକ ନାମତାଲିକା ପଠାଇବ। ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ଜଣଙ୍କୁ ସର୍ବନିମ୍ନ ଦୁଇବର୍ଷ ପାଇଁ ନିଯୁକ୍ତି ଦେବେ। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହାଦ୍ୱାରା ଡିଜିପି ପଦର ଅମର୍ଯ୍ୟାଦା ହେବ ନାହିଁ ଏବଂ ପୋଲିସ ପ୍ରଶାସନ ଉପରେ ରାଜନୈତିକ ନିୟନ୍ତ୍ରଣକୁ ରୋକାଯାଇପାରିବ। ଅନେକ ଘଟଣାରେ ଦେଖାଯାଇଛି ଯେ, ଅବସରର ଶେଷ ଦିନରେ ରାଜ୍ୟ ସରକାର ଏପରି ନିଯୁକ୍ତିକୁ ନିୟମିତ କରିଦିଅନ୍ତି ଏବଂ ସେ ପୂରା ଦୁଇବର୍ଷ କାର୍ଯ୍ୟ କରନ୍ତି। ପୁଣି କେତେକ ରାଜ୍ୟରେ ଏକାଧିକ ଡିଜିପି ଓ ଅତିରିକ୍ତ ଡିଜିପି ଅଛନ୍ତି, ଯାହା ଅନେକ ବିଶୃଙ୍ଖଳାର କାରଣ ହୋଇଥାଏ। ଉଦାହରଣସ୍ୱରୂପ ପଞ୍ଜାବରେ ୧୧ ଜଣ ଡିଜିପି ଓ ୨୦ ଜଣ ଅତିରିକ୍ତ ଡିଜିପି ପାହ୍ୟାର ଅଫିସର ଅଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ଆଦେଶନାମା ପରେ କର୍ନାଟକରେ ଡିଜିପିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ନ ହୋଇପାରେ। ବର୍ତ୍ତମାନର ଡିଜି ଓ ଆଇଜିପି ନୀଳମଣି ଏନ୍. ରାଜୁ କେବଳ ବରିଷ୍ଠତମ ପୋଲିସ ଅଫିସର ନୁହନ୍ତି, ସେ ମଧ୍ୟ ଦୁଇବର୍ଷର କାର୍ଯ୍ୟକାଳ ଉପଭୋଗ କରିବେ। ଅନୁମାନ କରାଯାଉଥିଲା ଯେ, ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରାଜୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଦ୍ୱିତୀୟ ବରିଷ୍ଠତମ ଆଇପିଏସ୍ ଅଫିସର ତଥା କର୍ନାଟକ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ୍‌ର ଡିଜିପି ଏଚ୍.ସି. କିଶୋର ଚନ୍ଦ୍ରଙ୍କୁ ନିଯୁକ୍ତି ଦେଇପାରନ୍ତି, ଯିଏ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଭାବେ ଜଣାଶୁଣା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ଆଦେଶନାମା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବ।

Email: dilipcherian@gmail.com

# ଗଧରୁ ମଣିଷ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୯୪ ମସିହାର ଘଟଣା। ଭାରତର ତତ୍କାଳୀନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଓମାନ୍ ଗସ୍ତରେ ଯାଇଥାନ୍ତି। ସେତେବେଳେ ଓମାନ୍‌ର ସୁଲତାନ ଥାନ୍ତି ୱାବସ୍ ବିନ୍ ସୟିଦ୍ ଅଲ ସୟିଦ୍। ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ସ୍ୱୟଂ ବିମାନବନ୍ଦରରେ ଉପସ୍ଥିତ ଥାନ୍ତି। ରାଷ୍ଟ୍ରପତି ଯଥାସମୟରେ ପହଞ୍ଚିଲେ ଓ ଓମାନ୍ ସୁଲତାନ୍ ତାଙ୍କୁ ଭାବପୂର୍ଣ୍ଣ ସ୍ୱାଗତ ଜଣାଇ ପାଛୋଟି ଆଣିଲେ। ରାଷ୍ଟ୍ରପତି ବସିଥିବା କାରକୁ ନିଜେ ଚଳାଇ ତାଙ୍କୁ ଅତିଥିଶାଳାକୁ ଘେନିଆସିଲେ। ସେତେବେଳେ ଏହି ଘଟଣା ଓମାନ୍‌ବାସୀଙ୍କୁ ଚକିତ କରିଥିଲା। କାରଣ କୌଣସି ବାହ୍ୟରାଷ୍ଟ୍ରର ମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ନିଜେ ବିମାନବନ୍ଦରକୁ ଯିବା ସେହି ଦେଶର ପରମ୍ପରାବିରୁଦ୍ଧ ଥିଲା। ଜଣେ ଖବରଦାତା ସୁଲତାନଙ୍କୁ ପଚାରିଲେ- ''ମହାରାଜ! ଆପଣ ନିଜେ ବିମାନବନ୍ଦରକୁ ଯାଇ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ଆମ ଦେଶର ପରମ୍ପରାକୁ ଭାଙ୍ଗିଲେ କାହିଁକି ?'' ଉତ୍ତରରେ ସୁଲତାନ କହିଥିଲେ, ''ମୁଁ ଭାରତରେ ପାଠ ପଢିଥିଲି। ପୁଣେରେ ପଢୁଥିବା ବେଳେ ଶଙ୍କର ଦୟାଲ ଶର୍ମା ଥିଲେ ମୋର ଶିକ୍ଷକ। ଏଣୁ ମୁଁ ଭାରତର ରାଷ୍ଟ୍ରପତିଙ୍କୁ ନୁହେଁ ମୋର ଶିକ୍ଷକ ଶଙ୍କର ଦୟାଲ ଶର୍ମାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରକୁ ଯାଇଥିଲି। ସୁଲତାନ ହୋଇ ବି ସେ ଜଣେ ଛାତ୍ରର କର୍ତ୍ତବ୍ୟ ଭୁଲି ନ ଥିଲେ। ସିଂହାସନରୁ ଓହ୍ଲାଇ ଆସିଥିଲେ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇବା ପାଇଁ।

ବିଡ଼ମ୍ବନାର ବିଷୟ ଯେ ଯେଉଁ ଭାରତଭୂମିରେ ଏହିଭଳି ପରମ୍ପରାର ଜନ୍ମ ହୋଇଥିଲା ଆଜି ସେଠି ଲୋକେ ତାକୁ ହତାଦର କରୁଥିବା ବେଳେ ବିଦେଶରେ ସେହି ପରମ୍ପରା ଅନୁସୃତ ହେଉଛି। ୨୦୦୮ ମସିହାରେ ଜିଗ୍‌ମେ କେଶର ନମ୍ୟାଲ୍ ୱାଙ୍ଗଚକ୍ ଭୁଟାନର ରାଜା ଭାବରେ ଅଭିଷିକ୍ତ ହେବା ପରେ ରାଷ୍ଟ୍ରର ଉନ୍ନତି ନିମିତ୍ତ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥିଲେ। ଶିକ୍ଷକମାନଙ୍କ ସମ୍ମୁଖରେ ସେ ରାଜସିଂହାସନରେ ନ ବସି ଏକ ସାଧାରଣ ଚୌକିରେ ବସୁଥିଲେ। ପ୍ରାଚୀନ ଭାରତରେ ମଧ୍ୟ ରାଜଦରବାରରେ ଗୁରୁଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ଗୁରୁ ରାଜଦରବାରରେ ପ୍ରବେଶ କଲେ ରାଜା ସିଂହାସନରୁ ଉଠିପଡି ସମ୍ମାନ ଜଣାଉଥିଲେ। ଆଜି ସବୁକିଛି ବଦଳିଯାଇଛି। ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀମାନଙ୍କ କୋଠରିକୁ ସେମାନଙ୍କ ଶିକ୍ଷକ ପ୍ରବେଶ କଲେ ତାଙ୍କ ପାଇଁ ଏଭଳି ସମ୍ମାନ ଆଶା କରିବା ଆକାଶକୁସୁମ ସଦୃଶ।

ଆଜି ଆମମାନଙ୍କ ମଧ୍ୟରେ ଅଛନ୍ତି ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ଇତ୍ୟାଦି। ଆମକୁ ଦିନେ ପାଠ ପଢାଇ ମଣିଷ କରିଥିଲେ ଶିକ୍ଷକମାନେ। ମାତ୍ର ଶିକ୍ଷିତ ହୋଇ ଉଚ୍ଚାସନରେ ଅଧିଷ୍ଠିତ ହୋଇଗଲେ ଆମକୁ ମଣିଷ କରିଥିବା ସେହି ଶିକ୍ଷକମାନଙ୍କ କଥା ଆମେ ଭୁଲିଯାଉ। ପଦ ଓ କ୍ଷମତାଜନିତ ଅହଂ-କବଳିତ ହୋଇ ଆମେ ଭୁଲିଯାଉ ସେହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଯିଏ ଆମକୁ 'ଅ, ଆ, କ, ଖ'ରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଭଳି ବି ହୁଏ ଆମେ ଭୋଗବିଳାସରେ ବୁଡି ରହିଥିବାବେଳେ ଆମକୁ ମଣିଷ କରିଥିବା ସେହି ଶିକ୍ଷକ ଦୁଃଖ ଓ ଦୈନ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥାନ୍ତି। ମାତ୍ର ଉଚ୍ଚଶିକ୍ଷିତ ପଦାଧିକାରୀ ମଣିଷ ସେହି ମଣିଷ-ନିର୍ମାତା ଶିକ୍ଷକଙ୍କୁ ବିସ୍ମୃତିର ଗର୍ଭକୁ ନିକ୍ଷେପ କରିଦିଅନ୍ତି। ଏହି ପ୍ରସଙ୍ଗରେ ମନେପଡେ କଥାକାର ଗଣେଶ ପ୍ରସାଦ ପରିଜାଙ୍କ ଏକ କ୍ଷୁଦ୍ରଗଳ୍ପ 'ଗଧ ମଣିଷ ହେଲା'।

ଗାଁ ମୁଣ୍ଡରେ ଛିଡା ହୋଇଥାନ୍ତି ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଗାଁର ଅବଧାନେ ତାକୁ କହୁଥାନ୍ତି- ''ଆରେ, ତୁ ପାଠ ପଢି ଚାକିରି କଲା ପରେ ଅମଣିଷ ହୋଇଗଲୁ। ତୁ ଥିଲୁ ଏକ ଗଧ ଓ ମୁଁ ତୋତେ ମଣିଷ କରିଛି। କାଳେ ମୋତେ ଦଣ୍ଡବତ କରିବାକୁ ପଡିବ ବୋଲି ତୁ ଲୁଚି ପଳାଉଛୁ। ଗୁରୁଙ୍କୁ ସମ୍ମାନ ଦେଖାଇବା କ'ଣ ମଣିଷର ଧର୍ମ ନୁହେଁ?'' ଏସବୁ ଶୁଣୁଥାଏ ପାଖରେ ଛିଡା ହୋଇଥିବା ଗାଁର ଧୋବା। ତା'ର ଥିଲା ଗୋଟିଏ ଗଧ। କିନ୍ତୁ ତା'ର ପିଲାଛୁଆ କେହି ନ ଥିଲେ। ସେ ଭାବିଲା ଅବଧାନେ ଗୋଟିଏ ଗଧକୁ ଯଦି ମଣିଷ କରିଛନ୍ତି, ତା' ଗଧଟିକୁ ଯଦି ମଣିଷ କରିଦିଅନ୍ତେ ତା'ର ଦୁଃଖ ଦୂର ହୋଇଯାନ୍ତା। ସେ ପୁଅଟିଏ ପାଆନ୍ତା ଓ ସେହି ପୁଅ ପାଠପଢି ସେହି ଯୁବକ ଭଳି ବଡ଼ ମଣିଷ ହୁଅନ୍ତା। ସେ ତା' ପରଦିନ ତା' ଗଧଟିକୁ ଧରି ଅବଧାନଙ୍କ ଘରେ ପହଞ୍ଚିଲା ଓ କହିଲା, ଅବଧାନେ! ଆପଣ ମୋ ଗଧଟିକୁ ମଣିଷ କରିଦିଅନ୍ତୁ। ତାକୁ ମୁଁ ପାଠ ପଢାଇ ବଡ ଲୋକ କରିବି। ଅବଧାନେ କହିଲେ, ଆରେ ଗଧକୁ କ'ଣ କେବେ ମଣିଷ କରିହୁଏ ? ଧୋବା କହିଲା, ଗତକାଲି ଆପଣ ଗାଁ ମୁଣ୍ଡରେ ସେହି ଉଚ୍ଚଶିକ୍ଷିତ ଯୁବକଙ୍କୁ ଗଧରୁ ମଣିଷ କରିଛନ୍ତି ବୋଲି କହିବାର ମୁଁ ଶୁଣିଛି। ଆପଣ ଦୟାକରି ମୋତେ ନିରାଶ କରନ୍ତୁ ନାହିଁ। ଅବଧାନେ ମୂର୍ଖ ବା ନିରକ୍ଷର ଅର୍ଥରେ ଗଧ ଶବ୍ଦ ବ୍ୟବହାର କରିଥିଲେ ବୋଲି ଯେତେ ବୁଝାଇଲେ ମଧ୍ୟ ଧୋବା ବୁଝିଲା ନାହିଁ ଓ ତାଙ୍କ ଘରେ ଗଧଟିକୁ ବାନ୍ଧି ଦେଇ ଚାଲିଆସିଲା। ଅନନ୍ୟୋପାୟ ହୋଇ ଅବଧାନେ ଗଧଟିକୁ ରଖିଲେ। ମଝିରେ ମଝିରେ ଧୋବା ଆସି ପଚାରୁଥାଏ, ଆଜ୍ଞା ମୋ ଗଧ ମଣିଷ ହେଲାଣି ? ଅବଧାନେ କହୁଥାନ୍ତି, 'କାମ ଚାଲିଛି।' ଶେଷରେ ଦିନେ ଅବଧାନେ ଧୋବାକୁ କହିଲେ, ତୋ ଗଧ ମଣିଷ ହୋଇଛି। କିନ୍ତୁ ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ଏଣୁ ତୋ ଗଧ ମଣିଷ ହେଲାପରେ ତୋତେ କିମ୍ବା ମୋତେ ଚିହ୍ନିପାରିବ ବୋଲି ମୁଁ ଭାବୁନାହିଁ। ଧୋବା ଜୋର ଦେଇ କହିଲା, ନା ଅବଧାନେ ସେ ନିଶ୍ଚୟ ଆମକୁ ଚିହ୍ନିବ।

ଅବଧାନେ ଧୋବାକୁ ନେଇଗଲେ ଏକ ବିଚାରାଳୟକୁ। ବିଚାରକଙ୍କ ପ୍ରତି ଅଙ୍ଗୁଳି ଦେଖାଇ କହିଲେ, ତୋର ଗଧ ଆଜି ବିଚାରକ ହୋଇ ନ୍ୟାୟ ବିଚାର କରୁଛନ୍ତି। ଧୋବା ଖୁସି ହୋଇ ବିଚାରକଙ୍କୁ ଜୋର ପାଟିରେ ଡାକିଲା। ହେଲେ ବିଚାରକ ତା' କଥାକୁ କର୍ଣ୍ଣପାତ କଲେ ନାହିଁ। ଧୋବା ଭାବିଲା ବୋଧହୁଏ, ଅବଧାନେ ଠିକ୍ କହୁଥିଲେ- ଗଧ ମଣିଷ ହେଲେ ତା'ର ପୂର୍ବକଥା ଭୁଲିଯାଏ। ସେ ଚିନ୍ତାକଲା, ସେ ଯେଉଁ ଦଉଡିରେ ଗଧକୁ ବାନ୍ଧୁଥିଲା, ସେହି ଦଉଡି ତାକୁ ଦେଖାଇଲେ ହୁଏତ ସେ ତାକୁ ଚିହ୍ନିପାରିବ। ଘରୁ ଦଉଡିଟି ଆଣି ଦେଖାଇବା ପରେ ମଧ୍ୟ ବିଚାରକ ତାକୁ କିମ୍ବା ଅବଧାନଙ୍କୁ ଚିହ୍ନିପାରିଲେ ନାହିଁ। ଶେଷରେ ଧୋବା ରାଗିଯାଇ କହିଲା, ''ତୋତେ ପରା ମୁଁ ଏଇ ଦଉଡିରେ ବାନ୍ଧୁଥିଲି। ତୋତେ ଏହି ଅବଧାନେ ପାଠ ପଢାଇ ମଣିଷ କରିଛନ୍ତି। ଆଜି ମଣିଷ ହୋଇଗଲୁ ବୋଲି ମୋତେ ଭୁଲିଗଲୁ ଓ ତୋତେ ମଣିଷ କରିଥିବା ଅବଧାନଙ୍କୁ ବି ଭୁଲିଗଲୁ ?'' ଏହି କଥାପଦକ ବିଚାରକଙ୍କ ଚେତନାକୁ ଦୋହଲାଇଦେଲା। ବିଚାରକ ଭାବଗମ୍ଭୀର ହୋଇଗଲେ ଓ ଚିନ୍ତା କଲେ, ''ସତେ ତ, ଦିନେ ମୁଁ ବି ଥିଲି ଗଧ ଅର୍ଥାତ୍ ମୂର୍ଖ ବା ନିରକ୍ଷର। ମାତ୍ର ପ୍ରାଥମିକ ବିଦ୍ୟାଳୟରେ ଯେଉଁ ଶିକ୍ଷକ ମୋତେ ଅ, ଆରୁ ପାଠପଢା ଆରମ୍ଭ କରି ମଣିଷ ଭାବରେ ଗଢ଼ି ତୋଳିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ତାଙ୍କ କଥା ତ ଆଜି ମୋର ମନେ ନାହିଁ ? କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେ ଧୋବାକୁ କହିଲେ, ''ତୁ ଠିକ୍ କହିଛୁ। ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ତୋ ଗଧ ମଧ୍ୟ ମଣିଷ ହୋଇ ତା' ପୂର୍ବକଥା ଭୁଲିଯାଇଛି।'' ବିଚାରକ ତାଙ୍କ ପକେଟରୁ କିଛି ଟଙ୍କା କାଢି ଧୋବାକୁ ତାହା ଧରାଇ ଦେଇ କହିଲେ- ନେ, ତୋ ଗଧର ଦାମ୍। ଆଉ ଦିନେ ଏଠାକୁ ଆସିବୁନି। ଧୋବା ଡରିଯାଇ ଟଙ୍କାତକ ଗ୍ରହଣ କରି ଚାଲିଆସିଲା। ଗଲାବେଳେ ମନେ ମନେ ଭାବୁଥିଲା, ଅବଧାନେ ଠିକ୍ କଥା କହୁଥିଲେ। ଗଧ ମଣିଷ ହେଲେ ତା' ପୂର୍ବ କଥା ମନେ ପକାଇପାରେ ନାହିଁ। ଆଜି ମଧ୍ୟ ସମାଜରେ ଏହିଭଳି ଗଧମାନଙ୍କ ସଂଖ୍ୟା ଅନେକ।

ଟିଟିଲାଗଡ଼, ମୋ- ୯୪୩୭୩୨୯୨୬୩

# ସାର୍ଥକ ଜୀବନ

ମମତା ପଣ୍ଡା

କବିଙ୍କ ଭାଷାରେ- ''ମୁହୂର୍ତ୍ତେ ମାତର ଉଜ୍ଜ୍ୱଳି ପ୍ରଖର ଶିଖା ଟେକି ହୁତାଶନ,/ ଜଳି ଯେବେ କରେ ଆଲୋକ ଉତ୍ତାପ ଚଉଦିଗେ ବିତରଣ।/ ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ ରହେ ତା' ଆଦର ଯଶ,/ କି ଲୋଡ଼ା ତହିଁରେ ରହେ ଯେ ମହୀରେ କୁହୁଳି ସହସ୍ର ବର୍ଷ ?''

(ଧର୍ମପଦ- ପଣ୍ଡିତ ଗୋପବନ୍ଧୁ)

ମଣିଷ ଜୀବନର ସାର୍ଥକତା ଏଇ ଅଗ୍ନିଶିଖା ପରି ଆଲୋକ ଓ ଉତ୍ତାପ ପ୍ରଦାନ କରିବାରେ। ତାହା ସ୍ୱଳ୍ପକାଳ ପାଇଁ ହେଉ ପଛେ। କିନ୍ତୁ ଶତାୟୁ ହୋଇ ମଧ୍ୟ ଯଦି ଜୀବନ ସମାଜସେବାରେ ଲାଗି ନ ପାରିଲା, ପରର ଉପକାରରେ ଜୀବନର କିଛି ଅଂଶ ବିନିଯୋଗ ହୋଇ ନ ପାରିଲା, ତେବେ ସେ କୁହୁଳୁଥିବା ନିଆଁ ପରି ଆଦର ଯଶ ପାଇପାରେନା। ଏହିପରି ଜଣେ ସାର୍ଥକ ଜୀବନ ଜିଇଁଥିବା ମଣିଷ ଥିଲେ ସ୍ୱାମୀ ବିବେକାନନ୍ଦ, ଯିଏ ମାତ୍ର ୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ ମହତ୍ କାମ କରିଯାଇଛନ୍ତି। ସେ ମାତ୍ର ୩୦ ବର୍ଷ ବୟସରେ ୧୧।୦୯।୧୮୯୩ରେ ସୁଦୂର ଆମେରିକାର ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତ ଓ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରି ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଭାରତ ତଥା ବହିର୍ଭାରତରେ ଶ୍ରୀଶ୍ରୀରାମକୃଷ୍ଣ ପରମହଂସଙ୍କ ଭାବଧାରାର ପ୍ରଚାର ପ୍ରସାର କରିଥିଲେ। ସେହିପରି ଆଦି ଶଙ୍କରାଚାର୍ଯ୍ୟଙ୍କ ପରମାୟୁ ଥିଲା ମାତ୍ର ୩୨ ବର୍ଷ। ସେ କେରଳର କାଲାଡ଼ି ଗ୍ରାମରେ ୭୮୮ ମସିହାରେ ଏକ ନମ୍ବୁଦ୍ରି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ୮୨୦ ଖ୍ରୀଷ୍ଟାବ୍ଦରେ ମହାପ୍ରୟାଣ ଲାଭ କରିଥିଲେ। ଏହି ସ୍ୱଳ୍ପ ଜୀବନକାଳ ଭିତରେ ସେ ଜ୍ଞାନରେ ସାରା ଭାରତ ଜୟ କରି ବୈଦିକ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ। ଚାରିଧାମରେ ମଠ ପ୍ରତିଷ୍ଠା କରିଥିଲେ। ଅନେକ ସ୍ତୋତ୍ର, ମୋହମୁଦ୍‌ଗର ଓ ମଣିମାଳା ଆଦି ରଚନା କରିବା ସହ ଅନେକ ଭାଷ୍ୟ ରଚନା କରିଥିଲେ। ତେବେ ଏଠାରେ ମୁଁ ଆଉ ଜଣେ ବିବେକାନନ୍ଦଙ୍କ ବିଷୟରେ ସୂଚନା ଦେବାକୁ ଚାହୁଁଛି, ଯିଏ ଉପରୋକ୍ତ ମହାପୁରୁଷଙ୍କ ସହ ତୁଳନୀୟ ନ ହେଲେ ମଧ୍ୟ ମାନବସେବାକୁ ମାଧବସେବା ଜ୍ଞାନରେ ନିଜ ଜୀବନର ବ୍ରତ କରି ଜୀବନର ସ୍ୱଳ୍ପ ଅବଧି ଭିତରେ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସେ ଆରମ୍ଭ କରିଥିବା ସେବାକାର୍ଯ୍ୟ ତାଙ୍କ ପରେ ବି ଅବ୍ୟାହତ ରହିଛି।

ତାଙ୍କର ଜନ୍ମ ହୁଏ ୧୯୬୭ ମସିହା ମାଘ କୃଷ୍ଣ ସପ୍ତମୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥିରେ। ସେଥିପାଇଁ ପିତା ଲକ୍ଷ୍ମୀଧର ଓ ମାତା ହେମାଙ୍ଗିନୀ ତାଙ୍କ ନାଁ ରଖିଥିଲେ ବିବେକାନନ୍ଦ। ବାଲ୍ୟକାଳରୁ ହିଁ ସେ ଥିଲେ ପରଦୁଃଖକାତର। ଦିନେ ସେ ତାଙ୍କୁ କିଛିଦିନ ପାଠ ପଢ଼ାଇଥିବା ତାଙ୍କ ପିତାଙ୍କ ପ୍ରାଥମିକ ଶିକ୍ଷକଙ୍କଠାରୁ ଏକ ଚିଠି ପାଇଲେ। ଏହି ଚିଠି ମାଧ୍ୟମରେ ଗୁରୁଜୀ ତାଙ୍କର ଦେହ ଭଲ ରହୁ ନ ଥିବା ଓ ଅଭାବ ଅସୁବିଧାରେ ଚଳୁଥିବା ବିଷୟ ଦର୍ଶାଇବା ସହ ଏକ ଶୀତ ଚଦର କିଣିବା ପାଇଁ ତାଙ୍କ ପିତାଙ୍କୁ ମାତ୍ର ୧୦ ଟଙ୍କା ମାଗିଥିଲେ। ବିବେକାନନ୍ଦ ତାଙ୍କ ମାଆଙ୍କୁ କହିଲେ: ମାଆ, ଗୁରୁଜୀଙ୍କ ଦେହ ଭଲ ନାହିଁ। ମୁଁ ଏକ ଚଦର ଓ କିଛି ଫଳମୂଳ ନେଇ ତାଙ୍କୁ ଦେଖିବାକୁ ଯିବି। ମାଆ ଅନୁମତି ଦେବାରୁ ମାଉସୀପୁଅ ଭାଇ ବାଲୁଙ୍କେଶ୍ୱରଙ୍କୁ ସାଙ୍ଗରେ ନେଇ ସେ ଗଲେ ଭୁବନେଶ୍ୱରରୁ ଖୋର୍ଦ୍ଧା ଓ ସେଠାରୁ କିଛି କିଲୋମିଟର ଦୂର ଏକ ନିପଟ ମଫସଲ ଗାଁକୁ। ଗାଁରେ ପହଞ୍ଚି ଯାହା ଦେଖିଲେ ସେଥିରେ ତାଙ୍କର ପ୍ରାଣ କାନ୍ଦିଉଠିଲା। କାରଣ ଇତିମଧ୍ୟରେ ଗୁରୁଜୀଙ୍କର ପରଲୋକ ହୋଇଯାଇଥିଲା। ସେଦିନ ତାଙ୍କ ମୃତ୍ୟୁର ସପ୍ତମ ଦିନ। ପରିବାର ଓ ଜ୍ଞାତି ଲୋକମାନେ ତୁଠକୁ ଯାଇଥିଲେ।

ସେଦିନ ଶୋକାତୁର ଭଙ୍ଗା ମନ ନେଇ ଘରକୁ ଫେରିବା ପରେ ୮ ବର୍ଷର ବିବେକାନନ୍ଦ ତାଙ୍କ ମାଆଙ୍କ ଆଗରେ ପ୍ରତିଜ୍ଞା କରିଥିଲେ: ମାଆ! ମୁଁ ବଡ଼ ହେଲେ ମାଆବାପା, ବୁଢ଼ାବୁଢ଼ୀ, ଗରିବ ଓ ଅସହାୟ ଲୋକମାନଙ୍କର ସେବା କରିବି। ସେ ପ୍ରତିଜ୍ଞା ଥିଲା ତାଙ୍କର ଭୀଷ୍ମ ପ୍ରତିଜ୍ଞା। ସେଥିରୁ ସେ କେବେ ବି ଓହରିନାହାନ୍ତି।

ବଡ଼ ହେବା ପରେ ସେ ବାଛିନେଲେ ଆଇନ ବ୍ୟବସାୟକୁ ତାଙ୍କର ଜୀବିକା ରୂପେ। ଘର ଲୋକେ ସମସ୍ତେ ଜାଣନ୍ତି ଯେ ପୁଅ କଚେରିକୁ ଯାଇଛି। କିନ୍ତୁ ସେ କେତେବେଳେ ବସ୍ତି ଅଞ୍ଚଳକୁ ଯାଇ ରୋଗୀ ସେବା କରନ୍ତି, କେତେବେଳେ ସଫେଇ କାର୍ଯ୍ୟ କରନ୍ତି, କେତେବେଳେ ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି ଓ କେତେବେଳେ ରକ୍ତଦାନ କରନ୍ତି, ତାହା ତାଙ୍କ ଛଡ଼ା ଓ ତାଙ୍କ ସେବାକାର୍ଯ୍ୟର ସହଯୋଗୀ ସାଥୀ ଓକିଲଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ। ଅନେକ ଗରିବ ମେଧାବୀ ପିଲାଙ୍କ ପାଇଁ ସେ ପଢ଼ାଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ସମସ୍ତଙ୍କୁ ତାଙ୍କ ନାଁ ପ୍ରକାଶ ନ କରିବା ପାଇଁ ତାଗିଦ କରୁଥିଲେ। ଏପରି କି ସେ ଏତେ ସେବାକାର୍ଯ୍ୟ କରୁଥିବା ବିଷୟରେ ତାଙ୍କ ମାଆବାପା ବି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜାଣି ନ ଥିଲେ। ୧୩।୦୮।୨୦୦୦ ଗହ୍ମା ପୂର୍ଣ୍ଣମୀର ପୂର୍ବଦିନ ମାତ୍ର ୩୩ ବର୍ଷ ବୟସରେ ବିବେକାନନ୍ଦଙ୍କ ପରଲୋକ ଘଟିବା ପରେ ଜମା ହୋଇପଡ଼ିଥିଲେ ତାଙ୍କର ଶୁଭେଚ୍ଛୁ ଓ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ମଣିଷମାନେ। ସେମାନେ ତାଙ୍କ ମୁହଁରେ ନିଜେ ପାଇଥିବା ଉପକାର ବିଷୟରେ ସ୍ୱୀକାର କରିବା ପରେ ହିଁ ବିବେକାନନ୍ଦଙ୍କ ସେବାକାର୍ଯ୍ୟ ବିଷୟରେ ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଥିପାଇଁ ତାଙ୍କର ପିତା ଲକ୍ଷ୍ମୀଧର ବାବୁ ଓ ଅନ୍ୟମାନେ ନିଷ୍ପତ୍ତି ନେଲେ ବିବେକାନନ୍ଦଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାକାର୍ଯ୍ୟ ଯେପରି ତାଙ୍କ ମୃତ୍ୟୁ ପରେ ବି ଅନନ୍ତକାଳ ଧରି ଅବ୍ୟାହତ ରହେ ତା'ର ବ୍ୟବସ୍ଥା କରିବାକୁ। ତାଙ୍କ ମୃତ୍ୟୁ ପରେ ମିଳିଥିବା ପ୍ରାୟ ଏକ କୋଟି ଟଙ୍କାର ବୀମା ଅର୍ଥକୁ ତାଙ୍କ ସ୍ମୃତ୍ୟର୍ଥେ ଏକ ଟ୍ରଷ୍ଟ ଗଠନ କରି ଜମା କରିଦିଆଗଲା, ଯାହାର ସୁଧ ଅର୍ଥରେ ଗରିବ ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ଜାରି ରହିଛି। ଧନ୍ୟ ସେହି ନର ଯିଏ ଜୀବନରେ ଓ ମରଣରେ ବି ପରୋପକାର କରିଚାଲିଛନ୍ତି। ଶାସ୍ତ୍ରରେ ଅଛି- ''ପରୋପକାରାୟ ଫଳନ୍ତି ବୃକ୍ଷାଃ ପରୋପକାରାୟ ବହନ୍ତି ନଦ୍ୟଃ। ପରୋପକାରାୟ ଦୁହନ୍ତି ଗାବଃ ପରୋପକାରାର୍ଥମିଦଂ ଶରୀରମ୍।।''

ହାସିମନଗର, ତିରଣ, ଜଗତ୍‌ସିଂହପୁର,
ମୋ-୭୯୭୮୭୩୧୧୪୭

## ଏଇ ଭାରତରେ

'ପର ଦୁଃଖ ଦେଖି କାନ୍ଦେ ଯା' ପରାଣ ମହତ ମଣିଷ ସିଏ।' ଏହି ଆପ୍ତ ବାକ୍ୟର ଯଥାର୍ଥତା ଯୁଗେ ଯୁଗେ ରହିଛି। ନିକଟରେ କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ନିରନ୍ନ ଓ ବାସହରା ହୋଇଯାଇଛନ୍ତି। ଏହି ଅଞ୍ଚଳର ଲୋକଙ୍କ ଦୁଃଖ ଦେଖି କୋଝିକୋଡର ଜଣେ ତରୁଣୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ସ୍ୱର୍ଣ୍ଣାଳଙ୍କାର କିଣାଯାଇଥାଆନ୍ତା। କୋଝିକୋଡ ଜିଲା ଭଟକରା ଅଞ୍ଚଳର ବାସିନ୍ଦା ଅମ୍ରିତା ଏସ୍. ଭେନୁ ସେପ୍ଟେମ୍ବର ୧୫ରେ ବିବାହ କରିଥାଆନ୍ତେ। ସେ ଅଳଙ୍କାର କିଣାକୁ ପଛରେ ପକାଇ ଏ ବାବଦ ଅର୍ଥକୁ ବନ୍ୟାପ୍ଲାବିତ ଲୋକଙ୍କ କଲ୍ୟାଣ ପାଇଁ ଦାନକଲେ। ଟେଲିଭିଜନ୍‌ରେ କେରଳର କରାଳ ଦୃଶ୍ୟ ଏବଂ ବନ୍ୟା ପ୍ରଭାବିତଙ୍କୁ ଦେଖିବା ପରେ କିଛି ଦାନକରିବା ପାଇଁ ଅମ୍ରିତା ସ୍ଥିର କଲେ ଏବଂ ତାଙ୍କ ଭାବୀ ବରଙ୍କୁ ଜଣାଇଦେଲେ, ବାହାଘର ବେଳେ ସେ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ନାହିଁ। ଏହି ଅର୍ଥକୁ ସେ ବନ୍ୟାପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦାନ କରିଦେଉଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ଶାଶୁଘର ଲୋକେ ପୂର୍ଣ୍ଣ ସମର୍ଥନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୩

- ସୋମାଲିଆର ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଦିନଙ୍କୁ ଜୀବନ୍ତ କିମ୍ବା ମୃତ ଅବସ୍ଥାରେ ଧରିବା ଲାଗି ଆମେରିକା ସୋମାଲିଆକୁ ଅଧିକ ୪୦୦ ସୈନ୍ୟ ପଠାଇଲା।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର ନ କଲେ ଆମେରିକା ରୁଷିଆକୁ ୭୦୦ ମିଲିୟନ ଡଲାର ମୂଲ୍ୟର ବୈଷୟିକ ସାହାଯ୍ୟ ଦେବନାହିଁ ବୋଲି ଘୋଷଣା କରିଛି।



## ଜିଲା ଡାଏରୀ
## ବଲାଙ୍ଗୀର

### ବାଇପାସ୍ ରାସ୍ତା ରାଜନୀତି

ସହର ମଧ୍ୟ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ଏ ରାସ୍ତା ଦେଇ ଦିନକୁ ଶହ ଶହ ଟ୍ରକ୍ ଯିବା ଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟମ କରାଗଲା ଯେ, ଦିନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରିଯାନ ଯାତାୟାତ କରିପାରିବ ନାହିଁ। ସହର ବାହାର ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବ ଓ ସେଇ ରାସ୍ତାରେ ଭାରିଯାନ ଯାତାୟାତ କରିପାରିବ। ୨୦୦୧ରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୦ ବେଳକୁ ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତ କରାଯାଇ କେନ୍ଦ୍ର ସରକାରଙ୍କ ପାଖକୁ ଅର୍ଥ ମଞ୍ଜୁରୀ ପାଇଁ ପଠାଯାଇଥିଲେ ମଧ୍ୟ କେବଳ ଜମି ଅଧିଗ୍ରହଣ ପାଇଁ ୨୦୧୨ରେ ୪୦ କୋଟି ଟଙ୍କା ଆସିଥିଲା। ଜମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରାୟ ୨୭୦ କୋଟି ଟଙ୍କାର ଆବଶ୍ୟକତା ଦର୍ଶାଇ ଏକ ଚିଠା ପଠାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ଜମି ମୂଲ୍ୟରେ ଜାଲିଆତି ହୋଇଥିବା ଦର୍ଶାଇ ପୁନଃ ଠିକ୍ ଚିଠା ପଠାଇବାକୁ କହିଥିଲେ। ଇତିମଧ୍ୟରେ ତାକୁ ସଂଶୋଧନ କରାଯାଇ ୨୪୧ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କେନ୍ଦ୍ରକୁ ପଠାଯାଇଛି। ଏ ରାସ୍ତାରେ କେତେକ ଜଙ୍ଗଲ ଜମି ଥିବାରୁ ତା'ର ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏ ସବୁକୁ ଦୃଷ୍ଟି ଦେଲେ ବାଇପାସ୍ ରାସ୍ତା ନିର୍ମାଣ ହେବା ଏକପ୍ରକାର ଅନିଶ୍ଚିତତା ମଧ୍ୟରେ ରହିଛି। କିନ୍ତୁ ସହର ମଧ୍ୟରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇ ଅନେକ ଧନଜୀବନ କ୍ଷତି ହେଉଥିବାରୁ ବର୍ତ୍ତମାନ ଏହା ଉପରେ ରାଜନୀତି ଜୋର୍ ଧରିଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସହରବାସୀଙ୍କ ହିତ ପାଇଁ ସବୁ ନେତା ଏକ ହୋଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି।

-ସୁବାସ ଚନ୍ଦ୍ର ପଣ୍ଡା

## ଚିରନ୍ତନୀ

ସେ କିବା ମୋହରି ଆଶେ
ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ
ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି। (ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | | | D | | | 6 | | | | | 5 | E |
| | B | | C | 9 | | 8 | | A | 4 | | | | 0 | 6 |
| | | | | | | | | | | | E | B | | 1 |
| 0 | | D | | 8 | B | | | | 3 | | 2 | | 9 | |
| | | | A | | | 7 | | 1 | | | | | | |
| | 0 | | | | E | | C | | | 2 | | | D | |
| | 6 | | | B | A | 3 | | 4 | 5 | | | | | |
| | | | | C | | | | | E | B | 1 | | A | |
| | 2 | | | | 7 | 5 | | E | | | 6 | 1 | | 4 |
| 1 | A | 4 | 3 | | 0 | | 9 | B | | C | | | | 5 |
| | | 6 | 5 | | | | 8 | | D | | | | | |
| 8 | 1 | | 0 | | | A | | | | | | D | | |
| | | 9 | | 2 | | | | | | | 0 | | | |
| | 5 | | | | | | D | 7 | | | | | | |
| | | A | | | | | E | 5 | 2 | 7 | 8 | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 5 | 3 | 9 | 0 | 2 | 4 | 6 | 7 | C | A | E | B | 8 |
| B | A | 4 | D | 5 | 6 | 3 | 8 | C | 0 | 9 | E | 7 | 2 | 1 |
| 8 | 6 | 2 | 4 | E | A | 0 | 1 | 7 | 3 | D | B | 5 | 9 | C |
| 3 | C | E | B | 7 | 1 | A | 5 | 9 | 2 | 6 | 8 | D | 4 | 0 |
| 7 | 0 | 9 | 2 | C | 8 | E | B | D | 4 | 5 | 1 | 3 | A | 6 |
| C | 7 | 1 | 8 | 3 | E | 4 | 2 | B | 5 | A | 0 | 9 | 6 | D |
| 5 | 9 | D | 0 | 2 | B | 6 | C | A | E | 8 | 3 | 1 | 7 | 4 |
| 0 | 3 | B | 6 | D | 9 | 8 | 7 | E | C | 1 | 4 | A | 5 | 2 |
| 2 | E | A | 5 | 4 | C | 1 | D | 3 | 6 | 7 | 9 | 0 | 8 | B |
| 6 | 4 | 8 | A | 1 | 7 | 5 | 9 | 0 | B | 2 | D | C | E | 3 |
| A | 8 | 3 | E | 6 | 5 | 9 | 0 | 1 | D | B | 2 | 4 | C | 7 |
| 9 | D | C | 1 | B | 4 | 7 | 6 | 2 | A | 3 | 5 | 8 | 0 | E |
| E | B | 0 | 7 | 8 | 2 | D | 3 | 5 | 9 | 4 | C | 6 | 1 | A |
| 4 | 2 | 7 | 9 | 0 | 3 | C | A | 8 | 1 | E | 6 | B | D | 5 |
| 1 | 5 | 6 | C | A | D | B | E | 4 | 8 | 0 | 7 | 2 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ର ପାଇଁ ବିପଦ

ମହାଶୟ,

ଯେଉଁ ଉଦ୍ଦେଶ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା କରାଗଲା ତାହା ଏବେ ବିପଦରେ। ଧନୀ ଆହୁରି ଧନୀ ଏବଂ ଗରିବ ଆହୁରି ଗରିବ ହୋଇଯାଉଛନ୍ତି। ଧନୀଙ୍କ ହାତରେ ହିଁ କ୍ଷମତା ରହୁଛି। ଗରିବ ଲୋକେ ଅଳ୍ପକେ ସନ୍ତୁଷ୍ଟ। ତେଣୁ ନିର୍ବାଚନ ସମୟରେ ସେମାନଙ୍କ ପାଇଁ ରୋଚକ ଯୋଜନାମାନ ଘୋଷଣା କରି ସେମାନଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ନିର୍ବାଚନ ପରେ ନେତାଏ ୫ ବର୍ଷ ମଧ୍ୟରେ ସେ ଅଞ୍ଚଳକୁ ଥରେ ବି ପାଦ ପକାନ୍ତି ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

### ଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଯେଉଁ ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ବିନା ମଞ୍ଜୁରିପ୍ରାପ୍ତ ଛୁଟିରେ ନିୟମିତ ଭାବେ ଘରେ ରହୁଛନ୍ତି ବା ସେମାନଙ୍କ କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ରହୁଛନ୍ତି ଏବଂ ଅଭ୍ୟାସଗତ ଭାବରେ ଅର୍ଥ ତୋଷରପାତ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁ ଦେଶ ବା ରାଜ୍ୟରେ ଦୁର୍ନୀତି ଯେତେ କମ୍ ସେ ଦେଶ ବା ରାଜ୍ୟ ସେତେ ଆଗୁଆ। ତେଣୁ ପ୍ରଗତିର ଅନ୍ତରାୟ ଏହି ଦୁର୍ନୀତିକୁ କ୍ରମଶଃ ଦୂର କରିବା ଓ ସେ ଦିଗରେ ସହଯୋଗ କରିବା ପ୍ରତ୍ୟେକ ସଚ୍ଚୋଟ, ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଜ୍ଞ ବ୍ୟକ୍ତିର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ।

ଅଜିତ କୁମାର ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଉପସ୍ଥିତ ବିଭିନ୍ନ ଦଳର ନେତା ଓ ଅନ୍ୟମାନେ।

# ‘ସହନଶୀଳତାର ପ୍ରତୀକ ବାଜପେୟୀ’

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଶୁକ୍ରବାର ଦଳମତ ନିର୍ବିଶେଷରେ ବହୁ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା। ଏମାନଙ୍କ ସମେତ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶାସକ ଦଳର ବହୁ ମନ୍ତ୍ରୀ ଓ ବିଧାୟକ, ବାମପନ୍ଥୀନେତାମାନେ ଉପସ୍ଥିତ ଥିଲେ। ସ୍ମୃତିଚାରଣ ଅବସରରେ ବାଜପେୟୀଙ୍କ ବିଷୟରେ ନେତାମାନଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀଙ୍କ ବିୟୋଗ ଦେଶ ଏବଂ ବ୍ୟକ୍ତିଗତ ଭାବେ ମୋ ପାଇଁ ଏକ ବିରାଟ କ୍ଷତି। ମୋ ରାଜନୀତି ଜୀବନର ପ୍ରାରମ୍ଭିକ ସମୟରେ ବାଜପେୟୀଙ୍କ ସହ ସମ୍ପର୍କ ସବୁଦିନ ପାଇଁ ମନେ ରହିବ। ରାଜନୀତିରେ ଆଦର୍ଶ ଓ ସହନଶୀଳତାର ସେ ଥିଲେ ଅନନ୍ୟ ପ୍ରତୀକ। ମେଣ୍ଟ ସରକାର ପରିଚାଳନାର କଳା ତାଙ୍କୁ ଭଲରେ ଜଣା ଥିଲା। ଓଡିଶା ପାଇଁ ତାଙ୍କର ବିଶାଳ ହୃଦୟ ରହିଥିଲା। ଓଡିଶାର ଲୋକମାନେ ମଧ୍ୟ ତାଙ୍କୁ ବହୁତ ଭଲ ପାଉଥିଲେ। ଆମେ ସମସ୍ତେ ତାଙ୍କୁ ହରାଇ ମ୍ରିୟମାଣ। ଆମେ ସମସ୍ତେ ବାଜପେୟୀଙ୍କୁ ସବୁବେଳେ ମନେପକାଇବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବାଜପେୟୀଙ୍କ ଅସ୍ଥିକଳସ ଦିଲ୍ଲୀରୁ ଆଣି ଆସିବା ପରେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ପୁରୀ ମହୋଦଧିରେ ବିସର୍ଜନ କରାଯାଇଥିଲା। ଶୁକ୍ରବାର ଅପରାହ୍ଣ ୫ଟାରେ ଦଳ ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଥିଲେ ଯେ, ତାଙ୍କ ସହ ମୋର ଦୀର୍ଘଦିନର ସମ୍ପର୍କ। ୧୯୯୯ ମହାବାତ୍ୟା ସମୟରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁ ଘଟିଥିଲା, ଲୋକମାନଙ୍କ ଘରଦ୍ୱାର ଭାଙ୍ଗିଗଲା, ୧୪ ଜିଲା ବହୁମାତ୍ରାରେ ପ୍ରଭାବିତ ହୋଇଥିବା କଥା ବାଜପେୟୀ ଜାଣିବା ପରେ ଓଡିଶାକୁ ନବନିର୍ମାଣ କରାଯିବ ବୋଲି କହିଥିଲେ। ରାଜ୍ୟକୁ ୭ଲକ୍ଷ ଇନ୍ଦିରାଆବାସ ଦେବା ସହ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେଇଥିଲେ। ଗୁପ୍ତଭାବେ ପରମାଣୁ ବୋମା ବିସ୍ଫୋରଣ କରି ସେ ଦେଶର ଶକ୍ତି ସମ୍ପର୍କରେ ବିଶ୍ୱରେ ପ୍ରମାଣିତ କରିଥିଲେ। ଏହାପର ଠାରୁ ଆମେରିକା ଏବଂ ଅନ୍ୟ ଦେଶଗୁଡିକ ଭାରତକୁ ଅଧିକ ସମ୍ମାନ ଦେବା ଆରମ୍ଭ କରିଥିଲେ ବୋଲି ସେ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀ ଥିଲେ ଭାରତର ରାଜନୈତିକ ଆକାଶର ଦ୍ୱିତୀୟ ଧ୍ରୁବତାରା। ଧ୍ରୁବତାରା ଦେଖି ଯେପରି ଦିଗ ଜାଣି ହୁଏ ସେପରି ବାଜପେୟୀଙ୍କୁ ଅନୁସରଣ କରି ଦଳମତ ନିର୍ବିଶେଷରେ ଆମେ ସମସ୍ତେ ରାଜନୈତିକ ଶିଷ୍ଟାଚାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରୀୟବାଦ ଜାଣୁଥିଲୁ। କ୍ଷମତାରେ ରହି ମଧ୍ୟ ସେ କ୍ଷମତାରୁ ନିଜକୁ ଦୂରେଇ ରଖିବାରେ ନିପୁଣ ଥିଲେ। ଭଲ ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କୁ କ୍ଷମତାଶାଳୀ ହେବା ଦରକାର ପଡି ନ ଥିଲା। ସେ ଥିଲେ ଜଣେ ଅଜାତଶତ୍ରୁ। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେବା ବାଜପେୟୀଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ନିରଞ୍ଜନ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ, ୩ଟି ଘଟଣା ମୋର ସବୁବେଳ ପାଇଁ ମନେରହିବ। ମଧୁସୂଦନ ଲ କଲେଜରେ ଛାତ୍ର ଥିଲାବେଳେ ବାଜପେୟୀ ସେଠାକୁ ଆସିଥିଲେ। ସେଠାରେ ତାଙ୍କ ଭାଷଣ ଶୁଣିବାକୁ ସୁଯୋଗ ମିଳିଥିଲା। ଏହାପରେ ଜାଣିବାକୁ ମିଳିଥିଲା, ତାଙ୍କର ଏବଂ ମୋର ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର ତାଙ୍କ ଭାଷଣ ମୋ ଉପରେ ବହୁ ପ୍ରଭାବ ପକାଇଥିଲା। ପଶ୍ଚିମ ଓଡିଶାରେ ମରୁଡି ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ସେତେବେଳେ ବିଧାନସଭା ସଦସ୍ୟ ଥିବାରୁ ତାଙ୍କୁ ଭେଟିବାର ସୁଯୋଗ ପାଇଥିଲି। ସେ କିନ୍ତୁ ସରକାରୀ ରିପୋର୍ଟ ଅନୁଯାୟୀ ଓଡିଶାକୁ ମରୁଡି ସହାୟତା ଦେବାର ଆବଶ୍ୟକତା ନ ଥିବା କହିଲେ। ଫଳରେ ତାଙ୍କୁ ମୁଁ ବହୁ କଟୁ କଥା ଶୁଣାଇଥିଲି। ମାତ୍ର ସେ ରାଗି ନ ଥିଲେ ବରଂ ଆମ ଦାବି ଅନୁଯାୟୀ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇବାକୁ ପଦକ୍ଷେପ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ବାଜପେୟୀ ଜଣେ ବିଶ୍ୱସ୍ତରୀୟ ନେତା ଥିଲେ। ମହାବାତ୍ୟା ପରେ ଓଡିଶା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କ୍ରାନ୍ତିକାରୀ ମନ୍ତବ୍ୟ ଦେଇଥିଲେ। ଓଡିଶାର ପୁନର୍ନିର୍ମାଣ ଲାଗି ଅର୍ଥର ଅଭାବ ରଖି ନ ଥିଲେ। ସ୍ୱାଧୀନତା ପରେ ରାଜ୍ୟରେ ମାତ୍ର ୧୬୦୦ କିମି ଜାତୀୟ ରାଜପଥ ହୋଇଥିବା ବେଳେ ବାଜପେୟୀଙ୍କ ସମୟରେ ଆଉ ୧୬ଶହ କିମି ଜାତୀୟ ରାଜପଥ ହୋଇଥିଲା। ତତ୍କାଳୀନ ପିଡବ୍ଲ୍ୟୁଡି ମନ୍ତ୍ରୀ ସ୍ୱର୍ଗତ ନଳିନୀ ମହାନ୍ତି ସେତେବେଳେ କହିଥିଲେ ଓଡିଶା ପାଇଁ କୌଣସି ପ୍ରଧାନମନ୍ତ୍ରୀ ଏପରି କାମ କରିନାହାନ୍ତି। କଳାହାଣ୍ଡିରେ ମରୁଡି ହୋଇଥିବା ବେଳେ ସେ ଆସି ପରିଦର୍ଶନ କରିଥିଲେ। ପଣ୍ଡିତ ଜବାହରଲାଲ ନେହେରୁଙ୍କ ପରେ ବାଜପେୟୀ ବିଶ୍ୱସ୍ତରୀୟ ନେତାଭାବେ ପରିଗଣିତ। ସ୍ୱାଧୀନତା ପରେ ଦେଶର ସବୁଠାରୁ ବଡ ସମସ୍ୟା କଶ୍ମୀର। କଶ୍ମୀରକୁ ଯଦି କେହି ଭଲରେ ବୁଝିଛନ୍ତି ସେ ହେଉଛନ୍ତି ବାଜପେୟୀ। ପୂର୍ବରୁ ସର୍ବଦଳୀୟ ସ୍ମୃତିସଭାରେ ୩ଜଣ ବ୍ୟକ୍ତିତ୍ୱ ଗୁଲାମନବୀ ଆଜାଦ, ଫାରୁକ୍ ଅବଦୁଲା, ମେହେବୁବା ମୁଫ୍‌ତି ସମାନ କଥା କହି ଏହାର ପ୍ରମାଣ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ମାନ ମର୍ଯ୍ୟାଦା ବୃଦ୍ଧି କରିବାରେ ସେ ମୁଖ୍ୟ ଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।




## ଆରମ୍ଭ ହେଲା ଓଡ଼ିଶା ବିକାଶ ସମାବେଶ-୨୦୧୮

# ‘ପ୍ରାକୃତିକ ସମ୍ବଳ ଭରପୂର ଥାଇ ବି ଓଡ଼ିଶା ପଛୁଆ’



ବିଭିନ୍ନ କ୍ଷେତ୍ରର ବାସ୍ତବ ସ୍ଥିତି ସମ୍ବଳିତ ଏକ ପୁସ୍ତିକାକୁ ସମାବେଶରେ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ସାମାଜିକ ଅସମାନତା, ଅପପୁଷ୍ଟି ଓ ଶିକ୍ଷାଦାନ ବ୍ୟବସ୍ଥାରେ ଗୁଣାତ୍ମକ ମାନ ହ୍ରାସ ବିକାଶ ମାର୍ଗର ମୁଖ୍ୟ ପ୍ରତିବନ୍ଧକ। ପ୍ରାକୃତିକ ସମ୍ବଳରେ ଭରପୂର ତଥା ସଂସ୍କୃତି ଓ ପରମ୍ପରା ସମୃଦ୍ଧ ଓଡ଼ିଶା ଆଜି ବି ପଛୁଆ ରାଜ୍ୟ ଭାବେ ପରିଗଣିତ। ରାଜ୍ୟରେ ପ୍ରତି ୧୦ଜଣ ଶିଶୁରେ ୪ଜଣ ଅପପୁଷ୍ଟି ଅଥବା ବୟସାନୁପାତିକ ମାନସିକ ଅନଗ୍ରସରରେ ଶିକାର ଅଛନ୍ତି। ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି ବୋଲି ଭାରତ ସରକାରଙ୍କ ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର କହିଛନ୍ତି। ଶୁକ୍ରବାର ରେଲୱେ ଅଡିଟୋରିୟମ୍‌ରେ ଆୟୋଜିତ ଓଡ଼ିଶା ବିକାଶ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସେ ଏହା କହିଥିଲେ। ମାନବ ସମ୍ବଳର ବିକାଶ ଓ ସାମାଜିକ କ୍ଷେତ୍ରରେ ଅଧିକ ପାଣ୍ଠି ବିନିଯୋଗ କରି ଦକ୍ଷ ତଥା କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା ଏବଂ ଶ୍ରମଭିତ୍ତିକ ଶିଳ୍ପ ଉଦ୍ୟୋଗର ବିକାଶ ଭାରତ ପାଇଁ ଏକମାତ୍ର ବିକଳ୍ପ ବୋଲି କୁମାର ମତବ୍ୟକ୍ତ କରିଥିଲେ।

ଓଡ଼ିଶା ବିକାଶ ସମାବେଶରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ସାମାଜିକ ଅନୁଷ୍ଠାନ, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଗୋଷ୍ଠୀ ସଙ୍ଗଠନ, ବିଶ୍ୱବିଦ୍ୟାଳୟ ଆଦି ସମାଜର ପ୍ରତ୍ୟେକ ବର୍ଗ ପ୍ରତିନିଧିଙ୍କ ପାଇଁ ଏହି ସମାବେଶ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଆଲୋଚନା, ସମାଲୋଚନା ଓ ସ୍ଥିତିର ତର୍ଜମା ମାଧ୍ୟମରେ ହିଁ ପ୍ରକୃତ ବିକାଶର ବାଟ ବାହାରିପାରିବ। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ବିଏଡ୍ କଲେଜ କିମ୍ବା ଶିକ୍ଷକ ତାଲିମ ନେଇ କଲେଜ ଖୋଲୁନାହିଁ। ତେଣୁ ବିଏଡ୍ କରୁଥିବା ଆମ ରାଜ୍ୟର ପିଲାମାନଙ୍କର ଖର୍ଚ୍ଚ କର୍ଣାଟକ ଓ ଅନ୍ୟ ରାଜ୍ୟରେ ହେଉଛି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ଘର ଛାଡ଼ି ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଯଦି ଓଡ଼ିଶାରେ ଶିଳ୍ପାୟନର ଉପକରଣ ବଢ଼ିଛି, ତେବେ ରାଜ୍ୟରେ ଓଡ଼ିଆ ଲୋକଙ୍କୁ କାହିଁକି କାମ ମିଳୁନି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ରାଜ୍ୟରେ ଥିବା ୪୦ ପ୍ରତିଶତ ଆଦିବାସୀ ସମାଜର ଉନ୍ନତି ପାଇଁ ଏକ କଂକ୍ରିଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବା ଆବଶ୍ୟକ। ୨୦୨୨କୁ ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପୂରିବ। ସେହିଭଳି ୨୦୩୬ ବେଳକୁ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହେବାର ୧୦୦ବର୍ଷ ପୂରଣ କରିବ। ତେଣୁ ୨୦୨୨ରୁ ୨୦୩୬ ହେଉଛି ଓଡ଼ିଶାର ସମ୍ଭାବନା ଓ ଆହ୍ୱାନର ସମୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଗୋଷ୍ଠୀସ୍ତରୀୟ ଗବେଷଣା ଏବଂ ସାମାଜିକ ଦାୟିତ୍ୱ ଓ ୟୁନେସ୍କୋର ସହ ଅଧ୍ୟକ୍ଷ ଡ. ରାଜେଶ ଟଣ୍ଡନ କହିଲେ, ବର୍ତ୍ତମାନ ବିଶ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସରକାରଙ୍କ ସହ ସାମାଜିକ ଅନୁଷ୍ଠାନ ଏବଂ ଗୋଷ୍ଠୀସ୍ତରର ସଙ୍ଗଠନଗୁଡ଼ିକ ମିଳିତ ପ୍ରୟାସ କରିବା ଜରୁରୀ। ସମାଜ ସଂସ୍କାରକ ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଲେ, ସ୍ୱାଧୀନତାର ସାତ ଦଶନ୍ଧି ପରେ ରାଜ୍ୟର ଅପହଞ୍ଚ ଜିଲାଗୁଡ଼ିକ ଏବେ ବି ବିକାଶର ବହୁ ଦୂରରେ। ଏହି ଅଞ୍ଚଳଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ କେବଳ ସଶକ୍ତୀକରଣ, ସଚେତନ ଓ ଲୋକମାନଙ୍କ ସହଭାଗିତାରେ ସମ୍ଭବ ହୋଇପାରିବ। ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରର ବାସ୍ତବ ସ୍ଥିତି ସମ୍ବଳିତ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାମ କରୁଥିବା ସଙ୍ଗଠନର ତୃଣମୂଳ ସ୍ତରର ସମସ୍ୟାକୁ ଶୁଣିବା ଏହି ସମାବେଶର ମୂଳ ଲକ୍ଷ୍ୟ। ଚଳିତବର୍ଷ ପ୍ଲାଷ୍ଟିକ୍‌ମୁକ୍ତ ଏବଂ ଭିନ୍ନକ୍ଷମମାନଙ୍କ ସହଜଲଭ୍ୟତାକୁ ନିଶ୍ଚିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି ବୋଲି ସମାବେଶର ଆବାହକ ତଥା ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦ ସୂଚନା ଦେଇଥିଲେ। ସ୍ୱାଭିମାନର ସାଧାରଣ ସମ୍ପାଦକ ଡ. ଶ୍ରୁତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି ସମାବେଶରେ ୧୯ଟି ସମସ୍ୟା ଉପରେ ଆଲୋଚନା କରାଯିବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ କରିବେ।

# ପୁଣି ଜଣେ ଚାଷୀଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୪।୮ (ଡି.ଏନ୍.ଏ.):** ବର୍ଷାଭାବ ଯୋଗୁ ଧାନ ଓ କପା ଫସଲ ଉଜୁଡିବା ପରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଚାଷୀ ଭଗତ ସଗରିଆ (୪୫)ଙ୍କ ବୁର୍ଲା ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି। ଭଗତଙ୍କୁ ମିଶାଇ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ଗତ ୨ଦିନରେ ୨ ଚାଷୀ ଆତ୍ମହତ୍ୟା କରିଛନ୍ତି। ଗତ ମଙ୍ଗଳବାର ତୁରେକେଲା ବ୍ଲକ କମେଇମୁଣ୍ଡା ଗାଁର ଚାଷୀ ଶରତ ମାଝି ବିଷ ପିଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସକାଳେ ଭଗତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ମୃତଦେହକୁ କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରେଳଫାଟକ ନିକଟରେ ରଖି ୪୨ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। କ୍ଷତିପୂରଣ ଦାବି ସହ ମୃତ ଚାଷୀଙ୍କ ପରିବାରକୁ ଥଇଥାନ ଦାବି କରିଥିଲେ।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993.)
**R.P. No. 152/2017/CTC**
**(Arising out of OA No. 692 of 2015)**
**Next Date: 09.10.2018**

**Central Bank of India,**
**Puruna Baulamala Branch, Jajpur** ...Certificate Holder Bank
**Vs.**
**Purushottam Swain & Ors** ...Certificate Debtors
**To**
1. **Purushottam Swain,** S/o: Rajib Swain, At: Bharatpur, P.O.: Dharmasala, Dist.: Jajpur
2. **Mr. Dhirendra Kumar Sahoo,** S/o: Kulamani Sahoo, At: Puruna baulamal, P.O.: Gadamadhpur, Dist.: Jajpur

Take notice that Certificate arising out of **OA No. 692 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 26,29,557.00 (Rupees Twenty Six Lac Twenty Nine Thousand Five Hundred Fifty Seven Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | :Rs. 26,29,557.00 |
| 2. Cost allowed | (+) | :Rs. 29,000.00 |
| 3. Interest @13% p.a with quarterly rests from 08.10.2015 to 31.12.2017 | | :Rs. 10,65,802.00 |
| | **Total** | **:Rs. 37,24,359.00** |

(**Rupees Thirty Seven Lac Twenty Four Thousand Three Hundred Fifty Nine Only**) with interest @13% p.a. with quarterly rests on the amount due from 01.01.2018 till realization of the entire dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **09.10.2018** and report the details of payment made by you.

Given under my hand & seal at Cuttack on this **17th day of August, 2018.**

**Sd/- (R.P. Patnaik)**
**Recovery Officer**

DSPL-135
ଜାତୀୟ ଚକ୍ଷୁଦାନ ପକ୍ଷ
୨୫ ଅଗଷ୍ଟ - ୮ ସେପ୍ଟେମ୍ବର, ୨୦୧୮
ଚକ୍ଷୁଦାନ ସମ୍ପର୍କରେ ଜାଣିବା କଥା
- କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ।
- ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ।
- ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର (EYE BANK) ସହ ଯୋଗାଯୋଗ କରି ଚକ୍ଷୁଦାନ କରାଇପାରିବେ।

ଆମ ରାଜ୍ୟରେ ଥିବା ଚକ୍ଷୁବ୍ୟାଙ୍କ:
- ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
- ଏମ୍.କେ.ସି.ଜି. ମେଡିକାଲ୍ କଲେଜ, ବ୍ରହ୍ମପୁର
- ଭି.ଏସ୍.ଏସ୍. ମେଡିକାଲ୍ କଲେଜ, ବୁର୍ଲା
- ଦୃଷ୍ଟିଦାନ, ଆଇ.ଜି.ଏଚ୍. ରାଉରକେଲା
- ଦୃଷ୍ଟିଦାନ, ଏଲ୍.ଭି. ପ୍ରସାଦ୍ ଆଇ ହସ୍‌ପିଟାଲ, ଭୁବନେଶ୍ୱର
- ସମ୍ ହସ୍‌ପିଟାଲ, ଭୁବନେଶ୍ୱର

ଅଧିକ ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଉପଖଣ୍ଡ ଚିକିତ୍ସାଳୟ (ଚକ୍ଷୁ ବିଭାଗ) ସହ ଯୋଗାଯୋଗ କରନ୍ତୁ।
10003/13/0075/1819
ଆସନ୍ତୁ, ଚକ୍ଷୁଦାନ ପରି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବା।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର





କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ,
ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ



## ସଂକ୍ଷେପରେ

### ବେଆଇନ ଅସ୍ତ୍ର ମାମଲା ମଣିପୁର କଂଗ୍ରେସ ବିଧାୟକ ଗିରଫ

**ନୂଆଦିଲ୍ଲୀ,୨୪।୮(ପି.ଟି.):** ମଣିପୁରର ସାଇକୁଲ ବିଧାନସଭା ଆସନରୁ କଂଗ୍ରେସ ବିଧାୟକ ଥିବା ୟାମଥୋଙ୍ଗ ହାଓକିପଙ୍କୁ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଶୁକ୍ରବାର ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ଗିରଫ କରିଛି। ଇମ୍ଫାଲର ଦ୍ୱିତୀୟ ମଣିପୁର ରାଇଫଲ୍ସ ବାଟାଲିୟନ ପରିସରରେ ଥିବା ପୋଲିସ ମହାନିର୍ଦ୍ଦେଶକଙ୍କ ଅସ୍ତ୍ରାଗାରରୁ ୫୬ ଟି ପିସ୍ତଲ ଓ ୫୮ ମାଗାଜିନ୍ ୨୦୧୬ ରୁ ୨୦୧୭ ଭିତରେ ଚୋରି ହୋଇଥିଲା। ଏହି ମାମଲାରେ ବିଧାୟକଙ୍କ ସମ୍ପୃକ୍ତି ଜଣାପଡିବା ପରେ ଏନ୍ଆଇଏ ତାଙ୍କ ଘର ତଲାସି ନେବା ବେଳେ ଚୋରି ହୋଇଥିବା ଏକ ପିସ୍ତଲ ଜବତ କରିଥିଲା। ଏହି ମାମଲାରେ ଶୁକ୍ରବାର ବିଧାୟକଙ୍କୁ ଏନ୍ଆଇଏର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ୟାମଥୋଙ୍ଗ ଅସୁସ୍ଥ ଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ହିମାଚଳପ୍ରଦେଶ ବିଧାନସଭା ସମ୍ମୁଖରେ ଖଣ୍ଡଯୁଦ୍ଧ

**ଶିମ୍ଲା, ୨୪।୮(ପି.ଟି.):** ହିମାଚଳପ୍ରଦେଶ ବିଧାନସଭା ସମ୍ମୁଖରେ ଶୁକ୍ରବାର ଯୁବ କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଉଭୟ ପକ୍ଷ ମଧ୍ୟରେ ପ୍ରବଳ ସଂଘର୍ଷ ଘଟି ଅନେକେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ବିଧାନସଭା ଗୃହରେ ହୁଲସ୍ଥୂଳ ହୋଇଥିଲା। ବିରୋଧୀ କଂଗ୍ରେସର ବିଧାୟକମାନେ ହଟ୍ଟଗୋଳ କରିବା ସହ କକ୍ଷତ୍ୟାଗ କରିଥିଲେ। ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ଆଣି ସ୍ମାରକପତ୍ର ପ୍ରଦାନ କରିବା ଲାଗି ଯୁବ କଂଗ୍ରେସ କର୍ମୀମାନେ ବିଧାନସଭା ଅଭିମୁଖେ ମାଡ଼ିଯାଇଥିଲେ। କିନ୍ତୁ ସେମାନଙ୍କୁ ଅଟକାଇଥିଲା ପୋଲିସ। ଏହାପରେ ଦୁଇପକ୍ଷ ହାତାହାତି ହୋଇଯାଇଥିଲେ। ୧୨ କଂଗ୍ରେସ କର୍ମୀ ଆହତ ହୋଇଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

### କ୍ୟାବିନେଟ୍ ନିଷ୍ପତ୍ତି ବିହାର ଏବଂ ଓଡ଼ିଶା ତୀର୍ଥସ୍ଥାନ ଅଧିନିୟମ ଉଚ୍ଛେଦ ହେବ

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ଦୀର୍ଘ ୮୮ ବର୍ଷ ଧରି ଚଳି ଆସୁଥିବା ବିହାର ଏବଂ ଓଡିଶା ତୀର୍ଥସ୍ଥାନ ଅଧିନିୟମ-୧୯୨୦କୁ ରଦ୍ଦ କରାଯିବ। ଏ ନେଇ ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏହି ଅଧିନିୟମରେ ତୀର୍ଥଯାତ୍ରୀମାନଙ୍କ ପାଇଁ ଲାଇସେନ୍ସ ମଞ୍ଜୁରୀ, ସ୍ୱାସ୍ଥ୍ୟ ଅଧିକାରୀ ସେହି ଗୃହଗୁଡିକୁ ନିରୀକ୍ଷଣ କରିବା ସହିତ ଅଧିନିୟମର ଉଲ୍ଲଂଘନ କଲେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଉକ୍ତ ଅଧିନିୟମର ଧାରା-୨୦ରେ ଲଜିଂହାଉସ ପାଣ୍ଠି ଗଠନ ପାଇଁ ବ୍ୟବସ୍ଥା ରହିଛି। ଆସୁଥିବା ଯାତ୍ରୀମାନଙ୍କୁ ସୁବିଧା ଯୋଗାଇ ଦେବା ସକାଶେ ଫି ଆଦାୟ କରାଯାଉଥିଲା। ତେବେ ଏହି ବହୁ ପୁରୁଣା ଅଧିନିୟମକୁ ରଦ୍ଦ କରି ଦିଆଯିବ। ଏହାଦ୍ୱାରା ବର୍ଷକୁ ୧ କୋଟି ଟଙ୍କାର ରାଜସ୍ୱ ହାନି ହେବ।

### ବନାବିରା ଗୁଳିକାଣ୍ଡ ୨ ଜଣଙ୍କୁ ହାଇକୋର୍ଟରୁ ଜାମିନ

**କଟକ ଅଫିସ, ୨୪।୮:** ବନାବିରା ଗୁଳିକାଣ୍ଡ ମାମଲାରେ ଗିରଫ ଜୟପ୍ରକାଶ ଅଗ୍ରୱାଲ ଓ ନାରାୟଣ ପ୍ରଧାନଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଉକ୍ତ ମାମଲାରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ବବୁଲ ନାୟକଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ସୂଚନାଥାଉ କି, ବିଜେପୁର ଉପନିର୍ବାଚନ ସମୟରେ ଉକ୍ତ ଘଟଣାଟି ଘଟିଥିଲା। ନିର୍ବାଚନ ପୂର୍ବ ରାତିରେ ବନାବିରା ନିକଟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ସୁବ୍ରତ ସିଂଙ୍କ ଗାଡ଼ିର ଡ୍ରାଇଭର ଦିଲେଶ୍ୱର ସାହୁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ଭାଜପା ନେତା ଜୟନାରାୟଣଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରିଥିଲା।



ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଉଛି।

# ମହିଳାମାନେ ଦଳର ମୂଳଭିତ୍ତି

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

ମହିଳାମାନେ ଦଳର ମୂଳଭିତ୍ତି। ସେମାନଙ୍କ ଉଦ୍ୟମ ଯୋଗୁ ହିଁ ବିଜୁ ଜନତା ଦଳର ଆଦର୍ଶ ଏବଂ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିପାରିଛି। ମହିଳାଙ୍କ ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ବିଜୁ ମହିଳା ଜନତା ଦଳ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀ ସଶକ୍ତୀକରଣ ହିଁ ବିକାଶକୁ ତ୍ୱରାନ୍ୱିତ କରିଛି। ମିଶନ୍ ଶକ୍ତି ଯୋଜନା ମାଧ୍ୟମରେ ୧ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ଏହି ଯୋଜନା ସଫଳତାର ସହ ମହିଳାଙ୍କୁ ସଶକ୍ତ କରିଛି। ଅଗଷ୍ଟ ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଛି। ମହିଳାଙ୍କ ସୁବିଧା ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ସହାୟତା ରାଶି ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ସବୁ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ ଆୟୋଜନ କରାଯିବ। ଦଳ ପକ୍ଷରୁ ପ୍ରତିବର୍ଷ ହେଉଥିବା ପଦଯାତ୍ରାରେ ଗୋଟିଏ ଦିନ ସ୍ୱତନ୍ତ୍ର ଭାବେ କେବଳ ମହିଳାଙ୍କୁ ନେଇ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ନବୀନ କାର୍ଯ୍ୟକାରିଣୀରେ ଉପସ୍ଥିତ ଥିବା ସମସ୍ତ ମନ୍ତ୍ରୀ , ବିଧାୟିକା ଏବଂ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସାଧାରଣ ନିର୍ବାଚନକୁ ୮ ମାସରୁ କମ୍ ସମୟ ଥିବାବେଳେ ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଦଳ କାର୍ଯ୍ୟକାରିଣୀ ଆୟୋଜନ କରିଥିବା ଜଣାପଡିଛି। ବିଜୁ ମହିଳା ବିଜେଡିର କର୍ମକର୍ତ୍ତା ଏବଂ ଅନ୍ୟ ନେତୃବୃନ୍ଦ ଉଭୟ କଂଗ୍ରେସ ଓ ଭାଜପା ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ମିଶନ୍ ଶକ୍ତି ହେଉ ମମତା ଯୋଜନା ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କ ଉନ୍ନତିରେ ସହାୟକ ହୋଇଛି। ଗ୍ରାମାଞ୍ଚଳର ନାରୀଟିଏ ଆଜି ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିପାରୁଛି। ଆଇନଶୃଙ୍ଖଳା ସ୍ଥିତିରେ ପରିବର୍ତ୍ତନ ଆସିଛି। କେନ୍ଦ୍ର ସରକାର ବଡ ବଡ କଥା କହୁଥିଲେ ମଧ୍ୟ ଦେଶରେ ମହିଳାମାନେ ଅସୁରକ୍ଷିତ ବୋଲି ରିପୋର୍ଟ ଆସିଛି। ତେଣୁ ରାଜ୍ୟରେ ମହିଳାଙ୍କ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ନବୀନବାବୁଙ୍କୁ ପୁନଃ ନିର୍ବାଚିତ କରିବା ଆବଶ୍ୟକ ବୋଲି ପ୍ରମିଳା କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଗତ ଦିନର କଂଗ୍ରେସ ଶାସନ ଏବଂ ବର୍ତ୍ତମାନର ବିଜେଡି ଶାସନ ମଧ୍ୟରେ ତୁଳନାତ୍ମକ ଚିତ୍ର ରଖିଥିଲେ। ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରାଜଶ୍ରୀ ମଲ୍ଲିକ ପ୍ରମୁଖ କେନ୍ଦ୍ର ଅବହେଳା ସମ୍ପର୍କରେ ମତ ରଖିଥିଲେ। ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳର କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଆଲୋଚନା ପରେ ୬ଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବଗୁଡିକ ହେଉଛି- ତୃଣମୂଳ ସ୍ତରରେ ଦଳୀୟ ବାର୍ତ୍ତାର ପ୍ରଚାର, ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଉପରେ ଗୁରୁତ୍ୱ, କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କୁ ଗୁରୁତ୍ୱ, ରାଜନୈତିକ ସଶକ୍ତୀକରଣ, ଦଳୀୟ ସଭ୍ୟ ସଂଖ୍ୟା ବୃଦ୍ଧି ଏବଂ ମହାନଦୀ ଆନ୍ଦୋଳନକୁ ତୀବ୍ରତର କରିବା।

**ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ**

- ସେପ୍ଟେମ୍ବର ୨୪ରୁ ୩୦ ପ୍ରତି ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ
- ମହିଳାଙ୍କୁ ନେଇ ଗୋଟିଏ ଦିନ ସ୍ୱତନ୍ତ୍ର ପଦଯାତ୍ରା
- ମିଶନ୍ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମମତା ଯୋଜନା ଆଣିଛି ସଫଳତା

## ସୁବାସ ସିଂ ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଭାପତି

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ ସୁବାସ ସିଂ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। କର୍ମଚାରୀ ମହାସଂଘର ପ୍ରଥମ ସମ୍ମିଳନୀ ଶୁକ୍ରବାର କ୍ୟାପିଟାଲ୍ ହସ୍ପିଟାଲସ୍ଥିତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଣବ ପ୍ରକାଶ ଦାସ, ରାଜେନ୍ଦ୍ର ପ୍ରସାଦ ସିଂହ, ଦେବଦାସ ମହାନ୍ତି ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ସଂଘର କାର୍ଯ୍ୟକାରୀ ସଭାପତି ଭାବେ ରାଜୀବ ମହାନ୍ତି, ଉପ-ସଭାପତି ଭାବେ ମଳୟ କୁମାର ନନ୍ଦ, ଅରୁଣ ମହାନ୍ତି, ପଙ୍କଜ କୁମାର ତ୍ରିପାଠୀ, ବିଶୁଦ୍ଧାନନ୍ଦ ପରିଜା, ସାଧାରଣ ସଂପାଦକ ଭାବେ ଅମର ପ୍ରତାପ ସିଂହ, ସମ୍ପାଦକ ଭାବେ ପ୍ରଫୁଲ୍ଲ ପାଢ଼ୀ, ମନୋରଞ୍ଜନ ବିଶ୍ୱାଳ, ସାଙ୍ଗଠନିକ ସମ୍ପାଦକ ଭାବେ ବିଜୟ କୁମାର ଭୁଜବଳ, ଯୁଗ୍ମ ସମ୍ପାଦକ ଭାବେ କୁମାର ଜିତେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ଶିଶିର କୁମାର ପଣ୍ଡା, ମିଡିଆ ସମ୍ପାଦକ ଭାବେ ଆଲୋକ ରଞ୍ଜନ ନାୟକ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

ସମ୍ମିଳନୀରେ ଠିକା ଶ୍ରମିକମାନଙ୍କୁ ବିଦ୍ୟୁତ ବିଭାଗରେ ଚୁକ୍ତିଭିତ୍ତିକ ଶ୍ରମିକ ଭାବରେ ଗ୍ରହଣ କରିବା, ୧୦ମ ମଜୁରି ନିର୍ଦ୍ଧାରଣରେ ଥିବା ଅସଙ୍ଗତି ସଂଶୋଧନ କରିବା, ସମସ୍ତ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ନିୟମିତ କରିବା, ମିଟର ରିଡିଂ କାର୍ଯ୍ୟ ବିଭାଗ ଦ୍ୱାରା ପରିଚାଳନା କରିବା ଏବଂ ଶ୍ରମିକଙ୍କୁ କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକ ରୂପେ ମାନ୍ୟତା ପ୍ରଦାନ କରିବା ପ୍ରସ୍ତାବଗୁଡିକ ଗୃହୀତ ହୋଇଛି।

## ଜାତୀୟସ୍ତରରେ ଆଲୁମିନିୟମ ନୀତି ଆବଶ୍ୟକ: ଚାନ୍ଦ




**ବାଙ୍ଗାଲୋର,୨୪।୮**

**ବାର୍ଷିକ ଜାତୀୟ ଆଲୁମିନିୟମ ସମ୍ମିଳନୀ**

ଘରୋଇ ବଜାରର ଆଲୁମିନିୟମ୍ ଉଦ୍ୟୋଗ ପାଇଁ ଜାତୀୟ ଆଲୁମିନିୟମ୍ ନୀତିର ଆବଶ୍ୟକତା ରହିଛି। ଦେଶରେ ୧୦ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିବାକୁ ହେଲେ ଏଭଳି ଏକ ନୀତିର ପ୍ରୟୋଜନ ରହିଛି। ସେହିଭଳି ୭୫% ଆନୁଷଙ୍ଗିକ ଶିଳ୍ପରୁ ଉତ୍ପାଦନ ବୃଦ୍ଧି ପ୍ରସଙ୍ଗକୁ ଅଣଦେଖା କରାଯାଇ ନ ପାରେ। ଅନ୍ତର୍ଜାତୀୟ ସ୍ତରରେ ଆଲୁମିନିୟମ୍ ଉପଯୋଗିତା ତୁଳନାରେ ଘରୋଇ ବଜାରର ଉପଯୋଗିତା ଅତି ନଗଣ୍ୟ। ଏପରି ସ୍ଥିତିରେ ଭାରତରେ ଆଲୁମିନିୟମର ମୁଣ୍ଡ ପିଛା ବ୍ୟବହାର ଦୁଇଗୁଣ ବଢାଇବା ପାଇଁ ଏହାର ଉପଯୋଗିତା ସଂଖ୍ୟା ବୃଦ୍ଧି , ୭୫% ମୂଲ୍ୟ ସଂଯୁକ୍ତିର ଆବଶ୍ୟକତା ଉପରେ ନାଲ୍କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ବେଙ୍ଗାଲୁରୁଠାରେ ଅନୁଷ୍ଠିତ ବାର୍ଷିକ ଜାତୀୟ ଆଲୁମିନିୟମ ସମ୍ମିଳନୀ ଅବସରରେ ଚାନ୍ଦ ଏହା ଉପରେ ମତ ରଖିଛନ୍ତି।

ସେହିଭଳି ଆଲୁମିନିୟମ୍ ଶିଳ୍ପରେ ନିଯୁକ୍ତି ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ୧୦ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ପୂରଣ ହୋଇପାରିଲେ ଦେଶରେ ୧.୨ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଏହା କ୍ଷମତା ରଖିବ। ଅନୁଗୋଳ ଆଲୁମିନିୟମ ପାର୍କରେ ପ୍ରକଳ୍ପ ସ୍ଥାପନ ଲାଗି ସେ ନିବେଶକଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ପାର୍କ ନାଲ୍କୋ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ସ୍ଥାପନ ହେଉଛି। ପ୍ରମୁଖ ଶିଳ୍ପଗୁଡିକ ମଧ୍ୟରେ ଆଲୁମିନିୟମକୁ ସାମିଲ କରାଇବା ପାଇଁ ଏହି ଅବସରରେ ସେ ଅନୁରୋଧ କରିଥିଲେ। ଟ୍ରେଡ୍ କମିଶନର ପ୍ରଫେସର ଆଲବର୍ଟୋଙ୍କ ନେତୃତ୍ୱରେ ଆସିଥିବା ଇଟାଲୀୟ ପ୍ରତିନିଧି ମଣ୍ଡଳୀ ଭାରତ ଓ ଇଟାଲୀ ମଧ୍ୟରେ ଆଲୁମିନିୟମ ଶିଳ୍ପ ଉପରେ ସମ୍ଭାବନା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଅବସରରେ ଆଲୁମିନିୟମ ଶିଳ୍ପର ବିଶିଷ୍ଟ ବ୍ୟକ୍ତିବିଶେଷ, ନୀତି ନିର୍ଦ୍ଧାରକ, ବୈଷୟିକ ବିଶେଷଜ୍ଞ ଓ ବୈଦେଶିକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ସବୁ ଜିଲାର ନଦୀରେ ବିସର୍ଜନ ହେବ ବାଜପେୟୀଙ୍କ ଅସ୍ଥି

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ କଳସ ରାଜ୍ୟର ସବୁଜିଲାର ଭାଜପା ଜିଲା ସଭାପତିମାନଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ସମସ୍ତ ଜିଲାରେ ଥିବା ନଦୀରେ ବାଜପେୟୀଙ୍କ ଅସ୍ଥି ବିସର୍ଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଆଦି ନଦୀରେ ଅସ୍ଥି ବିସର୍ଜନ କରାଯିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବାଜପେୟୀ ଭାରତର ସର୍ବସମ୍ମତ ସାମାଜିକ ଚେତନା ଥିଲେ। ତାଙ୍କ ସହ ସମଗ୍ର ଭାରତ ସମେତ ଓଡ଼ିଆ ଲୋକମାନଙ୍କର ଏକ ଭାବଗତ ସମ୍ପର୍କ ଥିଲା।



ଜିଲାଗୁଡ଼ିକର ନଦୀରେ ବିସର୍ଜନ ପାଇଁ ବାଜପେୟୀଙ୍କ ଅସ୍ଥି କଳସକୁ ଦିଆଯାଉଛି।

# ପାପଡ଼ାହାଣ୍ଡି ସଂଗ୍ରାମ ଉପରେ ପ୍ରକାଶ ପାଇବ ସ୍ୱତନ୍ତ୍ର ପୁସ୍ତକ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

**ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ**



ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ଉତ୍ସବରେ ଅତିଥିଗଣ।

୧୯୪୨ ଅଗଷ୍ଟ ବିପ୍ଳବ ସମୟରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ସଙ୍ଗଠିତ ସଂଗ୍ରାମ ଓ ତା'ର ପରିଣତି ଉପରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ପୁସ୍ତକ ପ୍ରକାଶ କରାଯିବ। ଏହାଦ୍ୱାରା ପାପଡ଼ାହାଣ୍ଡି ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଆମ ଉତ୍ତରପିଢ଼ିମାନେ ଅବଗତ ହୋଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ଏହାସହ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ ନିମନ୍ତେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

୧୯୪୨ ମସିହା ଅଗଷ୍ଟ ୨୪ରେ ଭାରତ ଛାଡ଼ ଡାକରାରେ ଡାବୁଗାଁରେ ଏକ ସମାବେଶ କରିବାକୁ ବହୁ ସରଳ, ନିରୀହ ଆଦିବାସୀ ଜନତା ଯାଉଥିବା ବେଳେ ପୋଲିସର ନିର୍ମମ ଗୁଳିଚାଳନାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ୧୧ଜଣ ପ୍ରାଣ ହରାଇଥିଲେ। ସେହିଭଳି ଚିକିତ୍ସାଧୀନ ଅବସ୍ଥାରେ ୮ଜଣ ଓ କାରାବରଣ କରୁଥିବା ଅବସ୍ଥାରେ ୨୪ଜଣ ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିଲା। ଶତାଧିକ ଆହତ ହୋଇଥିଲେ। ଏହି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ ରହିଥିବା ବେଳେ ଏହାକୁ ପରବର୍ତ୍ତୀ ସମୟରେ ପାପଡ଼ାହାଣ୍ଡି ସଂଗ୍ରାମ କୁହାଗଲା ବୋଲି ଏମ୍‌ପି ବଳଭଦ୍ର ମାଝି, ଝିନ୍ନ ହିକକା, ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଧାୟକ ମାନସ ମାଡକାମୀ ପ୍ରମୁଖ କହିଥିଲେ। ଏହି ଅବସରରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ ପାପଡ଼ାହାଣ୍ଡି ସଂଗ୍ରାମର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଉପସ୍ଥାପନ କରିଥିଲେ। ଏହାସହ ନବରଙ୍ଗପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ ଓ ପାପଡ଼ାହାଣ୍ଡି ସଂଗ୍ରାମର ଅନ୍ୟତମ ନେତା ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ପୁଅ ସତ୍ୟପ୍ରିୟ ଦାସ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଆକାଶବାଣୀ ବିବିଧ ଭାରତୀର କାର୍ଯ୍ୟକ୍ରମ ଅଧିକାରୀ ଗୌରଚନ୍ଦ୍ର ତ୍ରିପାଠୀ ନବରଙ୍ଗପୁରରେ ସ୍ୱାଧୀନତା ସଂଗ୍ରାମ ପରିପ୍ରେକ୍ଷୀରେ ଆଦିବାସୀମାନଙ୍କ ଅସଙ୍ଗଠିତ ପ୍ରତିବାଦ ଓ ପରବର୍ତ୍ତୀ ସମୟରେ ସଙ୍ଗଠିତ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତଭାଷଣ ଏବଂ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡ. ଈଶ୍ୱର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟର ମୀରା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

■ ଜୀବନ ବଞ୍ଚାଇବାକୁ ଯାଇ ଜୀବନ ଗଲା

## ଟ୍ରେନ୍ ଧକ୍କାରେ ମାଈଁ, ଭଣଜା ମୃତ

**ବେଲପାହାଡ଼,୨୪।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ନୂଆପଡ଼ା ବସ୍ତିରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଟ୍ରେନ୍ ଧକ୍କାରେ ଜଣେ ମହିଳା ଓ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେବୀ ଗୁପ୍ତା (୪୫) ଓ ତାଙ୍କ ଭଣଜା ନିଖିଲ ଗୁପ୍ତା (୫)। ଟ୍ରେନ୍ ଦେଖିବା ପାଇଁ ଶୁକ୍ରବାର ସକାଳେ ନିଖିଲ ଘର ନିକଟ ରେଳ ଧାରଣା ଆଡ଼କୁ ଧାଇଁ ପଳାଇଥିଲେ। ଏହି ସମୟରେ ଦ୍ରୁତଗତିରେ ଅହମ୍ମଦାବାଦ ଏକ୍ସପ୍ରେସ୍ ଟ୍ରେନ ମାଡ଼ି ଆସୁଥିଲା। ଟ୍ରେନ ହର୍ନ ଶୁଣି ଦେବୀ ନିଖିଲଙ୍କୁ ବଞ୍ଚାଇବା ପାଇଁ ରେଳ ଧାରଣା ଉପରକୁ ଦୌଡ଼ିଥିଲେ। ହେଲେ ଉଭୟଙ୍କ ପାଇଁ ମୃତ୍ୟୁ ଖୁବ୍ ନିକଟତର ହୋଇପଡିଥିଲା। ଟ୍ରେନ୍ ଧକ୍କାରେ ଦୁହେଁ କିଛିଦୂର ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଦେବୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ନିଖିଲଙ୍କ ଟିଆର୍ଏଲ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଅଗଷ୍ଟ, ୨୦୧୮



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଙ୍କୁଳସ୍ତରୀୟ ବିଜ୍ଞାନ, ଭୂଗୋଳ ଓ ଫାଇନ୍ ଆର୍ଟ ପ୍ରଦର୍ଶନୀ ଉଦ୍‌ଘାଟନ, ସରସ୍ୱତୀ ବିଦ୍ୟାମନ୍ଦିର, ଫକୀରମୋହନ ନଗର, ବରମୁଣ୍ଡା, ସକାଳ ୯ଟା।
- ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ସକାଳ ୯ଟା। ପୁରସ୍କାର ବିତରଣ ଉତ୍ସବ, ଅପରାହ୍ନ ୪ଟା।
- ବିଶିଷ୍ଟ ମୂର୍ତ୍ତିକାର ବିପ୍ର ଚରଣ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଶାସ୍ତ୍ରୀନଗର, ବିଦ୍ୟୁତ୍ ମାର୍ଗ, ସକାଳ ୯ଟା ୩୦।
- ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ-୨୦୧୮', ଦି ନ୍ୟୁ ମାରିୟନ, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦।
- ଉତ୍କଳ ଫଟୋଗ୍ରାଫି କ୍ଲବ ପକ୍ଷରୁ ଫଟୋ ମହୋତ୍ସବ 'ଚିତ୍ରବର୍ଣ୍ଣାଳୀ'ର ପଞ୍ଚମ ଦିବସ, ଲଳିତ କଳା ଏକାଡେମୀ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୨୦ରୁ ରାତି ୭ଟା ୩୦।
- ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ଭଗବତୀ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୧ଟା ୩୦।
- ସମୃଦ୍ଧ ଭାରତ ଗଠନ ପାଇଁ ଶିକ୍ଷା ସଂସ୍କାର ଓ ମୌଳିକ ସଚେତନତା ଅଭିଯାନ, ମହାତ୍ମା ଗାନ୍ଧୀ ମାର୍ଗ, ମଧ୍ୟାହ୍ନ ୧୨ଟା।
- ଜାତୀୟ ଜୁନିୟର ସଫ୍ଟବଲ୍ ଚାମ୍ପିୟନଶିପ୍ ମାସ୍କଟ ଉନ୍ମୋଚନ, ହୋଟେଲ ସୁତୃପ୍ତି, ଅପରାହ୍ନ ୧୨ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଓ ଡ. ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ, ଶ୍ରୀ ଶିବାନନ୍ଦ ଶତବାର୍ଷିକୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷ, ଚିଦାନନ୍ଦ ବିହାର, ଖଣ୍ଡଗିରି, ଅପରାହ୍ନ ୪ଟା ୩୦।
- ଶରତ କୁମାର ଦାଶଙ୍କ ସପ୍ତମ କବିତା ସଙ୍କଳନ ଓ ସଙ୍ଗୀତ ଆଲବମ୍ 'ସୀମାହୀନ'ର ଉନ୍ମୋଚନ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପଦମୃତ ନୃତ୍ୟାୟନ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ବିମୁଗ୍ଧା', ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନ, ଓଡ଼ିଶା କୃଷକ ସମାଜ ଭବନ, ସନ୍ଧ୍ୟା ୬ଟା।
- ଦି ଫୋରମ୍ ଫର୍ ଆୱାର୍‌ନେସ ଅଫ୍ ନ୍ୟାଶନାଲ ସିକ୍ୟୁରିଟି, ଓଡ଼ିଶା ଚାପ୍ଟର ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ରେଡ୍‌କ୍ରସ ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରି ପରିସର, ପ୍ଲଟ୍ ନଂ. ୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଶ୍ରୀଶ୍ରୀ ରାଧାମୋହନଜୀଉଙ୍କ ଝୁଲଣ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ଏକାମ୍ର ସତ୍ୟସେବାଶ୍ରମ, ବୈକୁଣ୍ଠ ସରଣୀ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୩୦।

**କଟକ**

- ଓଡ଼ିଶା ଆର୍ଟିଷ୍ଟ କନେକ୍ସନ ପକ୍ଷରୁ ବସ୍ତି ଅଞ୍ଚଳରେ ସମାଜ ସଚେତନତା କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ଥିଏଟର, ବକ୍ସିବଜାର, ପୂର୍ବାହ୍ନ ୧୦ଟା ୩୦।
- ଭାଜପା, କଟକ ନଗର ଜିଲା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ, ଚହଟାଘାଟ, ପୂର୍ବାହ୍ନ ୧୧ଟା।
- ୟୁକୋ ବ୍ୟାଙ୍କ, କଲେକ୍ଟୋରେଟ୍ ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସିଭିଲ କୋର୍ଟ ପରିସର, କଟକ ବାର୍ ଆସୋସିଏଶନ, ପୂର୍ବାହ୍ନ ୧୧ଟା।
- ୨୯ତମ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ଉଦ୍‌ଯାପନ, ପ୍ରତୀକ୍ଷା ପରିସର, ମହାନଦୀ ବିହାର, ଅପରାହ୍ନ ୪ଟା।
- ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନାଗରିକ ଶ୍ରଦ୍ଧାଞ୍ଜଳି ସଭା, ଶହୀଦ ଭବନ, ଅପରାହ୍ନ ୫ଟା।

**ପୁରୀ**

- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର କବିତା ଆସର, ସଦ୍‌ଭାବନା ଗୃହ, ହରିହର ଛକ, ପୂର୍ବାହ୍ନ ୧୦ଟା।
- ସୁନୀଲ ମିଶ୍ର ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ, ଜିଲା ସ୍କୁଲ, ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପନ, ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ଅପରାହ୍ନ ୨ଟା।
- ସର୍ବୋଦୟ ମେଳା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଗାନ୍ଧୀ ସ୍ମୃତିପୀଠ, ଅପରାହ୍ନ ୪ଟା ୩୦।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଲୋକନାଥ ଲଜ୍, ଟାଉନ୍ ଥାନା ନିକଟ, ଅପରାହ୍ନ ୫ଟା ୩୦।
- ଲେଖକ ସହଯୋଗ ସମିତି ପକ୍ଷରୁ ଝୁଲଣ ଭଜନ ସନ୍ଧ୍ୟା, ସଦ୍‌ଭାବନା ଗୃହ, ସନ୍ଧ୍ୟା ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କଅଁଳ କାନ୍ଧରେ ଅତିଶୟ ବୋଝ

## ଜୀବନବ୍ୟାପୀ ଅଣ୍ଟାରୋଗର କାରଣ ହୋଇପାରେ



କଅଁଳ କାନ୍ଧରେ ବହିବସ୍ତାନିର ଅତିଶୟ ବୋଝ। କୋମଳମତି ଛାତ୍ରୀଛାତ୍ରଙ୍କ କାନ୍ଧରେ ଓଜନିଆ ସ୍କୁଲ ବ୍ୟାଗ୍ ଏବେ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି। ଖାସ୍‌କରି ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ଏହି ସମସ୍ୟା ଅଧିକ ମାତ୍ରାରେ ପରିଲକ୍ଷିତ ହେଉଛି। ନିକଟରେ ଆସୋଚାମ୍ (ଆସୋସିଏଟେଡ୍ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ ଇଣ୍ଡିଆ) ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟକୁ ଦେଖିଲେ, ସ୍କୁଲ ବ୍ୟାଗ ଓଜନ ରହିବା ଯୋଗୁ ଇଂଲିଶ ମିଡିୟମ ସ୍କୁଲରେ ପାଠ ପଢୁଥିବା ପିଲାଙ୍କ ମଧ୍ୟରୁ ୬୦ ପ୍ରତିଶତ ପିଲା ମେରୁଦଣ୍ଡଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି।

– ରିପୋର୍ଟ: ନିର୍ମଳ ପଣ୍ଡା, ଅସମାପିକା ସାହୁ, ବନ୍ଦନା ସେଠୀ

## ଓଡ଼ିଶା ହାଇକୋର୍ଟରେ ମାମଲା ବିଚାରାଧୀନ

ଓଜନିଆ ସ୍କୁଲ ବ୍ୟାଗ୍‌କୁ ନେଇ ୨୦୧୫ରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଆଡଭୋକେଟ ଡ. କହ୍ନେୟାଲାଲ ଶର୍ମାଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଏହି ମାମଲା ବିଚାରାଧୀନ ଅଛି। ଡ. ଶର୍ମା ନିଜ ପିଟିଶନରେ କେନ୍ଦ୍ର ସରକାର, ରାଜ୍ୟ ଗଣଶିକ୍ଷା ବିଭାଗ ସଚିବ, ନ୍ୟାଶନାଲ କମିଶନ ଫର ପ୍ରୋଟେକ୍‌ଶନ ଅଫ ଚାଇଲ୍ଡ ରାଇଟ୍ସ (ଏନ୍‌ସିପିସିଆର୍) ଅଧ୍ୟକ୍ଷ, ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍‌ଶନ ଅଫ ଚାଇଲ୍ଡ ରାଇଟ୍ସ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷ, ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଅଧ୍ୟକ୍ଷ ଓ ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆଡଭୋକେଟ ଶର୍ମା ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଆବଶ୍ୟକତାଠାରୁ ଅଧିକ ପାଠ୍ୟକ୍ରମର ବୋଝ ଦେଉଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ ପ୍ରସ୍ତୁତ କରିଛି। ଏହି ଅନୁଯାୟୀ, କେଉଁ ଶ୍ରେଣୀରେ କେଉଁ ପାଠ ପଢାଯିବ ସେ ନେଇ ଖସଡ଼ା ପ୍ରସ୍ତୁତ କରାଯାଇଛି। ଯଥା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ମାତ୍ର ୨ଟି ବିଷୟ ଥିବାବେଳେ ତୃତୀୟ ଶ୍ରେଣୀ ପାଇଁ ୩ଟି ବିଷୟକୁ ଏନ୍‌ସିଇଆର୍‌ଟି ପ୍ରସ୍ତୁତ କରିଛି। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମୱାର୍କ ଦିଆଯାଉଛି। ଯେଉଁଥିପାଇଁ ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ବହିର ଓଜନ ଯଥେଷ୍ଟ ବୃଦ୍ଧି ପାଉଛି। ଆଡଭୋକେଟ ଶର୍ମା ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, କେତେଜଣ ବହି ଦୋକାନୀଙ୍କ ସହିତ ସ୍କୁଲ କର୍ତ୍ତୃପକ୍ଷଙ୍କ ଭିତିରି ସମ୍ପର୍କ ଥିବାରୁ ଅଯଥାରେ ପିଲାମାନଙ୍କୁ ବ୍ୟାଗର ବୋଝ ଦିଆଯାଉଛି। ଉଦାହରଣ ଦେଇ ସେ ଦର୍ଶାଇଛନ୍ତି ଯେ, ନର୍ସରୀ କ୍ଲାସରେ ପଢୁଥିବା ଜଣେ ସ୍କୁଲ ପିଲାକୁ ୧୩ ଖଣ୍ଡ ବହି ଦିଆଯାଇଛି। ଯାହାର ଦାମ ୨୫୦୦ ଟଙ୍କା। ପିଲାର ଶରୀର ଓଜନ ୧୦ କିଲୋଗ୍ରାମ ଭିତରେ ହୋଇଥିବା ବେଳେ ଉକ୍ତ ୧୩ ଖଣ୍ଡ ବହିର ଓଜନ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ ରହୁଛି। ବୟସ ଓ ଶ୍ରେଣୀ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହିତ ଅଯଥା ସ୍କୁଲବ୍ୟାଗ୍‌ର ବୋଝକୁ ରାଜ୍ୟରେ ନିଷିଦ୍ଧ କରିବା ପାଇଁ ଆଡଭୋକେଟ ଶର୍ମା ପିଟିଶନରେ ନିବେଦନ କରିଛନ୍ତି।



## ପିଲାମାନେ ଭାର ଉତ୍ତୋଳନକାରୀ ନୁହନ୍ତି: ମାଡ୍ରାସ ହାଇକୋର୍ଟ

ଓଜନିଆ ସ୍କୁଲ ବ୍ୟାଗ୍‌କୁ ନେଇ ମାଡ୍ରାସ ହାଇକୋର୍ଟ ଗତ ମେ ମାସ ୨୯ ତାରିଖରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ ରାୟରେ କହିଛନ୍ତି ଯେ, ସ୍କୁଲ ପିଲାମାନେ ଭାର ଉତ୍ତୋଳନକାରୀ ନୁହନ୍ତି କିମ୍ବା ସେମାନଙ୍କ ସ୍କୁଲ ବ୍ୟାଗ୍ ମାଲ୍ ପରିବହନ କରୁଥିବା ଡବା ନୁହେଁ। ଏମାନେ ହେଉଛନ୍ତି ଦେଶର ସମ୍ପଦ। ବୟସ ଅନୁଯାୟୀ ଏମାନଙ୍କୁ ପାଠ୍ୟକ୍ରମ ଦିଆଯିବା ଉଚିତ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ହୋମୱାର୍କକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ମାଡ୍ରାସ ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏପରିକି ସେଠାକାର ରାଜ୍ୟ ସରକାରଙ୍କୁ ସ୍କୁଲ ବ୍ୟାଗ୍ ଓଜନ ତନଖି କରିବା ପାଇଁ ଏକ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଯେଉଁ ସ୍କୁଲଗୁଡ଼ିକ ଏହି ଆଦେଶକୁ ଅବମାନନା କରିବେ ସେମାନଙ୍କ ସହବନ୍ଧନ (ଆଫିଲିଏଶନ) କାଟିଦେବାକୁ ହାଇକୋର୍ଟଙ୍କ ଆଦେଶ ରହିଛି।

### ହୋମ୍‌ୱାର୍କ ଖାତା ସ୍କୁଲ ନ ଆଣିବାକୁ କୁହାଯାଉଛି



ପିଲାମାନଙ୍କୁ ହୋମ୍‌ୱାର୍କ ଖାତା ସ୍କୁଲକୁ ନ ଆଣିବା ପାଇଁ କୁହାଯାଉଛି। ଦୈନନ୍ଦିନୀ ଖାତାରେ ହୋମ୍‌ୱାର୍କ ବିଷୟ ଉଲ୍ଲେଖ କରାଯାଉଛି। ତାହାକୁ ଅଭିଭାବକମାନେ ଜାଣିବା ସହ ପିଲାମାନଙ୍କୁ ହୋମ୍‌ୱାର୍କ କରିବାକୁ କହିବେ। ସପ୍ତାହରେ ଥରେ ସ୍କୁଲ ପକ୍ଷରୁ ହୋମ୍‌ୱାର୍କ ଖାତା ଯାଞ୍ଚ କରାଯାଉଛି। ଏହାଛଡ଼ା ଆବଶ୍ୟକ ଅନୁଯାୟୀ ବହି ଓ ଖାତା ଆଣିବାକୁ କୁହାଯାଉଛି। ସ୍କୁଲ ବ୍ୟାଗ୍ ଯେଭଳି ଓଜନିଆ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉଛି।

-ଦୁଃଶାସନ ପ୍ରଧାନ, ପ୍ରଧାନାଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପଟା, ରସୁଲଗଡ଼, ଭୁବନେଶ୍ୱର

### ସ୍କୁଲ ବ୍ୟାଗ୍ ଓଜନ ଶରୀର ଓଜନର ୧୦%ରୁ କମ୍ ଆବଶ୍ୟକ



ଏନ୍‌ସିପିସିଆର୍ ପ୍ରସ୍ତୁତ କରିଥିବା ନିୟମ ଅନୁଯାୟୀ, ଜଣେ ପିଲାର ଶରୀରର ସମୁଦାୟ ଓଜନ ଯେତିକି ସେ ସ୍କୁଲକୁ ନେଉଥିବା ବ୍ୟାଗ୍‌ର ଓଜନ ଶରୀର ଓଜନର ୧୦% ହେବା ଆବଶ୍ୟକ। ମାତ୍ର ସାମ୍ପ୍ରତିକ ସ୍ଥିତିରେ ସ୍କୁଲ ବ୍ୟାଗ୍‌ଗୁଡ଼ିକର ଓଜନ ଶରୀର ଓଜନର ୩୫ରୁ ୪୦ ପ୍ରତିଶତ ରହୁଛି।

-ଡ. କହ୍ନେୟାଲାଲ ଶର୍ମା, ଆଡଭୋକେଟ

### ହାଲ୍‌କା ବ୍ୟାଗ୍ ପାଇଁ ପରାମର୍ଶ ଦିଆଯାଉଛି



ଆମେ ବେଶ୍ ସଚେତନ ଅଛୁ। ପିଲାମାନଙ୍କୁ ପେନ୍‌ସିଲ ବକ୍ସ, କଭର ଥିବା ବହି, ପାଣି ବୋତଲ ଆଣିବାକୁ ବାରଣ କରାଯାଇଥିବା ବେଳେ ହାଲ୍‌କା ବ୍ୟାଗ୍ ଆଣିବା ପାଇଁ ପରାମର୍ଶ ଦିଆଯାଇଛି।

-ମୌସୁମୀ ଦାସ, ରାଜାବଗିଚା ଡିଏଭି ସ୍କୁଲର ପ୍ରିନ୍ସିପାଲ

### ବିଦ୍ୟାଳୟଗୁଡ଼ିକ ଚାହିଁଲେ ବ୍ୟାଗ୍ ଓଜନକୁ କମାଇପାରିବେ



ସ୍କୁଲ ବ୍ୟାଗ୍ ଓଜନ କେତେ ରହିବ ସେନେଇ ସିବିଏସ୍‌ଇ ପକ୍ଷରୁ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ବିଦ୍ୟାଳୟଗୁଡ଼ିକ ଚାହିଁଲେ ବ୍ୟାଗ୍ ଓଜନକୁ କମାଇପାରିବେ।

- ଦୀପକ କୁମାର ରାଉତ, ବରିଷ୍ଠ ଶିକ୍ଷକ, କଟକ କେନ୍ଦ୍ରୀୟ ବିଦ୍ୟାଳୟ-୧

### ଅଣ୍ଟା, କାନ୍ଧ, ବେକ ଯନ୍ତ୍ରଣା ଦେଖାଦେଇଥାଏ



ସ୍କୁଲ ବ୍ୟାଗ୍ ଓଜନିଆ ରହିବା ଯୋଗୁ ଏହା ଅଣ୍ଟାବଥାର କାରଣ ପାଲଟିଥାଏ। ଏପରିକି ଏହି ବ୍ୟଥା ଜୀବନସାରା ଭୋଗିବାକୁ ପଡ଼ିଥାଏ। କେବଳ ଅଣ୍ଟାବଥା ନୁହେଁ କାନ୍ଧ ଓ ବେକ ପ୍ରଭୃତି ସ୍ଥାନରେ ମଧ ଯନ୍ତ୍ରଣା ଦେଖାଦେଇଥାଏ।

- ଡାକ୍ତର ଅତନୁ ମହାନ୍ତି, ଏସ୍‌ସିବି ମେଡିକାଲର ଅସ୍ଥିଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର

### ସରକାର ଗୁରୁତ୍ୱର ସହ ନେବା ଉଚିତ



ଅଧିକ ବହି ଖାତା ନେଲେ ଅଧିକ ପଢ଼ାହେବ ବୋଲି ସ୍କୁଲରେ ପିଲାମାନଙ୍କ ମଧ୍ୟରେ ଏକ ପ୍ରକାର ମାନସିକତା ସୃଷ୍ଟି କରାଯାଉଛି। ପିଲାମାନଙ୍କୁ ମନା କରିଲେ ମଧ ସେମାନେ ନେଉଛନ୍ତି। ଶିକ୍ଷା ପ୍ରଣାଳୀ ଉପରେ ଆମର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ସରକାର ଏହାକୁ ଗୁରୁତ୍ୱର ସହ ନେବା ଉଚିତ। ସରକାର ଯେପର୍ଯ୍ୟନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଇଛନ୍ତି ସେ ପର୍ଯ୍ୟନ୍ତ ଏହା ଠିକ୍ ହେବ ନାହିଁ।

- ସୁଦର୍ଶନ ଦାସ, ଆବାହକ, ଓଡ଼ିଶା ଅଭିଭାବକ ମହାସଂଘ

### ୧ମ, ୨ୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବହି, ଖାତା ସ୍କୁଲରେ ରଖୁଛୁ



ଛୋଟ ପିଲାମାନଙ୍କୁ କୌଣସି ପ୍ରକାରେ ବୋଝ ପକାଇବା ଉଚିତ ନୁହେଁ। ପିଲାମାନଙ୍କୁ ଅଧିକ ହୋମ୍‌ୱାର୍କ ଦେବା ଉଚିତ ନୁହେଁ। ବିଶେଷ କରି ଛୋଟ ପିଲାଙ୍କୁ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଆମ ସ୍କୁଲରେ ଏହାକୁ ଆମେ ଗୁରୁତ୍ୱ ଦେଉଛୁ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କର ବହି ଓ ଖାତା ଆମେ ସ୍କୁଲରେ ରଖୁଛୁ। ଯେତିକି ଅଭିଭାବକମାନେ ଜାଣିବା ଉଚିତ ସେତିକି ଆମେ ଘରକୁ ପଠାଉଛୁ।

- ଆର୍ତ୍ତତ୍ରାଣ ମିଶ୍ର, ଅଧକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

### ମୋ ଝିଅ କାନ୍ଧରେ ଝୁଲୁଛି ତା' ଓଜନର ଅଧା ଭାରି ବ୍ୟାଗ୍



ବର୍ତ୍ତମାନ ମୋ ଝିଅ ପ୍ରଥମ ଶ୍ରେଣୀରେ ପାଠ ପଢୁଛି। ତା'ର ଓଜନ ଯେତିକି ତାହାର ଅଧାରୁ ଅଧିକ ଓଜନର ବ୍ୟାଗ ତା' କାନ୍ଧରେ ଝୁଲୁଛି। ପୁଣି ପ୍ରତିଦିନ ପ୍ରାୟ ପ୍ରତ୍ୟେକ ବିଷୟରେ ସେମାନଙ୍କୁ ହୋମ୍‌ୱାର୍କ ଦିଆଯାଉଛି। ତେଣୁ ଦିନକୁ ଦିନ ଶାରୀରିକ ଏବଂ ମାନସିକ ବୋଝ ସେମାନଙ୍କ ଉପରେ ଲଦି ହୋଇପଡୁଛି।

- କବିତା ଡାଙ୍ଗୁଆ, ଅଭିଭାବକ, ଭୁବନେଶ୍ୱର

### ପ୍ରତିଯୋଗିତା ପାଇଁ ପିଲାଙ୍କ ଉପରେ ପଡୁଛି ଅତିରିକ୍ତ ବୋଝ



ପୁଅ ଏବେ କେଜି ୱାନରେ ପଢୁଛି। ଏବେଠାରୁ ତା' ବ୍ୟାଗର ଓଜନ ଏତେ ଯେ ତାକୁ ମତେ ନେଇ ଯିବାକୁ ପଡୁଛି। ଇଂଲିଶ, ହିନ୍ଦୀ ବହି ଖାତା ସହ ଡ୍ରଇଂ ଏବଂ ଅନ୍ୟାନ୍ୟ ଖାତା, ବହି ନେଇ ସେ ଯାଉଛି। ପୁଣି ହୋମ୍‌ୱାର୍କ ଦିଆଯାଉଥିବାରୁ ସେଥିପାଇଁ ଅଲଗା ପାଠ୍ୟଉପକରଣର ଆବଶ୍ୟକତା ପଡୁଛି। ବର୍ତ୍ତମାନ ପାଠ ପଢା ଏକ ପ୍ରତିଯୋଗିତା ପାଲଟିଛି। ଆଉ ଏହି ପ୍ରତିଯୋଗିତାରେ ଛୋଟ ଛୋଟ ପିଲାମାନଙ୍କ ଉପରେ ଅତିରିକ୍ତ ବୋଝ ଲଦି ଦେଉଛନ୍ତି।

- ରଶ୍ମିରେଖା ଦାସ, ଅଭିଭାବକ, ଭୁବନେଶ୍ୱର





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୭୪ତମ ଜୟନ୍ତୀ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାହୁଲ ଆଚାର୍ଯ୍ୟ ଓଡ଼ିଶୀ ଏବଂ ଏମିଲି ଘୋଷ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

## ବ୍ରହ୍ମଗିରିରେ ଘୂର୍ଣ୍ଣିଝଡ଼: ଭାଙ୍ଗିଲା ଅନେକ ଘର

**ବ୍ରହ୍ମଗିରି,୨୪।୮(ଡି.ଏନ୍.ଏ.)**

ବ୍ରହ୍ମଗିରି ଅଞ୍ଚଳରେ ଶୁକ୍ରବାର ଘୂର୍ଣ୍ଣିଝଡ(ଖଣ୍ଡିଆଭୂତ) ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ଅନେକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଟୁଆ ଗ୍ରାମରେ ଶୁକ୍ରବାର ଅପରାହ୍ନ ସମୟରେ ଘୂର୍ଣ୍ଣିଝଡ (ଖଣ୍ଡିଆ ଭୂତ) ହୋଇଥିଲା। ଏହାର ପ୍ରଭାବରେ ଉକ୍ତ ଗ୍ରାମର କାଳିଆ ମୁଦୁଲିଙ୍କ ହାଣ୍ଡି ପୋଡା ଭାଟି ସମେତ ନିର୍ମାଣ ହୋଇଥିବା ମାଟି ସରଞ୍ଜାମ ଏବଂ ଜଳନ୍ଧର ପାତ୍ରଙ୍କ ଘର ଭଙ୍ଗିଯାଇଥିବା ଜଣାପଡିଛି। ଏହି ଘୂର୍ଣ୍ଣିଝଡରେ ମାଟିପାତ୍ର ବୁଲି ବୁଲି ଉପରକୁ ଉଠି ଏଣେ ତେଣେ ପଡୁଥିଲା। ଏହା ଦେଖି ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ୟୁଜିରେ ୪ ନୂଆ ପାଠ୍ୟକ୍ରମ, ପିଜିରେ ୧୨ ବିଭାଗ ଖୋଲିବ

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

କୃଷି ଶିକ୍ଷାକୁ ଅଧିକ ବ୍ୟାପକ କରାଯିବା ନିମନ୍ତେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଅଣ୍ଡରଗ୍ରାଜୁଏଟ୍ (ୟୁଜି)ରେ ୪ଟି ନୂଆ ପାଠ୍ୟକ୍ରମ ଆରମ୍ଭ ହେବ। ସେହିପରି ସ୍ନାତକୋତ୍ତର(ପିଜି)ରେ ୧୨ଟି ନୂଆ ବିଭାଗ ଖୋଲିବ। ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓୟୁଏଟି କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ ଏ ନେଇ ସୂଚନା ଦେଇଛନ୍ତି।

କୁଳପତି ଆଗାମୀ ଯୋଜନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୟୁଜିରେ ଆରମ୍ଭ ହେବାକୁ ଥିବା ୪ ନୂଆ ପାଠ୍ୟକ୍ରମ ହେଉଛି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ବିଜ୍ଞାନ, ଭୂଭାଗଦୃଶ୍ୟ ସ୍ଥାପତ୍ୟବିଦ୍ୟା, ସଂରକ୍ଷଣ ଜୀବବିଜ୍ଞାନ ଏବଂ ବନ୍ୟଜୀବ ବିଜ୍ଞାନ ଓ ପରିଚାଳନା। ସ୍ମାର୍ଟ ଶ୍ରେଣୀଗୃହ, ଅତ୍ୟାଧୁନିକ ଗବେଷଣାଗାର ଏବଂ ଉନ୍ନତ ଶିକ୍ଷାଦାନ ଫାର୍ମ ସ୍ଥାପନ, ଆଦର୍ଶ ଶିକ୍ଷାଦାନ କମ୍ପ୍ଲେକ୍ସ, ବିଶ୍ୱବିଦ୍ୟାଳୟ ସୁବିଧା କେନ୍ଦ୍ର, ୱାଇଫାଇ ଯୋଗାଯୋଗ, କ୍ରୀଡ଼ା କମ୍ପ୍ଲେକ୍ସ ଓ ନୂତନ ଛାତ୍ରାବାସ ନିର୍ମାଣ କରାଯିବାର ଯୋଜନା ରହିଛି। ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟ ଓ ଉଦ୍ୟାନ ମହାବିଦ୍ୟାଳୟ ଏବଂ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟଠାରେ ନୂତନ ସ୍ନାତକୋତ୍ତର ବିଭାଗ ସୃଷ୍ଟି କରାଯିବା ସହିତ ୫ଟି ନୂତନ କୃଷି ପଲିଟେକ୍‌ନିକ୍ କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି। ରାଜ୍ୟର ବିଭିନ୍ନ ଜିଲାରେ ୬ଟି କୃଷି କୌଶଳ ତାଲିମ କେନ୍ଦ୍ର ସ୍ଥାପନ କରାଯାଇ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ଏହା ମାଧ୍ୟମରେ ସେମାନଙ୍କ ଦକ୍ଷତା ବୃଦ୍ଧି ସହିତ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଡାଲି ଜାତୀୟ ଫସଲର ଜ୍ଞାନକୌଶଳ ବିକାଶ ନିମନ୍ତେ ଭାରତୀୟ ଡାଲି ଜାତୀୟ ଫସଲର ଆଞ୍ଚଳିକ ଗବେଷଣା କେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ ହେବ। ସାକ୍ଷୀଗୋପାଳଠାରେ ନଡ଼ିଆ ଓ ସମନ୍ୱିତ କୃଷି ପଦ୍ଧତି ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୩୯ ଏକର ଜାଗା ଯୋଗାଇ ଦିଆଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଟି କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ନିମନ୍ତେ 'ଡିଜିଟାଲ ଓୟୁଏଟି' ପାଇଁ ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ର, କୃଷକ ଓ ଜନସାଧାରଣଙ୍କ ଗୋଚରାର୍ଥେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ ନିମନ୍ତେ ଏକ ଆଦର୍ଶ ଟେକ୍ନୋ ପାର୍କ ସ୍ଥାପନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ରାଜ୍ୟ ସରକାରଙ୍କ ନିକଟରେ ୧୨୨.୮୭ କୋଟି ଟଙ୍କାର ଏକ ପ୍ରକଳ୍ପ ଉପସ୍ଥାପନ କରାଯାଇଛି। ଏଥିସହ ରାଜ୍ୟରେ କୃଷି କ୍ଷେତ୍ରର ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ସକାଶେ ୨୨୧.୩୪ କୋଟି ଟଙ୍କାର ଅନ୍ୟ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି। ରାଜ୍ୟରେ ଅପପୁଷ୍ଟି ଦୂରୀକରଣ ପାଇଁ ଚାଉଳରେ ଅଧିକ ଦସ୍ତା ଓ ଲୌହ ଥିବା ଧାନ କିସମ ବିକାଶ ଲାଗି ଗବେଷଣା କରାଯାଉଛି। ଆସନ୍ତା ବର୍ଷ ଏହା ବାହାରିବ ବୋଲି କୁଳପତି କହିଛନ୍ତି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ସାଲିଆସାହିରେ ଡେଙ୍ଗୁ: ଜଣେ ମୃତ



**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ସାଲିଆସାହି ନୀଳଚକ୍ର ନଗର ପ୍ରଧାନ ସାହିର ରାକେଶ କୁମାର ନାୟକ(୩୫)ଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ରାକେଶଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ଜ୍ୱର ହୋଇଥିଲା। ଗତ ୨୨ ତାରିଖରେ ଜ୍ୱର ହଠାତ ବଢ଼ିଯାଇଥିଲା। ପରିବାର ଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ରକ୍ତ ପରୀକ୍ଷା ପରେ ଡେଙ୍ଗୁ ଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨୩ ତାରିଖ ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି।

### ଦୁଇ ସାହି ଗଣ୍ଡଗୋଳ ଘଟଣାରେ ୩୦ ଗିରଫ

**ପୁରୀ ଅଫିସ, ୨୪।୮:** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଖାସାହି ଓ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତି ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଶୁକ୍ରବାର ବାସେଳିସାହି ଥାନା ପୋଲିସ ଉଭୟ ପକ୍ଷର ୩୦ଜଣଙ୍କୁ ଗିରଫ କରିଛି। ଗୋଖାସାହିର ପ୍ରେମାନନ୍ଦ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ.୬୬/୧୮ରେ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ୧୬ଙ୍କୁ ଗିରଫ କରିଛି। ସେହିପରି ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ପାର୍ବତୀ ଦେବୀଙ୍କ ଅଭିଯୋଗ କ୍ରମେ କେସ୍ ନଂ.୬୭/୧୮ରେ ୧୪ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ପ୍ରକାରେ, ଉଭୟ ସାହିର ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଗୁରୁବାର ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତି ଛକରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ଉଭୟ ସାହିର ଶତାଧିକ ମହିଳା, ପୁରୁଷଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଉଭୟପଟୁ ଢେଲା, ପଥର ମାଡ଼ ହୋଇଥିଲା।

# ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନରେ ଛାତ୍ରୀଛାତ୍ର






ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀର ଆଇଏମଟି ଫାର୍ମାସୀ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ (ଉପର) ଓ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଓ ଶିକ୍ଷକ।

**ପୁରୀ ଅଫିସ, ୨୪।୮**

ରାଜ୍ୟ ସରକାର ଅକ୍ଟୋବର ଦୁଇ ତାରିଖଠାରୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ସମର୍ଥନ ଜଣାଇ ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ ସାମିଲ ହେଉଛନ୍ତି। ଶୁକ୍ରବାର ଏହି ଅଭିଯାନରେ ସାମିଲ ହୋଇଛନ୍ତି ପୁରୀର ଆଇଏମଟି ଫାର୍ମାସୀ କଲେଜର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା ଏବଂ ଅଧ୍ୟାପକ। କଲେଜର ଡିଏମଏଲଟି, ବି ଫାର୍ମା, ଡି ଫାର୍ମା ଓ ଏମ ଫାର୍ମାର ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକ କ୍ୟାମ୍ପସ ପରିସରକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଶପଥ ପାଠ କରିଥିଲେ। ଏହି ଅବସରରେ କଲେଜର ପ୍ରଶାସନିକ ଅଧିକାରୀ ମନୋଜ ରଥ କହିଲେ, ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ପଲିଥିନର ବହୁଳ ବ୍ୟବହାର। ଦିନକୁ ଦିନ ଏହାର ମାତ୍ରା ବଢ଼ିବାରେ ଲାଗିଛି। ଦୈନନ୍ଦିନ ଜୀବନରେ ଏହା ଆମର ଅଭ୍ୟାସରେ ପରିଣତ ହୋଇଗଲାଣି। ଖାଦ୍ୟ ପଦାର୍ଥଠାରୁ ଅନ୍ୟାନ୍ୟ ସାମଗ୍ରୀ ଆଣିବା ଲାଗି ଆମେ ପଲିଥିନ ଉପରେ ନିର୍ଭର କରୁଛୁ। ଏହାର ପରିମାଣ ସ୍ୱରୂପ ପରିବେଶ ନଷ୍ଟ ହେବା ସହ ଜୈବ ବିବିଧତାକୁ ମଧ୍ୟ କ୍ଷତି ହେଉଛି। ଏଣୁ ନିଜ ଆଡୁ ଏହି ଅଭିଯାନ ଆରମ୍ଭ ହେବା ଉଚିତ। ନିଜେ ସଚେତନ ହେଲେ ଏହି ସମସ୍ୟା ଦୂର ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ବିଜୟ କୁମାର ସାହୁ, ତୁଷାର ମହାପାତ୍ର, ଧର୍ମେନ୍ଦ୍ର ପ୍ରଧାନ, ଅଳକା ପ୍ରିୟଦର୍ଶିନୀ କର, ବୀଣାପାଣି ବାରିକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାଜଧାନୀରେ ପୁଣି ୨ ହତ୍ୟାକାଣ୍ଡ

ପୂର୍ଣ୍ଣଚନ୍ଦ୍ର ନାୟକ ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇ ନ ଥିବାବେଳେ ଏହାର ୩ଦିନ ପରେ ରାଜଧାନୀରେ ପୁଣି ଦୁଇଟି ହତ୍ୟାକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ନିକଟ ହାଇୱେ ଇନ୍ ହୋଟେଲରେ ଜଣେ ବିବାହିତ ମହିଳାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଲୁହା ରଡ୍‌ରେ ପିଟି ହତ୍ୟା କରିଛନ୍ତି। ସେହିପରି ପଳାଶପଲ୍ଲୀ ଅଞ୍ଚଳରେ ଜମି ମାଲିକାନା ପାଇଁ ବାପଘର ଲୋକେ ବିବାହିତ ଝିଅକୁ ହତ୍ୟା କରିଛନ୍ତି। ଏସବୁ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାବେଳେ ଏହା ନୂଆ ପୋଲିସ କମିଶନରଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି।

## ହୋଟେଲରେ ପ୍ରେମିକାଙ୍କୁ ହତ୍ୟା

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**

- ରକ୍ତ ଜୁଡୁବୁଡୁ ମୃତଦେହ ଜବତ
- ପୁରୁଷ ବନ୍ଧୁ ଫେରାର

ମଞ୍ଚେଶ୍ୱର ଥାନାଠାରୁ ୨ଶହ ମିଟର ଦୂରରେ ଥିବା ହୋଟେଲ ହାଇୱେ ଇନ୍‌ରେ ଗୁରୁବାର ରାତିରେ ହତ୍ୟାକାଣ୍ଡ ଘଟିଛି। ଏକ ରୁମ୍ ରହୁଥିବା ଜଣେ ବିବାହିତ ମହିଳାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଲୁହା ରଡ୍‌ରେ ପିଟି ହତ୍ୟା କରିଛନ୍ତି। ପରେ ହୋଟେଲ ରୁମ୍ ବାହାରୁ ତାଲା ପକାଇ ଫେରାର ହୋଇଯାଇଛନ୍ତି। ହତ୍ୟାର ଶିକାର ହୋଇଛନ୍ତି ଖୋର୍ଦ୍ଧା ଜିଲା କାଇମାଟିଆ ଅଞ୍ଚଳର ଲକ୍ଷ୍ମୀପ୍ରିୟା ବିଶ୍ୱାଳ(୪୦)। ପୋଲିସ ହୋଟେଲ ରୁମ୍‌ରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା(୪୧୧/୧୮) ରୁଜୁ ହୋଇଥିବାବେଳେ ହୋଟେଲରେ ସ୍ୱାମୀ ପରିଚୟ ଦେଇ ରହୁଥିବା ଲକ୍ଷ୍ମୀପ୍ରିୟାଙ୍କ ପୁରୁଷ ବନ୍ଧୁ ଆଦିତ୍ୟ ମହାପାତ୍ରଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ଲକ୍ଷ୍ମୀପ୍ରିୟାଙ୍କ ବାପ ଘର କାଇମାଟିଆରେ। ୨୦୦୬ରେ ସେ ଖୋର୍ଦ୍ଧା ଗଡ଼ସାହିରେ ଅକ୍ଷୟ ବିଶ୍ୱାଳଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ ଅଛନ୍ତି। ୨୦୧୨ରେ ଅକ୍ଷୟଙ୍କ ସହ ଲକ୍ଷ୍ମୀପ୍ରିୟାଙ୍କର ମନୋମାଳିନ୍ୟ ହେବାରୁ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ଚନ୍ଦକା ଥାନା ମଳିପଡା ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ଉକ୍ତ ଘରକୁ ମଝିରେ ମଝିରେ ଅକ୍ଷୟ ଆସି ଘର ଭଡା ଦେବା ସହ ଗୋଟିଏ ଦିନ ରହି ଯାଆନ୍ତି। ଇତିମଧ୍ୟରେ ରଙ୍ଗନମ୍ବରରୁ ଲକ୍ଷ୍ମୀପ୍ରିୟାଙ୍କର ପୁରୀର ଆଦିତ୍ୟଙ୍କ ସହ ପରିଚୟ ହୋଇଥିଲା। ଆଦିତ୍ୟ ବେଙ୍ଗାଲୁରୁରେ ଇଞ୍ଜିନିୟର ଭାବେ ଚାକିରି କରୁଥିବା କହି ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ୍ମୀପ୍ରିୟା ଏଥିରେ ରାଜି ହୋଇ ନ ଥିଲେ। ତଥାପି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ଲକ୍ଷ୍ମୀପ୍ରିୟାଙ୍କ ମା' କହିଛନ୍ତି, ରଥଯାତ୍ରା ସମୟରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିବା ସେ ଜାଣିବାକୁ ପାଇଥିଲେ। ଗତ ୫ ତାରିଖରେ ଲକ୍ଷ୍ମୀପ୍ରିୟା ଆଦିତ୍ୟଙ୍କ ସହ ବେଙ୍ଗାଲୁରୁ ଯାଇ ୯ତାରିଖରେ ଘରକୁ ଫେରିଥିଲେ। ଆଦିତ୍ୟଙ୍କୁ ସେ କେବେ ଦେଖିନାହାନ୍ତି। କେବଳ ଆଦିତ୍ୟ ସମ୍ପର୍କରେ ସେ ଯାହା ଲକ୍ଷ୍ମୀପ୍ରିୟାଙ୍କଠାରୁ ଶୁଣିଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଆଦିତ୍ୟ ଲକ୍ଷ୍ମୀପ୍ରିୟାଙ୍କୁ ଫୋନ୍ କରିଥିଲେ। ସାଢ଼େ ୧୦ଟା ବେଳକୁ ଲକ୍ଷ୍ମୀପ୍ରିୟା ରୋଷେଇ କରି ଘରୁ ବାହାରି ଯାଇଥିଲେ। ମାର୍କେଟିଂ କରିବାକୁ ଥିବାରୁ ସେ ଝିଅ ରହୁଥିବା ମଳିପଡ଼ାସ୍ଥିତ ଭଡ଼ାଘରକୁ ଯାଇଥିଲେ। କିନ୍ତୁ ଲକ୍ଷ୍ମୀପ୍ରିୟା ନ ଥିଲେ। ଅପରାହ୍ନ ପ୍ରାୟ ୪ଟାରେ ଲକ୍ଷ୍ମୀପ୍ରିୟା ଫୋନ କରି କିଛି ସମସ୍ୟା ବିଷୟରେ କହିବେ ବୋଲି କହିଥିଲେ। ଏହି ସମୟରେ ତାଙ୍କ ନିକଟରେ ୪/୫ ଜଣ ଯୁବକଙ୍କ ପାଟି ଶୁଭିଥିଲା। ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଧମକାଇ ଫୋନ ଛଡାଇ ନେଇଯାଇଥିଲେ। ପରେ ତାଙ୍କ ଫୋନ୍ ବନ୍ଦ ହୋଇଯାଇଥିଲା।



ଅଭିଯୁକ୍ତ ଆଦିତ୍ୟ




### ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇଥିଲେ

୨୨ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀପ୍ରିୟା ଏବଂ ଆଦିତ୍ୟ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ହୋଟେଲ ହାଇୱେ ଇନ୍‌ର ରୁମ୍ ନମ୍ବର ୧୨୧ରେ ରହିଥିଲେ। ଗୁରୁବାର ପୂର୍ବାହ୍ନରେ ଉଭୟେ ବାହାରକୁ ବୁଲିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟାରେ ଫେରିଥିଲେ। ସନ୍ଧ୍ୟା ୭ଟାରେ ହୋଟେଲ ମ୍ୟାନେଜର ଦୀପକ ପାତ୍ର ଆଦିତ୍ୟଙ୍କୁ ଟଙ୍କା ମାଗିବାରୁ ସେ ଏଟିଏମ୍‌ରୁ ଟଙ୍କା ଆଣୁଛି, ଭିତରେ ତାଙ୍କ ସ୍ତ୍ରୀ ଅଛନ୍ତି ବୋଲି କହି ବାହାରୁ ତାଲା ପକାଇ ଚାଲିଯାଇଥିଲେ। କିନ୍ତୁ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଫେରି ନ ଥିଲେ। ରାତି ୧୦ଟା ପରେ ମ୍ୟାନେଜର ତାଙ୍କୁ ଫୋନ କରିଥିଲେ। କିନ୍ତୁ ତାଙ୍କ ଫୋନ ବନ୍ଦ ଥିଲା। ସନ୍ଦେହ ହେବାରୁ ମ୍ୟାନେଜର ରୁମ୍‌ର ନକଲି ଚାବି ଆଣି ଖୋଲିବା ପରେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ଏ ନେଇ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରୁମ୍ ସିଲ୍ କରିଦେଇଥିଲା। ସକାଳୁ ପୋଲିସ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ରୁମ୍‌ରୁ ଏକ ଲୁହାରଡ୍ ଏବଂ ମୋବାଇଲ ଫୋନ ଜବତ କରିଛି। ଲକ୍ଷ୍ମୀପ୍ରିୟାଙ୍କ ବାମପଟ ମୁଣ୍ଡକୁ ରଡ୍‌ରେ ପିଟି ହତ୍ୟା କରାଯାଇଥିବା ଦେଖିବାକୁ ମିଳିଛି। ହତ୍ୟାକାରୀ ହୋଟେଲରେ ଦେଇଥିବା ଆଧାରକାର୍ଡକୁ ପୋଲିସ ଜବତ କରି ତାହା ଅସଲି କି ନକଲି ଯାଞ୍ଚ ପାଇଁ ପଠାଇଛି।

## ଜମି ପାଇଁ ଝିଅକୁ ମାରିଦେଲେ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**



ପଦ୍ମାଳୟା (ଫାଇଲ ଫଟୋ)

ସାମାନ୍ୟ ଜମି ପାଇଁ ରକ୍ତର ସମ୍ପର୍କକୁ ଭୁଲିଗଲେ। ଯେଉଁ ଝିଅକୁ ପାଳିପୋଷି ବଡ଼ କରି ବାହା ଦେଇଥିଲେ ତାକୁ ତଣ୍ଟି ଚିପି ହତ୍ୟା କଲେ। ପରେ ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ଲାଗି ବାପଘର ଲୋକେ ମୃତଦେହକୁ ଫ୍ୟାନରେ ଟାଙ୍ଗିଦେଲେ। ମୃତା ପଦ୍ମାଳୟା ସେଠୀଙ୍କ ଶ୍ୱଶୁର ସୁରେନ୍ଦ୍ର ସେଠୀ ଏ ନେଇ ଶୁକ୍ରବାର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହସ୍ପିଟାଲରୁ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପଦ୍ମାଳୟା ଆତ୍ମହତ୍ୟା କରିଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ପଦ୍ମାଳୟା ୧୫ ବର୍ଷ ହେବ ଭଦ୍ରକ ଜିଲା ସାବରଙ୍ଗ ଗ୍ରାମର ବିଜୟ କୁମାର ସେଠୀଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ପୁଅ ରହିଛି। ଶାଶୁଘର ଲୋକ ରାଜଧାନୀକୁ ଚାଲି ଆସି ପଳାଶପଲ୍ଲୀ ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ନିକଟରେ ପଦ୍ମାଳୟାଙ୍କ ଭାଇ ଓ ପୁତୁରା ରହୁଥିଲେ। ଶ୍ୱଶୁର ସୁରେନ୍ଦ୍ର ପଳାଶପଲ୍ଲୀ ଅଞ୍ଚଳରେ ଏକ ଜାଗା କିଣିବା ପାଇଁ ପଦ୍ମାଳୟାଙ୍କ ପୁତୁରାଙ୍କୁ ୭ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଶ୍ୱଶୁର ଗ୍ରାମକୁ ଯାଇଥିବା ବେଳେ ପୁତୁରା ଚଞ୍ଚକତା କରି ଉକ୍ତ ଜମିକୁ ପଦ୍ମାଳୟାଙ୍କ ନାମରେ କରିଦେଇଥିବା କହିଥିଲେ। କିନ୍ତୁ ତାହାର କାଗଜପତ୍ର ଦେଇ ନ ଥିଲେ। ଉକ୍ତ ଜମିରେ ଘର କରି ପଦ୍ମାଳୟା ତାଙ୍କ ସ୍ୱାମୀ ଓ ତାଙ୍କ ଶ୍ୱଶୁର ରହୁଥିଲେ। କିନ୍ତୁ ୨୦୧୭ ଅକ୍ଟୋବରରେ ବାପଘର ଲୋକେ ଘରର କାନ୍ଥ ଭାଙ୍ଗି ଦେଇଥିଲେ। ଏପରି କି ସେମାନେ ତାଙ୍କୁ ଘର ଆଗରେ ବିବସ୍ତ୍ର କରି ମାଡ଼ ମାରିଥିଲେ। ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ମାଡ ମାରି ଘରୁ ବାହାର କରିଦେଇଥିଲେ। ଭୟରେ ସେମାନେ ଭଦ୍ରକ ପଳାଇଯାଇଥିଲେ। ଏ ନେଇ ପଦ୍ମାଳୟା ଥାନା ସମେତ ପୋଲିସ କମିଶନର, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ମାନବାଧିକାର କମିଶନର, ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଜୀବନ ପ୍ରତି ବିପଦ ଥିବା ଅନୁଭବ କରି ପଦ୍ମାଳୟା ନିକଟରେ ଥିବା ତାଙ୍କର କିଛି ଘରକୁ ଭଡାରେ ଦେଇଥିଲେ। ଗୁରୁବାର ରାତି ପ୍ରାୟ ୯ଟାରେ ଭଡାରେ ରହୁଥିବା ଦୁଇ ଜଣ ବ୍ୟକ୍ତି ବାହାରକୁ ଯାଇଥିଲେ। ଏହି ସମୟରେ ଘରେ ପଦ୍ମାଳୟା ଏକା ଥିବାବେଳେ ତାଙ୍କ ଭାଇ ଏବଂ ପୁତୁରା ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସୁରେନ୍ଦ୍ର ଅଭିଯୋଗ କରିଛନ୍ତି। ପଦ୍ମାଳୟା ଆତ୍ମହତ୍ୟା କରିବାର କୌଣସି କାରଣ ନାହିଁ। ଉକ୍ତ ଜମି ଏବଂ ଘର ପାଇଁ ତାଙ୍କୁ ବାପଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସୁରେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି।

ଏୟାରଫିଲ୍ଡ ଥାନା ଅଧିକାରୀ ଦେବୀଶଙ୍କର ପ୍ରତାପ କହିଛନ୍ତି, ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏକ ସରକାରୀ ଜାଗା ପାଇଁ ଦୀର୍ଘଦିନ ହେବ ପଦ୍ମାଳୟା ଏବଂ ତାଙ୍କ ବାପଘର ମଧ୍ୟରେ ବିବାଦ ରହିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପ୍ରତି ସପ୍ତାହରେ ଗଣ୍ଡଗୋଳ ହେଉଥିଲା। ଗୁରୁବାର ରାତିରେ ପଦ୍ମାଳୟା ଆତ୍ମହତ୍ୟା କରିଥିବା ତାଙ୍କ ଭାଇ କହିଛନ୍ତି। ସମସ୍ତ ଦିଗ ପ୍ରତି ତଦନ୍ତ କରାଯାଉଛି।

## ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

**ସାକ୍ଷୀଗୋପାଳ, ୨୪।୮ (ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁଳାମାଳ ଗ୍ରାମରେ ଯୌତୁକ ପାଇଁ ୧୯ ବର୍ଷର ସ୍ୱର୍ଣ୍ଣଲତା କାଣ୍ଡି ନାମ୍ନୀ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ମୃତ ସ୍ୱର୍ଣ୍ଣଲତାଙ୍କ ବାପା ସତ୍ୟବାଦୀ ଥାନାରେ ଶୁକ୍ରବାର ଅଭିଯୋଗ କରିଥିବା ଜଣାପଡିଛି। ବଳଙ୍ଗା ଥାନା ଅଲାରପୁର ଗ୍ରାମର ସ୍ୱର୍ଣ୍ଣଲତା ଗତ ମାସ ୧୫ ତାରିଖରେ ସନ୍ତୋଷ ଭୋଇଙ୍କୁ ବିବାହ କରିଥିଲେ। ଘର ମଧ୍ୟରେ ଗୋଟିଏ କାଠ ଓରାରେ ଝିଅ ବେକରେ ରଶି ଲଗାଇ ମରି ଝୁଲୁଥିବା ଦେଖି ତାଙ୍କୁ ହତ୍ୟା କରାଯାଇଥିବା ବାପା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ସତ୍ୟବାଦୀ ଥାନା ପୋଲିସ କେସ ନଂ ୨୩୮/୧୮ରେ ଏକ ମାମଲା ରୁଜୁ କରି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସ୍ୱାମୀ ସନ୍ତୋଷଙ୍କୁ ଥାନାରେ ଅଟକରଖି ପୋଲିସ ତଦନ୍ତ କରୁଛି।

## ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅଞ୍ଚଳରେ ବ୍ରାଉନ ସୁଗାର ବେପାର ଚଳାଇଥିବା ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ଇନ୍‌ଫୋସିଟି ପୋଲିସ ଗିରଫ କରିଛି। ପୋଲିସ ଗୋବିନ୍ଦଙ୍କ ଘରେ ଚଢ଼ାଉ କରି ୧୦.୬୦୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଓସ୍ତପଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସ(୨୮)। ଗୋବିନ୍ଦ ଇନଫୋସିସ୍ ଓ ପଟିଆ ଅଞ୍ଚଳରେ ଅନେକ ଦିନ ଧରି ବ୍ରାଉନ ସୁଗାର ବ୍ୟବସାୟ ଚଳାଇ ଆସୁଥିଲେ। ସେ ସେଠାରେ ରହୁଥିବା ବିଭିନ୍ନ କଲେଜ ଛାତ୍ରମାନଙ୍କୁ ବ୍ରାଉନସୁଗାର ଯୋଗାଉଥିଲେ। ଫୋନ ମାଧ୍ୟମରେ ଯୋଗସୂତ୍ର ରକ୍ଷା କରି ଗ୍ରାହକଙ୍କ ନିକଟରେ ବ୍ରାଉନସୁଗାର ପହଞ୍ଚାଉଥିଲେ। ଏ ନେଇ ପୋଲିସ ନିକଟରେ ଖବର ପହଞ୍ଚିବାରୁ ପୋଲିସ ଗୋବିନ୍ଦଙ୍କୁ ଧରିବାକୁ ଯୋଜନା କରିଥିଲା। ଏ ନେଇ ପୋଲିସ ୧୪୭/୧୮ରେ ମାମଲା ରୁଜୁ କରିବା ସହ ଏନଡିପିଏସ୍ ୨୧(ବି) ଆକ୍ଟ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରିଛି।

## ବଡ଼ମ୍ବା, ନରସିଂହପୁର କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ୍, ଆନାଲାଇଜର ମେଶିନ୍ ବ୍ୟବସ୍ଥା ହେବ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**

ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ୩ଟି ଡାଏଲିସିସ୍ ମେଶିନ ଲଗାଯିବ। ଏଥିସହ ଆନାଲାଇଜର ମେଶିନ୍ ବ୍ୟବସ୍ଥା କରାଯିବ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏହି ମେଶିନଗୁଡିକର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା କହିଛନ୍ତି। କଟକ ଜିଲା ବଡମ୍ବା ଏବଂ ନରସିଂହପୁର ଅଞ୍ଚଳରେ କିଡ୍‌ନୀ ରୋଗ ଦିନକୁ ଦିନ ବ୍ୟାପୀଚାଲିଛି। ଏହାର ପ୍ରତିକାର ଏବଂ ଚିକିତ୍ସା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ମେହେର୍ଦ୍ଦା କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୬ରେ ନରସିଂହପୁର ବ୍ଲକରେ ୮୪୧ ଏବଂ ବଡମ୍ବା ବ୍ଲକରେ ୩୩୫ ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପିବାର କାରଣ ଜାଣିବା ଲାଗି ଗ୍ରାମଓ୍ୱାରି ସର୍ଭେ କରାଯାଉଛି। ଆକ୍ରାନ୍ତମାନଙ୍କୁ ଚିହ୍ନଟ କରାଯାଇ କାର୍ଡ ପ୍ରଦାନ କରାଯାଇଛି। କାର୍ଡ ପାଇଥିବା ରୋଗୀମାନଙ୍କୁ କାର୍ଡ ସାହାଯ୍ୟରେ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସଚେତନ କରାଯାଉଛି। ଏହି ଦୁଇ ଅଞ୍ଚଳରୁ କିଡ୍‌ନୀ ରୋଗରେ ଗୁରୁତର ଭାବେ ଆକ୍ରାନ୍ତ ୨୭୫ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକ, କଟକ ଜିଲାପାଳ ଅରବିନ୍ଦ ଅଗ୍ରଓ୍ୱାଲ, ଏସ୍‌ସିବିର ପ୍ରଫେସର ଡ. ସି.ଆର. କର, ପ୍ରଫେସର ଡ. ସି.ଆର. ରାଉତ, ଆରଏମ୍‌ଆରସି ନିର୍ଦ୍ଦେଶିକା ସଂଘମିତ୍ରା ପତି ଏବଂ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବ୍ରଜକିଶୋର ବ୍ରହ୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପ୍ରାକୃତିକ ନାଳ ପାଖରେ ଥିବା ଘରୋଇ ଜମି ଅଧିଗ୍ରହଣ କରିବ ବିଏମ୍‌ସି

ଭୁବନେଶ୍ୱର,୨୪।୮(ବ୍ୟୁରୋ):ବିଏମ୍‌ସି ସୀମାରେ ଥିବା ୧୦ ପ୍ରାକୃତିକ ନାଳ ନିକଟରେ କୌଣସି ବ୍ୟକ୍ତିଙ୍କ ଘରୋଇ ଜାଗା ଥିଲେ ଉକ୍ତ ଡ୍ରେନର ବିକାଶ ପାଇଁ ସମ୍ପୃକ୍ତ ବ୍ୟକ୍ତି ବିଏମ୍‌ସିକୁ ଜାଗା ହସ୍ତାନ୍ତର କରିବାକୁ ବିଏମ୍‌ସି କହିଛି। ଏନେଇ ଶୁକ୍ରବାର ବିଏମ୍‌ସି ଏକ ବିଜ୍ଞାପନ ପ୍ରକାଶ କରିଛି। ଉକ୍ତ ବିଜ୍ଞାପନରେ ବିଏମ୍‌ସି ଉଲ୍ଲେଖ କରିଛି ଯେ, ଯଦି ଡ୍ରେନ ନିକଟବର୍ତ୍ତୀ ଜମି ଘରୋଇ ହୋଇଥାଏ ତେବେ ବର୍ଷା ବିପ୍ଳାତ ଜଳର ସୁପରିଚାଳନାକୁ ଦୃଢ଼ କରିବା ପାଇଁ ଜମି ମାଲିକ ନିଜ ଜମିକୁ ବିଏମସିକୁ ହସ୍ତାନ୍ତର କରିବେ। ଏଥିପାଇଁ ଏକ ନିର୍ଦ୍ଧାରିତ ଫର୍ମ ରହିଛି। ଉକ୍ତ ଫର୍ମକୁ ପୂରଣ କରି ଜାଗା ମାଲିକ ବିଏମ୍‌ସି କାର୍ଯ୍ୟାଳୟରେ ଆବେଦନ କରି ପାରିବେ। ଏହି ଫର୍ମ ବିଏମ୍‌ସିର ୱେବସାଇଟ୍‌ରେ ଉପଲବ୍ଧ ଅଛି। ବିଏମ୍‌ସି କମିଶନରଙ୍କ ନିଷ୍ପତ୍ତିକ୍ରମେ ଆବଶ୍ୟକ ସ୍ଥଳେ କ୍ଷତି ପୂରଣ ଦିଆଯିବ। ବିଏମ୍‌ସି ଜାରି କରିଥିବା ବିଜ୍ଞାପନ ଅନୁସାରେ ଡ୍ରେନ ଚାନେଲ ନିକଟରେ ରହିଥିବା ନିର୍ମାଣଗୁଡିକ ଆଗାମୀ ଦିନରେ ଭଙ୍ଗାଯିବ। ଏନେଇ ଅତିରିକ୍ତ କମିଶନର ଶ୍ରୀମନ୍ତ ମିଶ୍ର କୁହନ୍ତି, ଜମି ମାଲିକମାନେ ନିଜର ଜମିକୁ ପ୍ରାକୃତିକ ଡ୍ରେନେଜ ଚାନେଲ ବିକାଶ ନିମନ୍ତେ ହସ୍ତାନ୍ତର ପାଇଁ ସ୍ୱତନ୍ତ୍ର ଫର୍ମରେ ମ୍ୟୁନିସିପାଲ କମିଶନରଙ୍କୁ ଆବେଦନ କରିବା ଉଚିତ। ଏହାଦ୍ୱାରା ସେମାନେ ଦୁଇଟି ସୁବିଧା ପାଇପାରିବେ। ଏହା ଫଳରେ କ୍ଷତି ପୂରଣ ସହ ଜଳମଗ୍ନ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ମିଶ୍ର କହିଛନ୍ତି।

### କେରଳ ଗଲେ କିଟ୍‌ର ୭୫ କୁଶଳୀ କର୍ମଚାରୀ

ଭୁବନେଶ୍ୱର,୨୪।୮(ବ୍ୟୁରୋ): କେରଳ ବନ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇଦେବା ପାଇଁ କିଟ୍‌ର ୭୫ଜଣ କୁଶଳୀ କର୍ମଚାରୀ ଶୁକ୍ରବାର କେରଳ ଯାତ୍ରା କରିଛନ୍ତି। କେରଳରେ ପ୍ରଳୟଙ୍କାରୀ ବନ୍ୟାରେ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବେଳେ ବହୁ କ୍ଷୟକ୍ଷତି ଘଟିଛି। ବନ୍ୟା ହ୍ରାସ ପାଇଥିବା ବେଳେ ଲକ୍ଷାଧିକ ବାସଗୃହ ଭାଙ୍ଗିଯାଇଛି। ପାନୀୟ ଜଳର ସମସ୍ୟା ଦେଖା ଯାଇଥିବା ବେଳେ ବିଜୁଳି ଓ ଜଳଯୋଗାଣ ମଧ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଅପରିହାର୍ଯ୍ୟ ହୋଇପଡ଼ିଛି। କେରଳବାସୀଙ୍କ ଦୁର୍ଦ୍ଦଶାକୁ ଅନୁଭବ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍‌ରେ କାର୍ଯ୍ୟରତ ୭୫ଜଣ ଦକ୍ଷ କୁଶଳୀ ବିଦ୍ୟୁତ ଓ ପାଣି ପାଇପ କର୍ମଚାରୀ, ବଢ଼େଇ, ୱେଲ୍ଡର୍ ଓ ସାପ ଧରାଳିଙ୍କୁ କେରଳ ପଠାଇଛନ୍ତି। କର୍ମଚାରୀମାନେ ସାଙ୍ଗରେ ଆବଶ୍ୟକ ଯନ୍ତ୍ରପାତି ନେଇଛନ୍ତି। ସେମାନେ ମାସାଧିକ କାଳ ରହି ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ କରିବେ ବୋଲି ଜଣାପଡିଛି। ଏହାଛଡା କିମ୍‌ସର ଏକ ଡାକ୍ତରୀଦଳ କେରଳରେ ଏବେ ବନ୍ୟା ବିପନ୍ନଙ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ନିୟୋଜିତ ଅଛନ୍ତି।

### ରମାଦେବୀରେ ହେବ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୪।୮(ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଚେସ୍ ଆସୋସିଏଶନ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ସେପ୍ଟେମ୍ବର ୫ରୁ ୭ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବର୍ଗର ପ୍ରତିଦ୍ୱନ୍ଦ୍ୱୀ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରତିଯୋଗୀମାନେ ୪ତାରିଖ ମଧାହ୍ନ ୧୨ଟା ସୁଦ୍ଧା ଆବେଦନ କରିବାକୁ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ. ଦୁର୍ଗା ଶଙ୍କର ଷଡଙ୍ଗୀ ସୂଚନା ଦେଇଛନ୍ତି। ବାହାରୁ ଆସୁଥିବା ପ୍ରତିଯୋଗୀମାନେ ରହିବା ପାଇଁ ଚାହିଁଲେ ସେମାନେ ସେପ୍ଟେମ୍ବର ୨ସୁଦ୍ଧା ଜଣାଇ ପାରିବେ।

## ହାତୀ ପାଇଁ ବିପଦ ବିଦ୍ୟୁତ୍ ଆଘାତ

# ୧୮ ବର୍ଷରେ ମଲେଣି ୧୬୭ ହାତୀ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

### ୨୦୧୦ ପରେ ମୃତ୍ୟୁହାର ବଢ଼ିଛି

ବିଭିନ୍ନ ଅପ୍ରାକୃତିକ କାରଣରୁ ଓଡ଼ିଶାରେ ହାତୀମାନେ ସଙ୍କଟରେ ପଡ଼ିଛନ୍ତି। ଏହି କାରଣଗୁଡ଼ିକ ମଧ୍ୟରେ ଶିକାର, ବିଦ୍ୟୁତ୍ ଆଘାତ, ରେଳ ଓ ସଡ଼କ ଦୁର୍ଘଟଣା, ଖୋଲା କୂଅରେ ପଡ଼ିବା ଅନ୍ୟତମ। ସେଥିମଧ୍ୟରୁ ଖୋଲା କୂଅରେ ପଡ଼ିବା ଓ ବିଦ୍ୟୁତ୍ ଆଘାତ ପ୍ରମୁଖ ବୋଲି ଶୁକ୍ରବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ବନ୍ୟଜନ୍ତୁ ସମିତିର ସମ୍ପାଦକ ଡ. ବିଶ୍ୱଜିତ୍ ମହାନ୍ତି କହିଛନ୍ତି।

ମହାନ୍ତି କହିଛନ୍ତି, ୨୦୧୭ ସେପ୍ଟେମ୍ବରରୁ ଅଦ୍ୟାବଧି ଅନୁଗୋଳ ଜିଲାରେ ବିଦ୍ୟୁତ୍ ଆଘାତରେ ୪ଟି ହାତୀର ମୃତ୍ୟୁ ଘଟିଛି। ଗତ ୧୦ ଦିନ ମଧ୍ୟରେ ଦୁଇଟି ହାତୀଙ୍କ ମୃତ୍ୟୁ ହୋଇଛି। ବିଦ୍ୟୁତ୍ ଆଘାତରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ୧୬୭ଟି ହାତୀ ମରିଛନ୍ତି। ପ୍ରତ୍ୟେକ ବର୍ଷ ଅନ୍ୟୂନ ୮ଟି ହାତୀ ଝୁଲା ବିଦ୍ୟୁତ୍ ତାର ଯୋଗୁ ମରୁଛନ୍ତି। ୨୦୧୦ ପରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁହାର ବୃଦ୍ଧି ପାଇଛି। ୨୦୧୦ ଏପ୍ରିଲ ୧ରୁ ୨୦୧୮ ଅଗଷ୍ଟ ୨୧ ତାରିଖ ମଧ୍ୟରେ ୯୦ ହାତୀ ବିଦ୍ୟୁତ୍ ଆଘାତରେ ମରିଛନ୍ତି। ରାଜ୍ୟରେ ୬୩% ବିଦ୍ୟୁତ୍ ଆଘାତ ମୃତ୍ୟୁ ବିଦ୍ୟୁତ୍ ତାରରେ ତିଆରି ଶିକାରୀ ଯନ୍ତାରେ ହୋଇଛି। ୨୦୧୦ ପୂର୍ବରୁ ୮୦% ହାତୀ ମୃତ୍ୟୁ ଝୁଲନ୍ତା ବିଦ୍ୟୁତ୍ ତାର ଦ୍ୱାରା ହୋଇଛି। ୨୦୧୦ ପରେ ୯୦ଟି ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ମଧ୍ୟରୁ ୩୩ଟି ଝୁଲନ୍ତା ତାର ଓ ୫୭ଟି ବିଦ୍ୟୁତ୍ ଯନ୍ତା କାରଣରୁ ହୋଇଛି, ଯାହାକି ବନ ବିଭାଗର ପଇଁତରାର ଅଭାବ ଦର୍ଶାଉଛି। ଓଡ଼ିଶାରେ ଆପାତତଃ ୧୫% ହାତୀ ମୃତ୍ୟୁ ବିଦ୍ୟୁତ୍ ଆଘାତଜନିତ ହୋଇଛି। ସମୁଦାୟ ଅପ୍ରାକୃତିକ କାରଣ ମଧ୍ୟରେ ୪୧% ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ।

ଅନ୍ୟପଟେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ନିୟମାବଳୀ ସମ୍ପୂର୍ଣ୍ଣ ଭାବେ ପାଳନ କରିବା କଥା। ନିୟମାବଳୀ ଅନୁସାରେ ବିଦ୍ୟୁତ୍ ତାର ସର୍ବନିମ୍ନ ୪.୬ ମିଟର ଉଚ୍ଚତାରେ ରହିବା ଜରୁରୀ। ରୀତିମତ ତାର ଓ ଅନ୍ୟ ବିଦ୍ୟୁତ୍ ଉପକରଣକୁ ପରୀକ୍ଷା କରାଯିବା ଆବଶ୍ୟକ। ମାତ୍ର ତାହା କରାଯାଉନାହିଁ ବୋଲି ମହାନ୍ତି କହିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୧ରୁ ୨୦୧୬ ସୁଦ୍ଧା ଚାଲୁଥିବା କୌଣସି ବିଦ୍ୟୁତ୍ ସଂଯୋଗର ପରୀକ୍ଷା କରାଯାଇନାହିଁ, ଯାହା ଆଇନ ବରୋଧୀ ବୋଲି ସେ କହିଛନ୍ତି। ଜଙ୍ଗଲ ମନ୍ତ୍ରୀ ନିଜେ ହାତୀ ସୁରକ୍ଷା ବିଷୟରେ ପ୍ରତ୍ୟେକ ମାସ ଅନୁଧ୍ୟାନ କରିବା ଉଚିତ ଓ ବନ ବିଭାଗ କ୍ଷେତ୍ର କର୍ମକର୍ତ୍ତାଙ୍କୁ ଅପ୍ରାକୃତିକ ହାତୀ ମୃତ୍ୟୁ ରୋକିବା ଦାୟିତ୍ୱ ନ୍ୟସ୍ତ କରିବା ପାଇଁ ସମିତି ପକ୍ଷରୁ ଦାବି କରାଯାଉଛି।




ଓୟୁଏଟିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ପ୍ରଦୀପ ମହାରଥୀ ଓ ଅନ୍ୟ ଅତିଥିମାନେ ଜର୍ନାଲ ଉନ୍ମୋଚନ କରୁଛନ୍ତି।

## ଓୟୁଏଟିର ୫୭ତମ ପ୍ରତିଷ୍ଠା ଦିବସ

# ପ୍ରାକୃତିକ ସମ୍ବଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବାକୁ ପରାମର୍ଶ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଓୟୁଏଟିର ୫୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର କୃଷକମାନଙ୍କ ଦ୍ୱାରା ବିକଶିତ ଅଭିନବ ଜ୍ଞାନକୌଶଳକୁ ପ୍ରୋତ୍ସାହିତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷକମାନଙ୍କ ଆୟବୃଦ୍ଧି ପାଇଁ ଉପଯୁକ୍ତ ଜ୍ଞାନକୌଶଳର ବିକାଶ ନିମନ୍ତେ ମନ୍ତ୍ରୀ ଉପସ୍ଥିତ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ରହିଥିବା ପ୍ରାକୃତିକ ସମ୍ବଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୃଷି କ୍ଷେତ୍ରରେ ଆୟବୃଦ୍ଧି ନିମନ୍ତେ ଆମ୍ବୁ, ପନିପରିବା ଓ କଦଳୀ ଚାଷ ସହିତ ମାଛଚାଷ କରିବା ପାଇଁ ମନ୍ତ୍ରୀ କୃଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଯୋଗଦେଇ ଗବେଷଣା ଓ ସମ୍ପ୍ରସାରଣ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳର କୃଷକଙ୍କ ସହିତ କୃଷି ଛାତ୍ରୀଛାତ୍ରଙ୍କ ସମ୍ପୃକ୍ତି ଦ୍ୱାରା କୃଷିକ୍ଷେତ୍ର ଲାଭବାନ ହୋଇପାରିବ ବୋଲି ସେ କହିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ସାମ୍ପ୍ରତିକ ସମୟରେ ବିଶ୍ୱବିଦ୍ୟାଳୟ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରଗତିଶୀଳ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କୃଷିକାର୍ଯ୍ୟ ପାଇଁ ବିଭିନ୍ନ ସାମଗ୍ରୀ ପାଇବା ଓ କୃଷିଜାତ ସାମଗ୍ରୀ ବିକ୍ରି କରିବାରେ ସୁବିଧା ହେବା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷି ଉତ୍ପାଦକ ସଂଘ ଗଠନ କରାଯାଇଥିବା କୁଳପତି କହିଥିଲେ। ଏହି ଉତ୍ସବରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ବିକାଶ କରିଥିବା କୃଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଶ୍ରେଷ୍ଠ ମହିଳା ବୈଜ୍ଞାନିକ ଭାବେ ଡ. ଅନୁପମା ବଳିଆରସିଂ, ଶ୍ରେଷ୍ଠ ସମ୍ପ୍ରସାରଣ ବୈଜ୍ଞାନିକ ଭାବେ ଡ. ଅରବିନ୍ଦ ଦାସ, ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଭାବେ ଅନୁଗୋଳ ଏବଂ ଶ୍ରେଷ୍ଠ ଛାତ୍ରୀ ଓ ଶ୍ରେଷ୍ଠ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମାଚାର ପତ୍ର, ଗବେଷଣା ପତ୍ରିକା ଓ ଚାଷୀର ସଂସାର ପତ୍ରିକାକୁ ଲୋକାର୍ପଣ କରାଯାଇଥିଲା। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କୁଳସଚିବ ସୁଷମାରାଣୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଟେକ୍ନୋ ପାର୍କ କଟେଜର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବିହନ ରୋପଣ କରି ଟେକ୍ନୋ ପାର୍କର ଶୁଭାରମ୍ଭ କରାଯାଇଥିଲା। କୃଷକମାନଙ୍କ ଦ୍ୱାରା ବିକଶିତ ଅଭିନବ ଜ୍ଞାନକୌଶଳକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ରାଜ୍ୟର ସମସ୍ତ ଜିଲାରୁ ଶତାଧିକ କୃଷକଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷବୃନ୍ଦ, ବୈଜ୍ଞାନିକ, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

## ବାଇକ୍ ଚୋରି ଘଟଣା

### ୪ ଦିନିଆ ରିମାଣ୍ଡରେ ୨ ମୁଖ୍ୟ ଅଭିଯୁକ୍ତ

କଟକ ରୋଡ,୨୪।୮(ଡି.ଏନ୍.ଏ )

ରାଜଧାନୀର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ଘଟଣାରେ ଗିରଫ ହୋଇଥିବା ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଶୁକ୍ରବାର ବଡଗଡ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିଛି। ଗିରଫ ହୋଇଥିବା ଶଶିଭୂଷଣ ଦାଶ ଓ କାହ୍ନୁଚରଣ ସାହୁଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯାଇଥିବା ବୋଲି ପୋଲିସ କହିଛି। ଗତ ଗୁରୁବାର ଉଭୟ ଅଭିଯୁକ୍ତଙ୍କ ସହ ଚୋରି ବାଇକ୍ କିଣିଥିବା ୨ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୪୬ଟି ବାଇକ୍ ଜବତ କରିଥିଲା। ଶଶିଭୂଷଣ ଆଇନଜୀବୀ ପୋଷାକ ପିନ୍ଧି ଭୁବନେଶ୍ୱର କୋର୍ଟ ପରିସର, ତହସିଲ, ସବ ରେଜିଷ୍ଟ୍ରାର ଓ କ୍ୟାପିଟାଲ ହସ୍ପିଟାଲ ମଧ୍ୟରୁ କାହ୍ନୁଙ୍କ ସହାୟତାରେ ବାଇକ୍ ଚୋରି କରୁଥିଲେ। ରିମାଣ୍ଡ ସମୟରେ ତାଙ୍କର ସମ୍ପୃକ୍ତି ବିଷୟରେ ପୋଲିସ ପଚରାଉଚରା କରିବା ସହ ଅନ୍ୟ ଅଞ୍ଚଳରେ ଚୋରି ଯାଇଥିବା ବାଇକ୍ ସମ୍ପର୍କରେ ଉଭୟ ଅଭିଯୁକ୍ତଙ୍କୁ ଜେରା କରିବ। ଆସନ୍ତା ୨୭ତାରିଖରେ ଏମାନଙ୍କୁ କୋର୍ଟ ଚାଲାଣ କରିବାକୁ ଥିବା ବେଳେ ଅନେକ ତଥ୍ୟ ହାସଲ କରିବାର ସମ୍ଭାବନା ରହିଛି ବୋଲି ବଡଗଡ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

### ଠିକା ସଂସ୍ଥାର ଚୋରି ଲୁହା ପ୍ଲେଟ ଜବତ, ୩ ଗିରଫ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଶହୀଦ ନଗର ଥାନା ଅଧୀନ କେଶୁରା ଅଞ୍ଚଳରେ କାମ କରୁଥିବା ଠିକା ସଂସ୍ଥାର ଲୁହା ପ୍ଲେଟ ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେଶୁରା ଭୋଇ ସାହି ଅଞ୍ଚଳର ସିଦ୍ଧେଶ୍ୱର ଭୋଇ(୨୬), ପୂର୍ଣ୍ଣ ଭୋଇ(୧୯) ଏବଂ ସୁଶାନ୍ତ ଭୋଇ (୨୦)। ସୂଚନା ମୁତାବକ, ଠିକାଦାର ପିଣ୍ଟୁ ସାହୁ କେଶୁରା ଅଞ୍ଚଳରେ ଠିକା ନେଇ ଏକ ଡ୍ରେନ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ଡ୍ରେନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ୨୦ରୁ ଊର୍ଦ୍ଧ୍ୱ ଲୁହା ପ୍ଲେଟ ଚୋରି ହୋଇଥିଲା। ଏ ନେଇ ପିଣ୍ଟୁ ଶହୀଦ ନଗର ଥାନରେ ଅଭିଯୋଗ କରିଥିଲେ। ପୋଲିସ ୩୮୪/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

# ପୁସ୍ତକ ‘ସେଲିବ୍ରେଟିଙ୍ଗ କଲର୍ସ’ ଲୋକାର୍ପିତ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜା ପରିଜାଙ୍କ ‘ସେଲିବ୍ରେଟିଙ୍ଗ କଲର୍ସ’ ପୁସ୍ତକ ଲୋକାର୍ପିତ ହୋଇଛି। ଶୁକ୍ରବାର ଅପରାହ୍ନରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ସଚିବାଳୟ ପ୍ରକୋଷ୍ଠରେ ଏହି ପୁସ୍ତକ ଲୋକାର୍ପଣ କରିଛନ୍ତି।

ପୁସ୍ତକରେ ପରିଜା ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ମୁଖ୍ୟତଃ ଏକ କୃଷିପ୍ରଧାନ ରାଜ୍ୟ। ତଥାପି କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଓଡ଼ିଶାର ଆତ୍ମା। ଓଡ଼ିଶାର ଅର୍ଥନୀତି କୃଷି ପର୍ଯ୍ୟବସିତ, ଏହାସତ୍ତ୍ୱେ ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ହଜାର ହଜାର କାରିଗରଙ୍କ ଜୀବନ ଜୀବିକାର ମୁଖ୍ୟ ଆଧାର। ରାଜ୍ୟର କୁଶଳୀ କାରିଗରମାନେ ଆମର କଳା କାରିଗରିକୁ ଋଦ୍ଧିମନ୍ତ କରିବା ସହ ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରୁଛନ୍ତି। ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଆମ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ବିଭିନ୍ନ ହସ୍ତଶିଳ୍ପ ମଧ୍ୟରେ ପିପିଲିର ଆକର୍ଷଣୀୟ ଚାନ୍ଦୁଆ କାମ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଏହା ପୃଥିବୀର ଏକ ଅତି ପୁରାତନ ଏବଂ ନିଖୁଣ ହସ୍ତକଳା। ଓଡ଼ିଶାର ଆରାଧ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରାରେ ପିପିଲି ଚାନ୍ଦୁଆର ବହୁଳ ବ୍ୟବହାରରୁ ଏହାର ପ୍ରାଚୀନତା ଓ ବିଶେଷତ୍ୱ ବାରି ହୋଇପଡେ। ଜଗନ୍ନାଥ ମନ୍ଦିରରୁ ଆଧୁନିକ ସମୟ ପର୍ଯ୍ୟନ୍ତ ଏହି ପାରମ୍ପରିକ ହସ୍ତଶିଳ୍ପର ଯାତ୍ରା ଅବ୍ୟାହତ ରହିଛି। ପିପିଲି ଏବେ ସମଗ୍ର ଦେଶରେ ଆପ୍ଲିକ୍ ହବ୍ ଭାବେ ପରିଗଣିତ ହେଉଛି। ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ୫ହଜାର କାରିଗର ଏହି କୌଶଳ ବୃତ୍ତିରେ ନିୟୋଜିତ ଅଛନ୍ତି। ବିଶେଷଭାବେ ମହିଳା ଏବଂ ଯୁବତୀମାନେ ଅଧିକ ସଂଖ୍ୟାରେ ଚାନ୍ଦୁଆ କାମ କରନ୍ତି ବୋଲି ପୁସ୍ତକରେ ଦର୍ଶାଯାଇଛି।

## ଫଟୋରେ ଖବର




ସୂଚନାଭବନରେ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କ ୮୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଦେବରାଜ ସାମନ୍ତରାୟଙ୍କ ରଚିତ ପୁସ୍ତକ ‘ଭାରତ ମାତା କି ଜୟ’ ଉନ୍ମୋଚନ କରାଯାଉଛି।




ଭୁବନେଶ୍ୱରସ୍ଥିତ ୟୁନିଟ-୮ ବାଳକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଅଜୟ



@ ପୁଷ୍ପାଞ୍ଜଳି



@ ପ୍ରଭୁ



@ ପ୍ରଜ୍ଞାପ୍ରିୟଦର୍ଶିନୀ



@ ପାର୍ଥସାରଥି



@ ବିଶ୍ୱଜିତ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ।

-ଚାଣକ୍ୟ



## ସ୍କୁଲରେ ଛାତ୍ରଙ୍କୁ ଆକ୍ରମଣ: ଥାନାରେ ମାମଲା

ବାରଙ୍ଗ,୨୪।୮(ଡି.ଏନ୍.ଏ.):ଚନ୍ଦକା ମହାରଣା ବୀରବର ବିଦ୍ୟାପୀଠର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟ ପରିସରରେ ଆକ୍ରମଣ କରାଯିବା ଘଟଣାରେ ଚନ୍ଦକା ପୋଲିସ ଶୁକ୍ରବାର ଏକ ମାମଲା ରୁଜୁ କରିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଅମିୟ ବେହେରା ଏ ନେଇ ଗୁରୁବାର ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଥିଲେ। ସୂଚନାଥାଉ କି, ଗୁରୁବାର ଖେଳଛୁଟିରେ ଅମିୟ(୧୫) ସାଇକେଲ ଷ୍ଟାଣ୍ଡ୍ ପାଖରେ ଛିଡ଼ାହୋଇଥିବା ବେଳେ ଉପର ଶ୍ରେଣୀର ୩ଜଣ ଛାତ୍ର ହାତରେ ପିନ୍ଧିଥିବା କଡ଼ା ଓ ଗଛ ଡାଳରେ ତାଙ୍କୁ ଆକ୍ରମଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆହତ ଅମିୟଙ୍କ ପ୍ରାଥମିକ ଚିକିତ୍ସା କରାଯିବା ପରେ ଘରକୁ ପଠାଇ ଦିଆଯାଇଥିଲା। ବିଳମ୍ବିତ ରାତିରେ ପରିବାର ଲୋକେ ଅମିୟଙ୍କୁ ଧରି ଚନ୍ଦକା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨୨/୧୮ରେ ମାମଲା ରୁଜୁ କରିଛି।

## କେରଳ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ଛାତ୍ରୀଛାତ୍ର

ବାଲିଅନ୍ତା,୨୪।୮(ଡି.ଏନ୍.ଏ.): କେରଳ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ମହାରଥା ବିଦ୍ୟାପୀଠର ଛାତ୍ରୀଛାତ୍ର। ସ୍କାଉଟ୍ସ ଏବଂ ଗାଇଡ୍ସ, ଏନ୍‌ସିସି ଓ ରେଡ୍‌କ୍ରସର ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କଠାରୁ ଏହି ସହାୟତା ପାଣ୍ଠି ସଂଗ୍ରହ କରିଥିଲେ। ସଂଗୃହୀତ ମୋଟ ୪୦୦୧ ଟଙ୍କାକୁ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ଶିକ୍ଷକ ତୋଫାନ କୁମାର ରାଉତରାୟ, ଦେବପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ତୃତୀୟ ଶ୍ରେଣୀ ଗଣିତ ବହିରେ ତ୍ରୁଟି




ବାରଙ୍ଗ,୨୪।୮(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ପଦାସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପାଠପଢ଼ା ସମୟରେ ତୃତୀୟ ଶ୍ରେଣୀ ଗଣିତ ବହିରେ ଏକ ତ୍ରୁଟି ପରିଚାଳନା କମିଟି ଦୃଷ୍ଟିକୁ ଆସିଛି। ଗଣିତ ବହିର ୧୨୧ ନମ୍ବର ପୃଷ୍ଠାରେ ବର୍ଷର ଏକ କ୍ୟାଲେଣ୍ଡର ପ୍ରସ୍ତୁତ ସମ୍ପର୍କିତ ପ୍ରଶ୍ନ ରହିଥିବା ବେଳେ ୨୦୧୪ ମସିହା ଜୁନ୍ ମାସର ଉଦାହରଣ ଦିଆଯାଇ ଅନ୍ୟ ମାସଗୁଡ଼ିକୁ ଲେଖିବା ପାଇଁ କୁହାଯାଇଛି। ହେଲେ ଜୁନ୍ ମାସ ୩୦ଦିନ ପରିବର୍ତ୍ତେ ୩୧ଦିନ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି। ସେହିପରି ଜୁଲାଇ ମାସ ୩୧ଦିନ ପରିବର୍ତ୍ତେ ୨୮ଟି ଫାଙ୍କା ସ୍ଥାନ ରହିଛି। ଅନୁଧ୍ୟାନ ବେଳେ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ମାଳୀଙ୍କ ନଜରକୁ ପ୍ରଥମେ ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନ ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟିରେ ଏ ନେଇ ଆଲୋଚନା ହୋଇଛି।

■ ଏଏସ୍‌ଆଇର ବାରଣ ମାନିଲେନି

# ରୋଷଘର ପାଚେରି ଉପରେ କାନ୍ଥ ନିର୍ମାଣ

ପୁରୁଣା ଭୁବନେଶ୍ୱର ,୨୪।୮ (ଡି.ଏନ.ଏ.)

ପ୍ରଭୁ ଶ୍ରୀଅନନ୍ତ ବାସୁଦେବ ମନ୍ଦିର ରୋଷ ଘର ପୋଡିଯିବ ପରେ ଏବେ ଏହାର ପାଚେରି ଉପରେ ଇଟା କାନ୍ଥ ଗଢାଯାଉଛି। କିଏ ଏହି କାନ୍ଥ ଗଢିବାକୁ କହିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ଏହି ଐତିହ୍ୟ କ୍ଷେତ୍ରର ପାଚେରି ଓ ତା'ର ରକ୍ଷଣାବେକ୍ଷଣ କରିବାର ଦାୟିତ୍ୱ ଏଏସ୍‌ଆଇକୁ ଦିଆଯାଇଛି। ଯାହା କିଛି ଉନ୍ନତି ଓ ମରାମତି କାର୍ଯ୍ୟ ହେବ ଏଏସ୍‌ଆଇ ବିନା ଅନୁମତିରେ କରାଯାଇ ପାରିବ ନାହିଁ। ହେଲେ ପୋଡି ଯାଇଥିବା ରୋଷ ଘର ପାଚେରିରେ ଏଏସ୍‌ଆଇର ବାରଣ ସତ୍ତ୍ୱେ କାନ୍ଥ ନିର୍ମାଣ ଚାଲିଛି।

ଐତିହ୍ୟ ସ୍ଥଳଗୁଡିକରେ ବେଆଇନ ନିର୍ମାଣ କାର୍ଯ୍ୟ ନେଇ ଏଏସ୍‌ଆଇ ପକ୍ଷରୁ କଟକଣା ରହିଛି। ତେବେ ପୁରୁଣା ଭୁବନେଶ୍ୱର ବିଭିନ୍ନ ମନ୍ଦିରରେ ଏଏସ୍‌ଆଇ ନିଜର କର୍ତ୍ତୃତ୍ୱ ଯାହିର କରି ନ ପାରିବାରୁ ବେଆଇନ ନିର୍ମାଣ କାର୍ଯ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଏହାର ସଦ୍ୟ ଉଦାହରଣ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର। ମନ୍ଦିରର ଉତ୍ତର ଦିଗରେ ବିଶାଳ ଐତିହ୍ୟ ପାଚେରି ଉପରେ ଇଟା ଓ ବାଲି ସିମେଣ୍ଟରେ କାନ୍ଥ ନିର୍ମାଣ କରାଯାଉଛି। ସୂଚନାଯୋଗ୍ୟ ନିକଟରେ ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିର ମେଘନାଦ ପାଚେରି ଉପରେ ତାର ଜାଲି ଏଏସ୍‌ଆଇ ଲଗାଇ ପାରି ନ ଥିଲା। ଏପରିକି ସେହି ତାର ଜାଲିକୁ ନେଇ ବିଭିନ୍ନ ବାଦ ବିବାଦ ଉପୁଜିବାରୁ ବିଭାଗ ପକ୍ଷରୁ ସେଗୁଡିକ ହଟାଯାଇ ପାଦ ଚଲା ରାସ୍ତା ଉପରେ ଲଗାଇ କାର୍ଯ୍ୟ ନିର୍ବାହ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ନିକଟରେ କୌଣସି କାରଣରୁ ନିଆଁ ଲାଗି ଶ୍ରୀଅନନ୍ତ ବାସୁଦେବଙ୍କ ରୋଷ ଘର ପ୍ରାୟ ୨୦ ବଖରା ପୋଡି ପାଉଁଶ ହୋଇ ଯାଇଥିଲା। ଖବର ନେବାରୁ ଜଣାଯାଇଛି, ଠାକୁରଙ୍କ ଅନ୍ନ ପ୍ରସାଦ ପ୍ରସ୍ତୁତ କରି ଶ୍ରଦ୍ଧାଳୁମାନଙ୍କୁ ଯୋଗାଇ ଦେବା ଲକ୍ଷ୍ୟରେ ଏଭଳି ତ୍ୱରତ ପଦକ୍ଷେପ ନିଆଯାଉଛି। ଐତିହ୍ୟ ପାଚେରିରେ ଇଟା ସଂଲଗ୍ନ କରାଯାଇ ସ୍ଥାୟୀ ରୋଷ ଘର ନିର୍ମାଣ ଲକ୍ଷ୍ୟରେ ଆଜବେଷ୍ଟସ ପକାଇବାକୁ ଏଭଳି କରାଯାଉଥିବା ଆଲୋଚନା ହେଉଛି। ଏଏସ୍‌ଆଇ ଅଧୀକ୍ଷଣ ସଂରକ୍ଷକ ଦିଲୀପ କୁମାର ପଣ୍ଡାଙ୍କୁ ପଚାରିବାରେ ଶ୍ରୀଅନନ୍ତ ବାସୁଦେବଙ୍କ ପାଚେରି ଉପରେ କାନ୍ଥ ନିର୍ମାଣ ସମ୍ପର୍କରେ ଆମ୍ଭେ ମନା କରିଥିଲୁ। ହେଲେ ସ୍ଥାନୀୟ ଲୋକମାନେ କଥା ମାନୁନାହାନ୍ତି। ସେଥିପାଇଁ ଆଗକୁ ଏହାର ଯାଞ୍ଚ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବା କଥା ନେବୁ ବୋଲି ସେ କହିଛନ୍ତି।

**ଶ୍ରୀଅନନ୍ତ ବାସୁଦେବ ମନ୍ଦିର**



ରୋଷଘର ପାଚେରି ଉପରେ ଗଢା ଯାଉଥିବା ଇଟା କାନ୍ଥ।




ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## କେରଳବାସୀଙ୍କ ପାଇଁ ଚିତ୍ରକଳା ପ୍ରଦର୍ଶନୀ କରିବ ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

କେରଳ ବନ୍ୟା ପ୍ରପୀଡ଼ିତମାନଙ୍କୁ ସହଯୋଗ ଲାଗି ବିଭିନ୍ନ ଅନୁଷ୍ଠାନ ଆଗେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି କେରଳବାସୀଙ୍କୁ ସହଯୋଗ କରିବା ପାଇଁ ଏକ ଅଭିନବ ଉଦ୍ୟମ କରିଛି। ଗ୍ୟାଲେରି ପକ୍ଷରୁ ପୂର୍ବରୁ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ଦ୍ୱାରା ସଂଗୃହୀତ ଏବଂ କର୍ମଶାଳାର ଚିତ୍ରଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯିବା ସହିତ ଏହାକୁ ବିକ୍ରି କରାଯିବ। ଏଥିରୁ ଯେଉଁ ଅର୍ଥ ମିଳିବ ତନ୍ମଧ୍ୟରୁ ୫୦% ମୁଖ୍ୟମନ୍ତ୍ରୀଙ୍କ ମାଧ୍ୟମରେ କେରଳର ବନ୍ୟା ପ୍ରପୀଡ଼ିତଙ୍କୁ ପ୍ରଦାନ କରାଯିବ। ଏହି ପ୍ରଦର୍ଶନୀ ଆସନ୍ତା ୨୮ତାରିଖରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ବୋଲି ଶୁକ୍ରବାର ଗ୍ୟାଲେରି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସୁନ୍ଦର ଚିତ୍ରଟିଏ ମାଧ୍ୟମରେ ପରୋକ୍ଷରେ ଅନ୍ୟକୁ ସହଯୋଗ କରି ମାନବିକତାର ପରିଚୟ ସୃଷ୍ଟି କରିବା ପାଇଁ ଏହା ଭଲ ପଦକ୍ଷେପ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଗ୍ୟାଲେରି ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ା, ଆବାହକ ସତ୍ୟବ୍ରତ ଜେନା ଉପସ୍ଥିତ ଥିଲେ।

## ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷା ହେବା ଆବଶ୍ୟକ

**୫ଟି ପ୍ରଶ୍ନ**



ପ୍ରାକ୍ତନ କୁଳପତି ନୀଳକଣ୍ଠ ପତି

ସଂସ୍କୃତ ବିଦ୍ୱାନ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ନୀଳକଣ୍ଠ ପତି। ସର୍ବଦର୍ଶନ ଉପରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ପତି ୧୯୮୧ ମସିହାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୦ରେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ଅବସର ପରେ ରତନ ଲାଲ ଟାଟା ଇନଷ୍ଟିଚ୍ୟୁଟର ଅବୈତନିକ ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଏହାସହିତ ସେ ରଚନା କରିଛନ୍ତି ୧୦ରୁ ଅଧିକ ସଂସ୍କୃତ ଏବଂ ଓଡ଼ିଆ ଭାଷା ପୁସ୍ତକ। ସେଗୁଡିକ ମଧ୍ୟରେ ରହିଛି ତତ୍ତ୍ୱ ମୁକ୍ତାବଳି, ସାମାନ୍ୟ ଦର୍ଶନ, ଆଚାର୍ଯ୍ୟ ବିଜ୍ଞାନ ଭିକ୍ଷୁ, ତତ୍ତ୍ୱ ଚତୁଃଷ୍ଟୟ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏବଂ କର୍ମକାଣ୍ଡ ଇତ୍ୟାଦି। ପତିଙ୍କ ଅବସର ସମୟ କିପରି କଟେ ସେ ସମ୍ପର୍କରେ ତାଙ୍କୁ ୫ଟି ପଶ୍ନ।

**▸ ରାଜ୍ୟରେ ସଂସ୍କୃତ ଶିକ୍ଷା ସ୍ଥିତି କ'ଣ?**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଉନ୍ନତ ଗବେଷଣା ଓ ସଂସ୍କୃତ ଭାଷାର ଅଧ୍ୟୟନ ଲାଗି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସଂସ୍କୃତ ଶିକ୍ଷାକୁ ଏକ ଦିଗ ମିଳିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍କୃତ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଗଲା ନାହିଁ। ବର୍ତ୍ତମାନ ରାଜ୍ୟରେ ସଂସ୍କୃତ ଶିକ୍ଷା ଦୋଦୁଲ୍ୟମାନ ସ୍ଥିତିରେ ଚାଲିଛି। ରାଜ୍ୟରେ ପାରମ୍ପରିକ ସଂସ୍କୃତ ବିଦ୍ୱାନ୍‌ଙ୍କ ସଂଖ୍ୟା କମୁଛି। ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷାହେବା ଆବଶ୍ୟକ। ଏଥିଲାଗି ରାଜ୍ୟ ସରକାର ଓ ସଂସ୍କୃତ ବିଦ୍ୱାନ୍‌ମାନଙ୍କ ସାମୂହିକ ଉଦ୍ୟମ ଆବଶ୍ୟକ।

**▸ ଅବସର ସମୟ କିଭିଳି କଟୁଛି?**

ଚାକିରି ସମୟରେ ବିଶ୍ୱବିଦ୍ୟାଳୟରେ ସମୟ ବିତୁଥିଲା। ପ୍ରତ୍ୟହ ଯେଉଁ ଅଳ୍ପ କିଛି ସମୟ ମିଳୁଥିଲା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି। କିନ୍ତୁ ଚାକିରିରୁ ଅବସର ପରେ ବହୁତ ସମୟ ମିଳୁଛି। ବର୍ତ୍ତମାନ ଅଧିକ ସମୟ ଲେଖାଲେଖି ଓ ବିଭିନ୍ନ ବହି ପଢାପଢିରେ ବିତୁଛି। ବିଭିନ୍ନ ମହାପୁରୁଷଙ୍କ ଦର୍ଶନ(ଫିଲୋସଫି) ପଢିବାକୁ ଭଲପାଏ। ଏପରି କି ଜର୍ମାନ ଦାର୍ଶନିକ ଇମାନୁଏଲ କାଣ୍ଟଙ୍କ ଦର୍ଶନକୁ ସଂସ୍କୃତ ଭାଷାରେ ଅନୁବାଦ କରିଛି। ବେଳେ ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ହୋଇ ଯିବାକୁ ପଡୁଛି।

**▸ ଶରୀରକୁ ସୁସ୍ଥ ରଖିବା ଲାଗି କ'ଣ କରନ୍ତି?**

ମୁଁ ପ୍ରତ୍ୟହ ପ୍ରାତଃଭ୍ରମଣ କରେ। ଏହାସହିତ ଯୋଗ ଓ ପ୍ରାଣାୟମ କରେ।

**▸ ଆପଣଙ୍କ ହବି କ'ଣ?**

ପଢିବା ହେଉଛି ମୋର ହବି। ମୁଁ ବିଭିନ୍ନ ପ୍ରକାର ପୁସ୍ତକ ପଢିବାକୁ ଭଲପାଏ। ମୋତେ ଦିନରେ ଯେତିକି ବି ସମୟ ମିଳେ ପଢାପଢି କରେ।

**▸ ଚାକିରି ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ**

ମୁଁ ୟୁଜିସି ଟିମ୍‌ରେ ବୈଷ୍ଣୋଦେବୀ ଯାଇଥାଏ। ୩ ଜଣ ଆଇଏଏସ୍ ଅଫିସରଙ୍କ ସହିତ ଟିମ୍‌ରେ ଆମେ ସାତଜଣ ଥାଉ। ବୈଷ୍ଣୋଦେବୀ ଯିବା ଲାଗି ଆମ ପାଇଁ ହେଲିକପ୍ଟର ବ୍ୟବସ୍ଥା ହୋଇଥାଏ। କିନ୍ତୁ ଆମେ ସେଠାରେ ପହଞ୍ଚିବା ପରେ ପାଗ ମେଘୁଆ ହୋଇଗଲା। ହେଲିକପ୍ଟର ସେବା ବାତିଲ ଘୋଷଣା ହେଲା। ମୁଁ ଭାବିଲି ମା'ଙ୍କ ଦର୍ଶନର ସୁଯୋଗ ନାହିଁ। ସମସ୍ତେ ମନଦୁଃଖରେ ବସିଥାଉ। ହଠାତ୍ ଘୋଷଣା ହେଲା ୟୁଜିସି ଟିମ୍ ପାଇଁ କେବଳ ହେଲିକପ୍ଟର ଯିବ। ଆମେ ଯାଇ ମା'ଙ୍କ ଦର୍ଶନ କରି ଫେରିଥିଲୁ। ଏହା ଏକ ଆଲୌକିକ ଘଟଣା ଭଳି ଥିଲା। ଏହା ମୋ ପାଇଁ ସ୍ମରଣୀୟ।

–ସାକ୍ଷାତ୍: ପ୍ରଦୀପ କିଶୋର ସାହୁ, (ପୁରୀ ଅଫିସ)

ନବରଙ୍ଗପୁର ଜିଲା ପରିଷଦ ଉପସଭାପତି ଅସିଦ୍ଧ ମାମଲା

# ତଳ କୋର୍ଟଙ୍କ ଆଦେଶ ଉପରେ ରହିତାଦେଶ

କଟକ ଅଫିସ, ୨୪।୮

ନବରଙ୍ଗପୁର ଜିଲା ପରିଷଦ ଉପସଭାପତି ପଦବୀ ଅସିଦ୍ଧ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ସେହିପରି ଉକ୍ତ ମାମଲାରେ ପକ୍ଷଭୁକ୍ତ ହୋଇଥିବା ରାଜ୍ୟ ଆଇନ ସଚିବ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବା ପାଇଁ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ରେ ରାଜ୍ୟରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ୨୦୧୭ ମାର୍ଚ୍ଚ ୨୭ ମଧ୍ୟରେ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଇଥିଲା। ହେଲେ ପ୍ରକ୍ରିୟା ଚାଲିଥିବା ସମୟରେ ଅର୍ଥାତ୍ ୨୦୧୭ ମାର୍ଚ୍ଚ ୮ ରେ ରାଜ୍ୟ ସରକାର ନିର୍ବାଚନ ନିୟମାବଳୀରେ ସଂଶୋଧନ ଆଣି ସେଥିରେ ରୁଲ୍ ୫୧(ଏ)କୁ ସାମିଲ କରିଥିଲେ। ଉକ୍ତ ସଂଶୋଧନ ସମ୍ପର୍କରେ ସରକାର ଆଉ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିଥିଲେ। ଏହି ଅନୁଯାୟୀ ରାଜ୍ୟ ସଭା ନିର୍ବାଚନ ଢାଞ୍ଚାରେ ଜିଲା ପରିଷଦ ସଭାପତି ଓ ଉପସଭାପତି ନିର୍ବାଚନ କରିବାକୁ ସରକାର ପ୍ରଥମ ଥର ପାଇଁ ନୂଆ ନିୟମ ପ୍ରଣୟନ କରିଥିଲେ। ଏହି ଅନୁଯାୟୀ, ଜିଲା ପରିଷଦ ସଭାପତି, ଉପସଭାପତି ନିର୍ବାଚନ ସମୟରେ ଦଳୀୟ ଏଜେଣ୍ଟମାନେ ଉପସ୍ଥିତ ରହିବେ। ଦଳୀୟ ଚିହ୍ନରେ ନିର୍ବାଚନ ଜିତିଥିବା ଜିଲା ପରିଷଦ ସଦସ୍ୟମାନେ ଦଳ ପକ୍ଷରୁ ଘୋଷିତ ସଭାପତି ଓ ଉପସଭାପତିଙ୍କୁ ଭୋଟ ଦେଲେ ବୋଲି ଉପସ୍ଥିତ ଏଜେଣ୍ଟଙ୍କୁ ବାଲଟ ପେପର ଦେଖାଇବେ। ତେବେ ନବରଙ୍ଗପୁର ଜିଲାର ୨୬ଟି ଜିଲା ପରିଷଦ ଜୋନ ମଧ୍ୟରୁ ବିଜେଡି ୧୧ଟି ଜୋନରେ ଜିତିଥିବା ବେଳେ କଂଗ୍ରେସ ୮ ଓ ଭାଜପା ୭ଟି ଜୋନରେ ବିଜୟଲାଭ କରିଥିଲା। ୨୦୧୭ ମାର୍ଚ୍ଚ ୨୪ ରେ ଜିଲା ପରିଷଦ ଉପସଭାପତି ପଦବୀ ନିମନ୍ତେ ନିର୍ବାଚନ କରାଯାଇଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ନିବେଦିତା ମହାନ୍ତି ବିଜୟୀ ହୋଇଥିଲେ। ମାତ୍ର ଉପସଭାପତି ପଦବୀ ନିମନ୍ତେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ପ୍ରୀତିସ୍ମିତା ମହାପାତ୍ର ନବରଙ୍ଗପୁର ଜିଲା ଜଜ୍‌କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମହାପାତ୍ର ଦର୍ଶାଇଥିଲେ ଯେ, ସରକାରଙ୍କ ସଂଶୋଧିତ ଆଇନ ଯୋଗୁ ସେ ପରାସ୍ତ ହୋଇଛନ୍ତି। କାରଣ ଭୋଟକୁ ଗୋପନ ରଖା ନ ଯାଇ ସାର୍ବଜନୀନ କରାଯିବାରୁ ତାଙ୍କର ପରାଜୟ ଘଟିଛି। ତେଣୁ ଉପସଭାପତି ଭାବେ ନିର୍ବାଚିତ ନିବେଦିତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବାକୁ ସେ କୋର୍ଟରେ ଆବେଦନ କରିଥିଲେ। ମହାପାତ୍ରଙ୍କ ଆବେଦନକୁ ଗ୍ରହଣ କରି ଜିଲା ଜଜ୍ ଗତ ଜୁଲାଇ ୨୦ରେ ଜିଲା ପରିଷଦ ଉପସଭାପତି ନିବେଦିତା ମହାନ୍ତିଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହିତ ଉକ୍ତ ପଦବୀକୁ ସାମୟିକ ଶୂନ୍ୟତା (କାଜୁଆଲ ଭ୍ୟାକେନ୍ସି) ଘୋଷଣା କରିବାକୁ ନିର୍ବାଚନ କମିଶନରଙ୍କୁ ଆଦେଶ ଦେଇଥିଲେ। ଜିଲା ଜଜ୍‌ଙ୍କ ଏହି ଆଦେଶ ବିରୋଧରେ ନିବେଦିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବିଦ୍ୟାଧର ମିଶ୍ର, ଆଡଭୋକେଟ ତରଣୀକାନ୍ତ ବିଶ୍ୱାଳ ଓ ପୁଷ୍ପରାଜ ଭରଦ୍ୱାଜ ମାମଲା ପରିଚାଳନା କରୁଥିଲେ।

## ଏସ୍‌ସିବିରେ ୧୧୫ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୪।୮:** ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ୍ ୧୧୫ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ମେଡିକାଲରେ ହୋଇଥିବା ରକ୍ତ ନମୁନା ପରୀକ୍ଷାରୁ କଟକରୁ ୧୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ୧୩୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୨୪ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। କଟକରୁ ଚିହ୍ନଟ ରୋଗୀଙ୍କ ମଧ୍ୟରେ ହାଇକୋର୍ଟ ଅଞ୍ଚଳର ଜଣେ ଥିବାବେଳେ ହରିଅନ୍ତା, ନଜରପୁର, ପ୍ରଧାନପଡ଼ା, ସତ୍ୟଭାମାପୁର, ରାଧାକିଶୋରପୁର ଓ ଆଟୋଡ଼ା ଅଞ୍ଚଳର ରୋଗୀ ରହିଛନ୍ତି।

## ବିଏସ୍‌କେୱାଇ ପାଇଁ ଟୋଲ୍ ଫ୍ରି ନମ୍ବର

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରେ ଅନ୍ତର୍ଭୁକ୍ତ ହେବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ବିଜୁ କୃଷକ କଲ୍ୟାଣ ଯୋଜନାର କାର୍ଡଧାରୀଙ୍କ ବାର୍ଷିକ ଆୟକୁ ଦେଖାଯିବ। ଏହି ଦୁଇ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମାଞ୍ଚଳ ପରିବାରର ବାର୍ଷିକ ଆୟ ୫୦ ହଜାର ଏବଂ ସହରାଞ୍ଚଳ ପରିବାରର ବାର୍ଷିକ ଆୟ ୬୦ ହଜାର ଟଙ୍କା ହୋଇଥିବା ଆବଶ୍ୟକ। ଯୋଜନା ସୁବିଧାରୁ ବଞ୍ଚିତ ହେଲେ ଟୋଲ୍ ଫ୍ରି ନମ୍ବର ୧୫୫୩୬୯କୁ ଡାଏଲ କରି ଅଭିଯୋଗ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଟୋଲ୍ ଫ୍ରି ନମ୍ବର ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିଛି।

ସୂଚନାଯୋଗ୍ୟ, ଅଗଷ୍ଟ ୧୫ରୁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାକୁ ଶୁଭାରମ୍ଭ କରିଥିଲେ। ୭୦ ଲକ୍ଷ ପରିବାରର ସାଢେ ୩ କୋଟି ଲୋକଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ମିଳିବ। ମହିଳାଙ୍କ ପାଇଁ ୭ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ରହିଛି। ସମସ୍ତ ସରକାରୀ ହସ୍ପିଟାଲ ସହିତ ୨୦୮ ଘରୋଇ ହସ୍ପିଟାଲରେ ଏହି ସୁବିଧା ମିଳିବ।

# ଏବିଭିପିର ଛାତ୍ର ନେତା ସମ୍ମିଳନୀ

■ ୧୧ରେ ଛାତ୍ର ଅଧିକାର ସମାବେଶ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ଥାନୀୟ ଦୁର୍ଗା କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଛାତ୍ରନେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ। ସେମାନେ ନିଜ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଅଧ୍ୟାପକ ସମସ୍ୟା, ଭିତ୍ତିଭୂମିର ଅଭାବ, ଲାଇବ୍ରେରୀରେ ପୁସ୍ତକ ଅଭାବ, କ୍ୟାମ୍ପସରେ ରାଜନୈତିକ ଦଳର ଗୁଣ୍ଡାରାଜ, ଉନ୍ନତ ଶିକ୍ଷାଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏବିଭିପିର ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଦୀପକ ରିଷି ଯୋଗଦେଇ ଓଡ଼ିଶାରେ ଦୟନୀୟ ଓ ଦୁର୍ନୀତିଗ୍ରସ୍ତ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କହିଥିଲେ। ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା ଗତ ଦୁଇ ଦଶନ୍ଧିଧରି ଓଡ଼ିଶା ଉଚ୍ଚଶିକ୍ଷାକୁ ବରବାଦ କରିବା ପାଇଁ କିପରି ଷଡ଼ଯନ୍ତ୍ର ଚାଲିଛି ତାହା କହିଥିଲେ। ସଂଗଠନର ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ଛାତ୍ରୀଙ୍କୁ ଅସଦାଚରଣ, ଭିଡିଓ ଭାଇରାଲ ଭଳି କାର୍ଯ୍ୟ ବିଗତ କିଛି ଦିନରେ ବଢ଼ିଚାଲିଛି ବୋଲି ଦର୍ଶାଇ ମଲ୍ଲିକ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ସମସ୍ୟା ସମାଧାନ ସହିତ ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଆସନ୍ତା ସେପ୍ଟେମ୍ବର ୧୧ରେ ଭୁବନେଶ୍ୱରରେ ଛାତ୍ର ଅଧିକାର ସମାବେଶର ଆୟୋଜନ କରାଯାଇଛି ବୋଲି ମଲ୍ଲିକ କହିଥିଲେ।




■ ଅନ୍ଧାରରେ ଅଟଳା-ହଂସପାଳ ପୁରୀ କେନାଲ ରାସ୍ତା

# ରାତି ହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡା

ଭୁବନେଶ୍ୱର ୨୪।୮(ବ୍ୟୁରୋ)

ରାଜଧାନୀର ପ୍ରତ୍ୟେକ ୱାର୍ଡରେ ରହିଛି ଗଦା ଗଦା ସମସ୍ୟା। ଏପରି କି ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଆସୁଥିବା ଅଧିକାଂଶ ଅଞ୍ଚଳରେ ସାଧାରଣ ବିଜୁଳି ଖୁଣ୍ଟରେ ବିଜୁଳିବତି ଲଗାଇବାରେ ବି ବିଫଳ ହୋଇଛି ବିଏମ୍‌ସି। ଯେଉଁଥିପାଇଁ ସନ୍ଧ୍ୟାହେଲେ ଉକ୍ତ ଅଞ୍ଚଳ ଅସାମାଜିକଙ୍କ ଆଡ୍ଡାରେ ପରିଣତ ହେଉଛି। ସାଧାରଣ ଲୋକେ ସେହି ରାସ୍ତାରେ ଯିବା ଆସିବା ପାଇଁ ଭୟ କରୁଛନ୍ତି। ବିଏମ୍‌ସିର ୪ନମ୍ବର ୱାର୍ଡ ଅଧୀନରେ ଆସୁଥିବା ଅଟଳା-ହଂସପାଳ ପୁରୀ କେନାଲ ରୋଡର ବାମପାର୍ଶ୍ୱ ରାସ୍ତାର ଖୁଣ୍ଟରେ ବିଜୁଳିବତି ଲଗାଇବାକୁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ହୋଇପାରିନାହିଁ।

ପ୍ରକାଶ ଯେ, ଜଳ ସମ୍ପଦ ବିଭାଗ ଅଧୀନରେ ଆସୁଥିବା ଏହି କେନାଲ ରୋଡ୍ ହଂସପାଳ ଛକରୁ ସାଇଫନ ଛକଯାଏ ସଂଯୋଗ କରି କବି ଜୟଦେବଙ୍କ ପୀଠଯାଏ ଯାଇଛି। ହେଲେ ରାସ୍ତା ପାର୍ଶ୍ୱ ଖୁଣ୍ଟଗୁଡ଼ିକରେ ବିଜୁଳି ସଂଯୋଗ ହୋଇ ନ ଥିବାରୁ ରାତିରେ ଏହି ରାସ୍ତା ସଂପୂର୍ଣ୍ଣ ଅନ୍ଧାର ରହୁଛି। ରାସ୍ତାର ବାମ ପାର୍ଶ୍ୱରେ ନୂଆ କରି ଆପାର୍ଟମେଣ୍ଟମାନ ନିର୍ମାଣ ହେଉଥିବା ବେଳେ ବର୍ତ୍ତମାନ ରହିଥିବା ଆପାର୍ଟମେଣ୍ଟଗୁଡିକରେ ପ୍ରାୟ ୭ ହଜାରରୁ ଅଧିକ ଲୋକ ରହୁଛନ୍ତି। ଯେଉଁମାନେ ପ୍ରତିଦିନ ଏହି ରାସ୍ତା ଦେଇ ଯାଇଥାନ୍ତି। ରାସ୍ତା ପାଖରେ ଥିବା ଅଧା ଅଞ୍ଚଳ ବିଏମ୍‌ସି ଅଧୀନରେ ଆସୁଥିବା ବେଳେ ଅନ୍ୟ ଅଧା ପଞ୍ଚାୟତ ଅଧୀନରେ ଆସୁଛି। ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଦାବିକୁ ବିଏମ୍‌ସି କର୍ତ୍ତୃପକ୍ଷ ଏଡ଼ାଇ ଚାଲିଛନ୍ତି। ସେହିଭଳି ସ୍ଥାନୀୟ ବାସିନ୍ଦା ବାରମ୍ବାର ବିଏମ୍‌ସି ଅଫିସ୍ ସହ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଏବଂ ସ୍ଥାନୀୟ କର୍ପୋରେଟରଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ଫଳ ମିଳୁନି। ଖୁବ୍‌ଶୀଘ୍ର ପିପିପି ମୋଡରେ ଓଡିଶା ଷ୍ଟ୍ରିଟ୍ ଲାଇଟିଂ ପ୍ରକଳ୍ପ ଅଧୀନରେ ଏହି ରାସ୍ତାକୁ ଆଲୋକୀରଣ କରାଯିବ ବୋଲି ବିଏମ୍‌ସି ଉତ୍ତର ଦେଇଛି। ହେଲେ କେବେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ସେନେଇ ପ୍ରଶ୍ନ ପଚାରିବାରେ କର୍ତ୍ତୃପକ୍ଷଙ୍କ ପାଖରେ କୌଣସି ଉତ୍ତର ନାହିଁ। ରାଜ୍ୟ ସରକାର କେନାଲ କୂଳରେ ଏକ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଥିବା ବେଳେ କେନାଲର ବାମ ପାର୍ଶ୍ୱରେ ଦିନକୁ ଦିନ ଜବରଦଖଲ ବଢିବାରେ ଲାଗିଛି। ଜବରଦଖଲ ଉଚ୍ଛେଦ କରିବାକୁ ସରକାରୀ କଳ ତତ୍ପର ହେଉ ନ ଥିବା ବେଳେ ରାତିହେଲେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ସେହିଭଳି ଅନ୍ଧାର ଯୋଗୁ ଅଧିକାଂଶ ସମୟରେ ରାସ୍ତାରେ ଛୋଟବଡ ଦୁର୍ଘଟଣା ହେବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଏହାସହ ଅସାମାଜିକଙ୍କ ଆଡ୍ଡା ଏବଂ ଚୋରି ଘଟଣା ମଧ୍ୟ ବଢିବାରେ ଲାଗିଛି। ରାସ୍ତାରେ ଆଲୁଅ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଏହା ଏକ ବଡ ଆନ୍ଦୋଳନକୁ ବାଟ ଫିଟାଇବ ବୋଲି ସ୍ଥାନୀୟ ବାସିନ୍ଦା ତଥା ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ରଥ କହିଛନ୍ତି।



“ବିବାହ କରିବାର ୩ ମାସ ପରେ ମୁଁ ପ୍ରଥମ ସନ୍ତାନର ମା’ ହେବାକୁ ଯାଉଛି।

-ନେହା ଧୁପିଆ, ବଲିଉଡ୍ ଅଭିନେତ୍ରୀ



[ଇତିହାସର ଆଇନାରେ]

## ଅଗଷ୍ଟ ୨୫ର ପ୍ରମୁଖ ଘଟଣା

### ଡିକ୍ସିରେ ଭୟାବହ ଭୂକମ୍ପ



୧୯୩୩ ଅଗଷ୍ଟ ୨୫ରେ ଚାଇନାର ସିଚୁଆନ୍ ପ୍ରଦେଶ ଅନ୍ତର୍ଗତ ମାଓ କାଉଣ୍ଟିର ଡିକ୍ସି ସହରରେ ଭୟାବହ ଭୂକମ୍ପ ଘଟିଥିଲା। ଏଥିରେ ପ୍ରାୟ ୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଡିକ୍ସି ସହର ଏବଂ ଏହା ଆଖପାଖ ଅଞ୍ଚଳରେ ଏହି ଭୂକମ୍ପ ମୃତ୍ୟୁର ତାଣ୍ଡବ ଖେଳିଥିଲା। ଭୂକମ୍ପ ପ୍ରଭାବରେ ଡିକ୍ସି ସହର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଥିଲା। ପୁରୁଣା ସହର ଡିକ୍ସି ହ୍ରଦରେ ବୁଡ଼ି ଯାଇଥିଲା। ଭୂକମ୍ପ ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବହୁ ଅଟ୍ଟାଳିକା ଭାଙ୍ଗିଯିବା ସହ ରାସ୍ତାଘାଟ ନଷ୍ଟ ହୋଇଯାଇଥିଲା। ଏହାକୁ କାଉଣ୍ଟିର ସବୁଠାରୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଏ।

### ସ୍ୱାଧୀନ ହେଲା ବେଲାରୁସ୍

୧୯୯୧ ଅଗଷ୍ଟ ୨୫ରେ ସୋଭିଏତ୍ ୟୁନିୟନଠାରୁ ବେଲାରୁସ୍ ସ୍ୱାଧୀନତା ହାସଲ କରିଥିଲା। ସୋଭିଏତ୍ ୟୁନିୟନ୍ ଭାଙ୍ଗିଯିବା ସମୟରେ ୧୯୯୦ ଜୁଲାଇ ୨୭ରେ ବେଲାରୁସ୍ ପାର୍ଲାମେଣ୍ଟ ସାର୍ବଭୌମତ୍ୱ ଘୋଷଣା କରିଥିଲା। ଏହାର ପ୍ରାୟ ୫ବର୍ଷ ପରେ ପୂର୍ବ ୟୁରୋପର ଏହି ଦେଶ ସ୍ୱାଧୀନ ହୋଇଥିଲା। ବେଲାରୁସ୍ ଉତ୍ତର-ପୂର୍ବରେ ରୁଷିଆ ରହିଥିବାବେଳେ ଦକ୍ଷିଣରେ ୟୁକ୍ରେନ୍, ପଶ୍ଚିମରେ ପୋଲାଣ୍ଡ ଏବଂ ଉତ୍ତର-ପଶ୍ଚିମରେ ଲିଥୁଆନିଆ ଓ ଲାଟଭିଆ ରହିଛି। ଏହାର ରାଜଧାନୀ ହେଉଛି ମିନ୍ସ୍କ।

# ସାଟେଲାଇଟ୍ କହିବ ବରଫ ତରଳିବାର କାରଣ

**ୱାଶିଂଟନ୍:** ନାସା ଆସନ୍ତା ମାସରେ ଲେଜର-ବାହୁଯୁକ୍ତ ସାଟେଲାଟ୍ ମହାକାଶକୁ ଛାଡ଼ିବ। ପୃଥିବୀର ମେରୁ ଅଞ୍ଚଳରେ ବରଫ ପର୍ବତ କିପରି ଏତେ ଦ୍ରୁତଗତିରେ ତରଳୁଛି ସେ ସମ୍ପର୍କରେ ଏହା ଅନୁଧ୍ୟାନ କରିବ। ଏଇ କିଛିବର୍ଷ ହେଲା ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ଅପ୍ରତ୍ୟାଶିତ ଭାବରେ ବରଫ ଖଣ୍ଡ ତରଳିବା ଯୋଗୁ ବିଶ୍ୱ ସ୍ତରରେ ସମୁଦ୍ରପତ୍ତନ ବର୍ଷକୁ ୧ ମିଲିମିଟରରୁ ଊର୍ଦ୍ଧ୍ୱ ବୃଦ୍ଧି ପାଉଛି। ବରଫ ଖଣ୍ଡ ଏତେ ଦ୍ରୁତଗତିରେ ତରଳିବାର କାରଣ କ’ଣ ସେ ସମ୍ପର୍କିତ ତଥ୍ୟ ଏହି ସାଟେଲାଇଟ୍ ଦ୍ୱାରା ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏହାକୁ ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨ (ଆଇସ୍‌ସାଟ୍-୨) କୁହାଯାଉଛି। ଏହି ସାଟେଲାଇଟ୍‌କୁ ସେପ୍ଟେମ୍ବର ୧୫ରେ କାଲିଫର୍ନିଆର ଭାଣ୍ଡେନବର୍ଗ ଏୟାରଫୋର୍ସ ବେସ୍‌ରୁ ଲଞ୍ଚ୍ କରାଯିବ। ଆଇସ୍‌ସାଟ୍-୨ ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ସମୁଦ୍ରପତ୍ତନଠାରୁ ବରଫଖଣ୍ଡର ଉଚ୍ଚତା ବର୍ଷକୁ କେତେ ହ୍ରାସ ପାଉଛି ତାହା ମାପ କରିପାରିବ। ଏହି ସାଟେଲାଇଟ୍‌ର ନୂତନ ପର୍ଯ୍ୟବେକ୍ଷଣଭିତ୍ତିକ



ଜ୍ଞାନକୌଶଳ ଦ୍ୱାରା ବରଫଖଣ୍ଡ ତରଳିବା ଏବଂ ଏହାଦ୍ୱାରା ସମୁଦ୍ରପତ୍ତନ କିପରି ବୃଦ୍ଧି ପାଉଛି ତାହା ବୈଜ୍ଞାନିକଙ୍କୁ ଜଣାଇ ଦେଇପାରିବ ବୋଲି ନାସାର ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଆର୍ଥ ସାଇନ୍ସ ଡିଭିଜନ୍ ନିର୍ଦ୍ଦେଶକ ମାଇକେଲ୍ ଫ୍ରେଲିଚ ପ୍ରକାଶ କରିଛନ୍ତି। ୨୦୦୩ରେ ପ୍ରଥମକରି ଆଇସ୍‌ସାଟ୍ ମିଶନ୍ ଆରମ୍ଭ ହୋଇଥିଲା। ଏହି ସାଟେଲାଇଟ୍ ୨୦୦୯ ପର୍ଯ୍ୟନ୍ତ ଏହାର ପର୍ଯ୍ୟବେକ୍ଷଣ ଜାରି ରଖିଥିଲା।

# ପିଲାଙ୍କ ପଢ଼ାସାଥୀ ରୋବୋ

ୱାଶିଂଟନ



ବୈଜ୍ଞାନିକମାନେ ଏକ ନୂଆ ରୋବୋ (ଯନ୍ତ୍ର ମାନବ) ବିକଶିତ କରିଛନ୍ତି। ଏହା ପିଲାଙ୍କ ପଢ଼ାସାଥୀ ହୋଇ ପାରିବ। ପିଲା ପଢୁଥିବା ବେଳେ ଏହା ଧ୍ୟାନର ସହିତ ଶୁଣି ମଣିଷ ଭଳି ପ୍ରତିକ୍ରିୟା କରିପାରିବ। ଏହି ରୋବୋର ନାମ ‘ମିନି’ ରଖାଯାଇଛି। ବୈଜ୍ଞାନିକମାନେ ଏଥିପାଇଁ ଏକ ପରୀକ୍ଷା କରିଥିଲେ। ଦୁଇ ସପ୍ତାହ ଧରି ରୋବୋ ସହିତ ପଢ଼ିବା ପରେ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ଆମେରିକାର ୱିସ୍‌କନସିନ୍-ମାଡିସନ୍ ୟୁନିଭର୍ସିଟିର ଗ୍ରାଜୁଏଟ୍ ଛାତ୍ର ଯୋସେଫ୍ ମାଇକେଲ କହନ୍ତି, ରୋବୋ ସହିତ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପ୍ରଶ୍ନ କରାଯାଇଥିଲା। ରୋବୋ ଖୁବ୍ ମଜାଳିଆ ଏବଂ ସାଦାସିଧା ବୋଲି ସେମାନେ ବର୍ଣ୍ଣନା କରିଥିଲେ। ସେମାନେ ପୁଣିଥରେ ରୋବୋ ସାଥିରେ ପଢ଼ିବାକୁ ଖୁବ୍ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ବାହାରକୁ ଅତି ସହଜ ଦିଶୁଥିବା ଏବଂ ଦୁଇଟି କଳା ଆଖି ଥିବା ଏହି ରୋବୋର ମୁଣ୍ଡ ଦେଖିବାକୁ ଏକ ଗ୍ଲୋବ୍ ଭଳି। ଉକ୍ତ ରୋବୋ ପିଲାଙ୍କ ବହିପଢ଼ା ଶୁଣିବା ସହିତ ପ୍ରତିକ୍ରିୟା ପ୍ରକାଶ କରେ। ସେହି ଦୃଷ୍ଟିରୁ ଏହା କିଛି ଚିନ୍ତା କରୁଥିବା ଭଳି ଜଣାପଡ଼େ। ନିଜ ସ୍ମୃତିପଟରେ ସାଇତି ରଖିଥିବା ବିଭିନ୍ନ ସିରିଜ୍‌ର ପୁସ୍ତକ ପଢ଼ିବାକୁ ସେ ପିଲାଙ୍କୁ ପରାମର୍ଶ ଦେଇପାରେ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୫.୮ |
| ଚାନ୍ଦବାଲି | ୩୫.୨ | ୨୬.୭ |
| କଟକ | ୩୩.୬ | ୨୫.୦ |
| ପାରାଦ୍ୱୀପ | ୩୩.୩ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୦ |
| ଗୋପାଳପୁର | ୩୩.୫ | ୨୮.୩ |
| ପୁରୀ | ୩୪.୦ | ୨୭.୪ |
| ଅନୁଗୋଳ | ୩୨.୧ | ୨୩.୪ |
| ବାରିପଦା | ୩୩.୬ | ୨୭.୫ |
| ଝାରସୁଗୁଡ଼ା | ୩୦.୮ | ୨୬.୦ |
| କେନ୍ଦୁଝର | ୩୧.୭ | ୨୪.୦ |
| ସମ୍ବଲପୁର | ୨୯.୮ | ୨୩.୧ |
| ସୁନ୍ଦରଗଡ଼ | ୩୪.୦ | ୨୦.୦ |
| ହୀରାକୁଦ | ୩୦.୧ | ୨୧.୯ |
| ତାଳଚେର | ୩୨.୫ | ୨୬.୦ |
| ଭବାନୀପାଟଣା | ୨୯.୪ | ୨୪.୨ |
| ବଲାଙ୍ଗୀର | ୩୦.୦ | ୨୪.୭ |
| କୋରାପୁଟ | ୨୩.୨ | ୨୦.୦ |
| ଫୁଲବାଣୀ | ୨୬.୦ | ୨୨.୬ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୨୮.୫ | ୨୩.୦ |
| ସୋନପୁର | ୨୯.୨ | ୨୪.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | ୩୨.୫ | ୨୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ମିଡିଆ ଗୁଜବକୁ ଭ୍ରୂକ୍ଷେପ କରନ୍ତି ନାହିଁ ଆଲିଆ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଅଭିନୟ ପାଇଁ ଯେତିକି ଚର୍ଚ୍ଚାରେ, ତାହାଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଅଭିନେତା ରଣବୀର କପୁରଙ୍କ ସହିତ ଗୁଜବକୁ ନେଇ। ଏକ ଖାନ୍‌ଦାନ୍ ପରିବାରରୁ ଆସିଥିବା ଆଲିଆ କହନ୍ତି, ଖୁବ୍ ପିଲାଦିନରୁ ସେ ଗଣମାଧ୍ୟମର ସାମ୍ନା କରି ଆସିଛନ୍ତି। ତେବେ ରଣବୀରଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଯେଉଁଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ସେ ଆଦୌ ବିଚଳିତ ନୁହନ୍ତି। ମୁଁ ଏକ ଖାନ୍‌ଦାନ୍ ପରିବାରରେ ବଢ଼ିଆସିଛି। ଯେଉଁ ପରିବାର ଅନେକ ସମୟରେ ଗଣମାଧ୍ୟମ ଚର୍ଚ୍ଚାରେ ରହିଆସିଛି। ପିଲାଦିନରୁ ଅଭିନୟ କ୍ଷେତ୍ରରେ ସ୍ୱୀକୃତି ପାଇଛି ଏବଂ ବିଭିନ୍ନ ଗଣମାଧ୍ୟମରେ ଏଥିପାଇଁ ଚର୍ଚ୍ଚା ହୋଇଛି। ମୁଁ ଗଣମାଧ୍ୟମ ସହ ନିବିଡ ଭାବରେ ଜଡିତ। ତେଣୁ ବର୍ତ୍ତମାନ ଏହାଦ୍ୱାରା ସେତେ ପ୍ରଭାବିତ ନୁହେଁ। ଯେଉଁ ଚରିତ୍ରରେ ଅଭିନୟ କରିବି ତାହା ଯେଉଁଭଳି ଦର୍ଶକମାନଙ୍କ ଉପରେ ଦୃଢ଼ ଏବଂ ସକାରାତ୍ମକ ପ୍ରଭାବ ପକାଏ ତାହା ଉପରେ ଗୁରୁତ୍ୱ ଦେଉଛି ବୋଲି ଆଲିଆ ପ୍ରକାଶ କରିଛନ୍ତି। ସେ ପ୍ରଥମକରି କରନ୍ ଜୋହରଙ୍କ ‘ଷ୍ଟୁଡେଣ୍ଟ ଅଫ୍ ଦି ଇୟର’ରେ ଅଭିନୟ କରିବାର ସୁଯୋଗ ପାଇଥିଲେ।

## ଅନ୍ୟାନ୍ୟ ଖବର

# ଟ୍ରେଲର ଧକ୍କାରେ ଦମ୍ପତି ମୃତ

**ବଣ୍ଟରପାଳ, ୨୪।୮ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର କୁଲାଡ଼ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରେଲର ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଣ୍ଟରପାଳ ଥାନା ଗୋତମରା ଗ୍ରାମର ଅଜୟ ମହାପାତ୍ର(୩୮) ଓ ତାଙ୍କ ସ୍ତ୍ରୀ ରେବତୀ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଘଟଣାରୁ ଜଣାପଡିଛି, ଅଜୟ ସ୍ତ୍ରୀ ରେବତୀଙ୍କୁ ନେଇ ବାଇକ୍‌ରେ ଅନୁଗୋଳରୁ ବଣ୍ଟରପାଳ ଫେରୁଥିବାବେଳେ ଏକ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅଜୟଙ୍କ ନିଜ ଘର ବନ୍ତଲା ଥାନା ମାଣପୁର ଗ୍ରାମରେ। ସେ ଗୋତମରାରେ ରହି ଏକ ଠିକାସଂସ୍ଥାରେ କାମ କରୁଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଛି। ରାସ୍ତା ମରାମତି, କ୍ଷତିପୂରଣ ଆଦି ଦାବି ନେଇ ଲୋକେ ଟାୟାର ଜାଳି ରାଜପଥ ଅବରୋଧ କରିଛନ୍ତି। ଏଥିସହ ଅନୁଗୋଳରୁ ବଣ୍ଟରପାଳ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ପାଇଁ ନାଲ୍‌କୋ ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଜେନା, ଦାବି କରିଛନ୍ତି। ଘଟଣାସ୍ଥଳରେ ବଣ୍ଟରପାଳ ଥାନା ଅଧିକାରୀ କନକ ମାଝି, ନାଲକୋ ଥାନା ସବ ଇନ୍ସପେକ୍ଟର ଟି. ହର ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ଟ୍ରେଲରକୁ ଜବତ କରିବା ସହ ଚାଳକ ଓ ଖଲାସିଙ୍କୁ ଥାନାରେ ଅଟକ ରଖିଛି।

# ନୂଆଖେତାରେ ମହାବଳ, କଟରଙ୍ଗରେ ସୁନ୍ଦରୀ

**ବନ୍ତଲା, ୨୪।୮ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଏବେ ବାଘ-ବାଘୁଣୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର କାହ୍ନାରୁ ଆସିଥିବା ମହାବଳ ବନ୍ତଲା ରେଞ୍ଜ ନୂଆଖେତା ରିଜର୍ଭ ଜଙ୍ଗଲ ମଧ୍ୟରେ ଥିବାବେଳେ ବାଘୁଣୀ ସୁନ୍ଦରୀ ଜିଲିଣ୍ଡା ରେଞ୍ଜ କଟରଙ୍ଗ ରିଜର୍ଭ ଜଙ୍ଗଲରେ ଥିବା ଜଣାପଡ଼ିଛି। ବନ ବିଭାଗର ତିନୋଟି ଟିମ୍ ଏହାକୁ ମନିଟରିଂ କରିବା ସହ ରେଡିଓ କୋଲାର ମାଧ୍ୟମରେ ସେମାନଙ୍କ ଗତିବିଧି ଲକ୍ଷ୍ୟ କରୁଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ବାଘୁଣୀ କଟରଙ୍ଗ ଗାଁ ନିକଟରେ ଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ସେମାନେ ଠେଙ୍ଗାବାଡ଼ି ଧରି ଜଗି ବସିଥିଲେ। ଏହାଛଡ଼ା ଉକ୍ତ ବାଘୁଣୀ ଜଣେ ୱାଚରଙ୍କୁ ଆକ୍ରମଣ କରିବା ପରେ ଗ୍ରାମବାସୀ ଅଧିକ ଭୟଭୀତ ହୋଇପଡ଼ିଥିଲେ। ଏହାକୁ ନଜରରେ ରଖି ବନ ବିଭାଗ କର୍ମଚାରୀମାନେ ଆହୁରି ସଜାଗ ହୋଇଯାଇଛନ୍ତି। ବାଘ ନୂଆଖେତା ରିଜର୍ଭ ଜଙ୍ଗଲ ମଧ୍ୟରେ ଥିବାରୁ ବନ ବିଭାଗ କର୍ମଚାରୀମାନେ ନୂଆଖେତା କାଣିଘାଇ ପ୍ରୋଜେକ୍ଟ ନିକଟରେ ଜଗି ରହିଛନ୍ତି। ଉକ୍ତ ଗ୍ରାମର ସୁଧୀର ନାଏକ ନିଖୋଜ ଛେଳି ଖୋଜିବା ପାଇଁ ଅପରାହ୍ନରେ ଯାଉଥିବା ବେଳେ କର୍ମଚାରୀମାନେ ଭିତରକୁ ଯିବାକୁ ତାଙ୍କୁ ବାରଣ କରିଥିଲେ। ସେହିପରି ତିନି ଦିନ ପୂର୍ବରୁ ରସଣ୍ଡା ଜଙ୍ଗଲ ନିକଟରେ ସାତକୋଶିଆର ପୁରୁଣା ବାଘୁଣୀ ସହିତ ସୁନ୍ଦରୀ ମୁହାଁମୁହିଁ ହୋଇଥିଲା। ଏହି ସମୟରେ ପୁରୁଣା ବାଘୁଣୀ ନିଜ ଏରିଆ ଭିତରକୁ ସୁନ୍ଦରୀକୁ ପୂରାଇ ଦେଇ ନ ଥିଲା। ଏବେ ଜଙ୍ଗଲରେ ବୁଲୁଥିବା ବାଘ ଓ ସୁନ୍ଦରୀ ମଧ୍ୟରେ ୩୦ କିଲୋମିଟର ଦୂରତ୍ୱ ରହିଛି। ଗୁରୁବାର ସକାଳେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ବନ୍ୟପ୍ରାଣୀ ତଥା ଜାତୀୟ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଡ. ଅନୁପ ନାୟକ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ବନ୍ୟପ୍ରାଣୀ ଡ. ସନ୍ଦୀପ କୁମାର ତ୍ରିପାଠୀ, ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ପ୍ରମୁଖ ସାତକୋଶିଆ ଅଭୟାରଣ୍ୟର ରାଇଗୁଡା, ରସଣ୍ଡା, କଟରଙ୍ଗ, ନୂଆଖେତା ଜଙ୍ଗଲରେ ବାଘ, ବାଘୁଣୀର ଗତିବିଧି ଉପରେ ଅନୁଧ୍ୟାନ କରିଥିଲେ। ଏନ୍‌ଟିସିଏ ତରଫରୁ ଦିଆଯାଉଥିବା ଅନୁଦାନ ଓ କାର୍ଯ୍ୟ, ଗ୍ରାମବାସୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ଏବଂ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏହାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ।

## ■ ପୂର୍ବ ଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତା

# ଓଡ଼ିଶାର ‘ହୋପ୍’ ଶ୍ରେଷ୍ଠ

**କାମାକ୍ଷାନଗର, ୨୪।୮ (ଡି.ଏନ.ଏ.)**

- ଚମକ ଦେଖାଇଲେ ପଞ୍ଚାୟତିରାଜ ହାଇସ୍କୁଲର କଳାକାର
- ସର୍ବଭାରତୀୟସ୍ତରରେ ପୂର୍ବଭାରତକୁ ପ୍ରତିନିଧିତ୍ୱ କରିବେ
- ଦୀନେଶ ଦାସ ଶ୍ରେଷ୍ଠ ନିର୍ଦ୍ଦେଶକ, ବିଜୟଲକ୍ଷ୍ମୀ ଶ୍ରେଷ୍ଠ କଳାକାର



ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ନାଟକ ‘ହୋପ୍’ (ହେଲଥ୍ ଆୱାର ପ୍ଲାନେଟ ଆର୍ଥ)କୁ ମିଳିଛି ସର୍ବଶ୍ରେଷ୍ଠ ମାନ୍ୟତା। କେବଳ ଏତିକି ନୁହେଁ, ନାଟକ ହାତେଇଛି ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ କଳାକାର ପୁରସ୍କାର। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଆକର୍ଷଣୀୟ ଅଭିନୟରେ ସ୍ତବ୍ଧ ହୋଇଯାଇଥିଲା କଲିକତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍। ଦର୍ଶକଙ୍କ କରତାଳିରେ ପ୍ରେକ୍ଷାଳୟ ପରିସର ପ୍ରକମ୍ପିତ ହେଉଥିବାବେଳେ ନାଟକକୁ ଭୂରି ଭୂରି ପ୍ରଶଂସା କରିଥିଲେ ଜୁରି ସଦସ୍ୟ।

ବିକାଶ ପଛରେ ଧାଇଁଛି ମନୁଷ୍ୟ। ମଣିଷର ଅବଦମିତ ଇଚ୍ଛା ପ୍ରକୃତିକୁ ଦଳିମକଚି ଧ୍ୱଂସସ୍ତୂପରେ ପରିଣତ କରିସାରିଲାଣି। ନିଜେ ଖୋଳୁଥିବା ଗାତରେ ବିଲୀନ ହେବାକୁ ବସିଛି ମାନବ ସଭ୍ୟତା। ପରିବେଶ, ପାଣି, ମାଟି ସବୁ ପ୍ରଦୂଷିତ। ଖୋଜାପଡ଼ିଲାଣି ବିଶୁଦ୍ଧ ବାୟୁ। ଅବସର ସମୟରେ ମନଭରି ଉପଭୋଗ କରିବାକୁ ମିଳୁନି ସବୁଜ ପରିବେଶ। ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ସବୁଜ ଗ୍ରହକୁ ଏପରି ବିପତ୍ତିରୁ କେବଳ ବିଜ୍ଞାନ ରକ୍ଷା କରିପାରିବ। ଏହା ହିଁ ଥିଲା ନାଟକ ‘ହୋପ୍’ର ପ୍ରମୁଖ ବିଷୟବସ୍ତୁ, ଯାହାକୁ କୁନି କଳାକାରମାନେ ନିଖୁଣ ଢଙ୍ଗରେ ମଞ୍ଚରେ ଉପସ୍ଥାପନ କରିଥିଲେ।

ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ସିକିମ, ଆସାମ ରାଜ୍ୟ ଭାଗ ନେଇଥିବାବେଳେ ବାଜି ମାରିଥିଲା ଓଡ଼ିଶା। ଦୀନେଶ ଦାସଙ୍କ ରଚନା ସାଙ୍ଗକୁ ବଳିଷ୍ଠ ନିର୍ଦ୍ଦେଶନା ନାଟକକୁ ଜାତୀୟସ୍ତରରେ ପହଞ୍ଚାଇପାରିଛି। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ ହୋଇଛନ୍ତି ଛାତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଜାପ୍ତା ସାହୁ, ମନସ୍ୱିନୀ ବେହେରା, ସୋନାଲିସା ସାହୁ, ଛାତ୍ର ଦୀପକ କୁମାର ସାହୁ, କାହ୍ନା ଡାକୁଆ, ସ୍ୱୟଂ ଶୁଭମ ନନ୍ଦ, ସମୀର ମହାପାତ୍ର ନାଟକରେ ଅଭିନୟ କରିଥିଲେ। ବିଜ୍ଞାନ ଶିକ୍ଷକ ଡ. ଚନ୍ଦ୍ରମଣି ଲେଙ୍କା, ଶିକ୍ଷୟିତ୍ରୀ ରଶ୍ମିପ୍ରଭା ମହାପାତ୍ର, ରବି ନାରାୟଣ ରାଉତ ପ୍ରମୁଖ ଦଳରେ ସାମିଲ ହୋଇଥିଲେ। ଆସନ୍ତା ଜାନୁୟାରୀରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ‘ହୋପ୍’ ପୂର୍ବଭାରତକୁ ପ୍ରତିନିଧିତ୍ୱ କରିବ। ଏଥିପୂର୍ବରୁ ଏହି ନାଟକ ଜିଲା, ଜୋନ୍ ଏବଂ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ହୋଇଥିବା ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଧ୍ୟ ପଞ୍ଚାୟତିରାଜ ହାଇସ୍କୁଲ ପକ୍ଷରୁ ପ୍ରଦର୍ଶିତ ନାଟକ ଦଳଗତ ଚାମ୍ପିୟନ ହୋଇଥିଲା। ଏହି ସଫଳତା ପାଇଁ ଡିଇଓ ସୁଧାନନ୍ଦ ପରିଡା, ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ସାହୁ, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସରୋଜ ସ୍ୱାଇଁ, ବିଇଓ ଅଜୟ ପାତ୍ର ପ୍ରମୁଖ କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାରଥିଙ୍କ ସତ୍‌ସଙ୍ଗକୁ ନେଇ ଉତ୍ତେଜନା

**ରାଜକନିକା, ୨୪।୮ (ଡି.ଏନ୍.ଏ.):**

ରାଜକନିକା ଅଞ୍ଚଳରେ ସନ୍ତୋଷ ରାଉଳ ଓରଫ ସାରଥିଙ୍କୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଏବେବି କିଛି ଲୋକଙ୍କ ମନରେ ସାରଥିଙ୍କ ପ୍ରତି ବିଶ୍ୱାସ ଅତୁଟ ରହିଛି। ସମୟ ସୁବିଧା ଦେଖି ଲୋକେ ତାଙ୍କ ପୂଜାର୍ଚ୍ଚନା କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ରାଜକନିକା ବ୍ଲକର ଗଞ୍ଜା ଗ୍ରାମରେ ଜଣେ ବ୍ୟକ୍ତି ପୁଅର ଜନ୍ମଦିନ ପାଇଁ ସାରଥି ବାବାଙ୍କ ସତ୍‌ସଙ୍ଗ ଆୟୋଜନ କରିଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ଅନାମ ଦାସ ପୁଅର ଜନ୍ମଦିନ ଲାଗି ସାରଥିଙ୍କ ଭକ୍ତମାନଙ୍କୁ ଡାକି ଏକ ସତ୍‌ସଙ୍ଗର ଆୟୋଜନ କରିଥିଲେ। ଖବରପାଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହି ସତ୍‌ସଙ୍ଗ କରିବା ପାଇଁ ସରପଞ୍ଚଙ୍କଠାରୁ ଅନୁମତି ଆଣିଛନ୍ତି ବୋଲି ଅନାମ କହିଥିଲେ। ମାତ୍ର ସରପଞ୍ଚ ଏ ବାବଦରେ ଜାଣି ନ ଥିବା କହିବାରୁ ଗ୍ରାମର କେତେଜଣ ଯୁବକ ସତ୍‌ସଙ୍ଗ ସ୍ଥଳରେ ପହଞ୍ଚି ଫିଙ୍ଗାଫୋପଡ଼ା କରିଥିଲେ । ଖବରପାଇ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତ୍‌ସଙ୍ଗ ବନ୍ଦ କରିବା ସହ ଉତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରିଥିଲା। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ■ ଲାଲ କରିଡରରୁ ଏମ୍‌ବିବିଏସ୍

# ଉଦାହରଣ ସୃଷ୍ଟିକଲେ ମାୟା

**ମାଲକାନଗିରି, ୨୪।୮ (ଡି.ଏନ.ଏ.)**

ଛତିଶଗଡ ମାଓବାଦୀ ଅଧ୍ୟୁଷିତ ସୁକ୍‌ମା ଜିଲା ଦୋର୍ନାପାଲରୁ ପ୍ରଥମଥର ପାଇଁ ଜଣେ ଛାତ୍ରୀ ଏମ୍‌ବିବିଏସ୍ ପଢିବାର ସୁଯୋଗ ପାଇଛନ୍ତି। ଗତ ଜୁନ୍‌ରେ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟିକମ୍ ଏଣ୍ଟ୍ରାନ୍ସଟେଷ୍ଟ(ନିଟ୍)ରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କର ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି।

ମାଲକାନଗିରି ଜିଲା ପଡିଆ ବ୍ଲକଠାରୁ ୨୦ କି.ମି ଦୂର ଛତିଶଗଡ଼ର ଦୋର୍ନାପାଲରେ ମାୟାଙ୍କ ଘର। ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରିଥିବା ମାୟା ଅମ୍ବିକାପୁର ମେଡିକାଲ କଲେଜରେ ଡ଼ାକ୍ତରୀ ପଢ଼ିବେ। ୨୦୨୩ରେ ତାଙ୍କର ପାଠପଢା ସରିବ। ତାଙ୍କୁ ଯେତେବେଳ ୧୦ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ବାପା ଆରପାରିକୁ ଚାଲିଯାଇଥିଲେ। ପରିବାରରେ ସମେତ ୩ଜଣଙ୍କୁ ତାଙ୍କ ମାଆ ବହୁ କଷ୍ଟରେ ଚଳାଉଥିଲେ। ସେ ମେଡିକାଲ ପାଇଁ ନିଟ୍‌ରେ ପ୍ରସ୍ତୁତ ହେଉଥିବାବେଳେ ତାଙ୍କୁ ଘରୁ ମାସିକ ମାତ୍ର ୫ଶହ ଟଙ୍କା ଖର୍ଚ୍ଚ ବାବଦକୁ ମିଳୁଥିଲା। ସମସ୍ତ ଆର୍ଥିକ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାୟା ସଫଳତା ପାଇଛନ୍ତି। ଡାକ୍ତର ହୋଇ ଲୋକଙ୍କ ସେବା କରିବା ବହୁ ଦିନର ସ୍ୱପ୍ନ ଥିଲା। ଏବେ ତାହା ସଫଳ ହୋଇଛି। ମୁଁ ସଚ୍ଚୋଟ ଭାବେ ଲୋକଙ୍କ ସେବା କରିବି ବୋଲି ଏହି ଅବସରରେ ମାୟା କହିଛନ୍ତି।



ମା’ଙ୍କ ସହ ମାୟା।

# ଡିଜିଟାଲ୍ ମାର୍କେଟିଂରେ କ୍ୟାରିୟର



ଦିନ ଥିଲା ନିଜ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ବ୍ୟବସାୟୀମାନେ ଘର ଘର ବୁଲୁଥିଲେ। କୌଣସି ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍ ବା ଶୋ'ରୁମ୍‌ରେ ନିଜ ସାମଗ୍ରୀକୁ ପ୍ରଦର୍ଶନ କରୁଥିଲେ। ଏବେ ଏହି ଧାରାରେ ଯଥେଷ୍ଟ ଉନ୍ନତି ଘଟିଲାଣି। ପ୍ରତିଯୋଗିତାର ଦୌଡରେ ବ୍ୟବସାୟୀମାନେ ନିଜ ଉତ୍ପାଦକୁ ଗ୍ରାହକଙ୍କ ଆଖି ସାମ୍ନାରେ ପ୍ରଦର୍ଶନ କରୁଛନ୍ତି। ଏଭଳି ଏକାଧିକ ନୂତନ କୌଶଳ ଏବଂ ପଦ୍ଧତି ମଧ୍ୟରୁ ଅନ୍‌ଲାଇନ୍ ମାର୍କେଟିଂ ବା ଡିଜିଟାଲ୍ ମାର୍କେଟିଂ ଏକ ପ୍ରମୁଖ କୌଶଳ। ଏହା ବର୍ତ୍ତମାନ ଏତେ ବ୍ୟାପକ ହୋଇଛି ଯେ, ଏହି କ୍ଷେତ୍ରରେ ଥିବା ସଫଳ ବ୍ୟବସାୟୀମାନେ ହିଁ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ବ୍ୟକ୍ତିର ପରିଚୟ ହାସଲ କରିଛନ୍ତି।

ଏ କ୍ଷେତ୍ରରେ ବର୍ତ୍ତମାନ ସମୟରେ କ୍ୟାରିୟର ଗଢିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି କୁହାଯାଉଛି। ସବୁ ଶିଳ୍ପରେ ଅନ୍‌ଲାଇନ୍ ମାର୍କେଟିଂର ଗୁରୁତ୍ୱ ବୃଦ୍ଧି ପାଇଥିବାରୁ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଉଛି। ଏହି ଦୃଷ୍ଟିରୁ ଯେଉଁ ଯୁବପିଢି ଏହାକୁ ଏକ କ୍ୟାରିୟର ପ୍ଲାଟ୍‌ଫର୍ମ ଭାବେ ଭାବୁଛନ୍ତି ସେମାନଙ୍କ ପାଇଁ ଏଠାରେ କେତୋଟି ଟିପ୍ସ।

**ଆଜି ଗୋଟେ ନୂତନ ବ୍ୟବସାୟ ଆରମ୍ଭ ହେଲେ କାଲି ତାହାର ପ୍ରତିଯୋଗୀ ସଂସ୍ଥା ମୁଣ୍ଡ ଟେକୁଛି। ଏଥିରେ ତିଷ୍ଠି ରହିବା ପାଇଁ ନୂତନ କୌଶଳମାନ ସୃଷ୍ଟି ହେଉଛି। ଡିଜିଟାଲ୍ ମାର୍କେଟିଂ ବା ଅନ୍‌ଲାଇନ୍ ମାର୍କେଟିଂ ଏହି କୌଶଳର ଏକ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ...**



ଏବେ ଦେଶ ବାହାରର ଅନ୍‌ଲାଇନ୍ ପ୍ଲେୟରମାନେ ଭାରତ ମୁହାଁ ହେଉଛନ୍ତି। ପ୍ରତିଯୋଗିତା ଏତେ ମାତ୍ରାରେ ବଢ଼ିଛି ଯେ, ଲୋକାଲ୍ ପ୍ଲେୟର ଭାବେ ଆମକୁ ରିସର୍ଚ୍ଚ ଏବଂ ଇନୋଭେଶନ ଉପରେ ଧ୍ୟାନଦେବାକୁ ହେବ। ନୂତନ ଉତ୍ପାଦ, ନୂତନ କୌଶଳ ଏବଂ ନୂତନ ଧାରା ପ୍ରବର୍ତ୍ତନ କଲେ ଯାଇଁ ଏ କ୍ଷେତ୍ରରେ ଆଗକୁ ବଢ଼ି ହେବ।

*–ଆଶୁତୋଷ ପାତ୍ର, ପ୍ରତିଷ୍ଠାତା, ଫ୍ଲାଇଂମାର୍ଟ*

୧– ଡିଜିଟାଲ୍ ମାର୍କେଟିଂ ଇଣ୍ଡଷ୍ଟ୍ରି ବର୍ତ୍ତମାନ ଉଭୟ ଅଭିବୃଦ୍ଧିଶୀଳ ଓ ପ୍ରତିଯୋଗିତାପୂର୍ଣ୍ଣ। ଏ କ୍ଷେତ୍ରରେ ନିଜକୁ ସକ୍ରିୟ ରଖିବାକୁ ହେଲେ ନୂତନ ଗବେଷଣା ଓ ଜ୍ଞାନ ଆହରଣ କରିବାକୁ ପଡିବ।

୨– ଏଥିରେ ଯେଉଁ ପରିବର୍ତ୍ତନ ହେଉଛି ବା ନୂଆ ଖବର ଆସୁଛି ସେ ସମ୍ପର୍କରେ ଅପ୍‌ଡେଟ୍ ହେବା ଉଚିତ।

୩– ନିଜର ଯୋଗାଯୋଗ ବୃଦ୍ଧି କରିବା ତଥା ଶିଳ୍ପ ସମ୍ପର୍କରେ ଅଧିକ ଜାଣିବା ପାଇଁ ଜାତୀୟ/ଅନ୍ତର୍ଜାତୀୟସ୍ତରର ସମ୍ମିଳନୀରେ ଭାଗ ନିଅନ୍ତୁ।

୪– ବର୍ତ୍ତମାନ ସମୟରେ ବ୍ରାଣ୍ଡ୍ ହେଉଛି ସବୁକିଛି। ତେଣୁ ନିଜର ସ୍ୱତନ୍ତ୍ରତା ଓ ଭିନ୍ନତାକୁ ନେଇ ନିଜସ୍ୱ ବ୍ରାଣ୍ଡ୍ ପ୍ରସ୍ତୁତ କରନ୍ତୁ।

୫– ଅନ୍ୟମାନଙ୍କ ଠାରୁ ସର୍ବଦା ଆଗରେ ରହିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତୁ।

ଏହି ପରିବର୍ତ୍ତନଶୀଳ କ୍ଷେତ୍ରରେ ନିଜକୁ ସର୍ବଦା ମାର୍କେଟ୍ ଲିଡର ଭାବେ ଛିଡ଼ା କରିବା ପାଇଁ ହେଲେ ସମସ୍ତ ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ହେବା ଉଚିତ।

---

**୪୫ ଜଣ କର୍ମଚାରୀ ଆବଶ୍ୟକ**
**FOR A BOOK SALES COMPANY**
Posting at Bhubaneswar Office
(No Donation) ଯୋଗ୍ୟତା : 10th ରୁ Graduation
Age (18-30) Years ମାସିକ ରୋଜଗାର 9600 ରୁ 15000 ସହ ରହିବା Free. Contact Within 4 Days With Bio-data
THE MANAGER (MICRO EXPANSION)
N/6-315, JAYDEV VIHAR, BBSR
**PH : 9238100178**

**WANTED**
ଏକ Tourism ସଂସ୍ଥା ପାଇଁ 10th କିମ୍ବା +2 ପାସ୍ କରିଥିବା Female Staff ଆବଶ୍ୟକ। ଦରମା: 8000/- ରୁ 10,000/-.
**RISHIKA HOLIDAYS,**
Bhubaneswar.
**Mob: 9437456365**

**ପିଲା ଆବଶ୍ୟକ**
Mob: 9937010437
8917312908
Plot No: 273/274,
Jagannath Complex,
Kharvelnagar, BBSR

**ଆବଶ୍ୟକ**
ଭୁବନେଶ୍ୱରରେ ଘର କାମ ପାଇଁ ୨୨ ବର୍ଷ ମଧ୍ୟରେ ପୁଅ କିମ୍ବା ଝିଅ ଆବଶ୍ୟକ। ଭଲ ଦରମା ସହ ଖାଇବା ଏବଂ ରହିବା ମାଗଣା ଦିଆଯିବ।
**ଯୋଗାଯୋଗ: 9438674500**

**REQUIREMENT**
We Want Experienced both Male & Female persons in Travel, Tourism & Hospitality Industry, who can make Tour Packages Accordingly to the needs of the customers/ clients for our Bhubaneswar Office.
Contact: BANADURGA TRAVELS,
Plot No: 362/3850, Opposite BMC Office,
Goutam Nagar, Near Kalpana Sqr.
**Mobile: 8338092200, 8338072200**

**ENGINEERING & TRADING CO REQUIRED**
Architects, Manager, Sales Officer (10 Nos.), Engineer Civil, Electrical, Mechanical, Supervisor, Accountant, Car Driver, Security, Welder.
**Contact: 0674 2973254, 9238482524, 9090732020**

ଧରିତ୍ରୀ DHARITRI is looking for
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 10 days to:
**recruitment@dharitri.com**
Pay & perks will be the best in the industry for deserving candidates.

**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
**9937042198, 9937172198**

**URGENTLY REQUIRED**
ଏକ I.S.O. Certified ନବନିର୍ମିତ କମ୍ପାନୀର ଅଫିସ୍ ପାଇଁ ସାରା ଓଡ଼ିଶାରୁ ଷ୍ଟାଫ୍ ଆବଶ୍ୟକ। ଯୋଗ୍ୟତା: ୮ମରୁ M.B.A., ବୟସ: (୧୮–୩୫) yrs.
Salary: upto 25,000/-.
CUTTACK- 9938954286, 9439740690
BALASORE- 9178671812, 9439410183

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ସିକ୍ୟୁରିଟି ଗାର୍ଡ / ଅଫିସ୍ ଆସିଷ୍ଟାଣ୍ଟ / କାର ଡ୍ରାଇଭର / ବ୍ୟକ୍ତିଗତ ସେବକ / ରୋଷେୟା / ଘର ସଫେଇବାଲା/ ବେତନ: ୧୪୦୦୦-୨୦୦୦୦। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ,
**9884761210**

**ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ
**PRINTING PRESS ରେ କାମ କରିବା ପାଇଁ ପିଲା ଆବଶ୍ୟକ**
(ରହିବା ଖାଇବା ସୁବିଧା ଅଛି)
PRINTONIX, Room No 02/58, 1st Floor
PD Market, CRP Square, BBSR.
**Contact : 9937281776**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
**Contact: 9938676412**

**KISAN MARKETING**
Near Sai Temple, Bhubaneswar
Urgently Required 2 Nos. **SALES PERSONS** for Bhubaneswar Market. Should have knowledge of Sanitary Items.
**Salary:** Negotiable.
**Mob: 9937062616**

**WANTED SALES EXECUTIVE: 02 Nos.**
Required for **LIGHTING COMPANY** at Bhubaneswar
12th Pass with One or Two years Experience in Retail Network is preferred. Interested candidates apply with detail Resume at
**hrelectronics18@gmail.com**
**Ph: 9040218060, 9777100869**

**S.T.A.R COLLEGE & MANAGEMENT**
Forest Park, Bhubaneswar
- Required Principal (PHD) & Faculties for PMIR Course
- +2, +3 Arts and Commerce Faculty
- Telecaller (20Nos)
- Marketing Manager (4Nos)
- Office Assistant (2Nos)
- Peon (2Nos)

Come along with your Voter ID / Aadhaar Card, All Certificate (Xerox) & 2 Passport size photos.
*Salary : Rs 4,000/- to Rs 20,000/- P.M.*
**9937337659, 8660468279, 7008938112, 9040090530**
Welcome for District wise Educational Consultant

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
**Contact Immediately:**
**Mob: 8763257042**

**---DIRECT JOINING---**
**BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY**
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
**9114627157, 9078148138**

**URGENTLY REQUIRED**
ଆୟୁର୍ବେଦିକ SPA ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ । ଖାଇବା ସୁବିଧା ଅଛି । ଦରମା : ୬୦୦୦/-
**FRONT RECEPTIONIST**
Salary : 9000/-
**Mob : 9114402303**
DAMANA SQUARE, BHUBANESWAR

**PARADIP PORT TRUST** SAGARMALA

No: CMO/OE/A/GL-290/2018/1614 Dt. 21 Aug, 2018

**ADVERTISEMENT**

Applications are invited from employees working in Major Ports/Central/State Govt./PSUs etc. for filling up of **1 (one) post each of Staff Nurse and Laboratory Technician** in the scale of Rs.17,700/- 44,600/- in Paradip Port Trust. For further details, refer to our website **www.paradipport.gov.in**.

PPT/PR/295/18-19, Dt.24.08.2018 **Chief Medical Officer**

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
**CONSULTANT**
**09205194798**

**SWAN KHADI**
**A MNC Company** deals with **HOME CARE, PERSONAL CARE, COSMETICS** Required **SALES OFFICERS** (for all Odisha)
**Salary:** 15k to 20k + TA + DA + Incentives
**FMCG** Background Candidates preferred.
**BBSR: 8249682173**

**PARADIP PORT TRUST** SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)

No. AD/RSC-I-21-67/2014/2975 Dt. 10th Aug, 2018

**ADVERTISEMENT**

Applications are invited from Indian Nationals for filling up following **Class-I / Class-II** posts on **direct recruitment** basis in Paradip Port Trust.
**(1). Dy. Chief Law Officer (Class-I), (2). Sr. Accounts Officer (Class-I), (3). Assistant Executive Engineer (Town Planning) (Class-I), (4). Deputy Marine Engineer, (Class-I), (5). Engineer In-Charge(Tug) (Class-II).** For further details, refer to our website : **www.paradipport.gov.in**

PPT/PR/283/2018-19, Dt.18.08.2018 Sr. Dy. Secretary

**See CAREER APPOINTMENT on every Wednesday & Saturday**

**WANTED**
For a Photo Lamination & Framing Business House at Bhubaneswar.
1. **DRIVER:** Candidates should have valid License (LMV & HMV License).
2. **SALES EXECUTIVE:** Candidates should be +2 Pass or above.

CONTACT NO:
**9337170743, 9337170744**

**DIRECT JOINING**
- CALL CENTER
- DATA ENTRY
- TELE CALLER
- AUTOCAD
- BACK OFFICE
- DELIVERY EXE.

Qual. : +2, +3, ITI, Diploma (Age Below 32 years)
Salary : Rs.(6500 To 16000)
**9853844830, 9937529015**

**REQUIRED**
Applications are invited for Field Verification Work of areas at BBSR, CTC, Jharsuguda, Sambalpur, Bargarh, Bolangir, Boudh, Keonjhar & Rayagada.
Forest Park, BBSR
**7537000302, 7978752682**

**ମାଳୀ, ହାଉସ୍ କିପିଙ୍ଗ କର୍ମଚାରୀ, ୱେଟର ଏବଂ କୁକ୍ ଆବଶ୍ୟକ**

ଦିଲ୍ଲୀର ଏକ ଶିଳ୍ପପତିଙ୍କ ଆବାସିକ କାର୍ଯ୍ୟାଳୟ ତଥା ବଙ୍ଗଳାରେ କାର୍ଯ୍ୟ କରିବା ନିମନ୍ତେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ ।
**ମାଳୀ (ଜୈବ କୃଷିରେ ଅଭିଜ୍ଞ)- ୧, ହାଉସ୍ କିପିଙ୍ଗ (କ୍ଲିନିଙ୍ଗ) କର୍ମଚାରୀ -୨, ୱେଟର (ସର୍ଭିସ୍ ବୟ) - ୧, କୁକ - ୧**
ଯୋଗ୍ୟତା / ଅଭିଜ୍ଞତା - କୌଣସି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପ୍ରଶିକ୍ଷିତ ହୋଇଥିବେ କିମ୍ବା / ଏବଂ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ **ଦୁଇ ବର୍ଷରୁ** ଅଧିକ କାର୍ଯ୍ୟ କରିଥିବେ । କୁକ୍ ପଦବୀ ନିମନ୍ତେ **ଓଡିଆ, ଚାଇନିଜ୍ ଓ ନର୍ଥ ଇଣ୍ଡିଆନ୍** ଖାଦ୍ୟ ରାନ୍ଧିବାରେ ଦକ୍ଷତା ଓ ଅଭିଜ୍ଞତା ଆବଶ୍ୟକ ।
**ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ସର୍ବୋତ୍ତମ ବେତନ ବ୍ୟବସ୍ଥା ରହିବା ଏବଂ ଖାଇବା ମାଗଣା**
ଯୋଗାଯୋଗ – **୯୩୩୭୦୨୪୬୬୯ / ୮୦୯୩୬୬୦୧୯୯,**
ଇମେଲ୍ – **housekeepingdelhi47@gmail.com**

**The Institute of Chartered Financial Analysts of India University, Odisha**
ICFAI UNIVERSITY

**Inviting Applications for the Position of**
**VICE CHANCELLOR**
**at Bhubaneswar**
www.icfaiuniversity.in

The Institute of Chartered Financial Analysts of India University, Odisha, has been established under The Institute of Chartered Financial Analysts of India University, Odisha Act 5 of 2010.

The University is inviting applications from accomplished academicians for the position of **Vice Chancellor.** The candidate should be a strategic thinker with substantial experience in academic administration to be based at **Bhubaneswar.**

Candidates should have Ph.D in any discipline with a minimum of ten years of experience as Professor in a University system or ten years of experience in an equivalent position in a reputed research and / or academic administrative organisation. Selected candidate is expected to provide leadership to faculty and staff and contribute towards strategic and intellectual growth and development of the University.

Candidates may send their applications with detailed resume with complete details of experience, qualifications, and accomplishments with a brief not exceeding 500 words on *"Why the applicant considers himself / herself suitable for the position of Vice Chancellor"*. Applications can be sent through e-mail to, ***spl.officer@icfaiuniversity.in*** within 10 days from the date of the advertisement.

**Campus:** The ICFAI University, Odisha, Taraboi, Near IIT Bhubaneswar, Bhubaneswar - 752050, Odisha.

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ନିଯୁକ୍ତି ସୂଚନା**

**ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସାଂସ୍କୃତିକ କୋଟାରେ ଭର୍ତ୍ତି**

ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ.ECoR/Pers/Cultural/2018-19

**ଜାରି ହେବା ତାରିଖ :** ତା.25.08.2018ରିଖ, **ଅନ୍ତିମ ତାରିଖ :** ତା.24.09.2018ରିଖ, **ଅନ୍ତିମ ସମୟ :** 1800 ଘଟିକାରେ

(1) ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସାଂସ୍କୃତିକ କୋଟା (Cultural Quota) ରେ ଭର୍ତ୍ତି ପାଇଁ ନିମ୍ନଲିଖିତ ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ଭାରତୀୟ ନାଗରିକମାନଙ୍କ ଠାରୁ ପେ ବ୍ୟାଣ୍ଡ୍-1 (ଟ.5,200-20,200/-)(6th CPC) ସହିତ ଗ୍ରେଡ୍ ପେ-ଟ.1,900/-(6th CPC) [Pay matrix 7th CPC ର ଲେଭେଲ-2] ରେ 02(ଦୁଇ) ଗୋଟି ଖାଲି ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି

(କ) କି ବୋର୍ଡ଼(Key Board)/ହାର୍ମୋନିୟମ୍ ବାଦକ(Harmonium Player)-ଗୋଟିଏ ପଦବୀ
(ଖ) ଭାୟୋଲିନ୍/ଗୀତାର ବାଦକ-ଗୋଟିଏ ପଦବୀ

(2) ବୃତ୍ତିଗତ ସାଂସ୍କୃତିକ ଯୋଗ୍ୟତା : (କ) ଅତ୍ୟାବଶ୍ୟକ : ଯେକୌଣସି ମାନ୍ୟତା ପ୍ରାପ୍ତ ସଂସ୍ଥାରୁ କି ବୋର୍ଡ଼(Key Board) / ହାର୍ମୋନିୟମ୍ ବାଦକ ପଦବୀ ନିମନ୍ତେ କି ବୋର୍ଡ଼ / ହାରମୋନିୟମ୍‌ରେ ଡିଗ୍ରୀ / ଡିପ୍ଲୋମା / ପ୍ରମାଣପତ୍ର ଏବଂ ଭାୟୋଲିନ୍ / ଗୀତାର ବାଦକ ପଦବୀ ନିମନ୍ତେ ଭାୟୋଲିନ୍ / ଗୀତାରରେ ଡିଗ୍ରୀ / ଡିପ୍ଲୋମା / ପ୍ରମାଣପତ୍ର ଥିବା ଆବଶ୍ୟକ । (ଖ) ବାଞ୍ଛନୀୟ : (i) ପ୍ରାସଙ୍ଗିକ କ୍ଷେତ୍ରରେ ଅଭିଜ୍ଞତା ଏବଂ ସର୍ବଭାରତୀୟ ରେଡ଼ିଓ / ଦୂରଦର୍ଶନ ଇତ୍ୟାଦିରେ ଉତ୍ତମ ପ୍ରଦର୍ଶନ କରିଥିବା ଆବଶ୍ୟକ (ii) ରାଷ୍ଟ୍ରୀୟ ସ୍ତରରେ ପୁରସ୍କାର ଜିତିଥିବା ଆବଶ୍ୟକ ।

(3) ଶିକ୍ଷାଗତ ଯୋଗ୍ୟତା : 12th ପରୀକ୍ଷାରେ ଉତ୍ତୀର୍ଣ୍ଣ(+2 ସ୍ତର) କିମ୍ବା କିମ୍ବା ଏହାର ଅନୁରୂପ ପରୀକ୍ଷାରେ ସର୍ବମୋଟ୍ 50% ଅଙ୍କରୁ କମ୍ ରଖିନଥିବେ (NTPC ବର୍ଗ ନିମନ୍ତେ ସର୍ବମୋଟ୍ 50% ଅଙ୍କ ଆବଶ୍ୟକ ଥିବା ସ୍ଥଳେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପୂର୍ବ ସୈନିକ ଏବଂ ସ୍ନାତକ/ସ୍ନାତକୋତ୍ତର ଭଳି ଉଚ୍ଚ ଯୋଗ୍ୟତାଧାରୀ ପ୍ରାର୍ଥୀମାନଙ୍କ ନିମନ୍ତେ 50% ଅଙ୍କ ପ୍ରାପ୍ତ କରିବାର କୌଣସି ଆବଶ୍ୟକତା ନାହିଁ) । ମାନ୍ୟତା ପ୍ରାପ୍ତ ବୋର୍ଡ଼ରୁ ମାଟ୍ରିକ୍ ପାସ୍ କିମ୍ବା ଅନୁରୂପ ତଥା ଏଥିସହିତ ITI ପ୍ରମାଣପତ୍ରଧାରୀ ପ୍ରାର୍ଥୀମାନେ ମଧ୍ୟ ଟେକ୍‌ନିସିଆନ୍-III ରେ ନିଯୁକ୍ତି ନିମନ୍ତେ ଦରଖାସ୍ତ କରିପାରିବେ ।

(4) ବୟସସୀମା : ତା.01.01.2019ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 30 ବର୍ଷ (ଅଣସଂରକ୍ଷିତ ବର୍ଗ ନିମନ୍ତେ), 33 ବର୍ଷ (ଅନ୍ୟ ପଛୁଆ ବର୍ଗ ନିମନ୍ତେ) କିମ୍ବା 35 ବର୍ଷ(ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ବର୍ଗ ନିମନ୍ତେ) ଉଦ୍ଦିଷ୍ଟ ।

ଅନ୍ୟ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମ ନିମନ୍ତେ ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ **www.eastcoastrail.indianrailways.gov.in** କୁ ଅବଲୋକନ କରନ୍ତୁ ।

PR-330/J/18-19 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

**JOB VACANCIES**

An upcoming dealership needs Professional in Bhubaneswar & Sambalpur location opportunity exists for the following positions:-
- **ADMIN. MANAGER:** Relevant work experience in construction & Govt. Liasoning having 5-10 years experience in any Automobile Sector.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from Automobile Sector.
- **SR. ACCOUNTANT:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **GM (Sales):** Must be Graduate/MBA having 10 to 12 years experience in Managing Sales, operation of any 4 wheelers passenger Car Dealership.
- **CUSTOMER RELATIONSHIP MANAGER (Sales):** Having experience in similar filed in Automobile Dealership with knowledge of customer handling, complain resolution, Managerial ability to lead the team.
- **SALES CONSULTANTS:** Fresher Graduates/MBA having at least 1 year experience in Automobile or any 2/3/4 wheeler dealership.
- **GM(Service):** Must be Diploma or Degree in Automobile having 10 to 12 years experience in Managing a Workshop in 4 wheelers dealership.
- **BODYSHOP MANAGER:** Degree or Diploma in Automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **SERVICE ADVISOR:** Diploma in Automobile Engg. having 1 to 2 years experience with valid driving license of any 2/3/4 wheeler dealership.
- **WARRANTY EXECUTIVE:** Diploma in Automobile/ Mechanical having 1-2 yrs of relevant experience in any Automobile Sector handling warranty related claims.
- **TECHNICIANS:** ITI/ DIPLOMA in Automobile having at least 1 year experience in any 2/3/4 wheeler dealership/Garage.

**CONTACT: 7606002084**
**Mamtamayeehrm@gmail.com & siddharth9909@gmail.com**

**Odisha Mineral Exploration Corporation Ltd.**
**(100% Subsidiary Unit of Odisha Mining Corporation Ltd.)**
**Regd. Office: OMC House, Bhubaneswar-751001, Odisha, Tel: 0674-2377400/2377401**
**Fax: 2396889, 2391629, CIN : U13209OR2016SGC025960**

**No.03/OMECL** **Date : 24.08.2018**

**ADVERTISEMENT FOR APPOINTMENT OF EXECUTIVES**

The Odisha Mineral Exploration Corporation Ltd., a 100% Subsidiary Unit of Odisha Mining Corporation Ltd. invites application from eligible candidates for the following post for regular employment in OMECL.

| Sl. No. | Name of the Post | No. of Posts to be filled-up | Category | Scale of Pay as per ORSP, 2017 |
|---|---|---|---|---|
| 1 | Managing Director | 01 | UR | Level-17 (Rs.1,35,100-2,16,800/-) |
| 2 | Manager (Geo.), E-3 grade | 01 | UR | Level-13 (Rs.67,700-2,08,700/-) |
| 3 | Dy. Manager (Geo.), E-2 grade | 02 | UR | Level-13 (Rs.67,700-2,08,700/-) |
| 4 | Manager (Fin.), E-3 grade | 01 | UR | Level-13 (Rs.67,700-2,08,700/-) |
| 5 | Manager (Company Affairs), E-3 grade | 01 | UR | Level-13 (Rs.67,700-2,08,700/-) |

Interested eligible candidates may visit the OMC website **http://www.omcltd.in** for details of eligibility criteria, terms & conditions and application format and submit application in prescribed form duly filled in & accompanied by copies of self-attested certificates / testimonials in hard copy on or before **20.09.2018** by **Registered Post / Speed Post** positively to **General Manager(P&A)**, The Odisha Mining Corporation Ltd., Post Box No.34, OMC House, Bhubaneswar-751001.

The Management reserves the right to cancel, amend or alter the above advertisement without assigning any reason thereof.

**Director (Personnel)**
**The Odisha Mining Corporation Ltd.**




**WALK-IN**

**SHANMUKHA AGRITEC LIMITED**
*Your Partner in Prosperity*
AN ISO 9001:2015 CERTIFIED COMPANY

**Shanmukha Agritec Limited, A well established and fast growing Agri based company dealing with Agro Chemicals, Micro Nutrients, PGPR, Organic & Biological Insecticides.**

**The Company has a very strong customer base in farming community and a wide range of Dealer marketing network across PAN INDIA with its dedicated & hard working Marketing force.**

**Now the company is looking for Young, Dynamic & Hard working Male Candidates for Odisha State. The Candidates should be a Graduate in any degree (Agri. preferable), with relevant experience in Agri-input Dealer Marketing for the following positions.**

| Position | No. of Vacancies | Experience |
|---|---|---|
| SALES OFFICERS | 10 | Minimum of 3 Years |
| AREA SALES MANAGER | 03 | Minimum of 5 Years |
| REGIONAL MANAGER | 02 | Minimum of 7 Years |

Salary for the above positions is not a constraint for right candidates. Interested Candidates may walk-in for an interview on **29th August, Wednesday between 10 am to 4pm at HOTEL NIKI, VSS MARG SAMBALPUR & 30 th August, Thursday between 10 am to 4pm at HOTEL KALINGA ASHOK, KALPANA SQUIRE, BHUBANESWAR,** Contact : Mr. Prasanth Kar, Sr. Regional Manager, 74899 88911. Those who are unable to attend the interview may send your detailed profile to hr@shanmukhaagritech.com

**SHANMUKHA AGRITEC LIMITED**
Corp. Off: 7-1-621/98, Opp. Axis Bank, S.R. Nagar Main Road, Hyderabad - 500 038. Ph: 040-6668 7275/76/77 www.shanmukhaagritech.com

**A Good Decision will Lead to a Great Career...**


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 20 ↑ 69.92 | 85 ↓ 38,251.80 | 25.65 ↓ 11,557.10 | ₹30 ↑ 30,650.00 | ₹50 ↑ 37,850.00 |



“ ଉନ୍ନତ ରାଜସ୍ୱକୁ ଧ୍ୟାନରେ ରଖି ଆଗାମୀ ଦିନରେ ଅଧିକ ଟାୟାର ୩ କୋଚ୍ ଆଣିବା ଲାଗି ଯୋଜନା ରହିଛି।

– ଅଶ୍ୱିନୀ ଲୋହାନି, ରେଳ ବୋର୍ଡ ଅଧ୍ୟକ୍ଷ



“ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରିଚାଳନାରେ ସ୍ୱାଧୀନତା ଦିଆଗଲେ ସେମାନେ ଅନାଦାୟ ଋଣ ସମସ୍ୟା ସମାଧାନ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବେ।

– ଜି.ପଦ୍ମନାଭନ୍, ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଆର୍‌କମ୍‌ର ମୁଣ୍ଡବ୍ୟଥା

ନୂଆଦିଲ୍ଲୀ,୨୪-୮: ଋଣ ଭାରରେ ଜର୍ଜରିତ ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍)ର ଅଡୁଆ ଯେମିତି କମିବାର ନାଁ ଧରୁନି। ଡିପାର୍ଟମେଣ୍ଟ ଅଫ ଟେଲି କମ୍ୟୁନିକେଶନ୍ସ(ଡଟ୍) ସ୍ପେକ୍ଟ୍ରମ ବ୍ୟବହାର ବାବଦରେ ଆର୍‌କମଠାରୁ ୨୯୦୦ କୋଟି ଟଙ୍କାର ବକେୟା ଚାର୍ଜ ଆଦାୟ କରିବାକୁ ଯାଉଛି। ଏହି ଅର୍ଥକୁ ନଗଦ ଅଥବା ବ୍ୟାଙ୍କ ଗ୍ୟାରେଣ୍ଟି ଜରିଆରେ ଦେବାକୁ କମ୍ପାନୀକୁ କୁହାଯିବ। ଏହି ଅର୍ଥ ପୈଠ ନହେଲେ ଆର୍‌କମ ନିଜର ସ୍ପେକ୍ଟ୍ରମକୁ ରିଲାଏନ୍ସ ଜିଓକୁ ବିକ୍ରି କରିପାରିବ ନାହିଁ। ଟେଲିକମ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସ୍ପେକ୍ଟ୍ରମ ବ୍ୟବହାରକୁ ନେଇ ବିଭିନ୍ନ ଅଦାଲତରେ ଆର୍‌କମ୍ ବିରୋଧରେ ଏକାଧିକ ମାମଲା ଚାଲିଥିବାରୁ କମ୍ପାନୀ ଉକ୍ତ ପରିମାଣ ଅର୍ଥର ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ବାଧ ହେବ।

### ହ୍ୟାକର ୨୮ ଦେଶରୁ ଟଙ୍କା ଉଠାଇଛନ୍ତି

ପୁନେ,୨୪-୮: କସମସ ବ୍ୟାଙ୍କ ସାଇବର ଠକେଇରେ ଲିପ୍ତ ହ୍ୟାକର ମାନେ ଆମେରିକା, ବ୍ରିଟେନ, ରୁଷ୍ ସମେତ ୨୮ ଦେଶର ଏଟିଏମରୁ କ୍ଲୋନ କାର୍ଡ ବ୍ୟବହାର କରି ୭୮ କୋଟି ଟଙ୍କା ଉଠାଇଛନ୍ତି ବୋଲି ଡେପୁଟି ପୋଲିସ କମିଶନର(ସାଇବର ଆଣ୍ଡ ଇକୋନୋମିକ ଅଫେନ୍ସେସ ୱିଙ୍ଗ) ଜ୍ୟୋତିପ୍ରିୟା ସିଂହ କହିଛନ୍ତି। ଉଲ୍ଲେଖଥାଉକି, ଚଳିତ ମାସ ୧୧ ଓ ୧୩ରେ ହ୍ୟାକର ମାନେ କସମସ ବ୍ୟାଙ୍କର ଏଟିଏମ ସୁଇଚ ସର୍ଭରକୁ ହ୍ୟାକ୍ କରି ଭିସା, ରୁପେ କାର୍ଡର ସମସ୍ତ ତଥ୍ୟ ଚୋରି କରିନେଇଥିଲେ। ଏହାକୁ ବ୍ୟବହାର କରି ସେମାନେ କ୍ଲୋନ କାର୍ଡ ମାଧ୍ୟମରେ ୯୪ କୋଟି ଟଙ୍କା ଏଟିଏମରୁ ଉଠାଇ ନେଇଛନ୍ତି। ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ଏହାର ତଦନ୍ତ କରୁଛି।

### ସୁନା ଉପରୁ ସୀମା ଶୁଳ୍କ ହ୍ରାସ ପ୍ରସ୍ତାବ

ନୂଆଦିଲ୍ଲୀ,୨୪-୮: ସୁନା ଉପରେ ଲାଗୁ ହେଉଥିବା ୧୦% ସୀମା ଶୁଳ୍କକୁ କୋହଳ କରିବା ଲାଗି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଶୁକ୍ରବାର ପ୍ରସ୍ତାବ ଦେଇଛି। ସେହିଭଳି ସୁନାରେ ଲାଗୁ ହେଉଥିବା ୩% ଜିଏସ୍‌ଟି ହ୍ରାସ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଟିକସ ଅନୁପାଳନ ବୃଦ୍ଧି ତଥା ସୁନାର ଚୋରା କାରବାର ହ୍ରାସ ଘଟିବ ବୋଲି ବିଚାର କରାଯାଉଛି।

### ୧୭ ହଜାର କୋଟିର ଋଣ ସମାଧାନ ହୋଇଯିବ: ଏସ୍‌ବିଆଇ ଏମ୍‌ଡି

ନୂଆଦିଲ୍ଲୀ,୨୪-୮: ପ୍ରାୟ ୧୭ ହଜାର କୋଟି ଟଙ୍କାର ଋଣ ନେଇଥିବା ୭-୮ଟି ଶକ୍ତି ପ୍ରକଳ୍ପର ଋଣ ସମାଧାନ ଖୁବଶୀଘ୍ର ହୋଇଯିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଏମଡି ଅରିଜିତ ବାସୁ ଶୁକ୍ରବାର ପ୍ରକାଶ କରିଛନ୍ତି। ଦେଶରେ ସ୍ଥାପିତ ଅଥବା ନିର୍ମାଣାଧୀନ ୩୪ଟି ଶକ୍ତି ପ୍ରକଳ୍ପ ଲାଗି ପ୍ରାୟ ୧.୭୪ ଲକ୍ଷ କୋଟି ଟଙ୍କାର ଋଣ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଦିଆଯାଇଛି ବୋଲି ବାସୁ କହିଛନ୍ତି।

# ସରକାରଙ୍କ ବିତ୍ତୀୟ ପଦକ୍ଷେପକୁ ରାଜନ୍‌ଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୪-୮



- ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣକୁ ଗୁରୁତ୍ୱ
- ୩.୫% ସ୍ତରକୁ ଖସିଛି ସିଏଡି
- ଟଙ୍କା ମୂଲ୍ୟ ହ୍ରାସ ଚିନ୍ତାର କାରଣ ନୁହେଁ

ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ପୂର୍ବରୁ ସମାଲୋଚନା କରିଥିବା ଦେଖାଯାଇଥିଲା। ମାତ୍ର ସରକାର ବର୍ତ୍ତମାନ ଗ୍ରହଣ କରୁଥିବା ବିଭିନ୍ନ ବିତ୍ତୀୟ ନିୟନ୍ତ୍ରଣ ପଦକ୍ଷେପକୁ ରାଜନ ପ୍ରଶଂସା କରିଛନ୍ତି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବା ବେଳେ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ଉପରେ ସରକାର ବିଶେଷ ଭାବେ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଘରୋଇ ଅର୍ଥବ୍ୟବସ୍ଥାର ମୌଳିକ ଢାଞ୍ଚାକୁ ଠିକ୍ କରିବା ସହ ଚଳନ୍ତି ଖାତା ନିଅଣ୍ଟ(ସିଏଡି)କୁ ନିୟନ୍ତ୍ରଣ କରିବା ନେଇ ଯତ୍ନବାନ ହେବାକୁ ବ୍ଲୁମବର୍ଗକୁ ଦେଇଥିବା ଏକ ସାକ୍ଷାତକାରରେ ରାଜନ ଏହା କହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବାରେ ସରକାର ସକ୍ଷମ ହେବେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଥିଲେ। ମାତ୍ର ସିଏଡି କ୍ଷେତ୍ରରେ କିଛିଟା ପ୍ରଭାବ ରହିବ ବୋଲି ଉକ୍ତ ଅଧିକାରୀ ଜଣକ କହିଥିଲେ। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଆସିବ ବୋଲି ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ସିଏଡି ମୋଟ୍ ଜିଡିପିର ୨.୮% ରହିବ ବୋଲି ନୋମୁରା ଏଜେନ୍ସି ପ୍ରକାଶ କରିଥିଲା। ୨୦୧୪ରେ ବିତ୍ତୀୟ ନିଅଣ୍ଟ ୪.୫% ରହିଥିବା ବେଳେ କେନ୍ଦ୍ର ସରକାର ୨୦୧୭-୧୮ରେ ଏହାକୁ ହ୍ରାସ କରି ୩.୫%କୁ ଆଣିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ହ୍ରାସ କରି ୩.୨% ସ୍ତରକୁ ଆଣିବାକୁ ଲକ୍ଷ୍ୟ ରହିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଡଲାର ମୂଲ୍ୟ ଦୃଢ଼ ତଥା ଘରୋଇ ବଜାରରେ ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ଏପରି ସ୍ଥିତି ଆସିଛି। ଏସିଆର ଅନ୍ୟ ଦେଶ ତୁଳନାରେ ଟଙ୍କା ମୂଲ୍ୟ ବିଶେଷ ଭାବେ ହ୍ରାସ ହୋଇ ୭୦% ସ୍ତର ଛୁଇଁଛି।

### ବାଣିଜ୍ୟ ଯୁଦ୍ଧ ନେଇ ସତର୍କ କରାଇଲେ

ବିଶ୍ୱ ମାନ୍ଦାବସ୍ଥା ଆସିବାର ବହୁ ପୂର୍ବରୁ ଅନୁମାନ କରିଥିବା ଅର୍ଥନୀତିଜ୍ଞ ରଘୁରାମ ରାଜନ୍ ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧକୁ ନେଇ ସତର୍କ କରାଇଛନ୍ତି। ଏହା ତୀବ୍ରତର ହେଉଥିବା ବେଳେ ଆସେଟ୍ ମୂଲ୍ୟରେ ବୃଦ୍ଧି ଘଟୁଛି। ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଦ୍ୱାରା ଏହି ସମସ୍ୟା ଆହୁରି ତୀବ୍ରତର ହେଉଛି। ଏପରିସ୍ଥିତିରେ ବିଶ୍ୱ ବଜାରର ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ପଡିବ ବୋଲି ରାଜନ କହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ବିଶ୍ୱ ଅବଗତ ରହିଥିବା ବେଳେ ଏହାର ସମାଧାନ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆଲୋଚନା ଦ୍ୱାରା ଏହାର ସମାଧାନ ଉପରେ ରାଜନ୍ ଗୁରୁତ୍ୱାରୋପ କରିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଅନ୍ୟ ଦେଶ ଉପରେ ପ୍ରଭାବ ପକାଉଥିବା ସେ ସ୍ପଷ୍ଟ କରିଛନ୍ତି।

## ବଢ଼ିବ ଟିଭି, ଫ୍ରିଜ୍ ଦାମ୍

ନୂଆଦିଲ୍ଲୀ,୨୪-୮

ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଉଥିବାରୁ ଏହାର ସିଧାସଳଖ ପ୍ରଭାବ ଟିଭି, ଫ୍ରିଜ, ମାଇକ୍ରୋୱେଭ ଓଭନ ଭଳି ଇଲେକ୍ଟ୍ରୋନିକ ସାମଗ୍ରୀର ଦାମ୍ ଉପରେ ପଡିବାକୁ ଯାଉଛି। ଖୁବଶୀଘ୍ର ଏସବୁ ସାମଗ୍ରୀର ଦାମ ୩ରୁ ୬% ପର୍ଯ୍ୟନ୍ତ ବଢ଼ିବାକୁ ଯାଉଛି। ଫଳରେ ଏସବୁ ସାମଗ୍ରୀ ଉପରେ ଜିଏସଟି ହ୍ରାସର ଫାଇଦା ଗ୍ରାହକଙ୍କୁ ଆଉ ମିଳିବନି। ଏଲଜି, ସାମସଙ୍ଗ ଆସନ୍ତା ସପ୍ତାହରେ ନିଜ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ୩ରୁ ୫.୫% ବଢ଼ାଇବାକୁ ନିଷ୍ପତ୍ତି ନେଇଥିବା ବେଳେ କମ୍ପ୍ୟୁଟର ନିର୍ମାତା ଲେନେଭୋ ଏହାର ସାମଗ୍ରୀ ମୂଲ୍ୟ ୩ରୁ ୪% ବଢ଼ାଇବାକୁ ଯାଉଛନ୍ତି। ସୂଚନାଥାଉକି, ଅଧିକାଂଶ ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହୃତ ଯନ୍ତ୍ରାଂଶ ବିଦେଶରୁ ଆମଦାନି ହୋଇଥାଏ। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏଗୁଡ଼ିକର ଆମଦାନି ଲାଗି ଅଧିକ ଶୁଳ୍କ ଦେବାକୁ ପଡୁଥିବାରୁ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଉଛି।

# ସିଲ୍କ ଇଣ୍ଡିଆ ଏକ୍ସପୋ ଶୁଭାରମ୍ଭ

ଭୁବନେଶ୍ୱର,୨୪-୮(ବ୍ୟୁରୋ)



- ଗୋଟିଏ ସ୍ଥାନରେ ୧୯ ରାଜ୍ୟର ବୁଣାକାରଙ୍କ ସାମଗ୍ରୀ
- ସେପ୍ଟେମ୍ବର ୨ ଯାଏ ଚାଲିବ ଏକ୍ସପୋ
- ବଜାର ତୁଳନାରେ ଆକର୍ଷଣୀୟ ରିହାତି
- ୧ ହଜାରରୁ ୩ ଲକ୍ଷ ଟଙ୍କା ରେଞ୍ଜର ସିଲ୍କ ଉତ୍ପାଦ

ଆର୍ଟିଜାନ୍ସ ଓ ୱିଭର ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହୋଟେଲ ନ୍ୟୁ ମ୍ୟାରିୟନଠାରେ ସିଲ୍କ ଇଣ୍ଡିଆ ଏକ୍ସପୋର ତୃତୀୟ ସଂସ୍କରଣ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଓଲିଉଡ ଅଭିନେତ୍ରୀ ନୀହାରିକା ଦାସ, ସିଲ୍କ ଇଣ୍ଡିଆ ଏକ୍ସପୋର ଆୟୋଜକ ଅଭିନନ୍ଦ ଉକ୍ତ ଏକ୍ସପୋକୁ ଉନ୍ମୋଚନ କରିଥିଲେ। ଏକ୍ସପୋ ସେପ୍ଟେମ୍ବର ୨ ଯାଏ ଚାଲିବ। ଏଠାରେ ୬୫ ଷ୍ଟଲ୍ ସ୍ଥାପନ ହୋଇଛି। ୧୯ ରାଜ୍ୟର ବୁଣାକାର ଏଠାରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ୨୦୧୫ ଠାରୁ ପ୍ରତିବର୍ଷ ମେଳାର ଆୟୋଜନ ହେଉଥିବା ବେଳେ ଏଠାରେ ଭଲ ରେସ୍‌ପନ୍ସ ରହିଥିବା ଆୟୋଜକ ସଂସ୍ଥା ପକ୍ଷରୁ ସୂଚନା ରହିଛି। କର୍ଣ୍ଣାଟକର ମହୀଶୂର ସିଲ୍କ ଏବଂ ଛତିଶଗଡର କୋସା ସିଲ୍କ ଏଥରର ପ୍ରମୁଖ ଆକର୍ଷଣ ବୋଲି ଏକ୍ସପୋର ଆୟୋଜକ ଅଭିନନ୍ଦ କହିଛନ୍ତି। ଗ୍ରାହକମାନେ ଗୋଟିଏ ଛାତ ତଳେ ଦେଶର ବିଭିନ୍ନ ରାଜ୍ୟର ଉତ୍ପାଦ ସୁଲଭ ମୂଲ୍ୟରେ ଏଠାରେ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ପାର୍ବଣ ସମୟ ପାଖେଇ ଆସୁଥିବାରୁ ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

ଏଠାରେ ଗ୍ରାହକମାନେ ୨୦,୦୦୦ ରେଞ୍ଜରୁ ୩ ଲକ୍ଷ ପର୍ଯ୍ୟନ୍ତ ଦାମ ମଧ୍ୟରେ ୱେଡିଂ କଲେକ୍ସନ ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି ୧ ହଜାରରୁ ୧ ଲକ୍ଷ ଟଙ୍କା ରେଞ୍ଜରେ ସିଲ୍କରୁ ପ୍ରସ୍ତୁତ ବିଭିନ୍ନ ପ୍ରଡକ୍ଟ ଏଠାରେ ରହିଛି। ଚଳିତ ବର୍ଷ ଗ୍ରାହକଙ୍କ ସଂଖ୍ୟାରେ ୩୦% ବୃଦ୍ଧି ଘଟିବ ବୋଲି ଆୟୋଜକ ଆଶା ରଖିଛନ୍ତି। ଗତ ବର୍ଷ ଏକ୍ସପୋରେ ୪୦ ଲକ୍ଷ କାରବାର ରହିଥିଲା। ଏହା ଚଳିତ ବର୍ଷ ୫୦ ଲକ୍ଷ ଛୁଇଁବ ବୋଲି ସେ ସୂଚନା ଦେଇଛନ୍ତି। ଏକ୍ସପୋରେ ହ୍ୟାଣ୍ଡ ବ୍ଲକ୍ ପ୍ରି ଶାଢ଼ି, ସୁଟ୍ ଏବଂ ସିଲ୍କ ବେଡ୍ କଭର୍ସ, ଡିଜାଇନର ସ୍ୱେର ଏବଂ ବର୍ଡର, ଲେଜେସ୍, କୁର୍ତ୍ତି, ହାତ ତିଆରି ମଟ୍‌କା, ଅପୂର୍ବା ସିଲ୍କ ଶାଢ଼ି, ବାଲୁଚୁରୀ ଶାଢ଼ି, ଏମ୍ବ୍ରୋଡରୀ ଡିଜାଇନ ସିଲ୍କ ଶାଢ଼ି, ଡ୍ରେସ୍ ମଟେରିଆଲ୍ ରହିଛି। ସେହିଭଳି ଭାଗଲପୁରୀ ସୁଟ, ପ୍ରିଣ୍ଟେଡ୍ ସିଲ୍କ ଶାଢ଼ି, ରେଶମୀ ପ୍ଲେନ୍ ବୁଟି ଶାଢ଼ି, କର୍ଣ୍ଣାଟକ ସିଲ୍କ ଶାଢ଼ି, ମାହେଶ୍ୱରୀ, ଚନ୍ଦେରୀ ସିଲ୍କ ଶାଢ଼ି ଏବଂ ଶୁଟ, କୋଟା ସିଲ୍କ, ମଲ୍‌ବେରୀ ସିଲ୍କ ସହ ଟେମ୍ପୁଲ ବର୍ଡର, ବନାରସୀ ଜାମଦାନୀ, ହାତ ତିଆରି ଶାଢ଼ି ଏବଂ ସୁଟ୍ ଆକର୍ଷଣୀୟ ମୂଲ୍ୟରେ ଏଠାରେ ଉପଲବ୍ଧ ହେଉଛି।

# ଆର୍ଥର ରୋଡ୍ ଜେଲରେ ମାଲ୍ୟାଙ୍କୁ ମିଳିବ ସବୁ ସୁବିଧା

ନୂଆଦିଲ୍ଲୀ,୨୪-୮

### ଟିଭି, ଟଏଲେଟ ସହ ସେଲ୍‌ରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ବ୍ୟବସ୍ଥା



ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ଲଣ୍ଡନ ପଳାଇଥିବା ବିଶିଷ୍ଟ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ଉଦ୍ୟମ ଚଳାଇଛି। ପ୍ରତ୍ୟର୍ପଣ ପରେ ତାଙ୍କୁ ମୁମ୍ବାଇର ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ରେ ରଖାଯିବ ଏବଂ ତାଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ମାଲ୍ୟା ରହିବାକୁ ଥିବା ଜେଲ ପ୍ରକୋଷ୍ଠରେ ଟିଭି, ବ୍ୟକ୍ତିଗତ ଟଏଲେଟ ରହିବା ସହିତ ପ୍ରକୋଷ୍ଠରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକର ବ୍ୟବସ୍ଥା କରାଯାଇଛି। ଏହାଛଡା ସେ ଖୋଲା ଆକାଶ ତଳେ ସ୍ୱଇଚ୍ଛାରେ ଭ୍ରମଣ କରିବାର ସୁବିଧା ପାଇବେ ଏବଂ ତାଙ୍କର ପରିଷ୍କାର ପରିଚ୍ଛନ୍ନତା ପାଇଁ ଏକ ବଡ଼ ସ୍ଥାନ ଚିହ୍ନଟ କରାଯାଇଥିବା ସମ୍ପର୍କରେ ଦର୍ଶାଯାଇ ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ର ଏକ ଭିଡିଓ ସିବିଆଇ ପକ୍ଷରୁ ୟୁକେ କୋର୍ଟରେ ଉପସ୍ଥାପନ କରାଯାଇଛି। ଉଲ୍ଲେଖଥାଉକି, ଭାରତୀୟ ଜେଲ୍ ରହିବା ଯୋଗ୍ୟ ନୁହେଁ ଏବଂ ଏହା ଅତ୍ୟନ୍ତ ଅପରିଷ୍କାର ବୋଲି ମାଲ୍ୟା ୟୁକେ କୋର୍ଟରେ ଅଭିଯୋଗ କରିଥିଲେ। ତାଙ୍କୁ ପ୍ରତ୍ୟର୍ପଣ କରାଗଲେ ସେ ଭାରତୀୟ ଜେଲ୍‌ରେ ରହିପାରିବେ ନାହିଁ ବୋଲି ଦର୍ଶାଇବା ପରେ ୟୁକେ କୋର୍ଟ ଭାରତୀୟ ଜେଲ୍‌ର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ଏବଂ ମାଲ୍ୟା ରହିବାକୁ ଥିବା ସେଲ୍‌ର ଏକ ଭିଡିଓ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

## ଏୟାରସେଲ-ମ୍ୟାକ୍ସିସ ଡିଲ୍
# ଚିଦାମ୍ବରମଙ୍କୁ ଇଡି ଜେରା

ନୂଆଦିଲ୍ଲୀ,୨୪-୮



ୟୁପିଏ ସରକାର ବେଳର ଏୟାରସେଲ-ମ୍ୟାକ୍ସିସ ଡିଲ୍‌ରେ ହୋଇଥିବା ଦୁର୍ନୀତିର ତଦନ୍ତ କରୁଥିବା ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ପୂର୍ବତନ କେନ୍ଦ୍ର ଅର୍ଥ ମନ୍ତ୍ରୀ ପି.ଚିଦାମ୍ବରମଙ୍କୁ ଶୁକ୍ରବାର ପୁନର୍ବାର ଜେରା କରିଛି। ଏହି ମାମଲାରେ ପିଏମଏଲଏ ଆଇନ ଅଧୀନରେ ଚିଦାମ୍ବରମଙ୍କ ବୟାନ ରେକର୍ଡ କରାଯିବ ବୋଲି ଇଡିର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।
ଏଥିପୂର୍ବରୁ ଇଡି ଉକ୍ତ ଡିଲ୍ ବେଳେ ଉପସ୍ଥିତ ଏଫଆଇପିବି ଅଧିକାରୀଙ୍କୁ ଜେରା କରିଥିଲା। ଏହି ଜେରାରୁ ମିଳିଥିବା ତଥ୍ୟକୁ ଆଧାର କରି ଇଡି ପୁନର୍ବାର ଚିଦାମ୍ବରମଙ୍କୁ ଶୁକ୍ରବାର ଜେରା କରିଛି। ନିକଟ ଭବିଷ୍ୟତରେ ଏହି ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପୁନର୍ବାର ଜେରା କରିବାକୁ ଏଜେନ୍ସି ବିଚାର କରୁଛି। ଏହି ମାମଲାରେ ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମଙ୍କୁ ମଧ୍ୟ ଇଡି ଦୁଇ ଥର ଜେରା କରିସାରିଛି। ଏହି ମାମଲାରେ ପିତା-ପୁତ୍ର ଏବେ ଅନ୍ତରୀଣ ଜାମିନ ପାଇଛନ୍ତି।

## ନୂଆ ସିମ୍ ଲାଗି ଫେସ୍ ରିକଗ୍‌ନିଶନ ଜରୁରୀ

ନୂଆଦିଲ୍ଲୀ,୨୪-୮

ଯଦି ନୂଆ ସିମ୍ କାର୍ଡ ପଞ୍ଜୀକରଣ ପାଇଁ ଆଧାର ବ୍ୟବହାର କରୁଥାନ୍ତି ତେବେ ଫେସ୍ ରିକଗ୍‌ନିଶନ ଜରୁରୀ ହେବ। ଆସନ୍ତା ମାସ ୧୫ ପରଠାରୁ ନୂଆ ନିୟମ ଲାଗୁ ହେବ। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଏହି ସୂଚନା ଦେଇଛି। ଏଭଳି ନୂଆ ନିରାପତ୍ତା ବ୍ୟବସ୍ଥାକୁ ଅନ୍ୟାନ୍ୟ ସେବା କ୍ଷେତ୍ରରେ ଲାଗୁ କରିବାକୁ ୟୁଆଇଡିଏଆଇ ଯୋଜନା ରଖିଛି। ଏହା ମଧ୍ୟରେ ବ୍ୟାଙ୍କ, ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) , ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଫିସ ଆଟେଣ୍ଡାନ୍ସ ଭଳି କ୍ଷେତ୍ର ରହିଛି। ଉକ୍ତ କ୍ଷେତ୍ରଗୁଡ଼ିକରେ ପର୍ଯ୍ୟାୟ ଭିତ୍ତିରେ ଫେସ୍‌ରିକଗନିଶନ ଫିଚରକୁ ଲାଗୁ କରାଯିବ। ଉକ୍ତ ନିରାପତ୍ତା ସୁବିଧାକୁ ପ୍ରାଥମିକ ପର୍ଯ୍ୟାୟରେ ମୋବାଇଲ ସିମ୍ କ୍ଷେତ୍ରରେ ଲାଗୁକରାଯାଇଥିବା ଜଣାଯାଇଛି।

# ସ୍ୱର ଉଠାଇଲେ ୫୯ କମ୍ପାନୀ ସିଇଓ

ନ୍ୟୁୟର୍କ,୨୪-୮

### ଟ୍ରମ୍ପଙ୍କ ଭିଜା ନୀତି

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ-୧ ଭିଜା ନୀତିକୁ ବିରୋଧ କରି ଆମେରିକାର ଆପଲ ସମେତ ୫୯ କମ୍ପାନୀର ସିଇଓ ସ୍ୱର ଉତ୍ତୋଳନ କରିଛନ୍ତି। ଟ୍ରମ୍ପଙ୍କ ଏଚ-୧ବି ଭିଜା ନୀତିର ଗୁରୁତର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରି ସେମାନେ ଏକ ମିଳିତ ପତ୍ର ଲେଖିଛନ୍ତି। ଟ୍ରମ୍ପ ସରକାରଙ୍କ ଏହି ନୀତି ଯୋଗୁ ଆମେରିକାର ଅର୍ଥନୀତି ପ୍ରଭାବିତ ହେବା ସହିତ ଦେଶର ଅଭିବୃଦ୍ଧି କିପରି ହ୍ରାସ ପାଇବ ସେନେଇ ବିଜନେସ ଲିଡର ମାନେ ପତ୍ରରେ ଉଲ୍ଲେଖ କରିଛନ୍ତି।

ଆପଲର ମୁଖ୍ୟ ଟିମ କୁକ୍, ଜେପି ମୋର୍ଗାନର ଜେମୀ ଡିମନ ଏବଂ ପେପ୍ସିକୋର ଇନ୍ଦ୍ରା ନୁୟୀଙ୍କ ସମେତ ୫୯ କମ୍ପାନୀର ସିଇଓ ପତ୍ରରେ ସ୍ୱାକ୍ଷର କରିଥିଲେ। ଆମେରିକାର ପ୍ରମୁଖ କାର୍ଯ୍ୟକାରୀ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ବିଜନେସ ରାଉଣ୍ଡ ଟେବୁଲ ସଂଗଠନ ପକ୍ଷରୁ ଟ୍ରମ୍ପ ସରକାରଙ୍କୁ ଏହି ପତ୍ର ପଠାଯାଇଛି। ହାଇ ସ୍କିଲ୍ଡ ଇମିଗ୍ରେସନ ନୀତିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ପତ୍ରରେ ଉଲ୍ଲେଖ କରାଯିବା ସହିତ ଟ୍ରମ୍ପ ସରକାର ସେମାନଙ୍କ ଭିଜା ସମ୍ପର୍କରେ ନେଉଥିବା ନିଷ୍ପତ୍ତିକୁ ପତ୍ରରେ ବିରୋଧ କରାଯାଇଛି। ଉଲ୍ଲେଖଥାଉକି, ଆମେରିକା ନାଗରିକଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା ଉଦ୍ଦେଶ୍ୟରେ ଟ୍ରମ୍ପ ସରକାର ଏଚ-୧ବି ଭିସା ନିୟମକୁ ଅଧିକ କଡ଼ାକଡ଼ି କରିଥିଲେ। ଫଳରେ ଏହା ଉପରେ ଭରସା କରି ଆମେରିକାରେ ଚାକିରି ଆଶାୟୀ ଲକ୍ଷ ଲକ୍ଷ ଭାରତୀୟଙ୍କ ସମେତ ଏସିଆର ସ୍କିଲ୍ଡ ୱାର୍କରଙ୍କୁ ଜୋରଦାର ଝଟକା ଲାଗିଛି। ଏହାଦ୍ୱାରା ଆମେରିକାର କମ୍ପାନୀ ମାନେ ବହିରାଗତ ସ୍କିଲ୍ଡ ୱାର୍କର ଅଭାବ ଅନୁଭବ କରୁଛନ୍ତି।

# ଆହୁରି ଆରାମଦାୟକ ହେବ ଏସି ଟ୍ରେନ୍ ଯାତ୍ରା

ନୂଆଦିଲ୍ଲୀ,୨୪-୮



ରେଲୱେର ଶୀତତାପ ନିୟନ୍ତ୍ରିତ (ଏସି) କୋଚ୍‌ଗୁଡ଼ିକରେ ଯାତ୍ରା ଶୀଘ୍ର ଆରାମଦାୟକ ହେବ। ରେଲୱେ ଏହାର ଏସି କୋଚ୍‌ଗୁଡ଼ିକୁ ପ୍ରତି ୬ ବର୍ଷରେ ପରିବର୍ତ୍ତନ କରିବାକୁ ଯୋଜନା ରଖିଛି। ଯାତ୍ରୀଙ୍କୁ ପ୍ରିମିୟମ୍ ଏବଂ ଆରାମଦାୟକ ରେଳ ଯାତ୍ରା ସୁବିଧା ପ୍ରଦାନ ଲାଗି ରେଲୱେ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଉଥିବା ଜଣା ପଡ଼ିଛି। ରେଳ ବୋର୍ଡ ପକ୍ଷରୁ ପ୍ରତି ଜୋନାଲ କାର୍ଯ୍ୟାଳୟଗୁଡ଼ିକୁ ଏ ନେଇ ସୂଚନା ଦିଆଯାଇଛି। ସାମୟିକ ଭିତ୍ତିରେ ବିଭିନ୍ନ ପରିବର୍ତ୍ତନ ସହ ପ୍ରତି ୬ ବର୍ଷରେ କୋଚ୍‌ଗୁଡ଼ିକର ନବୀକରଣ ନେଇ ରେଳ ବୋର୍ଡ ଗୁରୁତ୍ୱାରୋପ କରିଛି। ୨ ଟାୟାର, ୩ ଟାୟାର, ପ୍ରଥମ ଶ୍ରେଣୀ, ଚେୟାର କାର୍ କୋଚ୍‌ଗୁଡ଼ିକର ସେବା ଆରମ୍ଭ ହେବା ପରଠାରୁ ୬ ବର୍ଷ ମଧ୍ୟରେ ପରିବର୍ତ୍ତନ ନେଇ ଯୋଜନା ରହିଛି। ଉକ୍ତ ଯୋଜନାରେ ପୁରୁଣା ଆଇସିଏଫ୍ କୋଚ୍ ଏବଂ ମଡର୍ନ ଲିଙ୍କେ ହୋଫ୍‌ମ୍ୟାନ୍ ବସ୍(ଏଲ୍‌ଏଚ୍‌ବି) କୋଚ୍‌ଗୁଡ଼ିକ ସାମିଲ ରହିଛି। ଉକ୍ତ କାର୍ଯ୍ୟ ଲାଗି ରେଲ୍‌ୱେକୁ କୋଚ୍ ପିଛା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ଗତ କିଛି ବର୍ଷ ମଧ୍ୟରେ ଏସି ଟ୍ରେନଗୁଡ଼ିକରେ ଭଡା ବିଶେଷ ଭାବେ ବୃଦ୍ଧି ହୋଇଥିବା ବେଳେ ସେହି ଅନୁଯାୟୀ ସେବାର ଉନ୍ନତୀକରଣ ହୋଇ ନାହିଁ। କୋଚ୍ କୋଚ୍‌ଗୁଡ଼ିକର ଖରାପସ୍ଥିତିକୁ ନଜରରେ ରଖି ରେଲ୍‌ୱେ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨୦୧୭ରେ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁ କୋଚ୍‌ଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହି ଯୋଜନାରେ ୪୦ ହଜାର ରେଳକୋଚ୍‌କୁ ଆଧୁନିକୀକରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପାଣ୍ଠି ଅଭାବ ଯୋଗୁ ପ୍ରଥମ ପର୍ଯ୍ୟାୟରେ ଏସି କୋଚ୍‌ଗୁଡ଼ିକର ଉନ୍ନତୀକରଣ ଯୋଜନା ରହିଛି।

## ଟାଟା ସନ୍ସକୁ କମ୍ପାନୀରେ ପରିବର୍ତ୍ତନ
# ରହିତାଦେଶ ଦେଲେନି ଏନ୍‌ସିଏଲ୍‌ଏଟି

ନୂଆଦିଲ୍ଲୀ,୨୪-୮

### ସାଇରସ ମିସ୍ତ୍ରିଙ୍କୁ ଆଶ୍ୱସ୍ତି



ଟାଟା ସନ୍ସ ଗ୍ରୁପ ବିରୋଧରେ ଏହାର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରି ଲଢ଼େଇ ଜାରି ରଖିଥିବା ବେଳେ ଶୁକ୍ରବାର ତାଙ୍କୁ ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଶକ୍ତ ଧକ୍କା ଲାଗିଛି। ଟାଟା ସନ୍ସ ଗ୍ରୁପକୁ ପବ୍ଲିକ ଲିମିଟେଡ କମ୍ପାନୀରୁ ପ୍ରାଇଭେଟ ଲିମିଟେଡ କମ୍ପାନୀ ଭାବେ ପରିବର୍ତ୍ତନ କରିବା ଲାଗି ଗ୍ରୁପର ନିଷ୍ପତ୍ତି ଉପରେ ଏନସିଏଲଏଟି ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ତେବେ ଟ୍ରିବ୍ୟୁନାଲ ମିସ୍ତ୍ରିଙ୍କୁ ମଧ୍ୟ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ମାମଲାର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଟାଟା ସନ୍ସ ଗ୍ରୁପ ମିସ୍ତ୍ରିଙ୍କୁ ଗ୍ରୁପର ଶେୟାର ବିକ୍ରି କରିବା ଲାଗି ବାଧ୍ୟ କରିପାରିବେନି ବୋଲି ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ମିସ୍ତ୍ରିଙ୍କ ଆବେଦନ ଆଧାରରେ ଟାଟା ସନ୍ସକୁ ଆସନ୍ତା ୧୦ ଦିନ ଭିତରେ ଜବାବ ଦାଖଲ କରିବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୪ରେ ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି।

ଟାଟା ସନ୍ସ ଗ୍ରୁପକୁ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ପରିବର୍ତ୍ତନ ଲାଗି ଗତ ବର୍ଷ ନିଷ୍ପତ୍ତି ହୋଇଥିଲା। ଏହାକୁ ଶେୟାରଧାରକ ମଧ୍ୟ ଅନୁମତି ଦେଇଥିଲେ। ଏହାଦ୍ୱାରା ସାଇରସ ମିସ୍ତ୍ରି ପରିବାର ନିକଟରେ ଥିବା ଟାଟା ଗ୍ରୁପର ଶେୟାର ବିକ୍ରି ଉପରେ ଆପଣାଛାଏ କଟକଣା ଲାଗିଯାଇଛି। ଟାଟା ସନ୍ସର ଏଭଳି ଉଦ୍ୟମକୁ ବିରୋଧ କରି ମିସ୍ତ୍ରିଙ୍କ ପକ୍ଷରୁ ଏନସିଏଲଏଟିରେ ଆବେଦନ କରାଯାଇଥିଲା। ଚେୟାରମ୍ୟାନ ଜଷ୍ଟିସ ଏସ ଜେ ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ୨ ଜଣିଆ ଖଣ୍ଡପୀଠ ମିସ୍ତ୍ରିଙ୍କ ଆବେଦନର ବିଚାର କରି ରାୟକୁ ଆଜି ଦିନକୁ ସ୍ଥଗିତ ରଖିଥିଲେ। ଶୁକ୍ରବାର ଟ୍ରିବ୍ୟୁନାଲ ରାୟ ପ୍ରକାଶ କରି ଅନ୍ତରୀଣ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଟାଟା ଗ୍ରୁପ ଅଧ୍ୟକ୍ଷ ପଦରୁ ବିତାଡିତ ହେବା ପରେ ମିସ୍ତ୍ରି ଏନ୍‌ସିଏଲ୍‌ଟିରେ ମାମଲା ଦାୟର କରିଥିଲେ। ଅଦାଲତ ମାମଲାର ବିଚାର କରି ଟାଟା ସନ୍ସର ନିଷ୍ପତ୍ତି ବୈଧ ବୋଲି ଦର୍ଶାଇଥିଲେ। ଏହି ରାୟକୁ ମଧ୍ୟ ବିରୋଧ କରି ସେ ଏନସିଏଲଏଟିରେ ଆଉ ଏକ ମାମଲା ଦାୟର କରିଛନ୍ତି ଯାହାର ଖୁବ୍‌ଶୀଘ୍ର ଶୁଣାଣି ହେବାକୁ ଯାଉଛି।

# ଟେନିସ୍, ରୋଇଂରେ ଭାରତକୁ ସ୍ୱର୍ଣ୍ଣ

**ପାଲେମବାଙ୍ଗ, ୨୪।୮(ପି.ଟି.)**

ଚଳିତ ଏସିଆନ ଗେମ୍ସର ଷଷ୍ଠ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୫ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଭାରତୀୟ ଖେଳାଳିମାନେ ଟେନିସ ଓ ରୋଇଂରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା କବାଡ଼ି ଇଭେଣ୍ଟରେ ଫାଇନାଲରେ ପରାସ୍ତ ରୌପ୍ୟରେ ସନ୍ତୁଷ୍ଟ ହୋଇଛି। ସେହିପରି ଟେନିସ ଇଭେଣ୍ଟ ପୁରୁଷ ସିଙ୍ଗଲ୍ସରେ ଗୋଟିଏ, ରୋଇଂରେ ଦୁଇଟି, ଶୁଟିଂରେ ଗୋଟିଏ ଓ ପୁରୁଷ କବାଡିରେ ଭାରତ ବ୍ରୋଞ୍ଜ୍ ପଦକ ହାସଲ କରିଛି।

ଟେନିସରେ ପୁରୁଷ ଡବଲ୍ସ ଇଭେଣ୍ଟରେ ଟପ୍ ସିଡ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନ୍ନା ଓ ଦିଭିଜ ଶରଣ ଫାଇନାଲ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହେବା ସହ ପ୍ରଥମଥର ପାଇଁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ଯୋଡି ଫାଇନାଲରେ କାଜାଖସ୍ତାନର ଆଲେକଜାଣ୍ଡାର ବବ୍ଲିକ ଓ ଡେନିସ ୟେଭସେୟେଭଙ୍କୁ ୬-୩, ୬-୪ ସେଟରେ ମାତ୍ର ୫୨ ମିନିଟରେ ପରାସ୍ତ କରିଥିଲେ। ଆନ୍ତର୍ଜାତିକ ସ୍ତରରେ ବୋପାନ୍ନା ଓ ଶରଣ ପ୍ରଥମଥର ପାଇଁ ସାଥି ହୋଇ ଖେଳିଥିଲେ ମଧ୍ୟ ସଫଳ ହୋଇଛନ୍ତି। ମାତ୍ର ୪ ମିନିଟ ମଧ୍ୟରେ ଏହି ଭାରତୀୟ ଯୋଡି ୪-୧ରେ ଅଗ୍ରଣୀ ହାସଲ କରିଥିଲେ। ବୋପାନ୍ନା ଓ ଶରଣ ପ୍ରତିପକ୍ଷ ଯୋଡିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ ଓ ଦୁଇଟି ଯାକ ସେଟ୍‌କୁ ଅତି ସହଜରେ ହାତେଇ ନେଇଥିଲେ।

ପୂର୍ବରୁ ଭାରତୀୟ ପୁରୁଷ ଡବଲ୍ସ ଯୋଡି ଏସିଆନ ଗେମ୍ସରେ ୪ଥର ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୧୦ରେ ଗୁଆଙ୍ଗ୍‌ଝଉ ସଂସ୍କରଣରେ ସୋମଦେବ ଦେବବର୍ମନ ଓ ସନମ ସିଂ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମହେଶ ଭୂପତି ଓ ଲିଆଣ୍ଡର ପେସ୍ ଏସିଆନ ଗେମ୍ସରେ ସବୁଠାରୁ ସଫଳତମ ଯୋଡିର ମାନ୍ୟତା ପାଇଛନ୍ତି। ୨୦୦୨ ଓ ୨୦୦୬ ସଂସ୍କରଣରେ ଏହି ଅଭିଜ୍ଞ ଯୋଡି ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପେସ ଏଥର ନିଜ ପସନ୍ଦର ଜଣେ ସ୍ପେଶାଲିଷ୍ଟ ସାଥୀ ନ ପାଇବାରୁ ଟେନିସ ଇଭେଣ୍ଟରୁ ଓହରିଯାଇଥିଲେ। ୨୦୧୪ରେ ସାକେତ ମିନେନି ଓ ସନମ ରୌପ୍ୟ ଜିତିଥିଲେ।


ଟେନିସ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ଡିଭିଜ ଶରଣ।


ବ୍ରୋଞ୍ଜ ପଦକ ବିଜୟୀ ଶୁଟର ହୀନା ସିଦ୍ଧୁ।

## କବାଡ଼ିରେ ପୁଣି ଝଟ୍‌କା, ମହିଳା ରୌପ୍ୟରେ ସନ୍ତୁଷ୍ଟ

ବିଶ୍ୱ କବାଡ଼ିରେ ଚାଲିଥିବା ଭାରତର ପତିଆରାକୁ ପୁଣି ଥରେ ଶକ୍ତ ଧକ୍କା ଦେଇଛି ଇରାନ। ପୁରୁଷ ଦଳକୁ ସେମିଫାଇନାଲରେ ପରାସ୍ତ କରିବା ପରେ ଇରାନ ଭାରତୀୟ ମହିଳା ଦଳକୁ ଫାଇନାଲରେ ହରାଇ ଦେଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଗତ ୨ ଥର ଚାମ୍ପିୟନ ଭାରତକୁ ୨୪-୨୭ ବ୍ୟବଧାନରେ ପରାସ୍ତ କରିବା ସହ ଇରାନ ସ୍ୱର୍ଣ୍ଣ ପଦକ ହାତେଇ ନେଇଛି। ଫଳରେ ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ପୁରୁଷ କବାଡିରେ ୭ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତ ଗୁରୁବାର ସେମିଫାଇନାଲରେ ଇରାନଠାରୁ ୧୮-୨୭ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା।

## ସିଙ୍ଗଲ୍ସରେ ପ୍ରାଜନେଶ ଜିତିଲେ ବ୍ରୋଞ୍ଜ

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏକମାତ୍ର ଭାରତୀୟ ଖେଳାଳିଭାବେ ଅଭିଯାନ ଜାରି ରଖିଥିବା ପ୍ରାଜନେଶ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲରେ ସେ ଉଜବେକିସ୍ତାନର ଡେନିସ ଇସ୍ତୋମିନ୍‌ଙ୍କଠାରୁ ୨-୬, ୨-୬ ସେଟରେ ପରାସ୍ତ ହୋଇଥିଲେ। ସେହିପରି ମହିଳା ସିଙ୍ଗଲ୍ସ ପୂର୍ବରୁ ଭାରତ ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏଥି ସହିତ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି।

## ରୋଇଂରେ ୩ ପଦକ

ରୋଇଂ ଇଭେଣ୍ଟର ଅନ୍ତିମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ଗୋଟି ସ୍ୱର୍ଣ୍ଣ ସହ ୩ ପଦକ ହାସଲ କରିଛନ୍ତି। କ୍ୱାଡ୍ରପୁଲ ସ୍କଲ୍ସରେ ଭାରତୀୟ ରୋୟରମାନେ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି। ଗୁରୁବାରର ବିଫଳତାକୁ ପଛରେ ପକାଇ ଖେଳାଳିମାନେ ଦମ୍ ଦେଖାଇଥିଲେ। ସୈନ୍ୟବାହିନୀରେ କାର୍ଯ୍ୟକରୁଥିବା ଏହି ପ୍ରତିଯୋଗୀମାନେ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ। ଦତ୍ତୁ ବାବନ ଭୋକାନାଲଙ୍କ ସମେତ ଶୁଖମିତ୍ ସିଂ, ସ୍ୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ବେଶ ଉନ୍ନତ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇଥିଲେ।

ଗୁରୁବାର କିନ୍ତୁ ଭୋକାନାଲ, ସ୍ୱର୍ଣ୍ଣ ଓ ଓମ୍ ପ୍ରକାଶ ପୁରୁଷ ଡବଲ ସ୍କଲ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଏହି ୪ ଖେଳାଳି କ୍ୱାଡ୍ରପୁଲ ସ୍କଲ୍ସ ଇଭେଣ୍ଟରେ ୬:୧୭.୧୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିଜ ସ୍ୱର୍ଗବାସୀ ମା'ଙ୍କ ପାଇଁ ଭୋକାନାଲ ସ୍ୱର୍ଣ୍ଣ ଜିତିବେ ବୋଲି ପୂର୍ବରୁ କହିଥିଲେ।

ଏହା ପୂର୍ବରୁ ରୋଇଂରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୁରୁଷ ଲାଇଟ ୱେଟ ଡବଲ ସ୍କଲ୍ସରେ ଭଗବାନ ସିଂ ଓ ରୋହିତ କୁମାର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ଜଣେ ଟ୍ରକ୍ ଡ୍ରାଇଭରଙ୍କ ପୁଅ ଭଗବାନ ସମ୍ବାଦିକତାରେ ଦ୍ୱିତୀୟବର୍ଷ ଅଧ୍ୟୟନ କରୁଥିଲେ ଆର୍ଥିକସ୍ଥିତି ଖରାପ ହେବା କାରଣରୁ ତାକୁ ଛାଡି ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ସେହିପରି ଅଭିଜ୍ଞ ରୋୟର ଦୁଷ୍ମନ୍ତ ଚୌହାନ ଲାଇଟୱେଟ୍ ସିଙ୍ଗଲ ସ୍କଲ୍ସରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ।

## ହୀନା ସିଦ୍ଧୁଙ୍କୁ ବ୍ରୋଞ୍ଜ

ଅଭିଜ୍ଞ ଭାରତୀୟ ଶୁଟର ହୀନା ସିଦ୍ଧୁ ମହିଳା ୧୦ମି. ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମନୁ ଭାକର ନିରାଶ ହୋଇଛନ୍ତି। ହିନା ୧୦.୮ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଗି ଆଶା ରଖିଥିଲେ। ମାତ୍ର ପରବର୍ତ୍ତୀ ଶଟ୍‌ରେ ୯.୬ ସ୍କୋର କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏଥିପୂର୍ବରୁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭରୁ ହିନା ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଏପରି କି ସେ ୧୭ତମ ସ୍ଥାନରେ ଥିଲେ। କିନ୍ତୁ ସେଠାରୁ ସେ ପ୍ରତ୍ୟାବର୍ତ୍ତନ କରି ୩ୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହିନା ୨୧୯.୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାକର ୧୭୬.୨ ସ୍କୋର ସହ ୫ମ ସ୍ଥାନରେ ରହିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ଭାକର କ୍ରମାଗତ ଦୁଇଟି ଭିନ୍ନ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବାରେ ଫାଇନାଲରେ ବିଫଳ ହୋଇଛନ୍ତି। ହରିୟାଣା ଶୁଟର ୨୫ମିଟର ପିସ୍ତଲ ଫାଇନାଲରେ ବିଫଳ ହୋଇଥିଲେ।


ରୋଇଂରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ କ୍ୱାଡ୍ରପୁଲ ସ୍କଲ୍ସ ଟିମ୍।

### ଆଥଲେଟିକ୍ସ ଇଭେଣ୍ଟ ଆଜିଠାରୁ

# ଦୂତୀଙ୍କ ଉପରେ ନଜର

**ଭୁବନେଶ୍ୱର, ୨୪।୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ଭାରତୀୟ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦୂତୀ ଚାନ୍ଦଙ୍କ ଉପରେ ଭାରତ ତଥା ଓଡ଼ିଶାବାସୀଙ୍କ ନଜର ରହିବ। କାରଣ କ୍ୟାରିୟରରେ ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ଦୂତୀ ଶନିବାର ମହିଳା ୧୦୦ ମିଟର ରେସ୍ ହିଟ୍‌ରେ ଅବତୀର୍ଣ୍ଣ ହେବେ। ୧୦୦ ମିଟର ସେମିଫାଇନାଲ ଓ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ଜୁନ୍‌ରେ ଅନୁଷ୍ଠିତ ଆନ୍ତଃ-ରାଜ୍ୟ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଦୂତୀ ୧୧.୨୯ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସେଠାରେ ସେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଦୂତୀଙ୍କୁ ଏସିଆନ ଗେମ୍ସରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ପ୍ରତିଯୋଗିତାରେ ଚାଇନାର ୱେଇ ୟଙ୍ଗଲି(୧୦.୯୯ ସେକେଣ୍ଡ), ବାହାରିନର ହାଜାର ସାଦ ଅଲ୍ ଆମିରି(୧୧.୧୭) ଓ କାଜାଖସ୍ତାନର ଭିକ୍ଟୋରିଆ ଜାବ୍‌କିନା(୧୧.୨୦) ଅଂଶଗ୍ରହଣ କରୁଛନ୍ତି। ଯେଉଁମାନଙ୍କର ଶ୍ରେଷ୍ଠ ଟାଇମିଂ ଦୂତୀଙ୍କଠାରୁ କମ୍ ରହିଛି।


ଦୂତୀ ଚାନ୍ଦ

ମିଳିଥିବା ସୂଚନା ଅନୁସାରେ ଦୂତୀ ହିଟ୍ ନମ୍ବର-୨ରେ ଦୌଡ଼ିବେ। ଏହି ହିଟ୍‌ରେ ରହିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଇଣ୍ଡୋନେସିଆର ଟ୍ୟାସ ମୂର୍ତ୍ତିନିଙ୍ଗିସ, କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା, ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରିଏ, ଇରାକର ଅଲ୍ ଖାଫାଜି ଡାନା ହୁସେନ ଅବଦୁଲରଜାକ, ଉଜବେକିସ୍ତାନର ନିଗିନା ଶାରିପୋଭା, ଦକ୍ଷିଣ କୋରିଆର ୟୁ ଜିନ୍ ଓ ଲାଓସର ଫା ଆଫେ ସିଲିନା। ୧୦୦ ମିଟରରେ ମୋଟ ୪ଟି ହିଟ୍ ଅନୁଷ୍ଠିତ ହେବ। ଏଥିରେ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଅନ୍ୟତମ ଆକର୍ଷଣ ରହିବେ। ଭାରତ ଏସିଆନ ଗେମ୍ସରେ କେବେହେଲେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ନୀରଜ ଏହି ଧାରା ଭାଙ୍ଗିବେ ବୋଲି ଆଶା ରହିଛି। ଶେଷଥର ପାଇଁ ଭାରତ ପକ୍ଷରୁ ୧୯୮୨ ନୂଆଦିଲ୍ଲୀ ଏସିଆନ ଗେମ୍ସରେ ଗୁରତେଜ ସିଂ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୦୦ ମିଟରରେ ଅନ୍ୟତମ ଆକର୍ଷଣ ରହିବେ ଭାରତର ହିମା ଦାସ। ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତାଙ୍କ ଉପରେ ଭରସା ରହିଛି। ଏଥିରେ ଅନ୍ୟତମ ଭାରତୀୟ ନିର୍ମଳା ଶେଓରାନ ମଧ୍ୟ ଭାଗ୍ୟପରୀକ୍ଷା କରିବେ।

## ଭାରତର କାର୍ଯ୍ୟସୂଚୀ

**ଆଥ୍‌ଲେଟିକ୍ସ**

ମହିଳା ହାମର ଥ୍ରୋ ଫାଇନାଲ: ସନ୍ଧ୍ୟା ୫ଟା ୧୦ ( ସରିତା ସିଂ)।

ମହିଳା ୧୦୦ ମିଟର ଯୋଗ୍ୟତା ପର୍ଯ୍ୟାୟ: ସନ୍ଧ୍ୟା ୬ଟା (ଦୂତୀ ଚାନ୍ଦ)।

ପୁରୁଷ ଶଟପୁଟ୍ ଫାଇନାଲ: ସମୟ ସନ୍ଧ୍ୟା ୬ଟା ୩୦ (ତାଜିନ୍ଦରପାଲ୍ ସିଂ ତୁର୍)।

ମହିଳା ୧୦,୦୦୦ ମିଟର ଫାଇନାଲ: ସନ୍ଧ୍ୟା ୬ଟା ୩୦। (ସୁରିୟା ଲଙ୍ଗାନାଥନ, ସଞ୍ଜୀବନୀ ବାବୁରାଓ ଯାଦବ)।

ମହିଳା ୪୦୦ ମିଟର ଯୋଗ୍ୟତା ପର୍ଯ୍ୟାୟ: ସନ୍ଧ୍ୟା ୭ଟା ୫ ( ହିମା ଦାସ, ନିର୍ମଳା ଶେଓରାନ)।

**ବ୍ୟାଡ୍‌ମିଣ୍ଟନ**

ପୂର୍ବାହ୍ନ ୧୧ଟା ୩୦ରୁ ଆରମ୍ଭ

ମହିଳା ଡବଲ୍ସ କ୍ୱାର୍ଟରଫାଇନାଲ: ଅଶ୍ୱିନୀ ପୋନାପ୍ପା/ଏନ୍. ସିକ୍କି ରେଡ୍ଡୀ ବନାମ ଚେନ୍ କ୍ୱିଙ୍ଗଚେନ୍/ ଜିଆ ୟିଫାନ (ଚାଇନା)।

ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ୍ ୧୬: ସାଇନା ନେହ୍ୱାଲ ବନାମ ଫିତ୍ରିଆନି (ଇଣ୍ଡୋନେସିଆ)।

ପୁରୁଷ ଡବଲ୍ସ ରାଉଣ୍ଡ ଅଫ୍ ୧୬: ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ/ଚିରାଗ ଶେଟ୍ଟି ବନାମ ଚୋଲ ସଲ୍‌ଗ୍ୟୁ/କାଙ୍ଗ ମିନ୍ ହ୍ୟୁକ୍ (ଦକ୍ଷିଣ କୋରିଆ)।

ପୁରୁଷ ଡବଲ୍ସ ରାଉଣ୍ଡ ଅଫ୍ ୧୬: ମନୁ ଅତ୍ରି/ବି. ସୁମିତ୍ ରେଡ୍ଡୀ ବନାମ ଲି ଜୁନ୍‌ହୁଇ/ଲୁ ୟୁଚେନ୍ (ଚାଇନା)।

**ହକି**

ମହିଳା ଟୁର୍ନାମେଣ୍ଟ: ଭାରତ ବନାମ ଦକ୍ଷିଣ କୋରିଆ, ସନ୍ଧ୍ୟା ୬ଟା ୩୦।

# ଭାରତ ସେମିର ନିକଟତର

**ପୁରୁଷ ହକି**

**ଜାକର୍ତ୍ତା, ୨୪।୮(ପି.ଟି.)**

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ତା'ର ଜୟଯାତ୍ରା ଜାରି ରଖିଛି। ପୁଲ-ଏ' ଶୁକ୍ରବାର ଭାରତ ଜାପାନକୁ ୮-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ହ୍ୟାଟ୍ରିକ ସଫଳତା ଅର୍ଜନ କରି ସେମିଫାଇନାଲର ନିକଟତର ହୋଇଛି। ଏହା ପୂର୍ବରୁ ଭାରତ ଆୟୋଜକ ଇଣ୍ଡୋନେସିଆକୁ ୧୭-୦ ଓ ହଂକଂକୁ ୨୬-୦ରେ ହରାଇଥିଲା। ଭାରତ ମୋଟ ଉପରେ ୫୧ଟି ଗୋଲ ସ୍କୋର କରିଛି।

ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ରୂପିନ୍ଦର ପାଲ ସିଂ ୧୭, ୩୭ ଓ ମନଦୀପ ସିଂ ୩୨ ଓ ୫୬ତମ ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଏସ୍‌ଭି ସୁନୀଲ ସପ୍ତମ, ଦୀଲପ୍ରୀତ ସିଂ ୧୨, ଆକାଶଦୀପ ସିଂ ୪୫ ଓ ବିବେକ ସାଗର ପ୍ରସାଦ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ଜିତାଇଥିଲେ। ୪୮ତମ ମିନିଟରେ ଜାପାନ ଗୋଟିଏ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ହାତଛଡ଼ା କରିଥିଲା। ବିଜୟୀ ହୋଇଥିଲେ ମଧ୍ୟ ଭାରତ କେତୋଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଛି।

ଭାରତ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ପଞ୍ଚମ ଓ ଜାପାନ ୧୬ତମ ସ୍ଥାନରେ ରହିଛି। ଭାରତ ରବିବାର ୧୪ ନମ୍ବର ଦଳ କୋରିଆକୁ ଭେଟିବ। ଶେଷ ପୁଲ ମ୍ୟାଚରେ ଭାରତ ଶ୍ରୀଲଙ୍କାକୁ ଭେଟିବ।

## ଜିମ୍ନାଷ୍ଟିକ୍ସରେ ହାତ ଖାଲି

ଏଥର ଏସିଆନ ଗେମ୍ସରେ ଭାରତ ବିନା ପଦକରେ ଅଭିଯାନ ଶେଷ କରିଛି। ତାରକା ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ମଧ୍ୟ ବିଫଳ ହୋଇଛନ୍ତି। ମହିଳା ବାଲାନ୍ସ ବିମ୍ ଇଭେଣ୍ଟ ଫାଇନାଲରେ ଦୀପା ପଞ୍ଚମ ସ୍ଥାନରେ ରହି ନିରାଶ କରିଛନ୍ତି। ପଞ୍ଚମ ଜିମ୍ନାଷ୍ଟ ଭାବେ ଦୀପା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ୧୨. ୫୦୦ ସ୍କୋର କରି ସେ ପଞ୍ଚମ ସ୍ଥାନରେ ରହିଥିଲେ। ୮ଜଣ ମହିଳା ପ୍ରତିଯୋଗୀ ଫାଇନାଲରେ ଅବତୀର୍ଣ୍ଣ ହୋଇଥିଲେ। ଦୀପା କ୍ୱାଲିଫିକେଶନ ରାଉଣ୍ଡରେ ୧୨. ୭୫୦ ସ୍କୋର କରିଥିଲେ।

ଚାଇନାର ଚେନ୍ ୟିଲେ ୧୪.୬୦୦ ସ୍କୋର କରି ସ୍ୱର୍ଣ୍ଣ, ଉତ୍ତର କୋରିଆର କିମ୍ ଜଙ୍ଗ ସୁ ୧୩. ୪୦୦ ସ୍କୋର କରି ରୌପ୍ୟ ଓ ଚାଇନାର ଝାଙ୍ଗ୍ ଜିନ୍ ୧୩. ୩୨୫ ସ୍କୋର କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଦୀପା ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ସେତେଟା ଖରାପ ନୁହଁ ବୋଲି କୁହାଯାଉଛି। ଏହା ପୂର୍ବରୁ ଦୀପା ତାଙ୍କ ଫେଭରାଇଟ ଇଭେଣ୍ଟ ଭୋଲ୍ଟରେ ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୬୬ | ୪୬ | ୨୭ | ୧୩୯ |
| ଜାପାନ | ୨୯ | ୩୧ | ୪୩ | ୧୦୩ |
| ଦକ୍ଷିଣ କୋରିଆ | ୨୩ | ୨୬ | ୨୮ | ୭୭ |
| ଇରାନ | ୧୨ | ୧୧ | ୮ | ୩୧ |
| ଇଣ୍ଡୋନେସିଆ | ୯ | ୯ | ୧୪ | ୩୨ |
| ଉତ୍ତର କୋରିଆ | ୮ | ୫ | ୬ | ୧୯ |
| ଚାଇନିଜ୍ ତାଇପେ | ୬ | ୭ | ୧୨ | ୨୫ |
| ଭାରତ | ୬ | ୫ | ୧୪ | ୨୫ |
| ଥାଇଲାଣ୍ଡ | ୬ | ୪ | ୨୦ | ୩୦ |
| ଉଜବେକିସ୍ତାନ | ୪ | ୧୦ | ୭ | ୨୧ |

## ବ୍ୟାଡ୍‌ମିଣ୍ଟନ: ଶ୍ରୀକାନ୍ତ, ପ୍ରଣୟଙ୍କ ବିପର୍ଯ୍ୟୟ

**ଜାକର୍ତ୍ତା, ୨୪।୮(ପି.ଟି.)**

ଏସିଆନ୍ ଗେମ୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ଭାରତର ଦୁଇ ଆଗଧାଡିର ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏହି ଦୁଇ ଖେଳାଳି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାସ୍ତ ହୋଇଛନ୍ତି। ଶ୍ରୀକାନ୍ତ ହଂକଂର ୱଙ୍ଗ ୱିଙ୍ଗ୍‌ଙ୍କଠାରୁ ମାତ୍ର ୪୩ ମିନିଟରେ ୨୧-୨୩, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ପ୍ରଣୟ ଥାଇଲାଣ୍ଡର କଣ୍ଟାଫୋନ ୱାଙ୍ଗଚାରୋଏନଙ୍କଠାରୁ ୧୨- ୨୧, ୨୧- ୧୫, ୧୫- ୨୧ରେ ମାତ୍ର ୬୫ ମିନିଟରେ ପରାସ୍ତ ହୋଇ ବାଦ୍ ପଡିଛନ୍ତି।



ରୌପ୍ୟ ପଦକ ବିଜୟୀ ଭାରତୀୟ ମହିଳା ଓ ବ୍ରୋଞ୍ଜ ବିଜେତା ପୁରୁଷ କବାଡ଼ି ଦଳ।

"ଏସିଆନ ଗେମ୍ସ କବାଡ଼ିରେ ଇରାନଠାରୁ ପରାଜୟ ଘଟଣା ଆମର ମନେ ରହିବ, କିନ୍ତୁ ଏହାଦ୍ୱାରା କବାଡ଼ି ଏକ ଗ୍ଲୋବାଲ ସ୍ପୋର୍ଟ୍ସ ବୋଲି ପ୍ରତିଫଳିତ ହୋଇଛି।
–ଏଲ. ଶ୍ରୀନିବାସ ରେଡ୍ଡୀ, ଭାରତୀୟ ମହିଳା କବାଡ଼ି କୋଚ୍



"ଆଲିଷ୍ଟର କୁକ୍ ନେଟ୍ସରେ ବଲ୍‌କୁ ଭଲରୂପେ ଷ୍ଟ୍ରାଇକ୍ କରିପାରୁଛନ୍ତି, ତେଣୁ ସେ ଫର୍ମରେ ନାହାନ୍ତି ବୋଲି କହିବା ଆଦୌ ଠିକ୍ ନୁହେଁ।
–ଟ୍ରେଭର ବେଲିସ, ଇଂଲଣ୍ଡ କୋଚ୍



## ସଂକ୍ଷେପରେ

### ଏସିଆନ ଗେମ୍ସର ପ୍ରଥମ ଡୋପ୍ ମାମଲା



ଜାକର୍ତ୍ତା, ୨୪।୮ (ଏଏଫ୍‌ପି): ତୁର୍କମେନିସ୍ତାନର ରୁସ୍ତମ୍ ନାଜାରୋଭ୍ ଚଳିତ ଏସିଆନ ଗେମ୍ସର ପ୍ରଥମ ଆଥ୍‌ଲେଟ ଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ୨୪ବର୍ଷୀୟ କୁସ୍ତି ଯୋଦ୍ଧା ନାଜାରୋଭ ଅବଶ୍ୟ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ ଡିଭିଜନରେ ତାଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଭାରତର ସନ୍ଦୀପ ତୋମାର ତାଙ୍କୁ ହରାଇ ଦେଇଥିଲେ। ଗେମ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟର ଫଳାଫଳ ପ୍ରକାଶ ପାଇଛି। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଔଷଧ ଡ୍ୟୁରେଟିକ୍ ଫ୍ୟୁରୋସେମିଡେ ଠାବ କରାଯାଇଥିଲା। ଏହି ଔଷଧ ଶରୀରରୁ ଜଳ ଓ ଲବଣ ପରିମାଣ ହ୍ରାସ ପାଇଁ ସହାୟକ ହୋଇଥାଏ। ଏହି ଔଷଧ ସେବନ ଦ୍ୱାରା ନାଜାରୋଭ ତାଙ୍କ ଶରୀର ଓଜନ ହ୍ରାସ କରାଇ ପାରିଥିଲେ ଏବଂ ତାଙ୍କ ଓଜନ ଶ୍ରେଣୀ ପାଇଁ ଯୋଗ୍ୟତା ହାସଲ କରିପାରିଥିଲେ ବୋଲି ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ପକ୍ଷରୁ କୁହାଯାଇଛି। ନାଜାରୋଭଙ୍କୁ ତୁରନ୍ତ ୧୮ତମ ଜାକର୍ତ୍ତା-ପାଲେମବାଙ୍ଗ୍ ଏସିଆନ ଗେମ୍ସ ୨୦୧୮ରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଗଷ୍ଟ ୧୯ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ, ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ୨୦୧୪ରେ ଏସିଆନ ଗେମ୍ସରେ ହୋଇଥିବା ଡୋପ୍ ଟେଷ୍ଟରେ ୬ଜଣ ଆଥଲେଟଙ୍କର ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆର ସୁଇମିଂ ଷ୍ଟାର ପାର୍କ ତାଏ-ହ୍ୱାନ ଅନ୍ୟତମ ଥିଲେ। ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଥିଲା।

### ଇଣ୍ଡୋନେସିଆ ଗଲେ ଆଜାମ



ଭୁବନେଶ୍ୱର,୨୪।୮(ସ୍ପୋର୍ଟ୍ସ ବ୍ୟୁରୋ) ଚଳିତ ଏସିଆନ ଗେମ୍ସରେ ସଫ୍ଟ ଟେନିସ ଗେମ୍‌ରେ ଟେକ୍‌ନିକାଲ ଅଫିସିଆଲ ହିସାବରେ କାର୍ଯ୍ୟ କରିବାକୁ ଓଡ଼ିଶାର ମହମ୍ମଦ ଆଜାମ ଇଣ୍ଡୋନେସିଆ ଗସ୍ତ କରିଛନ୍ତି। ଆସନ୍ତା ୨୮ ତାରିଖରୁ ସଫ୍ଟ ଟେନିସ ଗେମ୍ ଆରମ୍ଭ ହୋଇ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଆଜାମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

### ସେକ୍ରେଟାରିଏଟ୍ କପ୍ ଫୁଟ୍‌ବଲ

ଭୁବନେଶ୍ୱର,୨୪।୮(ସ୍ପୋର୍ଟ୍ସ ବ୍ୟୁରୋ)- ସେକ୍ରେଟାରିଏଟ୍ କପ୍ ଆନ୍ତଃ ବିଭାଗୀୟ ୫ ଜଣିଆ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଛି। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ଅର୍ଥ ବିଭାଗ, ସଚିବାଳୟ କ୍ରୀଡ଼ା ସଂଘ, ସୂଚନା ଲୋକସମ୍ପର୍କ ବିଭାଗ ଏବଂ ନିର୍ମାଣ ବିଭାଗ ବିଜୟ ଲାଭ କରିଛନ୍ତି। ଅର୍ଥ ବିଭାଗ ୩-୦ ଗୋଲରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାସ୍ତ କରିଛି। ଏଥିରେ ଆଲୋକ ଆଲ୍‌ବେଣ୍ଟ ସୋରେଙ୍ଗ ୨ଟି ଏବଂ ଦୁର୍ଯ୍ୟୋଧନ ବାର୍ଲା ଗୋଟିଏ ଗୋଲ ଦେଇଥିଲେ। ସଚିବାଳୟ କ୍ରୀଡ଼ା ମହାସଂଘ ମଧ ଅନୁରୂପ ୩-୦ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରିଛି। ଏଥିରେ ଆଶିଷ ମାଝି ଗୋଟିଏ ଏବଂ ରଞ୍ଜନ ମେହେର ଦୁଇଟି ଗୋଲ ଦେଇଥିଲେ। ସେହିପରି ସୂଚନା ଲୋକ ସମ୍ପର୍କ ବିଭାଗ ୧-୦ ଗୋଲରେ ଜଙ୍ଗଲ ଓ ପରିବେଶ ବିଭାଗକୁ ପରାସ୍ତ କରିଛି। ମ୍ୟାଚରେ ପ୍ରକାଶ କୁମାର ମୁଦୁଲି ଏକମାତ୍ର ଗୋଲ ସ୍କୋର କରିଥିଲେ। ନିର୍ମାଣ ବିଭାଗ ୨-୦ ଗୋଲରେ ସମବାୟ ବିଭାଗକୁ ହରାଇ ଦେଇଥିଲା। ଦଳ ପକ୍ଷରୁ ସଉନା ସୋରେନ ଓ ଅର୍ଜୁନ ହେମ୍ବ ଗୋଲ ସ୍କୋର କରିଥିଲେ।

# ଦେବାଶିଷ ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା

କଟକ ଅଫିସ/ପି.ଟି. ୨୪।୮

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଦେବାଶିଷଙ୍କୁ ଶୁକ୍ରବାର ଫୋନ୍ ଯୋଗେ ଜଣାଇ ଦିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଜୁନିୟର ଦଳର ଚୟନକର୍ତ୍ତା ଦାୟିତ୍ୱ ଗ୍ରହଣ କରୁଥିବାରୁ ଦେବାଶିଷଙ୍କୁ ଆଗାମୀ ରଣଜୀ ସିଜନ ନିମନ୍ତେ ଚାଲିଥିବା ପ୍ରସ୍ତୁତି ଓ ଚୟନ ଶିବିର ଅଧାରୁ ଛାଡ଼ିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେବାଶିଷ ଓଡ଼ିଶାରୁ ଦ୍ୱିତୀୟ କ୍ରୀଡ଼ାବିତ ଭାବେ ବିସିସିଆଇର ଦଳ ଚୟନ କମିଟିରେ ସାମିଲ ହୋଇଛନ୍ତି। ପୂର୍ବରୁ ରଞ୍ଜୀବ ବିଶ୍ୱାଳ ସିନିୟର ପୁରୁଷ ଦଳ ଚୟନ କମିଟିରେ ରହିଥିଲେ।

୧୯୯୭ରେ ଭାରତୀୟ କ୍ରିକେଟର ପେସ୍ ଆକ୍ରମଣ କ୍ଷେତ୍ରରେ ପ୍ରମୁଖ ବୋଲର ଭାବେ ଓଡ଼ିଆ ଖେଳାଳି ଦେବାଶିଷଙ୍କ ବେଶ୍ ଖ୍ୟାତି ରହିଥିଲା। ରାଜ୍ୟ ପକ୍ଷରୁ ୧୨୯ଟି ଲିଷ୍ଟ-ଏ ଓ ୧୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୧୯୯୭ ଅଗଷ୍ଟ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। କଲମ୍ବୋରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହିଁ ଦେବାଶିଷ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଶ୍ରୀଲଙ୍କାର ପ୍ରମୁଖ ୪ଜଣ ବ୍ୟାଟ୍ସମ୍ୟାନ ଦେବାଶିଷଙ୍କ ଶିକାର ହୋଇଥିଲେ। ଓପନର ସନତ ଜୟସୂରିଆଙ୍କୁ ମିଶାଇ ରୋଶନ ମାହାନାମା, ଅରବିନ୍ଦ ଡି ସିଲଭା, ରବୀନ୍ଦ୍ର ପୁଷ୍ପକୁମାରଙ୍କ ଉଇକେଟ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ଦେବାଶିଷଙ୍କୁ କୌଣସି ଉଇକେଟ ମିଳି ନ ଥିଲେ ମଧ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ମ୍ୟାଚଟି ଡ୍ର ଭାବେ ଶେଷ ହୋଇଥିଲା। ପରେ ପାକିସ୍ତାନ ବିପକ୍ଷରେ ଉକ୍ତ ବର୍ଷ ସେପ୍ଟେମ୍ବର ୧୩ରେ ଏକଦିନିକିଆ ମ୍ୟାଚ୍‌ରେ ଦେବାଶିଷଙ୍କ ପଦାର୍ପଣ ହୋଇଥିଲା। ଦେବାଶିଷ ମୋଟ୍ ୨ଟି ଟେଷ୍ଟ ମ୍ୟାଚ ଖେଳି ୪ଟି ଉଇକେଟ ପାଇଥିବା ବେଳେ ୪୫ଟି ଏକଦିବସୀୟ ମ୍ୟାଚ୍‌ରୁ ୫୭ଟି ଉଇକେଟ ପାଇଛନ୍ତି। ୫୬ରନ୍ ବିନିମୟରେ ୪ଟି ଉଇକେଟ ଦେବାଶିଷଙ୍କର ଏକଦିବସୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ୯୦ ଦଶକରେ ବିଶ୍ୱକ୍ରିକେଟର ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ଲାନ୍ସ କ୍ଲୁଜନର, ସନତ ଜୟସୂରିଆଙ୍କୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରାଇ ଦେବାର ରେକର୍ଡ ମଧ୍ୟ ଦେବାଶିଷଙ୍କ କ୍ୟାରିୟର ଫର୍ଦ୍ଦରେ ଯୋଡି ହୋଇରହିଛି। ଦେବାଶିଷ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ବେଶ ସଫଳତା ହାସଲ କରିଥିଲେ। ରାଜ୍ୟର ଜଣେ ଅନ୍ତର୍ଜାତୀୟ ଖେଳାଳି ଭାବେ ପରିଚିତ ଦେବାଶିଷ ୨୦୧୧ ମସିହାରୁ କୋଚ୍ ଜୀବନ ଆରମ୍ଭ କରିଥିଲେ। ମଝିରେ ଗୋଟିଏ ବର୍ଷ ଛାଡ଼ିଦେଲେ ୨୦୧୨-୧୩ ସିଜନ୍‌ରୁ ସେ ସିନିୟର ଦଳର କୋଚ୍ ରହି ଆସିଛନ୍ତି। କେବଳ ୨୦୧୭-୧୮ ସିଜିନ୍‌ରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ କୋଚ୍ ଦାୟିତ୍ୱରୁ ଦୂରେଇ ରହିଥିଲେ। ଦେବାଶିଷଙ୍କ ତତ୍ତ୍ୱାବଧାନରେ ରାଜ୍ୟ ରଣଜୀ ଦଳର ପ୍ରଦର୍ଶନ ଶକ୍ତିଶାଳୀ ହେଉଛି ବୋଲି କ୍ରୀଡ଼ା ସମାଲୋଚକମାନେ ମତ ଦିଅନ୍ତି। ଏପରିକି ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟ ନିମନ୍ତେ ରାଜ୍ୟ ସିନିୟର ଦଳର କୋଚ୍ ଦାୟିତ୍ୱ ମଧ ଦେବାଶିଷଙ୍କ କାନ୍ଧରେ ରହିଛି।

ପ୍ରକାଶଯୋଗ୍ୟ ଯେ, ଦେବାଶିଷଙ୍କ ନିଯୁକ୍ତି କଥା କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ ସ୍ପଷ୍ଟ କରିଛନ୍ତି। ଜୁନିୟର ଚୟନ କମିଟିରେ ଦେବାଶିଷଙ୍କୁ ଆମେ ପଞ୍ଚମ ସଦସ୍ୟ ଭାବେ ନିଯୁକ୍ତି ଦେଇଛୁ ବୋଲି ସେ ସୂଚନା ଦେଇଛନ୍ତି। ଏହି କମିଟି ୫ଜଣିଆ ସଦସ୍ୟ ବିଶିଷ୍ଟ ହେବ ବୋଲି ସୁପ୍ରିମକୋର୍ଟ ଆଗରୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଆମେ ଏହି ସଦସ୍ୟମାନଙ୍କ ନାମ ଉପଦେଷ୍ଟା କମିଟିକୁ ସୁପାରିସ କରିଥିଲୁ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଉପଦେଷ୍ଟା କମିଟି ସଦସ୍ୟ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ କମିଟି ଚୟନ କରିବାକୁ କୁହାଯାଇଥିଲା। ତେବେ ନିଜ ନିଜ କାରଣ ଦର୍ଶାଇ ଏମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଆନ୍ତର୍ଜାତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆମେ ଶେଷରେ ଦେବାଶିଷଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ବିନୋଦ କହିଛନ୍ତି। ପୁଅ ଅର୍ଜୁନ ଜୁନିୟର ଭାରତୀୟ ଦଳରେ ଖେଳୁଥିବାରୁ ସଚିନ ଏହି ପ୍ରସ୍ତାବ ଗ୍ରହଣ କରି ନ ଥିଲେ। ସେହିପରି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ଥିବାରୁ ଗାଙ୍ଗୁଲି ଓ ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ଥିବାରୁ ଲକ୍ଷ୍ମଣ ମଧ୍ୟ ଏହାକୁ ଗ୍ରହଣ କରି ନ ଥିଲେ।

ଏହି କିମିଟିକୁ ଆଶିଷ କାପୁର ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଅମିତ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଙ୍କଟେଶ ପ୍ରସାଦ ଇସ୍ତଫା ଦେବା ପରେ ଆଉ ଏକ ପଦ ଖାଲି ରହିଥିଲା ବୋଲି ବିନୋଦ କହିଛନ୍ତି। ଏହି କିମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଜ୍ଞାନେନ୍ଦ୍ର ପାଣ୍ଡେ ଓ ରାକେଶ ପାରିଖ। କୋଲକାତାରେ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ସେପ୍ଟେମ୍ବର ୨୭ ତାରିଖରୁ ଢ଼ାକାରେ ଆରମ୍ଭ ହେବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଏହି କମିଟି ଜୁନିୟର ଦଳ ଚୟନ କରିବ।



ଦେବାଶିଷ ମହାନ୍ତି

### ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ହେବ

ଜାତୀୟ ଜୁନିୟର ଚୟନ କମିଟିର ସଦସ୍ୟ ହୋଇଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ଦେବାଶିଷ। ଜୁନିୟର ଦଳର ଚୟନକର୍ତ୍ତା ହେବା ସମ୍ପର୍କରେ ମୋତେ ବିସିସିଆଇ ପକ୍ଷରୁ ଅବଗତ କରାଯାଇଛି। ଏହା ଏକ ନୂଆ ଦାୟିତ୍ୱ ଏବଂ ନୂଆ ଚ୍ୟାଲେଞ୍ଜ। ଏହା ଖୁସିର କଥା, ତେବେ ଏକ ସଙ୍ଗେ ୨ଟି ଦାୟିତ୍ୱରେ ରହି ହେବନାହିଁ। ତେଣୁ ମୋତେ ଓଡ଼ିଶା ରଣଜୀ ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ପଡ଼ିବ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

## ୨୮ରେ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ

ଭୁବନେଶ୍ୱର, ୨୪।୮(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆସନ୍ତା ୨୮ତାରିଖରେ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମାସିକ ସମ୍ବାଦଭିତ୍ତିକ ପତ୍ରିକା 'ଦୂରଦର୍ଶୀ' ଆନୁକୂଲ୍ୟରେ ବିଗତ ୬ ବର୍ଷ ଧରି ରାଜ୍ୟର ସଫଳ କ୍ରୀଡ଼ାବିତ ଓ ପ୍ରଶିକ୍ଷକମାନଙ୍କୁ 'ଦୂରଦର୍ଶୀ' କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇ ଆସୁଛି। କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିବା ପାଇଁ ଦୂରଦର୍ଶୀ ପକ୍ଷରୁ ଏହା ଏକ ଅଭିନବ ପ୍ରୟାସ। ଏଥିସହିତ କ୍ରୀଡ଼ାର ଉନ୍ନତି ଓ କ୍ରୀଡ଼ାବିତ୍‌ଙ୍କ ସମସ୍ୟାର ସମାଧାନ ସମ୍ପର୍କରେ ଏକ ଆଲୋଚନାଚକ୍ର ମଧ୍ୟ ସ୍ଥାନୀୟ ଇଡକଲ ଅଡିଟୋରିୟମଠାରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସାମ୍ବାଦିକ, ପୃଷ୍ଠପୋଷକ ଓ କ୍ରୀଡ଼ାପ୍ରେମୀ ଯୋଗଦେବେ।

## ଡାକ୍ତରଖାନାରେ ରୋୟର ସାୟଲି

ପାଲେମବାଙ୍ଗ, ୨୪।୮ (ପି.ଟି.)

ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ ସହିତ ଆସିଥିବା ରୋୟର ସାୟଲି ଶିଲେକ୍ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ତାଙ୍କ ତଳିପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଶୁକ୍ରବାର ରୋଇଂ ପ୍ରତିଯୋଗିତା ଶେଷ ହୋଇଥିଲେ ମଧ୍ୟ ଆବଶ୍ୟକ ଚିକିତ୍ସା ପାଇଁ ୨୧ ବର୍ଷୀୟା ସାୟଲି ଏଠାରେ ଆଉ ୨।୩ ଦିନ ରହିବେ । ତାଙ୍କ ସହିତ ଦୁଇଜଣ ଡାକ୍ତର ରହିବେ ବୋଲି ମୁଖ୍ୟ କୋଚ୍ ଇସ୍‌ମାଇଲ ବେଗ୍ ପ୍ରକାଶ କରିଛନ୍ତି। ସାୟଲି ଓ ପୂଜା ମହିଳା ଡବଲ୍ସ ସ୍କଲ୍ସ ଫାଇନାଲରେ ଭାଗ ନେଇଥିଲେ। ଉଭୟେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।।

## କଳିଙ୍ଗ ବିଦ୍ୟାପୀଠ, କିସ୍ ସ୍କୁଲ ବିଜୟୀ

ଭୁବନେଶ୍ୱର, ୨୪।୮(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନି ଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃ ସ୍କୁଲ୍ ଫୁଟବଲ ଲିଗ୍‌ରେ ଶୁକ୍ରବାର କଳିଙ୍ଗ ବିଦ୍ୟାପୀଠ ସାମ୍ପୁର ଓ କିସ୍ ସ୍କୁଲ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଗତଥରର ରନର୍ସ ଅପ୍ କଳିଙ୍ଗ ବିଦ୍ୟାପୀଠ ୧-୦ ଗୋଲରେ ଡିଏଭି ୟୁନିଟ୍-୮କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଶୋକ ପାଢୀ ଖେଳର ୧୩ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମକୃଷ୍ଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ନାୟକଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ କିସ୍ ସ୍କୁଲ ୧-୦ ଗୋଲରେ ଗଣ୍ଡରପୁର ଅରବିନ୍ଦ ହାଇସ୍କୁଲକୁ ପରାସ୍ତ କରିଥିଲା। ଏକମାତ୍ର ଗୋଲଟିକୁ ଯଦୁନାଥ ହେମ୍ବ୍ରମ ୨୧ତମ ମିନିଟ୍‌ରେ ସ୍କୋର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ହେମ୍ବ୍ରମଙ୍କୁ କ୍ରୀଡ଼ା ସଂଗଠକ ହୃଦୟ ରଞ୍ଜନ ବେହେରା ପୁରସ୍କୃତ କରିଥିଲେ। ଶନିବାର ପ୍ରଥମ ମ୍ୟାଚ ଡିଏଭି ଚନ୍ଦ୍ରଶେଖରପୁର ଓ ଜାଭିୟର ସ୍କୁଲ, କେଦାରଗୌରୀ ଏବଂ ଦ୍ୱିତୀୟ ମ୍ୟାଚ ସୈନିକ ସ୍କୁଲ ଓ ପଳାଶୁଣୀ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

## ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୪।୮

ଅନୁଗୋଳ ଷ୍ଟାଡ଼ିୟମରେ ୭୭ତମ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା-୨୦୧୮ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ସମସ୍ତ ଖେଳାଳିଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମାର୍ଚ୍ଚ ପାଷ୍ଟ ପରେ ଫିଫା ଫ୍ଲାଗ ପଡ଼ିଆକୁ ଆସିଥିଲା। ପ୍ରଥମ ମ୍ୟାଚ ଅନୁଗୋଳ ଜିଲା ପୋଲିସ ଓ ରାୟଗଡ଼ାର ୨ୟ ଆଇଆରବି ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ୨-୦ ଗୋଲରେ ବିଜୟୀ ହୋଇଛି। ରାୟଗଡା ପକ୍ଷରୁ ଶ୍ୟାମ୍‌ଲାଲ ବିଶ୍ୱାଳ ଓ ମଧୁସୂଦନ ଭୋଇ ୨ଟି ଗୋଲ ଦେଇଥିଲେ। ଶନିବାର ୧୬ଟି ଦଳ ମଧ୍ୟରେ ୭ଟି ପଡ଼ିଆରେ ମୋଟ ୧୬ଟି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବାହ୍ନ ୭ଟାରେ ୭ଟି ଗ୍ରାଉଣ୍ଡରେ ୯ଟି ମ୍ୟାଚ ଓ ଅବଶିଷ୍ଟ ୭ଟି ମ୍ୟାଚ ଅପରାହ୍ନରେ ୭ଟି ଗ୍ରାଉଣ୍ଡରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଫାଓ ଲିଗ୍: ୨ ମ୍ୟାଚ୍ ଅମୀମାଂସିତ

କଟକ ଅଫିସ,୨୪।୮

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶୁକ୍ରବାର ଖେଳାଯାଇଥିବା ୨ଟି ଯାକ ମ୍ୟାଚ୍ ଡ୍ର ରହିଛି। ଚାନ୍ଦ କ୍ଲବ ଓ ଲାଲବାଗ କ୍ଲବ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟ୍‌ରେ ଲାଲବାଗର ସୁନମୟ ମାଝି ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ପରେ ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ଚାନ୍ଦକ୍ଲବର ସୌରଭ ରଞ୍ଜନ ହନୁମାନ ଏକ ଗୋଲ ଦେବା ଯୋଗୁଁ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୌଣସି ଗୋଲ ହୋଇ ନ ଥିଲା।

## ଏସିଆନ ପାରାଗେମ୍ସରେ ଭାଗନେବେ ରାଖାଲ

ଭଦ୍ରକ ଅଫିସ,୨୪।୮

ଆସନ୍ତା ଅକ୍ଟୋବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାର୍କର୍ତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ପାରାଗେମ୍ସ ପ୍ରତିଯୋଗିତାରେ ଭଦ୍ରକ ଜିଲାର ରାଖାଲ କୁମାର ସେଠୀ(୩୪) ଭାଗ ନେବେ। ରାଖାଲ ଜଣେ ଭିନ୍ନକ୍ଷମ କ୍ରୀଡ଼ାବିତ୍। ସେ ହୁଇଲ ଚେୟାର ଫେନ୍ସିଂ(ଅସିଚାଳନା) ଭଳି ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୧୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ ମେଡାଲ ହାସଲ କରିସାରିଛନ୍ତି। ତାଙ୍କ ଘର ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମରେ। ସେ ଏବେ ଭୁବନେଶ୍ୱରରେ ରହି କ୍ରୀଡ଼ାଭ୍ୟାସ ସାଙ୍ଗକୁ ଏକ ଚା' ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ଭଦ୍ରକ ଜିଲାର କ୍ରୀଡ଼ାବିତ୍ ଓ ରାଜ୍ୟର ବହୁ କ୍ରୀଡ଼ାପ୍ରେମୀ ତାଙ୍କର ସଫଳତା କାମନା କରିଛନ୍ତି। ତେବେ ରାଖାଲ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ''ବଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୋ ନିକଟରେ ଅନ୍ତର୍ଜାତୀୟ ମାନର ହୁଇଲ ଚେୟାର ନାହିଁ, ତେଣୁ ଆଗାମୀ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ମୁଁ ଆଶଙ୍କା ଭିତରେ ରହିଛି। ମୋ ପାଇଁ ଅନ୍ତର୍ଜାତୀୟ ମାନର ଭଲ ହୁଇଲ ଚେୟାର ଯୋଗାଇ ଦିଆଗଲେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବି'' ବୋଲି ରାଖାଲ କହିଛନ୍ତି।



## ରାଜପୁତ ଜିମ୍ବାୱେ କ୍ରିକେଟ ଦଳର ମୁଖ୍ୟ କୋଚ୍

ବମ୍ବେ, ୨୪।୮ (ପି.ଟି.)

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଲାଲଚାନ୍ଦ ରାଜପୁତ ଜିମ୍ବାୱେ ଜାତୀୟ କ୍ରିକେଟ ଦଳର ନିୟମିତ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜିମ୍ବାୱେ କ୍ରିକେଟ ସେମାନଙ୍କ ଅଫିସିଆଲଲ ଟୁଇଟର ପେଜ୍‌ରେ ଏହି ସୂଚନା ଦେଇଛନ୍ତି। ରାଜପୁତ୍ ଏହାପୂର୍ବରୁ ଗତ ମେ'ରେ ଜିମ୍ବାୱେର ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ପାକିସ୍ତାନକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଜିମ୍ବାୱେର କାମଚଳା ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଥିଲେ। ରାଜପୁତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ସାମର୍ଥ୍ୟ ଉପରେ ଭରସା ରଖି ମୋତେ ୩ବର୍ଷ ପାଇଁ ନିଯୁକ୍ତି ଦେଇଥିବାରୁ ମୁଁ ଜିମ୍ବାୱେ କ୍ରିକେଟକୁ ଧନ୍ୟବାଦ ଦେଉଛି।

ଭାରତ ପାଇଁ ଦୁଇ ଟେଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରାଜପୁତ ରଣ୍‌ଜୀ ଟ୍ରଫିରେ ବମ୍ବେ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କର ପ୍ରଦର୍ଶନ ମଧ ଖୁବ୍ ଭଲ ରହିଥିଲା। ସେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରିଛନ୍ତି, ଯେଉଁ ଦଳ ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଉଦ୍‌ଘାଟନୀ ଟି୨୦ ବିଶ୍ୱକପ୍ ଜିତିପାରିଥିଲା। ସେ ମ୍ୟାନେଜର ଥିବାବେଳେ ଆହୁରି ମଧ ୨୦୦୮ରେ ଭାରତ ଅଷ୍ଟ୍ରେଲିଆରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜିତିଥିଲା। ରାଜପୁତ ୨୦୧୬ରେ ଆଫଗାନିସ୍ତାନ କ୍ରିକେଟ ଦଳର କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ଏହି ଦଳ ଗତ ଜୁନ୍‌ରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିସାରିଛି। ଗତ ଘରୋଇ ସିଜନରେ ରାଜପୁତ ଆସାମ ଦଳର କୋଚ୍ ରହିଥିଲେ। ରାଜପୁତ ମୁମ୍ବାଇ କ୍ରିକେଟ ଆସୋସିଏଶନର ଏକ ପ୍ରଶାସନିକ ପଦବୀରେ ରହିଛନ୍ତି। ମୁମ୍ବାଇ ପ୍ରିମିୟର ଲିଗ୍‌ରେ ସେ ଏକ ଦଳର ମେଣ୍ଟର ଭାବେ ମଧ କାର୍ଯ୍ୟ କରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୫/୨୦୧୮ Bhubaneswar, Saturday, August 25/ 2018

# ଶାମୁକା ପ୍ରକଳ୍ପକୁ ଖୁବ୍‌ଶୀଘ୍ର ପରିବେଶ ମଞ୍ଜୁରୀ

- ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସବୁଜ ସଙ୍କେତ
- ଏଥର ଭିତ୍ତିଭୂମି ବିକାଶ କରିବ ପର୍ଯ୍ୟଟନ ବିଭାଗ
- ଜଳ, ବିଦ୍ୟୁତ୍ ଯୋଗାଣ ସହ ରାସ୍ତାଘାଟ ନିର୍ମାଣ ଆରମ୍ଭ ହେବ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ଶାମୁକା ବିଚ୍ ପ୍ରକଳ୍ପକୁ ଖୁବ୍‌ଶୀଘ୍ର ମିଳିବ ପରିବେଶ ମଞ୍ଜୁରୀ। ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିବା ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନୀତିନ ଭାନୁଦାସ ଜଓ୍ୱାଲେ କହିଛନ୍ତି। ରାଜ୍ୟ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କ୍ଷେତ୍ରରେ ଏହା ବଡ଼ ଖବର ବୋଲି ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହୋଟେଲିୟର ଏବଂ ପୁଞ୍ଜି ନିବେଶକମାନଙ୍କୁ ଏହି ପ୍ରକଳ୍ପରେ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିବାକୁ ପ୍ରଥମେ ଏଠାକାର ମୌଳିକ ଭିତ୍ତିଭୂମିର ବିକାଶ କରାଯିବ। ପୁରୀ ସହରଠାରୁ ୧୦ କି.ମି. ଦୂରରେ ସିପସରୁବାଲିଠାରେ ଚିହ୍ନଟ ହୋଇଥିବା ଏହି ପ୍ରକଳ୍ପ ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ ସହ ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ସୁବିଧା ଯୋଗାଇବା ଲାଗି ଯଥାଶୀଘ୍ର ପଦକ୍ଷେପ ନିଆଯିବ। ମୌଳିକ ସୁବିଧା ଏବଂ ଭିତ୍ତିଭୂମି ସୃଷ୍ଟି ହୋଇସାରିବା ପରେ ଅଧିକରୁ ଅଧିକ ହୋଟେଲିୟର ଓ ନିବେଶକମାନଙ୍କୁ ଆକୃଷ୍ଟ କରାଯାଇପାରିବ ବୋଲି ଜଓ୍ୱାଲେ କହିଛନ୍ତି।

୨୦୦୮ ମସିହାରେ ୧ ହଜାର ଏକର ଜମିରେ ଏହି ବୃହତ୍ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ହୋଟେଲିୟରମାନଙ୍କୁ ପୁଞ୍ଜିନିବେଶ ପାଇଁ ଆହ୍ୱାନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ତାଜ୍ ଗ୍ରୁପ୍ ଅଫ୍ ହୋଟେଲ୍ସ ଆଣ୍ଡ ରିସର୍ଟସ, ଆଇଟିସି, ଡିଏଲ୍ଏଫ୍, ହିଲ୍‌ଟନ୍, ପାର୍କ ହୋଟେଲ୍ସ, ଆନନ୍ଦ ସ୍ପା, କାମତ୍ ହୋଟେଲ୍ସ, ଏମାର୍ ଏମ୍‌ଜିଏଫ୍, ହାୟତ୍, ୟୁନିଟେକ୍, ଷ୍ଟାର୍‌ହୁଡ୍ ଭଳି ଆଗଧାଡ଼ିର ହୋଟେଲ ବ୍ରାଣ୍ଡମାନେ ଆଗ୍ରହ ପ୍ରକାଶ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଭିତ୍ତିଭୂମି ଅଭାବରୁ ଏହାମଧ୍ୟରୁ କେତେକ ଓହରିଯାଇଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିଭାଗ ଏବେ ପ୍ରକଳ୍ପ ଅଞ୍ଚଳର ଭିତ୍ତିଭୂମି ବିକାଶ କଥା ଚିନ୍ତା କରୁଛନ୍ତି। ଶାମୁକା ପ୍ରକଳ୍ପ ଅଞ୍ଚଳରେ ସରକାର ୪ରୁ ଅଧିକ ପଞ୍ଚ ତାରକା ହୋଟେଲ ସହ ୧୫୦୦ ଲୋକ ବସିପାରିବା ଭଳି ଏକ ଅନ୍ତର୍ଜାତୀୟସ୍ତରର କନ୍‌ଭେନସନ୍ ସେଣ୍ଟର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ଏହାସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବୁଟିକ୍ ହୋଟେଲ, ଗଲ୍ଫ କୋର୍ସ, ଅନ୍ତର୍ଜାତୀୟ ମାନର ସ୍ପା, ଓ୍ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍ ସହ ବିଭିନ୍ନ ପ୍ରକାର କ୍ରୀଡ଼ା ଉପଲବ୍ଧ କରିବାକୁ ମଧ୍ୟ ଯୋଜନା ରହିଥିବା ବିଭାଗୀୟ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପ୍ରାୟ ୪ ହଜାର କୋଟିର ପୁଞ୍ଜି ନିବେଶ ଆଶା ରଖିଛନ୍ତି।

ଅନ୍ୟପକ୍ଷରେ ପରିବେଶ ଉପଯୋଗୀ ଦୃଷ୍ଟିରୁ ସିପସରୁବାଲି ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ଶାମୁକା ପ୍ରକଳ୍ପକୁ ନେଇ ବିଭିନ୍ନ ମହଲରୁ ବିଭିନ୍ନ ସମୟରେ ପ୍ରତିବାଦ କରାଯାଇଛି। ପ୍ରଥମେ ଜମିକୁ ନେଇ ବିବାଦ ହେବା ପରେ ୨୦୧୧ରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କ ସପକ୍ଷରେ ରାୟ ଦେଇ କାମ ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ହେଲେ ଏହାପରେ ୨୦୧୬ରେ ପୁଣିଥରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ପୂର୍ବାଞ୍ଚଳ ଶାଖା ବିନା ପରିବେଶ ମଞ୍ଜୁରୀରେ ଏବଂ କୋଷ୍ଟାଲ ରେଗୁଲେଟୋରୀ ଜୋନ୍‌ର ଅନୁମତି ବିନା କାମ ଆରମ୍ଭ କରିବାକୁ ବାରଣ କରିଥିଲେ। ତେବେ ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରକଳ୍ପ ଲାଗି ଅନୁମତି ଦେଇଥିବା ବେଳେ ଓଡ଼ିଶା କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟି କେନ୍ଦ୍ର ସରକାରଙ୍କ ପରାମର୍ଶ ଲୋଡ଼ିଥିଲେ। ଏବେ ଏହା କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ବିଚାରାଧୀନ ରହିଛି। ଖୁବ୍‌ଶୀଘ୍ର ଏହାକୁ ପରିବେଶ ମଞ୍ଜୁରୀ ମିଳିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

ଫୁଲନଖରା, ୨୪।୮ (ଡି.ଏନ.ଏ.)

କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସ୍ଥାନୀୟ ସିଂଘଲ ଗ୍ରାମର ଶତ୍ରୁଘନ ସେଠୀଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ୮୮,୪୫୦ ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୦୦/୧୮) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୯ ତାରିଖ ରାତି ପ୍ରାୟ ସାଢେ ୭ଟାରେ ଉକ୍ତ ଅଞ୍ଚଳର ଏକ ଦୋକାନରେ ବସି ନାବାଳିକା ଜଣଙ୍କ ଟଙ୍କା ଗଣୁଥିଲେ। ଏହି ସମୟରେ ଏକୁଟିଆ ଥିବାର ସୁଯୋଗ ନେଇ ଶତ୍ରୁଘନ ତାଙ୍କୁ ଅପହରଣ କରିବା ସହ ଉକ୍ତ ଟଙ୍କା ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ଭୁବନେଶ୍ୱର ଓ ଜଟଣୀରେ କିଛିଦିନ ରଖିବା ପରେ ସୋନପୁର ଅଞ୍ଚଳକୁ ନେଇଯାଇଥିଲେ। ଶତ୍ରୁଘନଙ୍କ ମୋବାଇଲକୁ ଟ୍ରାକିଂ କରିବା ପରେ ସେ ସୋନପୁରରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ସେଠାରେ ଗୁରୁବାର ରାତିରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅପହରଣ ପରେ ଅଭିଯୁକ୍ତ ଜଣଙ୍କ ବଳାତ୍କାର କରିଥିବା ନାବାଳିକା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପରେ ପୋଲିସ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

# ବାଜପେୟୀଙ୍କ ଚିତାଭସ୍ମ ଶୋଭାଯାତ୍ରାକୁ ଅଣ୍ଡାମାଡ଼ ଘଟଣା: ଜଣେ ଗିରଫ

**ପୁରୀ ଅଫିସ, ୨୪।୮:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ମହୋଦଧିରେ ବିସର୍ଜନ ଲାଗି ଗୁରୁବାର ଭୁବନେଶ୍ୱରରୁ ପୁରୀ ଆସୁଥିଲା। ଚନ୍ଦନପୁର ଥାନା ନିକଟରେ ଏହି ଶୋଭାଯାତ୍ରା ଗାଡ଼ି ଉପରକୁ ଅଣ୍ଡାମାଡ଼ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଚନ୍ଦନପୁର ପୋଲିସ ସେହି ଅଞ୍ଚଳର ଦୀପକ ମହାପାତ୍ର(୨୫)ଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ଏ ନେଇ ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଗୁରୁବାର ରାତିରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତ ବିଜୁ ଯୁବ ବାହିନୀର ଜଣେ କର୍ମୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଶୋଭାଯାତ୍ରା ଚାଲିଥିବା ସମୟରେ ଥାନା ନିକଟରେ ଦୀପକ ଚିତାଭସ୍ମ ଗାଡିକୁ ଲକ୍ଷ୍ୟକରି ଅଣ୍ଡାମାଡ଼ କରିଥିଲେ। ତେବେ ଅଣ୍ଡାଟି ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ପଡିଥିଲା।









35
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ।

- ଚାଣକ୍ୟ



## ସଂକ୍ଷେପରେ

### କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା



**ବାଙ୍କୀ,୨୪।୮(ସ୍ୱ.ପ୍ର.):** କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବାଙ୍କୀ ବ୍ଲକ ରଗଡି ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ଛାତ୍ରମାନେ ଅଣ୍ଟା ଭିଡ଼ିଛନ୍ତି। ସେମାନେ ବାଙ୍କୀର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କ ଠାରୁ ସହାୟତା ଅର୍ଥ ଗ୍ରହଣ କରି କେରଳ ବନ୍ୟା ରିଲିଫ୍ ଫଣ୍ଡରେ ଜମା ଦେଇଛନ୍ତି। ଛାତ୍ର ଜୟକୃଷ୍ଣ ବେଉରା, ଲଲାଟେନ୍ଦୁ ସିଂ, ହମିଦ୍ ଦଣ୍ଡପାଟ, ବନ୍ଧୁ ଭୂତିଆ, ରୁଦ୍ରନାରାୟଣ ସାମଲ, ସୁଧାଂଶୁ ଶେଖର ଦାସ୍, ବିଶ୍ୱଜିତ୍ ପ୍ରଧାନ, ମହେଶ କୁମାର ପଣ୍ଡା ଓ ରାମଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ମୋଟ୍ ୧୧,୧୬୦ଟଙ୍କା ଜମା କରିଛନ୍ତି। ଛାତ୍ରମାନଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ଡେଙ୍ଗୁରୋଗୀ ଚିହ୍ନଟ

**ଲଳିତଗିରି,୨୪।୮(ସ୍ୱ.ପ୍ର.):** ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଲଳିତଗିରି (ଦଳିତସାହି)ରେ ଜଣେ ଡେଙ୍ଗୁରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଲେ ଗ୍ରାମର ଅରକ୍ଷିତ ଜେନାଙ୍କ ପୁଅ ରଶ୍ମିରଞ୍ଜନ ଜେନା(୨୮)। ଜ୍ୱରରେ ପୀଡିତ ହେବା ପରେ ରଶ୍ମିରଞ୍ଜନଙ୍କୁ ପ୍ରଥମେ ପଣସପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ପରୀକ୍ଷା କରାଯିବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଛି।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ି ଶ୍ରମିକଙ୍କ ସ୍ମାରକପତ୍ର

**ସାଲେପୁର,୨୪।୮(ଡି.ଏନ୍.ଏ.):** ବିଡ଼ି ଶ୍ରମିକଙ୍କ ପକ୍ଷରୁ ୪ଦଫା ଦାବିନେଇ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଲେପୁର ବିଡ଼ି ଶ୍ରମିକଙ୍କ ଦାୟିତ୍ୱରେ ଥିବା ମେଡିକାଲ୍ ଅଫିସର୍‌ଙ୍କୁ ରାଜ୍ୟ ବିଡ଼ି ଶ୍ରମିକ ସଂଘ ସହସମ୍ପାଦକ ବିଷ୍ଣୁଚରଣ ସାହୁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ବିଡ଼ି ଶ୍ରମିକଙ୍କ ହଲିଡ଼େ ହୋମ୍ ଯୋଜନାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବିରୋଧ କରାଯାଇଛି। ସେହିପରି ଗୃହ ନିର୍ମାଣ ଯୋଜନାରେ ୦୧।୪।୧୮ରିଖ ପରଠାରୁ ଅନ୍‌ଲାଇନ୍ ଯୋଗେ ପାଖାପାଖି ୩୦ହଜାରରୁ ଉର୍ଦ୍ଧ୍ୱ ଦରଖାସ୍ତ ପଠାଯାଇଥିଲେ ସୁଦ୍ଧା ଏହି ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯାଉନାହିଁ। ସାମାଜିକ ସୁରକ୍ଷା ଯୋଜନାରେ ବିଡ଼ି ଶ୍ରମିକଙ୍କ ପିଲାଙ୍କୁ କୌଣସି ସହାୟତା ପ୍ରଦାନ କରାଯାଉନାହିଁ। ବିଡ଼ି ଶ୍ରମିକମାନଙ୍କ ଉନ୍ନତି ପାଇଁ ବୃତ୍ତିରାଶିକୁ ୪ଗୁଣ ବଢ଼ାଇବାକୁ ଦାବି କରାଯାଇଛି। ଓଡ଼ିଶାରେ ୫ଲକ୍ଷରୁ ଅଧିକ ବିଡ଼ି ଶ୍ରମିକ ଥିଲାବେଳେ ସେମାନଙ୍କ ପ୍ରାୟ ୧୫ଲକ୍ଷ ପରିବାର ଏବେ ଭୋକରେ ପଡ଼ିଛନ୍ତି। ବିଡ଼ି ତିଆରି କାମକୁ ସରକାର ନାନା ଆଳରେ ବନ୍ଦ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆନଗଲେ ସେପ୍ଟେମ୍ବର ୧୧ତାରିଖ ଦିନ ବିଡ଼ି ଶ୍ରମିକମାନେ ଭୁବନେଶ୍ୱର ସ୍ଥିତ ଶ୍ରମିକ କଲ୍ୟାଣ କମିଶନଙ୍କ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବିଷ୍ଣୁଚରଣ ସାହୁ, ନିରଞ୍ଜନ ସାହୁ, ନାରାୟଣ ସାହୁ ଓ ଗୌରାଙ୍ଗ ଚରଣ ସାହୁଙ୍କ ସମେତ ବହୁ ଶ୍ରମିକ ଏଥିରେ ଯୋଗ ଦେଇଥିଲେ।

■ ବୋହୂକୁ ମାରିଦେବାକୁ ଉଦ୍ୟମ

# ବେକରେ ରଡ୍ ପକାଇ ଚଢ଼ିଗଲେ

**ସାଲେପୁର,୨୪।୮(ଡି.ଏନ.ଏ.)**

■ବାପଘରୁ ଦୁଇ ଲକ୍ଷ ଟଙ୍କା ନ ଆଣିବାରୁ ଦିଆଯାଉଥିଲା ନିର୍ଯାତନା
■ଶାଶୁଘର ପରିବାର ନାଁରେ ଥାନାରେ ଅଭିଯୋଗ
■ଦୌଡ଼ି ପଳାଇବାରୁ ବଞ୍ଚିଗଲେ ମଧୁସ୍ମିତା

ବାପ ଘରୁ ୨ ଲକ୍ଷ ଟଙ୍କା ନ ଆଣିଲେ ଜୀବନରୁ ମାରିଦେବାକୁ ଧମକ ଦେଲେ। ବିଭିନ୍ନ ସମୟରେ ମାଡ଼ଗାଳି ମଧ କଲେ। ତେବେ ଟଙ୍କା ଆଣିବାରେ ବିଳମ୍ବ ହେବାରୁ ବୋହୂକୁ ଶାଶୁଘର ପରିବାର ଲୋକେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଛନ୍ତି। ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ବେକରେ ରଡ୍ ପକାଇ ଚଢ଼ି ଯାଇଛନ୍ତି। ତେବେ ବୋହୂ ଜୋରରେ ଚିତ୍କାର କରିବାରୁ ଶାଶୁଘର ଲୋକେ ତାଙ୍କୁ ଛାଡ଼ି ଦେଇଛନ୍ତି। ଏ ନେଇ ବୋହୂ ଶୁକ୍ରବାର ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ମାହାଙ୍ଗା ଥାନା ଭଉଁରିଆ ଗ୍ରାମର ବଟକୃଷ୍ଣ ବେହେରାଙ୍କ ଝିଅ ମଧୁସ୍ମିତା ସାଲେପୁର ଥାନା ତେନ୍ତୋଳ ପଞ୍ଚାୟତ ପାଟପୁର ଗ୍ରାମର ସ୍ୱର୍ଗତ ବିଜୟ ବେହେରାଙ୍କ ପୁଅ ହେମନ୍ତ ବେହେରାଙ୍କୁ ବୈଦିକମତେ ୨୦୧୬ରେ ବିବାହ କରିଥିଲେ। ବିବାହ ସମୟରେ ଝିଅଘର ପକ୍ଷରୁ ଯୌତୁକ ବାବଦ ୧ଲକ୍ଷ ୨୦ହଜାର ଟଙ୍କା ସହ ବିଭିନ୍ନ ଘରକରଣା ସାମଗ୍ରୀ ଦିଆଯାଇଥିଲା। ତେବେ ବିବାହ ପରଠାରୁ ଶାଶୁଘର ଲୋକେ ମଧୁସ୍ମିତାଙ୍କୁ ବହୁବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିସହ ମଧୁସ୍ମିତାଙ୍କୁ ବାପଘରୁ ଯୌତୁକ ବାବଦ ଆଉ ୨ଲକ୍ଷ ଟଙ୍କା ଆଣିବା ପାଇଁ କହିଥିଲେ। ଟଙ୍କା ନ ଆଣିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଆସୁଥିଲେ। ତେବେ ଟଙ୍କା ଆଣିବାରେ ବିଳମ୍ବ ହେବାରୁ ସେମାନେ ଏଭଳି କାଣ୍ଡ ଘଟାଇଛନ୍ତି। ଅନ୍ୟପକ୍ଷରେ ପରିବାରରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହୋଇ ପରେ ଗାଁ ମୁରବିଙ୍କ ଦ୍ୱାରା ୩ଥର ଆପୋସ ସମାଧାନ ହୋଇଥିଲେ ମଧ ଶାଶୁଘର ଲୋକେ ବୋହୂ ଉପରୁ ନିର୍ଯାତନା ଦେବାରୁ ନିବୃତ୍ତ ହୋଇ ନ ଥିଲେ। ଶୁକ୍ରବାର ସକାଳ ୭ଟାରେ ବିନା କାରଣରେ ମଧୁସ୍ମିତାଙ୍କୁ ସ୍ୱାମୀ ହେମନ୍ତ, ଦିଅର ସୂର୍ଯ୍ୟମଣି, ଶାଶୁ ସଖୀଦେଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିବା ସହ ଏକ ରଡ୍ ଓ ପିଠାଖଡ଼ିକାକୁ ଗରମ କରି ତାଙ୍କ ବାମହାତରେ ମାଡ଼ି ଦେଇଥିଲେ। ଏପରି କି ଦିଅର ଓ ଶାଶୁ ମଧୁସ୍ମିତାଙ୍କୁ ମାଡ଼ିବସି ବେକରେ ରଡ୍ ପକାଇ ଚଢ଼ି ଯାଇଥିଲେ। ମଧୁସ୍ମିତା ଚିତ୍କାର କରିବାରୁ ସେମାନେ ଗାଁ ଲୋକଙ୍କ ଭୟରେ ଛାଡ଼ି ଦେଇଥିଲେ। ଫଳରେ ସେ ଜୀବନ ବିକଳରେ ଦୌଡ଼ି ପଳାଇ ଆସି ଗାଁ ନିକଟ ଏକ ଦୋକାନରେ ଆଶ୍ରୟ ନେବା ସହ ତାଙ୍କ ବାପାଙ୍କ ନିକଟକୁ ଫୋନ୍ କରିଥିଲେ। ପରେ ବାପା ବଟକୃଷ୍ଣ ଓ ଭାଇ ଦୀପକ ପହଞ୍ଚି ତାଙ୍କୁ ଉଦ୍ଧାର କରି ସାଲେପୁର ଥାନାକୁ ଆଣିଥିଲେ। ଘଟଣା ସମ୍ପର୍କରେ ମଧୁସ୍ମିତା ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ନଂ-୧୯୬/୧୮ ରୁଜୁ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରଖିଛି। ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ମଧୁସ୍ମିତା ଶାଶୁଘର ଲୋକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଯୋଗେଶ ଚନ୍ଦ୍ର ରାଉତଙ୍କ ଜୟନ୍ତୀ ଉତ୍ସବ ଅବସରରେ ମହେଶ ପ୍ରସାଦ ବେହେରାଙ୍କୁ ସମ୍ମାନିତ କରାଯାଉଛି।

## ଯୋଗେଶ ଚନ୍ଦ୍ର ରାଉତଙ୍କ ଜୟନ୍ତୀ ପାଳିତ

**ବାଙ୍କୀ,୨୪।୮(ସ୍ୱ.ପ୍ର.)**

ବାଙ୍କୀର ପୂର୍ବତନ ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଏବଂ ସମବାୟ ସମ୍ରାଟ୍ ସ୍ୱର୍ଗତ ଡା.ଯୋଗେଶ ଚନ୍ଦ୍ର ରାଉତଙ୍କ ଜନ୍ମ ଜୟନ୍ତୀ ବାଙ୍କୀ ପ୍ରେସ୍ କ୍ଲବ୍ ବିଦ୍ୟାରନ୍ ଭବନ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ଡା.ଯୋଗେଶ ଚନ୍ଦ୍ର ରାଉତ ସ୍ମୃତି କମିଟି ପକ୍ଷରୁ ଗୋପବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସରୋଜ ସିଂ ଯୋଗଦେଇ ଡା.ରାଉତ୍‌ଙ୍କ ଗୁଣଗାନ କରିବା ସହିତ ସ୍ତୁତିଚାରଣ କରିଥିଲେ। ସମରେନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ପାଢୀ, ବ୍ରଜବନ୍ଧୁ ପାଲ୍, ଶରତ ଚନ୍ଦ୍ର ମହାପାତ୍ର ଓ ସନାତନ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିରଞ୍ଚି ଦାସ, କିଶୋର ଚନ୍ଦ୍ର ମିଶ୍ର, ବ୍ରହ୍ମାନନ୍ଦ ମହାରଣା, ଶରତ ଚନ୍ଦ୍ର ବାରିକ, ଅପର୍ତ୍ତି ମନ୍ତ୍ରୀ ଓ ମେଘନାଦ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ତୁତିଚାରଣ କରିଥିଲେ। ମହେଶ ପ୍ରସାଦ ବେହେରାଙ୍କୁ ଡା.ଯୋଗେଶ ଚନ୍ଦ୍ର ରାଉତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣୀବିଜ୍ଞାନ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବାଙ୍କୀ,୨୪।୮(ସ୍ୱ.ପ୍ର.)**





ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

ବାଙ୍କୀ କଲେଜ ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ଉପକୂଳ ଅଞ୍ଚଳର ପରିସଂସ୍ଥା ନିୟନ୍ତ୍ରଣ ଓ ପରିଚାଳନା' ଶୀର୍ଷକ ଆଲୋଚନାଚକ୍ରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରକୁ ପ୍ରଧାପକ ଗୋକୁଳା ନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଜ୍ଞାନ ପତ୍ରିକା 'କରେଣ୍ଟ କନ୍‌ସନ୍'କୁ ଡ.ମହାଲିଙ୍ଗ ଉନ୍ମୋଚନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଡ. ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଦିଲୀପ ମିଶ୍ର, ଅଧାପକ ନିରଞ୍ଜନ ରାଉତ୍‌ରାୟ, ଡ. ଶଶିଭୂଷଣ ମହାପାତ୍ର, କୁମୁଦ ରଞ୍ଜନ୍ ମହାରଣା ଓ ଲୋପାମୁଦ୍ରା ସାମନ୍ତ ରାୟ ପ୍ରମୁଖ ଅଂଶ ଗ୍ରହଣ କରି ଉପକୂଳ ପରିସଂସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ବାଙ୍କୀ କଲେଜ ଅଧ୍ୟକ୍ଷଙ୍କ ଇସ୍ତଫା

**ବାଙ୍କୀ,୨୪।୮(ସ୍ୱ.ପ୍ର.)**

ବାଙ୍କୀ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ତାଙ୍କ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ରକୁ ସେ ଗତ ୨୧ ତାରିଖରେ କଲେଜ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ଅସୁସ୍ଥତା କାରଣରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ୨୦୦୬ରେ ବାଙ୍କୀ କଲେଜ ସ୍ୱୟଂଶାସିତ ମାନ୍ୟତା ପାଇଛି। ନାକ୍ କମିଟି ୨୦୦୬ରେ କଲେଜ ପରିଦର୍ଶନ କରି ବି++ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କିନ୍ତୁ ୨୦୦୬ ପରଠାରୁ ଏ ପର୍ଯ୍ୟନ୍ତ ନାକ୍ କମିଟି କଲେଜ ପରିଦର୍ଶନରେ ଆସି ନ ଥିବା ଯୋଗୁ ୨୦୧୮ ପରେ ସ୍ୱୟଂଶାସିତ ମାନ୍ୟତା ହରାଇବା ଆଶଙ୍କା ଦେଖାଯାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେବ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେବା ସହ କଲେଜରେ ବିଶୃଙ୍ଖଳା ଲାଗିରହୁଛି। ତେଣୁ କଲେଜ ସ୍ୱାର୍ଥ ଦୃଷ୍ଟିରୁ ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଖୋଖୋ, କବାଡ଼ି ପ୍ରତିଯୋଗିତା

**ସାଲେପୁର,୨୪।୮(ଡି.ଏନ୍.ଏ)**

ସାଲେପୁରରେ ବ୍ଲକସ୍ତରୀୟ ୧୪ରୁ ୧୭ବର୍ଷ ବାଳିକା ଓ ବାଳକମାନଙ୍କ କବାଡ଼ି, ଖୋଖୋ ପ୍ରତିଯୋଗିତା ବାହାରପଡ଼ା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁଆ ସରପଞ୍ଚ ବାବନ ଚରଣ ନାଥ, ବାହାରପଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଶତପଥୀ ଉପସ୍ଥିତ ଥିଲେ। ସାଲେପୁର ହାଇସ୍କୁଲ୍ କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ୪ ଜୋନ୍‌ରୁ ୨୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷା ହେବା ଆବଶ୍ୟକ

**୫ଟି ପ୍ରଶ୍ନ**



ପ୍ରାକ୍ତନ କୁଳପତି ନୀଳକଣ୍ଠ ପତି

ସଂସ୍କୃତ ବିଦ୍ୱାନ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ନୀଳକଣ୍ଠ ପତି। ସର୍ବଦର୍ଶନ ଉପରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ପତି ୧୯୮୧ ମସିହାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଅଧାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୦ରେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ଅବସର ପରେ ରତନ ଲାଲ ଟାଟା ଇନଷ୍ଟିଚ୍ୟୁଟର ଅବୈତନିକ ନିର୍ଦ୍ଦେଶକ ଭାବେ ମଧ ସେ କାର୍ଯ୍ୟ କରିଛନ୍ତି। ଏହାସହିତ ସେ ରଚନା କରିଛନ୍ତି ୧୦ରୁ ଅଧିକ ସଂସ୍କୃତ ଏବଂ ଓଡ଼ିଆ ଭାଷା ପୁସ୍ତକ। ସେଗୁଡିକ ମଧରେ ରହିଛି ତତ୍ତ୍ୱ ମୁକ୍ତାବଳି, ସାମାନ୍ୟ ଦର୍ଶନ, ଆଚାର୍ଯ୍ୟ ବିଜ୍ଞାନ ଭିକ୍ଷୁ, ତତ୍ତ୍ୱ ଚତୁଃଷ୍ଟୟ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏବଂ କର୍ମକାଣ୍ଡ ଇତ୍ୟାଦି। ପତିଙ୍କ ଅବସର ସମୟ କିପରି କଟେ ସେ ସମ୍ପର୍କରେ ତାଙ୍କୁ ୫ଟି ପଶ୍ନ।

**▸ ରାଜ୍ୟରେ ସଂସ୍କୃତ ଶିକ୍ଷା ସ୍ଥିତି କ'ଣ?**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଉନ୍ନତ ଗବେଷଣା ଓ ସଂସ୍କୃତ ଭାଷାର ଅଧ୍ୟୟନ ଲାଗି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସଂସ୍କୃତ ଶିକ୍ଷାକୁ ଏକ ଦିଗ ମିଳିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍କୃତ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଗଲା ନାହିଁ। ବର୍ତ୍ତମାନ ରାଜ୍ୟରେ ସଂସ୍କୃତ ଶିକ୍ଷା ଦୋଦୁଲ୍ୟମାନ ସ୍ଥିତିରେ ଚାଲିଛି। ରାଜ୍ୟରେ ପାରମ୍ପରିକ ସଂସ୍କୃତ ବିଦ୍ୱାନ୍‌ଙ୍କ ସଂଖ୍ୟା କମୁଛି। ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷାହେବା ଆବଶ୍ୟକ। ଏଥିଲାଗି ରାଜ୍ୟ ସରକାର ଓ ସଂସ୍କୃତ ବିଦ୍ୱାନ୍‌ମାନଙ୍କ ସାମୂହିକ ଉଦ୍ୟମ ଆବଶ୍ୟକ।

**▸ ଅବସର ସମୟ କିଭିଳି କଟୁଛି?**

ଚାକିରି ସମୟରେ ବିଶ୍ୱବିଦ୍ୟାଳୟରେ ସମୟ ବିତୁଥିଲା। ପ୍ରତ୍ୟହ ଯେଉଁ ଅଳ୍ପ କିଛି ସମୟ ମିଳୁଥିଲା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି। କିନ୍ତୁ ଚାକିରିରୁ ଅବସର ପରେ ବହୁତ ସମୟ ମିଳୁଛି। ବର୍ତ୍ତମାନ ଅଧିକ ସମୟ ଲେଖାଲେଖି ଓ ବିଭିନ୍ନ ବହି ପଢାପଢିରେ ବିତୁଛି। ବିଭିନ୍ନ ମହାପୁରୁଷଙ୍କ ଦର୍ଶନ(ଫିଲୋସଫି) ପଢିବାକୁ ଭଲପାଏ। ଏପରି କି ଜର୍ମାନ ଦାର୍ଶନିକ ଇମାନୁଏଲ କାଣ୍ଟଙ୍କ ଦର୍ଶନକୁ ସଂସ୍କୃତ ଭାଷାରେ ଅନୁବାଦ କରିଛି। ବେଳେ ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ହୋଇ ଯିବାକୁ ପଡୁଛି।

**▸ ଶରୀରକୁ ସୁସ୍ଥ ରଖିବା ଲାଗି କ'ଣ କରନ୍ତି?**

ମୁଁ ପ୍ରତ୍ୟହ ପ୍ରାତଃଭ୍ରମଣ କରେ। ଏହାସହିତ ଯୋଗ ଓ ପ୍ରାଣାୟମ କରେ।

**▸ ଆପଣଙ୍କ ହବି କ'ଣ?**

ପଢିବା ହେଉଛି ମୋର ହବି। ମୁଁ ବିଭିନ୍ନ ପ୍ରକାର ପୁସ୍ତକ ପଢିବାକୁ ଭଲପାଏ। ମୋତେ ଦିନରେ ଯେତିକି ବି ସମୟ ମିଳେ ପଢାପଢି କରେ।

**▸ ଚାକିରି ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ**

ମୁଁ ୟୁଜିସି ଟିମ୍‌ରେ ବୈଷ୍ଣୋଦେବୀ ଯାଇଥାଏ। ୩ ଜଣ ଆଇଏଏସ୍ ଅଫିସରଙ୍କ ସହିତ ଟିମ୍‌ରେ ଆମେ ସାତଜଣ ଥାଉ। ବୈଷ୍ଣୋଦେବୀ ଯିବା ଲାଗି ଆମ ପାଇଁ ହେଲିକପ୍ଟର ବ୍ୟବସ୍ଥା ହୋଇଥାଏ। କିନ୍ତୁ ଆମେ ସେଠାରେ ପହଞ୍ଚିବା ପରେ ପାଗ ମେଘୁଆ ହୋଇଗଲା। ହେଲିକପ୍ଟର ସେବା ବାତିଲ ଘୋଷଣା ହେଲା। ମୁଁ ଭାବିଲି ମା'ଙ୍କ ଦର୍ଶନର ସୁଯୋଗ ନାହିଁ। ସମସ୍ତେ ମନଦୁଃଖରେ ବସିଥାଉ। ହଠାତ୍ ଘୋଷଣା ହେଲା ୟୁଜିସି ଟିମ୍ ପାଇଁ କେବଳ ହେଲିକପ୍ଟର ଯିବ। ଆମେ ଯାଇ ମା'ଙ୍କ ଦର୍ଶନ କରି ଫେରିଥିଲୁ। ଏହା ଏକ ଆଲୌକିକ ଘଟଣା ଭଳି ଥିଲା। ଏହା ମୋ ପାଇଁ ସ୍ମରଣୀୟ।

**-ସାକ୍ଷାତ୍: ପ୍ରଦୀପ କିଶୋର ସାହୁ, (ପୁରୀ ଅଫିସ)**

## ନାବାର୍ଡ ପକ୍ଷରୁ ତୃଣମୂଳସ୍ତରୀୟ ପ୍ରଶିକ୍ଷଣ ଶିବିର





ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀ।

**ବାଙ୍କୀ,୨୪।୮(ସ୍ୱ.ପ୍ର.)**

ଡମପଡ଼ା ପଞ୍ଚାୟତ ସମିତି ଅଧୀନ ରଗଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରେ ନାବାର୍ଡ ସହାୟତା ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗାଁ ଗଠନ ସମିତି ମିଳିତ ସହଯୋଗରେ ୩୦ ସ୍ୱୟଂ ସହାୟକ ଗୋଷ୍ଠୀର ୬୦ ମହିଳାଙ୍କୁ ତୃଣମୂଳସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ନାବାର୍ଡ କଟକ ଶାଖାର ମୁଖ୍ୟ ମହାପ୍ରବନ୍ଧକ ସିଦ୍ଧାର୍ଥ ଶଙ୍କର ପଣ୍ଡା ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ବ୍ୟାଙ୍କ ଋଣ, ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କରେ ଉଦ୍ଦିଷ୍ଟ କ୍ଷୁଦ୍ର ଉଦ୍ୟୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯେପରି ଛତୁଚାଷ, ଅଗରବତି, ଫିନାଇଲ୍, ମହମବତି ଆଦି ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗାଁ ଗଠନ ସମିତି ସମ୍ପାଦକ ପ୍ରଦୀପ କୁମାର ସାହୁ ଗୋଷ୍ଠୀ ପରିଚାଳନା, ସଭାଖାତା ଲେଖିବା ବିଷୟରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ନିରେନ କୁମାର ଛାଟୋଇ ଓ ସଭାପତି ସମ୍ଭୁ ପ୍ରସାଦ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ମାନ ପରଖିଲେ ଅଧିକାରୀ

**ନିଶ୍ଚିନ୍ତକୋଇଲି,୨୪।୮(ସ୍ୱ.ପ୍ର.)**



କେନ୍ଦ୍ରୀୟ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ମାନ ପରଖୁଛନ୍ତି।

ଶୁକ୍ରବାର କେନ୍ଦ୍ର ସରକାରଙ୍କ ଜାତୀୟ ମାନ ନିର୍ଦ୍ଧାରଣ ବିଭାଗୀୟ ଅଧିକାରୀ ଅନିଲ କୁମାର ଶର୍ମା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତରେ ଚାଲିଥିବା ଜିଗ୍ନିପୁର-ବରାଦୋ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ମାନ ପରୀକ୍ଷା କରିଛନ୍ତି। ରାସ୍ତା ପ୍ରାରମ୍ଭରୁ ଅନ୍ତିମ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତାକୁ ଖୋଳି ମୋଟେଇ, ଲମ୍ବ ପ୍ରସ୍ଥ ମାପିବା ସହ ରାସ୍ତା ପାଇଁ ବ୍ୟବହୃତ ଗୋଡି, ମାଟିର ନମୁନା ସଂଗ୍ରହ କରି ଏହାକୁ ପରୀକ୍ଷା କରିଥିଲେ। ତେବେ ରାସ୍ତାର ଲମ୍ବ ପ୍ରସ୍ଥ ମୋଟେଇ ଠିକ ଥିବା ବେଳେ ରାସ୍ତାରେ ବ୍ୟବହୃତ ମ୍ୟାଟେରିଆଲ ଠିକ୍ ନ ଥିବା ଜଣାଯାଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ୨୭୬୧ ଘନ ମିଟର ମାଟି ପକାଇବା ବ୍ୟବସ୍ଥା ରହିଛି। ଏହି ରାସ୍ତା କେବେ ଆରମ୍ଭ ଓ କେବେ କାର୍ଯ୍ୟ ଶେଷ ହେବ ସେନେଇ ସୂଚନା ଫଳକ ନ ଥିବା ଜଣାଯାଇଛି। କାର୍ଯ୍ୟ ତନଖି ସମୟରେ କଟକ ଡିଭିଜନର ନିର୍ବାହୀ ଯନ୍ତ୍ରୀ ନୀଳମାଧବ ସାହୁ ଓ କନିଷ୍ଠ ଯନ୍ତ୍ରୀ କ୍ଷୀତିଶ ପ୍ରଧାନ ଉପସ୍ଥିତ ଥିଲେ।

## ୨ ପରିବାରରେ ସଂଘର୍ଷ, ୩ ଗୁରୁତର

**ନରସିଂହପୁର,୨୪।୮(ସ୍ୱ.ପ୍ର.)**

**ଜମି ବିବାଦ**
■ ଗୁରୁତର କଟକ ବଡ଼ ମେଡିକାଲରେ ଭର୍ତ୍ତି
■ ପଲିଥିନ୍ ପକାଇବାରୁ ମରଣାନ୍ତକ ଆକ୍ରମଣ
■ ଆକ୍ରମଣକାରୀ ଫେରାର

ଜମି ବିବାଦକୁ କେନ୍ଦ୍ରକରି ଶୁକ୍ରବାର କାନପୁର ଥାନା ଅଧୀନ ରଷିପଡ଼ା ଗ୍ରାମର ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶଯୋଗ୍ୟ, ରଷିପଡା ଗ୍ରାମର ସନାତନ ବାରିକଙ୍କ ସହ ପଡ଼ୋଶୀ ରାମଚନ୍ଦ୍ର ବାରିକଙ୍କ ବହୁଦିନରୁ ଘରଡିହ ଜମିକୁ ନେଇ ବିବାଦ ଲାଗି ରହିଥିଲା। ଏପରି କି ସ୍ଥାନୀୟ ଅଦାଲତରେ ଏହାକୁ ନେଇ ମକଦ୍ଦମା ଚାଲୁଥିବା ବେଳେ ସନ୍ଧ୍ୟାରେ ଉଭୟ ପରିବାର ମଧ୍ୟରେ ହାତାହାତି ହୋଇଥିଲା। ସନାତନ ଚାଳଘରେ ପଲିଥିନି ପକାଇବାରୁ ରାମଚନ୍ଦ୍ରଙ୍କ ପରିବାର ଲୋକେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସନାତନ(୪୦), ତାଙ୍କ ସ୍ତ୍ରୀ ଧରିତ୍ରୀ (୩୭) ଓ ଭଉଣୀ ବିମଳା (୩୩) ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସନାତନଙ୍କ ଏତଲାକୁ ଭିତ୍ତିକରି କାନପୁର ପୋଲିସ ମାମଲା (ନଂ-୭୧/୧୮)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ରାମଚନ୍ଦ୍ର, ଅନିରୁଦ୍ଧ ବାରିକ, ମଥୁରା ବାରିକ ଓ ମାଗି ବାରିକ ଫେରାର ହୋଇ ଯାଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ୍ କରାଯିବ ବୋଲି କାନପୁର ଥାନା ଅଧିକାରୀ ଶିବଚରଣ ବେହେରା ପ୍ରକାଶ କରିଛନ୍ତି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଏସ୍‌ସିବିରେ ୧୧୫ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୪।୮:** ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ୍ ୧୧୫ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୨ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ମେଡିକାଲରେ ହୋଇଥିବା ରକ୍ତ ନମୁନା ପରୀକ୍ଷାରୁ କଟକରୁ ୧୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ମୋଟ୍ ୧୩୦ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୨୪ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। କଟକରୁ ଚିହ୍ନଟ ରୋଗୀଙ୍କ ମଧ୍ୟରେ ହାଇକୋର୍ଟ ଅଞ୍ଚଳର ଜଣେ ଥିବାବେଳେ ହରିଅନ୍ତା, ନଜରପୁର, ପ୍ରଧାନପଡ଼ା, ସତ୍ୟଭାମାପୁର, ରାଧାକିଶୋରପୁର ଓ ଆଡୋଡ଼ା ଅଞ୍ଚଳର ରୋଗୀ ରହିଛନ୍ତି।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ

**କଟକ ଅଫିସ, ୨୪।୮:** କମିଶନରେଟ ପୋଲିସ ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଶୁକ୍ରବାର ସିଡିଏ ଫେଜ୍-୨ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରବି ନାରାୟଣ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନେ ଯୋଗଦେଇ ସେମାନଙ୍କ ଅସୁବିଧା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଏଥିରେ ଅତିଥି ଭାବେ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇଥିଲେ। ସିଡିଏ ଅଞ୍ଚଳରେ ଚୋରମାନଙ୍କ କାର୍ଯ୍ୟକଳାପ ବଢ଼ୁଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ରାତି ହେଲେ ଛକଗୁଡ଼ିକରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେବା ସହ ଉକ୍ତ ଅଞ୍ଚଳରେ ଲାଇଟ୍ ଲଗାଇବାକୁ ପରାମର୍ଶ ଦେଇଥିଲେ। ଡିସିପି ସମସ୍ତ ଅଭିଯୋଗ ଶୁଣିବା ପରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଉଠାଜଳସେଚନ ପଏଣ୍ଟକୁ ସୌରଚାଳିତ କରିବାକୁ ଦାବି

**କଟକ ସଦର, ୨୪।୮(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ୪୨ ମୌଜା ଡେଲ୍ଟା ଅଞ୍ଚଳର ଜଳସେଚନ ବ୍ୟବସ୍ଥା ଉଠାଜଳସେଚନ ପଏଣ୍ଟ ଉପରେ ନିର୍ଭର କରୁଛି। ଏଠାକାର ସମସ୍ତ ଚାଷ ଭୂତଳ ଜଳ ଉପରେ ନିର୍ଭର କରୁଥିଲେ ସୁଦ୍ଧା ଜଳସେଚନ ପଏଣ୍ଟଗୁଡ଼ିକ ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ। ଫଳରେ ଚାଷୀମାନେ ଚଢ଼ା ଦରରେ ବିଦ୍ୟୁତ୍ ବିଲ୍ ପଇଠ କରି ଜମିକୁ ପାଣି ମଡାଇବା କଷ୍ଟକର ବ୍ୟାପାର ହୋଇଛି। ତେଣୁ ଏହି ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପଏଣ୍ଟକୁ ସୌରଚାଳିତ କରିବା ପାଇଁ ଭାଜପା ସମବାୟ ସେଲ୍‌ର ସଂଯୋଜକ ବିଜୟ ରାଉତରାୟ ଦାବି କରିଛନ୍ତି। ବର୍ଷା ୩ ମାସକୁ ବାଦ୍ ଦେଲେ ଏହି ଅଞ୍ଚଳର ସମସ୍ତ ଚାଷୀ ବିଲରେ ପରିବା ଚାଷ କରିବା ପାଇଁ ଉଠାଜଳସେଚନ ପଏଣ୍ଟକୁ ଜଳକର ଦେଇ ପାଣି ବ୍ୟବହାର କରିଥାନ୍ତି। ୧ ଏକର ଜମିକୁ ପାଣି ମଡାଇବାକୁ ହେଲେ ପ୍ରାୟ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବର୍ତ୍ତମାନ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ସୌରଚାଳିତ ହୋଇଥିବାରୁ ବିଦ୍ୟୁତ୍ ଲାଇନ୍ ନ ଥିଲେ ମଧ୍ୟ ଗାଁକୁ ପାନୀୟଜଳ ଯୋଗାଇ ଦିଆଯାଇପାରୁଛି। ସେହିପରି ଭାବେ ଉଠା ଜଳସେଚନ ପଏଣ୍ଟରେ ସୌର ସେଲ୍ ଲଗାଇଲେ ପର୍ଯ୍ୟାପ୍ତ ପାଣି ମିଳିବା ସହ କମ୍ ଖର୍ଚ୍ଚ ହୋଇପାରନ୍ତା। ତେଣୁ ରାଜ୍ୟ ଉଠା ଜଳସେଚନ ନିଗମ ଏହା ଉପରେ ଦୃଷ୍ଟି ଦେବାକୁ ରାଉତରାୟ ଦାବି କରିଛନ୍ତି।

### ପୋଲିସ ନିର୍ଗମନ ଉପବିଭାଗର ବନ୍ଧୁ ମିଳନ

**କଟକ ଅଫିସ, ୨୪।୮:** ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ନିର୍ଗମନ ଉପବିଭାଗର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଗଡଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ରହି ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗରେ କାର୍ଯ୍ୟ କରି ପରଲୋକ ଗମନ କରିଥିବା କର୍ମଚାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନାରାୟଣ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଲାମୋହନ ବିନ୍ଧାଣୀ, ଶାନ୍ତନୁ ଦାସ, ପ୍ରବୀର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ଏପରି କାର୍ଯ୍ୟକ୍ରମ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ସିଏମ୍‌ସିର ବ୍ୟୟବହୁଳ ଆୟୋଜନକୁ ନେଇ ପ୍ରଶ୍ନ

**କଟକ ଅଫିସ, ୨୪।୮**

ସମସ୍ୟା ଘେରରେ ସହରବାସୀ, ହେଲେ କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ପାଇଁ ବ୍ୟୟବହୁଳ ପ୍ରସ୍ତୁତି କରିଛି। ନିମନ୍ତ୍ରଣ ପତ୍ର ବଣ୍ଟନଠାରୁ ଆରମ୍ଭ କରି ଖାଦ୍ୟପୁଡ଼ିଆ ବଣ୍ଟନ ପାଇଁ ୮ଲକ୍ଷ ଟଙ୍କା ବ୍ୟୟବରାଦ ଅଟକଳ ହୋଇଥିବାବେଳେ ଏବେ ଏହାକୁ ନେଇ ସାମାଜିକ କର୍ମୀ ଏବଂ ବିରୋଧୀ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି। ଜଳବନ୍ଦୀ କ୍ଷତିଗ୍ରସ୍ତଙ୍କୁ ଏଯାଏ ମିଳିଲା ନାହିଁ କ୍ଷତିପୂରଣ। ଏଣୁ ଏଭଳି

**ସ୍ୱାୟତ୍ତ ଶାସନ ଦିବସ ଉତ୍ସବ**




ବ୍ୟୟବହୁଳ ଆୟୋଜନ ଉପରେ ରୋକ ଲଗାଯାଉ ବୋଲି ଦାବି କରି ସାମାଜିକ କର୍ମୀ ସୁକାନ୍ତ ସେଠୀ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିଭଳି କଂଗ୍ରେସ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ଏତେବଡ଼ ଜଳବନ୍ଦୀ ପରେ ଯଦି ସିଏମ୍‌ସି ଆଡମ୍ବରରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରି ନିଜର ପ୍ରଶଂସା ନିଜେ କରିବ ତେବେ ଏହାଠାରୁ ଲଜ୍ଜାଜନକ ଘଟଣା କିଛି ନାହିଁ। ପୂର୍ବରୁ ମହାନଗର ନିଗମର ବ୍ୟାପକ ଦୁର୍ନୀତି ଓ ଜଳବନ୍ଦୀ ସମସ୍ୟାକୁ ନେଇ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତେଣୁ ଏଥର ସ୍ୱାୟତ୍ତ ଶାସନ ଦିବସ ପାଳନ ବେଳେ ମଧ୍ୟ କଂଗ୍ରେସ ତୀବ୍ର ବିରୋଧ ପ୍ରଦର୍ଶନ କରିବ। ସିଏମ୍‌ସିର ଅପାରଗତା ଯୋଗୁ ସହରବାସୀ ଜଳବନ୍ଦୀ ସମସ୍ୟା ଭୋଗିଥିବା ବେହେରା କହିଛନ୍ତି।

ସିଏମ୍‌ସି କମିଶନର ବିକାଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଜଳବନ୍ଦୀ ସମସ୍ୟା ପାଇଁ କେବଳ ନିଗମକୁ ଦୋଷ ଦେଲେ ହେବ ନାହିଁ। ବିରୋଧୀ ଜାଣିବା ଦରକାର ଏହା ପ୍ରାକୃତିକ ଦୁର୍ବିପାକ ଥିଲା। ଅନେକ ସମସ୍ୟା ଭିତରେ ସହରରେ ବହୁ ଉନ୍ନତୀକରଣ କାର୍ଯ୍ୟ ନିଗମ କରିଛି। ସେହିପରି ଜଳବନ୍ଦୀ ବେଳେ କ୍ଷତିଗ୍ରସ୍ତମାନଙ୍କୁ କ୍ଷତିପୂରଣ ଦେବାକୁ ଆମେ ଚେଷ୍ଟା କରୁଛୁ।



କଟକ ଶିଳ୍ପୀକୁମ୍ଭାରସାହି ଅଞ୍ଚଳରେ ଖୁଦୁରୁକୁଣୀଙ୍କ ପ୍ରତିମାରେ ଜଣେ ଶିଳ୍ପୀ ରଙ୍ଗତୂଳୀରେ ରୂପରେଖ ଦେଉଛନ୍ତି।

### ମାଙ୍କଡ ଉପଦ୍ରବ, ୩ ଆହତ

**ଖୁଣ୍ଟୁଣୀ, ୨୪।୮(ଡି.ଏନ୍.ଏ )**

ଆଠଗଡସ୍ଥିତ ଧବଳେଶ୍ୱର ପୀଠରେ ମାଙ୍କଡଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ପୀଠକୁ ଦର୍ଶନ ଓ ଭୋଗ କରିବା ପାଇଁ ଆସୁଥିବା ଭକ୍ତମାନଙ୍କ ହାତରୁ ଭୋଗ ଛଡାଇନେବା ସହ କାମୁଡି ଦେଉଥିବା ଜଣାପଡିଛି। ଏକ ସପ୍ତାହ ମଧ୍ୟରେ ମାଙ୍କଡଙ୍କ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି ବୋଲି ଧବଳେଶ୍ୱର ବିଟ ଅଧିକାରୀ ଶଙ୍କର୍ଷଣ ମିଶ୍ର କହିଛନ୍ତି। ଶୁକ୍ରବାର ମଞ୍ଚେଶ୍ୱର ଗ୍ରାମର ଦୀପକ ବେହେରା ଝୁଲାପୋଲ ଉପରେ ଯାଉଥିବା ବେଳେ ଏକ ମାଙ୍କଡ ତାଙ୍କ ହାତ ଓ ମୁହଁକୁ କାମୁଡି ଦେଇଥିଲା। ଗତ ବୁଧବାର ମାଙ୍କଡଙ୍କ ଆକ୍ରମଣରେ କଟକ ନୂଆବଜାର ଅଞ୍ଚଳର ଆଶିଷ ବେହେରା ଆହତ ହୋଇ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ଯାଇଥିଲେ। ସେହିପରି ଗତ ସୋମବାର ଚଣ୍ଡିଖୋଲ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ ମାଙ୍କଡ କାମୁଡିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲକୁ ପଠାଯାଇଥିବା ବିଟ୍ ଅଧିକାରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଲୋକମାନେ ମାଙ୍କଡଙ୍କ ସହ ସେଲ୍ଫିନେବା ଓ ହାତ ବଢାଇ ଖାଇବାକୁ ଦେବା ଯୋଗୁ ମାଙ୍କଡ ଆକ୍ରମଣ କରୁଛନ୍ତି ବୋଲି ମିଶ୍ର କହିଛନ୍ତି। ମାଙ୍କଡଙ୍କୁ ପୀଠରୁ ହଟାଇବା ପାଇଁ ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତି ଓ ଲୋକମାନେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଉପ ଜିଲାପାଳ ଅମୀୟ କୁମାର ସାହୁ କୁହନ୍ତି, ଏଭଳି ଅଭିଯୋଗ ସେ ପାଇଛନ୍ତି। ଏହାର ପ୍ରତିକାର ପାଇଁ ଗତ ୩ଦିନ ତଳେ ଜଙ୍ଗଲ ବିଭାଗ ଟିମ ପୀଠକୁ ଯାଇଥିଲେ। ହେଲେ ତାଙ୍କୁ କୌଣସି ରିପୋର୍ଟ ଦେଇ ନ ଥିବା ସେ କହିଥିଲେ। ତେବେ ଏ ନେଇ ଆଠଗଡ ଡିଏଫଓଙ୍କ ସହ କଥା ହୋଇ ମାଙ୍କଡଙ୍କୁ କିଭଳି ହଟାଯିବ ତା'ର ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

# ୧୫୯୦ ପିଲାଙ୍କୁ ମିଳିବ ମେଧାବୃତ୍ତି

**କଟକ ଅଫିସ, ୨୪।୮**

୧୫୯୦ ପିଲାଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପୁରସ୍କାର। ଜିଲାର ୧୪ଟି ବ୍ଲକରୁ ୧୪୦୦, ସିଏମ୍‌ସିରୁ ୧୦୦, ଚୌଦ୍ୱାର ମ୍ୟୁନିସିପାଲିଟିରୁ ୫୦, ବାଙ୍କୀ ଓ ଆଠଗଡ଼ ବିଜ୍ଞାପିତ ପରିଷଦ ଅଞ୍ଚଳରୁ ୪୦ ଜଣ ପିଲାଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବ। ଏ ବାବଦରେ ପ୍ରତ୍ୟେକ ପିଲାଙ୍କୁ ୫ ହଜାର ହିସାବରେ ମୋଟ୍ ୭୯ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲାର ଶ୍ରେଷ୍ଠ ସ୍କୁଲ ଭାବେ ମୋଟ୍ ୪୭ଟି ସ୍କୁଲକୁ ଚୟନ କରାଯାଇଛି। ଏହି ସ୍କୁଲଗୁଡ଼ିକ ମଧ୍ୟରେ ପ୍ରତି ବ୍ଲକରୁ ୩ଟି ଲେଖାଏ ହିସାବରେ ୧୪ଟି ବ୍ଲକରୁ ମୋଟ୍ ୪୨ଟି ସ୍କୁଲ, ସିଏମ୍‌ସିରୁ ୨ଟି ଓ ଦୁଇ ବିଜ୍ଞାପିତ ପରିଷଦ ଅଞ୍ଚଳରୁ ୨ଟି ସ୍କୁଲ, ଚୌଦ୍ୱାର ମ୍ୟୁନିସିପାଲିଟିରୁ ଗୋଟିଏ ସ୍କୁଲକୁ ବଛାଯାଇଛି। ପ୍ରତ୍ୟେକ ସ୍କୁଲକୁ ୧ ଲକ୍ଷ ହିସାବରେ ୪୭ ସ୍କୁଲକୁ ୪୭ ଲକ୍ଷ ଟଙ୍କାର ଶ୍ରେଷ୍ଠ ସ୍କୁଲ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଓଡ଼ିଆ ଭାଷାରେ ପାରଦର୍ଶିତା ନିମନ୍ତେ ଜିଲାର ୧୫୯ ଜଣ

**୪୭ ସ୍କୁଲକୁ ୪୭ ଲକ୍ଷ ପୁରସ୍କାର**

ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ପ୍ରତି ବ୍ଲକରୁ ୧୦ ଜଣ ପିଲା ଚୟନ କରାଯାଇଛି। ଅର୍ଥାତ୍ ଜିଲାର ୧୪ଟି ବ୍ଲକରୁ ୧୪୦ ପିଲାଙ୍କୁ ଚୟନ କରାଯାଇଥିବାବେଳେ ସିଏମ୍‌ସିରୁ ୧୦, ଚୌଦ୍ୱାର ପୌରାଞ୍ଚଳରୁ ୫ ଓ ଦୁଇଟି ବିଜ୍ଞାପିତ ପରିଷଦ ଅଞ୍ଚଳରୁ ୪ ଜଣଙ୍କୁ ଚୟନ କରାଯାଇଛି। ପ୍ରତି ପିଲାଙ୍କୁ ୫ହଜାର ହିସାବରେ ୭ ଲକ୍ଷ ୯୫ହଜାର ଟଙ୍କା ପୁରସ୍କାର ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ସେହିପରି ଗତ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଜିଲାର ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ବେହେରା କହିଛନ୍ତି। ପୁରସ୍କାର ପାଇବାକୁ ବିବେଚିତ ହୋଇଥିବା ଅଭିଭାବକଙ୍କ ମଧ୍ୟରେ କଟକ ମହାନଦୀ ବିହାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଋତୁପର୍ଣ୍ଣା ସାହୁଙ୍କ ଅଭିଭାବକ, ସାଲେପୁର ଲୁଣାହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅତୁଲ ଆଶୁତୋଷ ସାମନ୍ତ ଓ ଅମିଷା ମିଶ୍ର, କେରିଲୋଠାରେ ଥିବା ହରଚଣ୍ଡୀ ନୋଡାଲ ଉଚ୍ଚ ବିଦ୍ୟାପୀଠର ଦୀପକ କୁମାର ବେହେରା, ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଶ୍ମିରାଣୀ ଆଚାର୍ଯ୍ୟ, ଗତିରାଉତପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭେନ୍ଦୁ ଦାସ, ଶାଳଗାଁଠାରେ ଥିବା ସାଧୁସୁନ୍ଦର ବିଦ୍ୟାପୀଠର ଲିପ୍‌ସା ପ୍ରିୟଦର୍ଶିନୀ ମହାନ୍ତି, ନରସିଂହପୁରସ୍ଥିତ ଏଏନ୍ ହାଇସ୍କୁଲର ଓମ୍‌କାର ପ୍ରତୀକ ମିଶ୍ର, ରହମ୍ବା ପଞ୍ଚାୟତିରାଜ ହାଇସ୍କୁଲର ସମିତ ମହାପାତ୍ର ଓ ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ରାଉତଙ୍କ ଅଭିଭାବକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସଂକଳ୍ପ ଯୋଜନାରେ ଏହି ସମସ୍ତ ବୃତ୍ତି ଓ ପୁରସ୍କାର ବ୍ୟବସ୍ଥା କରାଯାଇଥିବା ଶିକ୍ଷାଧିକାରୀ ବେହେରା ସୂଚନା ଦେଇଛନ୍ତି।

### ବିଜୁ ଯୁବ ବାହିନୀ ଗଠିତ

**ଚୌଦ୍ୱାର, ୨୪।୮(ଡି.ଏନ.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତର ଯୁବତୀଯୁବକମାନଙ୍କୁ ନେଇ ବିଜୁ ଯୁବ ବାହିନୀ ଗଠନ ହୋଇଛି । ଏ ନେଇ ଗୁରୁବାର ସନ୍ଧ୍ୟାରେ ଆଗ୍ରାହାଟସ୍ଥିତ ମଣ୍ଡପରେ ସେଖ୍ ସାହାଜାହାନଙ୍କ ଆବାହକତ୍ୱରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ । ଜିଲା ପରିଷଦ ସଭ୍ୟା ମଧୁସ୍ମିତା ସେଠୀ, ଲଳିତେନ୍ଦୁ ସେନାପତି, କିରଣ କୁମାର ସାହୁ, ସରପଞ୍ଚ ମିନତି ସାମଲ, ସସ୍ମିତା ପରିଡା, ରାଧାରମଣ ଦାସ ପ୍ରମୁଖ ଯୋଗଦେଇ ଯୁବ ବାହିନୀ ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।




ଏସ୍‌ସିବି ମେଡିକାଲ କଲେଜ ଅଡିଟୋରିୟମରେ ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଶନ ଏକାଡେମିକ୍ କମିଟି ପକ୍ଷରୁ ଅନୁଷ୍ଠିତ ତୃତୀୟ ବାର୍ଷିକ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ମଧୁସୂଦନ ଆଇନ ମହାବିଦ୍ୟାଳୟ

# କ୍ଲାସ୍‌ରୁମ୍‌ରେ ଛାତ୍ରଙ୍କୁ ନିସ୍ତୁକ ମାଡ଼

**କଟକ ଅଫିସ, ୨୪।୮**

ମଧୁସୂଦନ ଆଇନ ମହାବିଦ୍ୟାଳୟର କ୍ଲାସ୍‌ରୁମ୍ ଭିତରେ ଜଣେ ଛାତ୍ରଙ୍କୁ ୨ଜଣ ଛାତ୍ର ନିସ୍ତୁକ ମାଡ଼ ମାରିଛନ୍ତି। କିଛି ପୁରୁଣା ଘଟଣାକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ଚେୟାର ଟେକି ତାଙ୍କ ଉପରେ ଆକ୍ରମଣ କରିଥିଲେ। ମାଡ଼ ଖାଇଥିବା ଛାତ୍ର ଜଣଙ୍କ ହେଲେ ବିଏଏଲ୍‌ଏଲ୍‌ବି ୩ୟ ବର୍ଷର ଛାତ୍ର ଗୌତମ ଲେଙ୍କା। ଏ ନେଇ ଗୌତମ ୟୁଜିସି ଆଣ୍ଟି ର୍ୟାଗିଂ ସେଲ୍‌କୁ ଫୋନ୍ କରି ଜଣାଇଥିଲେ। ପରେ ସେଲ୍ ପକ୍ଷରୁ ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦଙ୍କୁ ଫୋନ୍ ଆସିଥିଲା। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ ହେବ ବୋଲି ଅଧ୍ୟକ୍ଷ ନନ୍ଦ କହିଛନ୍ତି।

**ୟୁଜିସି ଆଣ୍ଟି ର୍ୟାଗିଂ ସେଲ୍‌ରେ ଅଭିଯୋଗ**

ରବିବାର ମହାବିଦ୍ୟାଳୟରେ ହେବାକୁ ଥିବା ପ୍ରଥମ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବେ। ପ୍ରଧାନ ବିଚାରପତିଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଘଟିଥିବା ଏହି ଘଟଣା ଏବେ ମହାବିଦ୍ୟାଳୟ ପରିସରକୁ ଅଶାନ୍ତ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଗୌତମଙ୍କୁ ଜଣେ ସିନିୟର ଛାତ୍ର ଫୋନ୍ କରି ଅନ୍ୟ ଏକ କ୍ଲାସ୍‌ରୁମ୍‌କୁ ଡାକିଥିଲେ। ପ୍ରଧାନ ବିଚାରପତିଙ୍କ ନିମନ୍ତେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିବା ଦାୟିତ୍ୱ ନେବା ସମ୍ପର୍କରେ କଥା ହେବାକୁ ସିନିୟର ଛାତ୍ର ଜଣଙ୍କ କହିଥିଲେ। ଗୌତମ ଉକ୍ତ କ୍ଲାସ୍‌ରୁମକୁ ଯିବା ପରେ ସେଠାରେ ଫୋନ୍ କରି ଡାକିଥିବା ସିନିୟର ଛାତ୍ରଙ୍କୁ ମିଶାଇ ଦୁଇଜଣ ଛାତ୍ରୀ ଓ ଦୁଇଜଣ ଛାତ୍ର ଥିଲେ। ସେଠାରେ ଉପସ୍ଥିତ ୨ଜଣ ଛାତ୍ର ଗୌତମଙ୍କୁ ୩ମାସ ତଳେ ସୋସିଆଲ ମିଡ଼ିଆରେ ହୋଇଥିବା ଏକ ପୋଷ୍ଟକୁ ନେଇ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକାଇଥିଲେ। ଗୌତମ ଓ ଏହି ୨ ସିନିୟର ଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସେମାନେ ଗୌତମଙ୍କୁ କ୍ଲାସ୍‌ରୁମ ଭିତରେ ନିର୍ଘୁମ ମାଡ଼ ମାରିଥିଲେ। ଏପରି କି ତାଙ୍କ ଶାର୍ଟକୁ ଟଣାଓଟରା କରିଥିବାବେଳେ ଜଣେ ଛାତ୍ର ଚେୟାର ଟେକି ତାଙ୍କୁ ଆକ୍ରମଣ କରିଥିଲେ। ଅପରାହ୍ନ ୨ଟାରେ ଗୌତମ ଏ ସମ୍ପର୍କରେ ୟୁଜିସି ଆଣ୍ଟି ର୍ୟାଗିଂ ସେଲ୍‌ର ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କରି ଅଭିଯୋଗ କରିଥିଲେ। ସେଲ୍‌ରେ ଅଭିଯୋଗକୁ ଗ୍ରହଣ କରାଯିବା ପରେ ଅଧ୍ୟକ୍ଷ ନନ୍ଦଙ୍କୁ ଘଟଣାର ତଦନ୍ତ ହେବାକୁ ଫୋନ୍ କଲ୍ ଆସିଥିଲା। ଅନ୍ୟପକ୍ଷରେ ଅଭିଯୋଗ ଉଠିଥିବା ଏହି ଛାତ୍ରମାନେ ଗତ ୧୮ ତାରିଖରେ ମହାବିଦ୍ୟାଳୟର ଜଣେ ଛାତ୍ରୀ ସୋନିଆଶ୍ରୀ ବେହେରାଙ୍କ ବ୍ୟଙ୍ଗଫଟୋ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ କରିଥିବାର ଅଭିଯୋଗ ହୋଇଛି। ସୋନିଆଶ୍ରୀ ଏ ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ସୋନିଆଶ୍ରୀ କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଅଜୟ



@ ପୁଷ୍ପାଞ୍ଜଳି



@ ପ୍ରଭୁ



@ ପ୍ରଜ୍ଞାପ୍ରିୟଦର୍ଶିନୀ



@ ପାର୍ଥସାରଥି



@ ବିଶ୍ୱଜିତ୍

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଅଗଷ୍ଟ, ୨୦୧୮



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ,
ବରଂ ନିଜର ଅଶେଷ ଅନିଷ୍ଟ କରେ।
-ଚାଣକ୍ୟ



## ସଂକ୍ଷେପରେ

### ୭୨ ମଠରେ ସଂକୀର୍ତ୍ତନ ସମାରୋହ

**କଟକ ଅଫିସ, ୨୪।୮** - ସ୍ଥାନୀୟ ବକ୍ସିବଜାର ବଢେଇସାହିସ୍ଥିତ ୭୨ ମଠରେ ଝୁଲଣ ଯାତ୍ରା ଉପଲକ୍ଷେ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୨ ସଂକୀର୍ତ୍ତନ ମଣ୍ଡଳୀର ଆବାହକ ତଥା କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ୨୫, ୨୨, ୧୯ ଓ ୧୬ ଦିଗଭାଗର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ୨୫ ଦିଗଭାଗ ସର୍ବାଧିକାରୀ ଜନାର୍ଦ୍ଦନ ପାତ୍ର, ୨୨ ଦିଗଭାଗ ସର୍ବାଧିକାରୀ ନୃସିଂହ ଚରଣ ସାହୁ, ୧୯ ଦିଗଭାଗର ବୀରେନ୍ଦ୍ର କୁମାର ସାହୁ, ୧୬ଦିଗ ଭାଗର ସର୍ବାଧିକାରୀ ରାକେଶ କୁମାର ସାହୁ, ୨୫ ଦିଗଭାଗର ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ୭୨ କମିଟିର ସଭ୍ୟ ସୁବାସ ସାହୁ, ହରେକୃଷ୍ଣ ପ୍ରଧାନ, ଶିଶିର ନାୟକ, ଧୀରେନ୍ଦ୍ର ସିଲ, ରମାକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଢେଇସାହି ଗ୍ରାମ ମଙ୍ଗଳ ସମିତିର ସଭାପତି ବିଜୟ ମହାରଣା, କୋଷାଧକ୍ଷ ପୁରୁଷୋତ୍ତମ ବାରିକଙ୍କ ସମେତଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଢେଇସାହି ସମ୍ପାଦକ ସରୋଜ ଛୋଟରାୟ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଶୋକସଭା

**କଟକ ଅଫିସ, ୨୪।୮** - ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ପ୍ରଖ୍ୟାତ ଖବରଦାତା ତଥା ଗାନ୍ଧିବାଦୀ କୁଲଦୀପ ନାୟାର, ବିଶିଷ୍ଟ ସାରସ୍ୱତ ସାଧକ ତଥା ପୂର୍ବତନ ମନ୍ତ୍ରୀ ଯଦୁନାଥ ଦାସମହାପାତ୍ର, ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ସଂସଦ ପକ୍ଷରୁ ଶୁକ୍ରବାର ଆୟୋଜିତ ଶୋକସଭାରେ ପରଲୋକଗତ ୪ ବରପୁତ୍ରଙ୍କର ବହୁମୁଖୀ ପ୍ରତିଭା, କୃତିତ୍ୱ ଓ ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରି ସେମାନଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେମାନଙ୍କ ବିୟୋଗରେ ଦେଶ ତଥା ରାଜ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ବକ୍ତାମାନେ କହିଥିଲେ। ସଂସଦର ସଭାପତି ଡା. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପକ ଉମାଶଙ୍କର ମିଶ୍ର, ସଂସଦର ସାଧାରଣ ସମ୍ପାଦକ, ଦିଲୀପ କୁମାର ଦାସ, ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ସାହିତ୍ୟିକ ଭୁବନାନନ୍ଦ ମହାନ୍ତି, ଖବରଦାତା ପ୍ରସନ୍ନ କୁମାର ଦାଶ, ସୌମ୍ୟକାନ୍ତ ସାମନ୍ତରାୟ ଓ ପ୍ରଭାକର ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ବ୍ୟକ୍ତିଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୨୪।୮(ଡି.ଏନ୍.ଏ):** ଗୁରୁଡିଝାଟିଆ ଥାନା ଓରନ୍ଦା ଗ୍ରାମର ବେନୁ ପଲେଇ ଶୁକ୍ରବାର ମଦ୍ୟ ପାନ କରି ଆସୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ କଣ୍ଟାବୁଦାରେ ପଡି ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁଡିଝାଟିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବେନୁ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ଝଗଡା କରିବା ସହ ତାଙ୍କଠାରୁ କିଛି ଟଙ୍କା ନେଇ ଘରୁ ବାହାରି ଆସିଥିଲେ। ଏହାପରେ ସେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନ ସାଢେ ୨ଟାରେ ତାଙ୍କ ଘରଲୋକେ ଖୋଜାଖୋଜି କରିବା ପରେ ସେ ଏକ କଣ୍ଟା ବୁଦା ଉପରେ ମରି ପଡିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନାକୁ ପଠାଇଥିବା ଏସଆଇ ପ୍ରମୋଦ କୁମାର ଲେଙ୍କା କହଛନ୍ତି। ଏ ନେଇ ବେନୁ ବୋହୂଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୪୨ମୌଜା ପାଇଁ ବାଲିଗାଡ଼ି ବିପଦ

## ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଚେତାବନୀ

**କଟକ ଅଫିସ, ୨୪।୮**

- ଯାତାୟତରେ ଅସୁବିଧା
- ଜିଲାପାଳଙ୍କ ବଦଳି ପରେ ନିୟମ ବଦଳିଗଲା
- ଅତୀତରେ ହୋଇଛି ଆନ୍ଦୋଳନ

୪୨ ମୌଜା ଅଞ୍ଚଳବାସୀଙ୍କ ପାଇଁ ବାଲିଗାଡ଼ି ଏବେ ବିପଦ ପାଲଟିଛି। ଝିଙ୍କିରିଆ ବ୍ରହ୍ମପୁର ବାଲିଘାଟରୁ ଦିନରାତି ହାଇୱା ଦ୍ୱାରା ବାଲି ପରିବହନକୁ ନେଇ ଅତୀତରେ ଏହି ଅଞ୍ଚଳରେ ଅନେକଥର ଆନ୍ଦୋଳନ ଓ ରାସ୍ତାରୋକୋ ହୋଇଛି। ଏହି ଜନଗହଳିପୂର୍ଣ୍ଣ ରାସ୍ତାଟି ଏକ ଲେନ୍ ବିଶିଷ୍ଟ ଓ ଗୋଟିଏ ଗ୍ରାମ୍ୟ ରାସ୍ତା। ଜନସାଧାରଣଙ୍କ ଯାତାୟାତ ପାଇଁ ରାସ୍ତାର ଚଉଡା ଯଥେଷ୍ଟ ନୁହେଁ। ଏପରି ସ୍ଥଳେ ଏଭଳି ସ୍ପର୍ଶକାତର ସ୍ଥାନରେ ବାଲି ଉତ୍ତୋଳନ ପାଇଁ ନିଲାମ ଦିଆଯାଇ ଲୋକଙ୍କ ଜୀବନ ସହ ଖେଳ ଖେଳାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ବାଟରେ ହାଇୱା ଓ ବଡ଼ ଟ୍ରକ ଯାତାୟାତ କରିବା ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଏ ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ତତ୍କାଳୀନ ଜିଲାପାଳ ସୁଶାନ୍ତ ମହାପାତ୍ର ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ବାଲି ପରିବହନ ପାଇଁ ସମୟ ଧାର୍ଯ୍ୟ କରିଥିଲେ। ହେଲେ ଆଦେଶନାମା ଜାରି କରିଥିବା ଜିଲାପାଳଙ୍କର ବଦଳି ହୋଇଯିବା ପରେ ଏଠାରେ ନିୟମ ବଦଳି ଯାଇଛି। ଜିଲାପାଳଙ୍କ କଟକଣାକୁ ବେଖାତିର କରି ହାଇୱା ଦ୍ୱାରା ବାଲି ପରିବହନ ପୂର୍ବବତ ଜାରି ରହିଛି। ଫଳରେ ପୁନର୍ବାର ୪୨ମୌଜାର ଜନସାଧାରଣ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରିଯାନ ଚଳାଚଳ କରିବା ଯୋଗୁ ଅନେକ ସ୍ଥାନରେ ବଡ ଖାଲମାନ ସୃଷ୍ଟି ହେଲାଣି। ବାଲି ପରିବହନ ସମୟରେ ଗାଡିଗୁଡିକ ଉପରେ ପାଲଢଙ୍କା ନ ଯିବା କାରଣରୁ ରାସ୍ତା ଉପରେ ଓ ଉଭୟ ପାର୍ଶ୍ୱରେ ବାଲି ଜମି ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାମାନ ଘଟୁଛି। ତେଣୁ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରାଯାଇଛି। ଏହା ଉପରେ ପଦକ୍ଷେପ ନିଆ ନ ଗଲେ ୪୨ମୌଜା ଜାଗରଣ ମଞ୍ଚ ପକ୍ଷରୁ ବଡ ଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି । ଏଥିସହ ଆବଶ୍ୟକ ହେଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ଆବାହକ ହିମାଂଶୁ ଦାସ, ସଭ୍ୟ ପ୍ରଶାନ୍ତ ଚୌଧୁରୀ, ଦେବାଶିଷ ଦୀକ୍ଷିତ୍, କାହ୍ନୁଚରଣ ନାୟକ, ଦିଲୀପ ନାୟକ, ରାଜୀବ ନାୟକ, ତନ୍ମୟ ବିଶ୍ୱାଳ, କୃତ୍ତ୍ୟୁଜ୍ୱଳା ଷଡଙ୍ଗୀ ପ୍ରମୁଖ ଜଣାଇଛନ୍ତି ।



କଟକ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଜ୍ଞାନମେଳାରେ ଛାତ୍ରମାନେ ପ୍ରକଳ୍ପ ଦେଖୁଛନ୍ତି।

### 'ଚତୁର୍ଥ ବୈଷୟିକ ବିପ୍ଳବ ଓ ଭାରତ' ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୨୪।୮**

ପୃଥିବୀରେ ଅଦ୍ୟାବଧି ବହୁ ବିପ୍ଳବ ସଂଗଠିତ ହୋଇଛି। ସଭ୍ୟତା ପ୍ରଗତି ପଥରେ ମଧ୍ୟ ଅଗ୍ରସର ହେଉଛି। ପ୍ରତ୍ୟେକ ବିପ୍ଳବ ଆରମ୍ଭ ବେଳେ ତତ୍ତ୍ୱବିତ୍‌ମାନେ ବିଭିନ୍ନ ପ୍ରକାର ଆଶା ଓ ଆଶଙ୍କା କରିଥାନ୍ତି। ଯେପରି ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ସମସ୍ତେ ଆତଙ୍କିତ। ଏହି କଥା କହିଛନ୍ତି ଶିକ୍ଷାବିତ୍ ଡା. ଦେବକାନ୍ତ ମିଶ୍ର। ଶୁକ୍ରବାର ଦି ୟୁନିଭର୍ସ ପକ୍ଷରୁ ମୈତ୍ରୀ ସରଣୀଠାରେ 'ଚତୁର୍ଥ ବୈଷୟିକ ବିପ୍ଳବ ଓ ଭାରତ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ ମିଶ୍ର ଆହୁରି କହିଥିଲେ, ବିନା ଚାଳକରେ ଗାଡ଼ି ଚାଲିବ। ଏଥିରେ ଶ୍ରମ, ସମୟ ଓ ଅର୍ଥ ବ୍ୟୟକୁ ରୋକାଯାଇପାରିବ। ଏବେ ନୀରୋଗ ରହିବା ପାଇଁ ପିଲାର ଜନ୍ମ ସମୟରୁ ତାହା ଶରୀରର ରୋଗ ସୃଷ୍ଟିକାରୀ ତତ୍ତ୍ୱ ସ୍ଥାନରେ ନୀରୋଗ ରହିବା ତତ୍ତ୍ୱକୁ ରଖିବାର ବିଚାର ଆରମ୍ଭ ହୋଇଛି। ପିଲାମାନେ ପାରଦର୍ଶିତା ଦେଖାଇପାରିଲେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ଦିଗ୍‌ଦର୍ଶନ ଦେଇପାରିବେ ବୋଲି ମିଶ୍ର କହିଥିଲେ। ଶିକ୍ଷାରେ ଗତାନୁଗତିକତାକୁ ପରିହାର କରି ନୂତନ ତଥା ପୃଥିବୀରେ ଘଟୁଥିବା ପରିବର୍ତ୍ତନକୁ ଗ୍ରହଣ କରିବାକୁ ହେବ ବୋଲି ସଭାରେ ସଭାପତିତ୍ୱ କରି ଇଂ. ଅଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପାଦକ କିଶୋର ତ୍ରିପାଠୀ ସଭା ପରିଚାଳନା କରିଥିଲେ।

# ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷା ହେବା ଆବଶ୍ୟକ

**୫ଟି ପ୍ରଶ୍ନ**



ପ୍ରାକ୍ତନ କୁଳପତି ନୀଳକଣ୍ଠ ପତି

ସଂସ୍କୃତ ବିଦ୍ୱାନ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ନୀଳକଣ୍ଠ ପତି। ସର୍ବଦର୍ଶନ ଉପରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ପତି ୧୯୮୧ ମସିହାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଅଧାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୦ରେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ଅବସର ପରେ ରତନ ଲାଲ ଟାଟା ଇନଷ୍ଟିଚ୍ୟୁଟର ଅବୈତନିକ ନିର୍ଦ୍ଦେଶକ ଭାବେ ମଧ ସେ କାର୍ଯ୍ୟ କରିଛନ୍ତି। ଏହାସହିତ ସେ ରଚନା କରିଛନ୍ତି ୧୦ରୁ ଅଧିକ ସଂସ୍କୃତ ଏବଂ ଓଡ଼ିଆ ଭାଷା ପୁସ୍ତକ। ସେଗୁଡିକ ମଧରେ ରହିଛି ତତ୍ତ୍ୱ ମୁକ୍ତାବଳି, ସାମାନ୍ୟ ଦର୍ଶନ, ଆଚାର୍ଯ୍ୟ ବିଜ୍ଞାନ ଭିକ୍ଷୁ, ତତ୍ତ୍ୱ ଚତୁଃଷ୍ଟୟ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏବଂ କର୍ମକାଣ୍ଡ ଇତ୍ୟାଦି। ପତିଙ୍କ ଅବସର ସମୟ କିପରି କଟେ ସେ ସମ୍ପର୍କରେ ତାଙ୍କୁ ୫ଟି ପଶ୍ନ।

**▸ ରାଜ୍ୟରେ ସଂସ୍କୃତ ଶିକ୍ଷା ସ୍ଥିତି କ'ଣ?**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଉନ୍ନତ ଗବେଷଣା ଓ ସଂସ୍କୃତ ଭାଷାର ଅଧ୍ୟୟନ ଲାଗି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସଂସ୍କୃତ ଶିକ୍ଷାକୁ ଏକ ଦିଗ ମିଳିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍କୃତ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଗଲା ନାହିଁ। ବର୍ତ୍ତମାନ ରାଜ୍ୟରେ ସଂସ୍କୃତ ଶିକ୍ଷା ଦୋଦୁଲ୍ୟମାନ ସ୍ଥିତିରେ ଚାଲିଛି। ରାଜ୍ୟରେ ପାରମ୍ପରିକ ସଂସ୍କୃତ ବିଦ୍ୱାନ୍‌ଙ୍କ ସଂଖ୍ୟା କମୁଛି। ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷାହେବା ଆବଶ୍ୟକ। ଏଥିଲାଗି ରାଜ୍ୟ ସରକାର ଓ ସଂସ୍କୃତ ବିଦ୍ୱାନ୍‌ମାନଙ୍କ ସାମୂହିକ ଉଦ୍ୟମ ଆବଶ୍ୟକ।

**▸ ଅବସର ସମୟ କିଭଳି କଟୁଛି?**

ଚାକିରି ସମୟରେ ବିଶ୍ୱବିଦ୍ୟାଳୟରେ ସମୟ ବିତୁଥିଲା। ପ୍ରତ୍ୟହ ଯେଉଁ ଅଳ୍ପ କିଛି ସମୟ ମିଳୁଥିଲା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି। କିନ୍ତୁ ଚାକିରିରୁ ଅବସର ପରେ ବହୁତ ସମୟ ମିଳୁଛି। ବର୍ତ୍ତମାନ ଅଧିକ ସମୟ ଲେଖାଲେଖି ଓ ବିଭିନ୍ନ ବହି ପଢାପଢିରେ ବିତୁଛି। ବିଭିନ୍ନ ମହାପୁରୁଷଙ୍କ ଦର୍ଶନ(ଫିଲୋସଫି) ପଢିବାକୁ ଭଲପାଏ। ଏପରି କି ଜର୍ମାନ ଦାର୍ଶନିକ ଇମାନୁଏଲ କାଣ୍ଟଙ୍କ ଦର୍ଶନକୁ ସଂସ୍କୃତ ଭାଷାରେ ଅନୁବାଦ କରିଛି। ବେଳେ ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ହୋଇ ଯିବାକୁ ପଡୁଛି।

**▸ ଶରୀରକୁ ସୁସ୍ଥ ରଖିବା ଲାଗି କ'ଣ କରନ୍ତି?**

ମୁଁ ପ୍ରତ୍ୟହ ପ୍ରାତଃଭ୍ରମଣ କରେ। ଏହାସହିତ ଯୋଗ ଓ ପ୍ରାଣାୟମ କରେ।

**▸ ଆପଣଙ୍କ ହବି କ'ଣ?**

ପଢିବା ହେଉଛି ମୋର ହବି। ମୁଁ ବିଭିନ୍ନ ପ୍ରକାର ପୁସ୍ତକ ପଢିବାକୁ ଭଲପାଏ। ମୋତେ ଦିନରେ ଯେତିକି ବି ସମୟ ମିଳେ ପଢାପଢି କରେ।

**▸ ଚାକିରି ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ**

ମୁଁ ୟୁଜିସି ଟିମ୍‌ରେ ବୈଷ୍ଣୋଦେବୀ ଯାଇଥାଏ। ୩ ଜଣ ଆଇଏଏସ୍ ଅଫିସରଙ୍କ ସହିତ ଟିମ୍‌ରେ ଆମେ ସାତଜଣ ଥାଉ। ବୈଷ୍ଣୋଦେବୀ ଯିବା ଲାଗି ଆମ ପାଇଁ ହେଲିକପ୍ଟର ବ୍ୟବସ୍ଥା ହୋଇଥାଏ। କିନ୍ତୁ ଆମେ ସେଠାରେ ପହଞ୍ଚିବା ପରେ ପାଗ ମେଘୁଆ ହୋଇଗଲା। ହେଲିକପ୍ଟର ସେବା ବାତିଲ ଘୋଷଣା ହେଲା। ମୁଁ ଭାବିଲି ମା'ଙ୍କ ଦର୍ଶନର ସୁଯୋଗ ନାହିଁ। ସମସ୍ତେ ମନଦୁଃଖରେ ବସିଥାଉ। ହଠାତ୍ ଘୋଷଣା ହେଲା ୟୁଜିସି ଟିମ୍ ପାଇଁ କେବଳ ହେଲିକପ୍ଟର ଯିବ। ଆମେ ଯାଇ ମା'ଙ୍କ ଦର୍ଶନ କରି ଫେରିଥିଲୁ। ଏହା ଏକ ଆଲୌକିକ ଘଟଣା ଭଳି ଥିଲା। ଏହା ମୋ ପାଇଁ ସ୍ମରଣୀୟ।

–ସାକ୍ଷାତ୍: ପ୍ରଦୀପ କିଶୋର ସାହୁ, (ପୁରୀ ଅଫିସ)

■ ବେଆଇନ ଗୋଚାଲାଣ ପ୍ରସଙ୍ଗ

## ପକ୍ଷଭୁକ୍ତ ହେଲେ ବିଶ୍ୱ ଗୋସୁରକ୍ଷା ବାହିନୀ ରାଜ୍ୟ ସଭାପତି

**କଟକ ଅଫିସ, ୨୪।୮**

ଗତ ଜୁଲାଇ ୩୧ ତାରିଖରେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ (ଓଆର୍‌୦୫ଜେ-୮୪୬୧) ୧୨ଟି ଗାଈଙ୍କୁ ନେଇ ନିଆଳିରୁ କଟକ ଆସୁଥିଲା। ଗୋସୁରକ୍ଷା ବାହିନୀର କର୍ମୀ ଓ ପୋଲିସ ଦ୍ୱାରା ଗାଈମାନଙ୍କୁ ଉଦ୍ଧାର କରାଯାଇ ଗୋଶାଳାରେ ଛଡ଼ାଯାଇଥିଲା। ଏ ନେଇ ଚାଲାଣକାରୀମାନଙ୍କ ବିରୋଧରେ ବାଦାମବାଡ଼ି ଥାନାରେ ମାମଲା ରୁଜୁ କରାଯାଇଥିଲା। ତେବେ ଭୁବନେଶ୍ୱର ଖାରପଡ଼ା ମୁସ୍‌ଲିମ ସାହିର ସେକ୍ କୁନା ନିଜକୁ ଗାଈର ମାଲିକ ବୋଲି ଦର୍ଶାଇ କଟକ ଏସ୍‌ଡିଜେଏମ୍(ସଦର)ଙ୍କ କୋର୍ଟରେ ଗାଈମାନଙ୍କୁ ନେବା ପାଇଁ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ପକ୍ଷଭୁକ୍ତ ହେବା ପାଇଁ ଉକ୍ତ କୋର୍ଟରେ ଏକ ମିସ୍ କେସ୍ ଦାଏର କରିଥିଲେ। କୋର୍ଟ ମାମଲାର ଶୁଣାଣି କରି ପଣ୍ଡାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରିବା ସହିତ ଆସନ୍ତା ୨୮ ତାରିଖରେ ତାଙ୍କର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ ରାଫେଲ ଚୁକ୍ତିରେ ଦୁର୍ନୀତି

## ଯୁବ କଂଗ୍ରେସ ପକ୍ଷରୁ ପ୍ରଚାରପତ୍ର ବଣ୍ଟନ

**କଟକ ଅଫିସ, ୨୪।୮**

ରାଫେଲ ଚୁକ୍ତିରେ ଦୁର୍ନୀତି ହୋଇଛି। ଏଭଳି ଅଭିଯୋଗ ଆଣିଛି କଟକ ଲୋକ ସଭା ଯୁବ କଂଗ୍ରେସ। ଶୁକ୍ରବାର ସଙ୍ଗଠନ ପକ୍ଷରୁ ସ୍ଥାନୀୟ ପୁରୀଘାଟଠାରେ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ନେତୃତ୍ୱରେ ରାଫେଲ ବିମାନ କିଣା ଚୁକ୍ତିରେ ବହୁ କୋଟିର ଦୁର୍ନୀତି ହୋଇଥିବା ଅଭିଯୋଗ କରି ଦେଶବ୍ୟାପୀ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦିଆଯାଇଛି। ରାଫେଲ ଚୁକ୍ତି କେନ୍ଦ୍ର ସରକାରଙ୍କ ସବୁଠାରୁ ବଡ଼ ଆର୍ଥିକ କେଳେଙ୍କାରୀ ଓ ଦୁର୍ନୀତି ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଭ୍ରଷ୍ଟାଚାରୀ କେନ୍ଦ୍ର ସରକାରର ଅସଲ ମୁଖା କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଯୁବ କଂଗ୍ରେସ ନେତାମାନେ ଭାଷଣରେ କହିଥିଲେ। ଦୁର୍ନୀତିକୁ ନେଇ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ପ୍ରଚାର ପତ୍ର ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ରାକେଶ ମହାରଣା, ସୁକାନ୍ତ ସାହାଣି, ସେକ୍ ଗୁଲାମ ମୋଇଦ୍ଦିନ, ଗୁଲଜାର ଅହମ୍ମଦ, ସୁରଜିତ ସାହୁ, ସ୍ମୃତିରଞ୍ଜନ ଲେଙ୍କା, ନିରଞ୍ଜନ ଦାସ, ସାହିଲ ପର୍‌ଭେଜ, ରାହୁଲ ନାୟକ, ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କଣ୍ଟାପଡା ପଞ୍ଚାୟତ ସମିତି ବୈଠକ

**କଣ୍ଟାପଡା, ୨୪।୮(ଡି.ଏନ୍.ଏ.)**

କଣ୍ଟାପଡା ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ବ୍ଲକ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଆକ୍ଟୋବର ୨ତାରିଖ ସୁଦ୍ଧା କଣ୍ଟାପଡା ବ୍ଲକକୁ ମଳମୁକ୍ତ ଅଞ୍ଚଳଭାବେ ଘୋଷଣା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପାଇଖାନା ନିର୍ମାଣ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ସମନ୍ୱିତ ଶିଶୁବିକାଶ ଅଧୀନରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକର ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ୪ର୍ଥ ଅର୍ଥ କମିଶନରେ ଆସିଥିବା ଅର୍ଥରେ ବିଭିନ୍ନ ପ୍ରକଳ୍ପ ପାଇଁ ବୈଠକରେ ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ବିଡିଓ କେ. ଅଶୋକ କୁମାର, ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି, ପଞ୍ଚାୟତ ସମିତି ଉପାଧକ୍ଷ ସୁଦର୍ଶନ ରାଉତରାୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତଥିଲେ।

## ଡିପିଏସ୍ କଳିଙ୍ଗର ବିଧିପୂର୍ବକ ପଦ ପ୍ରଦାନ ଉତ୍ସବ





ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

**କଟକ ଅଫିସ, ୨୪।୮**

ସ୍ଥାନୀୟ ଅଢ଼ାଳିଆସ୍ଥିତ ଡିପିଏସ୍ କଳିଙ୍ଗର ବିଧିପୂର୍ବକ ପଦ ପ୍ରଦାନ ଉତ୍ସବ ଚଳିତମାସ ୨୩ ଓ ୨୪ ତାରିଖ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ର ବିଭିନ୍ନ ପଦମଣ୍ଡିତ ହୋଇ ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଶପଥ ନେଇଥିଲେ। ବିଦ୍ୟାଳୟର କନିଷ୍ଠ ବର୍ଗର ହେଡ୍‌ବୟ ଭାବେ ଅନୁପମ୍ ସାହୁ ଓ ହେଡ୍ ଗର୍ଲ ଭାବେ ସ୍ମୃତି ସାଣ୍ଡଲିଆ ଏବଂ ବରିଷ୍ଠ ବର୍ଗର ହେଡ୍‌ବୟ ଭାବେ ଡି. ଅଭିଷେକ ଓ ହେଡ୍ ଗର୍ଲ ଭାବେ ଶିବାଙ୍ଗୀ ଦାସ ମନୋନୀତ ହୋଇଥିଲେ।

ଉତ୍ସବର ପ୍ରଥମ ଦିବସରେ ବିଦ୍ୟାଳୟର ଟ୍ରଷ୍ଟି ମାଲା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ନାଗରିକ ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ମମତା ସିଂହ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଭୁଲ୍ ଠିକ୍‌ର ପ୍ରଭେଦ ନିର୍ଣ୍ଣୟ କରି ସର୍ବଦା ଠିକ୍ ପଥ ଅବଲୋକନ କରିବା ସହ ଏକ ସୁସ୍ଥ ସମାଜ ଗଠନ କରିବା ପ୍ରତ୍ୟେକ ଛାତ୍ରଙ୍କ କର୍ତ୍ତବ୍ୟ ବୋଲି ସେ ସୂଚାଇ ଥିଲେ। ଏଥିରେ ଏକ୍‌ଜିକ୍ୟୁଟିଭ୍ ଟ୍ରଷ୍ଟି ସୁନୟନା ପାତ୍ରୋ ଓ ଅଧକ୍ଷା ଅନୁରାଧା ରକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱର ୟୁନିଟ୍-୮ ହାଇସ୍କୁଲରେ ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଲାଇଫ ସାଇନ୍ସ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର।

# ତଳ କୋର୍ଟଙ୍କ ଆଦେଶ ଉପରେ ରହିତାଦେଶ

**ନବରଙ୍ଗପୁର ଜିଲା ପରିଷଦ ଉପସଭାପତି ଅସିଦ୍ଧ ମାମଲା**

**କଟକ ଅଫିସ, ୨୪।୮**

ନବରଙ୍ଗପୁର ଜିଲା ପରିଷଦ ଉପସଭାପତି ପଦବୀ ଅସିଦ୍ଧ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଉକ୍ତ ମାମଲାରେ ପକ୍ଷଭୁକ୍ତ ହୋଇଥିବା ରାଜ୍ୟ ଆଇନ ସଚିବ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସତ୍ୟପାଠ ଜରିଆରେ ଜବାବ ଦାଖଲ ପାଇଁ ବିଚାରପତି ଚିତ୍ତରଞ୍ଜନ ଦାସ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ରେ ରାଜ୍ୟରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ୨୦୧୭ ମାର୍ଚ୍ଚ ୨୭ ମଧ୍ୟରେ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଇଥିଲା। ହେଲେ ପ୍ରକ୍ରିୟା ଚାଲିଥିବା ସମୟରେ ଅର୍ଥାତ୍ ୨୦୧୭ ମାର୍ଚ୍ଚ ୮ ରେ ରାଜ୍ୟ ସରକାର ନିର୍ବାଚନ ନିୟମାବଳୀରେ ସଂଶୋଧନ ଆଣି ସେଥିରେ ରୁଲ୍ ୫୧(ଏ)କୁ ସାମିଲ କରିଥିଲେ। ଉକ୍ତ ସଂଶୋଧନ ସମ୍ପର୍କରେ ସରକାର ଆଉ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁଯାୟୀ ରାଜ୍ୟ ସଭା ନିର୍ବାଚନ ଢାଞ୍ଚାରେ ଜିଲା ପରିଷଦ ସଭାପତି ଓ ଉପସଭାପତି ନିର୍ବାଚନ କରିବାକୁ ସରକାର ପ୍ରଥମ ଥର ପାଇଁ ନୂଆ ନିୟମ ପ୍ରଣୟନ କରିଥିଲେ। ଏହି ଅନୁଯାୟୀ, ଜିଲା ପରିଷଦ ସଭାପତି, ଉପସଭାପତି ନିର୍ବାଚନ ସମୟରେ ଦଳୀୟ ଏଜେଣ୍ଟମାନେ ଉପସ୍ଥିତ ରହିବେ। ଦଳୀୟ ଚିହ୍ନରେ ନିର୍ବାଚନ ଜିତିଥିବା ଜିଲା ପରିଷଦ ସଦସ୍ୟମାନେ ଦଳ ପକ୍ଷରୁ ଘୋଷିତ ସଭାପତି ଓ ଉପସଭାପତିଙ୍କୁ ଭୋଟ ଦେଲେ ବୋଲି ଉପସ୍ଥିତ ଏଜେଣ୍ଟଙ୍କୁ ବାଲଟ ପେପର ଦେଖାଇବେ। ତେବେ ନବରଙ୍ଗପୁର ଜିଲାର ୨୬ଟି ଜିଲା ପରିଷଦ ଜୋନ ମଧ୍ୟରୁ ବିଜେଡି ୧୧ଟି, କଂଗ୍ରେସ ୮ ଓ ଭାଜପା ୭ଟି ଜୋନରେ ବିଜୟୀ ହୋଇଥିଲା। ୨୦୧୭ ମାର୍ଚ୍ଚ ୨୪ ରେ ଜିଲା ପରିଷଦ ଉପସଭାପତି ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ନିବେଦିତା ମହାନ୍ତି ବିଜୟୀ ହୋଇଥିଲେ। ମାତ୍ର ଉପସଭାପତି ପଦବୀ ନିମନ୍ତେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ପ୍ରୀତିସ୍ନିଗ୍ଧା ମହାପାତ୍ର ନବରଙ୍ଗପୁର ଜିଲା ଜଜ୍‌କୋର୍ଟରେ ମାମଲା ରୁଜୁ କରିଥିଲେ। ମହାପାତ୍ର ଦର୍ଶାଇଥିଲେ ଯେ, ସରକାରଙ୍କ ସଂଶୋଧିତ ଆଇନ ଯୋଗୁ ସେ ପରାସ୍ତ ହୋଇଛନ୍ତି। କାରଣ ଭୋଟକୁ ସାର୍ବଜନୀନ କରାଯିବାରୁ ତାଙ୍କର ପରାଜୟ ଘଟିଛି। ତେଣୁ ଉପସଭାପତି ଭାବେ ନିର୍ବାଚିତ ନିବେଦିତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବାକୁ ସେ କୋର୍ଟରେ ଆବେଦନ କରିଥିଲେ। ମହାପାତ୍ରଙ୍କ ଆବେଦନକୁ ଗ୍ରହଣ କରି ଜିଲା ଜଜ୍ ଗତ ଜୁଲାଇ ୨୦ରେ ଜିଲା ପରିଷଦ ଉପସଭାପତି ନିବେଦିତା ମହାନ୍ତିଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହିତ ଉକ୍ତ ପଦବୀକୁ ସାମୟିକ ଶୂନ୍ୟତା (କାଜୁଆଲ ଭ୍ୟାକେନ୍ସି) ଘୋଷଣା କରିବାକୁ ନିର୍ବାଚନ କମିଶନରଙ୍କୁ ଆଦେଶ ଦେଇଥିଲେ। ଜିଲା ଜଜ୍‌ଙ୍କ ଏହି ଆଦେଶ ବିରୋଧରେ ନିବେଦିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ। -ଚାଣକ୍ୟ



## ସଂକ୍ଷେପରେ

### ଯୁବକଙ୍କ ମିଳୁନି ପତ୍ତା, ଅଚିନ୍ତାରେ ପୋଲିସ

ବେଗୁନିଆ/ବୋଲଗଡ,୨୪।୮ (ଡି.ଏନ.ଏ.)ବେଗୁନିଆ ଥାନା ଧଳାପଥର ଗ୍ରାମର ଜଣେ ଯୁବକ ଗତ ୭ ତାରିଖରୁ କେଉଁଆଡେ ଯାଇଛନ୍ତି ଯେ ତାଙ୍କର ପତ୍ତା ମିଳୁ ନାହିଁ। ଏ ନେଇ ତାଙ୍କ ପରିବାର ଲୋକେ ବହୁ ଖୋଜା ଖୋଜି କରି ବିଫଳ ହେବାରୁ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ୧୮ ଦିନ ବିତିଯାଇଥିଲେ ମଧ ପୋଲିସ ଅଚିନ୍ତାରେ ବସି ରହିଛି। ଯୁବକଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନାହିଁ। ଅଭିଯୋଗ ମୁତାବକ, ଧଳାପଥର ଗ୍ରାମର ପ୍ରହଲ୍ଲାଦ ରାଉତଙ୍କ ପୁଅ ଦୀପକ(୩୧) ଘରୁ କେଉଁଆଡେ ପଳାଇଛନ୍ତି।ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ମାମଲା ରୁଜୁ ହେବା ଦିନଠାରୁ ସମସ୍ତ ଥାନାକୁ ଜଣାଇ ଦିଆଯାଇଛି। ଯୁବକଙ୍କ ସନ୍ଧାନ ପାଇବା ପାଇଁ ପୋଲିସ ପକ୍ଷରୁ ଖୋଜାଖୋଜି ଚାଲିଛି।

### ସ୍ଥାୟୀ ପଟ୍ଟା ପ୍ରଦାନରେ ଟାଳଟୁଳ ନୀତି

କମ୍ୟୁନିଷ୍ଟ ପାର୍ଟି ତରଫରୁ ବିକ୍ଷୋଭ

ଟାଙ୍ଗୀ(ଖୋର୍ଦ୍ଧା), ୨୪।୮ (ଡି.ଏନ.ଏ.)- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚିଲିକା ଜୋନ୍ କମିଟି ପକ୍ଷରୁ ଶୁକ୍ରବାର ଚିଲିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ତହସିଲର ଟୁଙ୍ଗମାଳ ପଞ୍ଚାୟତ ଅନ୍ତର୍ଗତ ଆଖୁପୋଖରୀ ଗ୍ରାମରେ ଦୀର୍ଘ ୨୦ ବର୍ଷ ଧରି ୪୫ ଜଣ ଗରିବ ଓ ଭୂମିହୀନ ପରିବାର ବାସଗୃହ କରି ରହୁଛନ୍ତି। ବସୁନ୍ଧରା ଯୋଜନାରେ ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ନିମନ୍ତେ ସେମାନେ ବାରମ୍ବାର ଆବେଦନ କରୁଛନ୍ତି। ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟିଗୋଚର କରୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ପ୍ରତଶ୍ରୁତି ଦେଇ ମଧ ପଟ୍ଟା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ ନେଇ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସେମାନଙ୍କୁ ଘରବାରି ପଟ୍ଟା ଯୋଗାଇ ଦେବାକୁ ଶତାଧିକ ମହିଳାପୁରୁଷ ବିକ୍ଷୋଭ କରିଥିଲେ। ପ୍ରଶାସନର ଅବହେଳାକୁ ସେମାନେ ଦୃଢ ନିନ୍ଦା କରିଥିଲେ । ବିକ୍ଷୋଭର ନେତୃତ୍ୱ ନେଇଥିଲେ କମ୍ୟୁନିଷ୍ଟ ପାର୍ଟିର ଚିଲିକା ଜୋନ୍ କମିଟି ସମ୍ପାଦକ ଯୁଗଳ ଜାଲି । ତହସିଲଦାର ଅଶୋକ କୁମାର ଦାସ ବିକ୍ଷୋଭ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ସେମାନଙ୍କର ଦାବି ଯଥାଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଧାନ ନେଇ ଚାଉଳ ଦେବାରେ ଅବହେଳା
### ମିଲ ଉପରେ ଚଢ଼ାଉ

ଖୋର୍ଦ୍ଧା ଅଫିସ,୨୪।୮:ଧାନ ନେଇ ଚାଉଳ ଦେବାରେ ଅବହେଳା କାରଣରୁ ବାଣପୁର ବ୍ଲକ କୁଲେଇ ଧାନ ମିଲ୍ ଉପରେ ଶୁକ୍ରବାର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସିଲ୍ କରାଯାଇଛି। ସମ୍ପୃକ୍ତ ମିଲ୍‌ରଙ୍କ ୧ କୋଟି ଟଙ୍କା ସିକ୍ୟୁରିଟ୍ ରହିଛି। ଜବତ ପରିମାଣ ହିସାବ କରାଗଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

### ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନଙ୍କ ତାଲିମ ଶିବିର

ଖୋର୍ଦ୍ଧା ଅଫିସ,୨୪।୮:ବେସିକ୍ ତାଲିମପ୍ରାପ୍ତ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ଉଦ୍ଦେଶ୍ୟରେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ବଲାଙ୍ଗୀର, କଟକ, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡା, କେନ୍ଦୁଝର, କନ୍ଧମାଳ, ଖୋର୍ଦ୍ଧା, ମୟୂରଭଞ୍ଜ ଏବଂ ନୟାଗଡ ଆଦି ଜିଲାରୁ ୩୦ଜଣ ସ୍କାଉଟ ମାଷ୍ଟର ଏବଂ ୨୩ ଜଣ ଗାଇଡ୍ କ୍ୟାପଟେନ ତାଲିମ ନେଉଛନ୍ତି। ଏମାନଙ୍କ ସହ ଅନୁସୂଚିତ ଜନଜାତି ବିଭାଗ ବିଦ୍ୟାଳୟର ୮ ଜଣ ସ୍କାଉଟ ମାଷ୍ଟର ଓ ୯ ଜଣ ଗାଇଡ୍ କ୍ୟାପଟେନ ଅନୁରୂପ ଭାବେ ଯୋଗ ଦେଇଛନ୍ତି। ଶୁକ୍ରବାର ରାଜ୍ୟ ମୁଖ୍ୟ କମିଶନର କାଳି ପ୍ରସାଦ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୯ ତାରିଖରେ ଏହି ତାଲିମ ଶିବିର ଉଦ୍‌ଯାପିତ ହେବ।

### ଦୁଇ ଲୁଟେରା ଅଟକ

ଖୋର୍ଦ୍ଧା ଅଫିସ,୨୪।୮:ସହରରେ ଲୁଟ ବଢ଼ି ଚାଲିଥିବା ବେଳେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଶୁକ୍ରବାର ଦୁଇ ଲୁଟେରାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟାଙ୍କ ଛକରୁ ଏହି ଲୁଟେରା ଧରା ପଡିଛନ୍ତି। ଏମାନଙ୍କ ମଧରୁ ଜଣଙ୍କର ଘର ଗଞ୍ଜାମ ବୋଲି ଜଣା ପଡି। ଆନ୍ୟ ଜଣଙ୍କର ଠିକଣା ମିଳିନାହିଁ। ତେବେ ତଦନ୍ତରେ ବାଧା ସୃଷ୍ଟି ହେବ ଦର୍ଶାଇ ପୋଲିସ କିଛି ସୂଚନା ଦେଉନାହିଁ।

■ପାଖେଇ ଆସୁଛି ନିର୍ବାଚନ

# ଶୁଭିଲାଣି ନେତାଙ୍କ ମିଠା କଥା

ଖୋର୍ଦ୍ଧା ଅଫିସ,୨୪।୮

ଆଗକୁ ଆସୁଛି ବିଧାନସଭା ଓ ଲୋକସଭା ନିର୍ବାଚନ। ୨୦୧୯ରେ ନିର୍ବାଚନ ହେବ। ନିର୍ବାଚନ ବିଗୁଲ୍‌କୁ ଅପେକ୍ଷା ନ କରି ବିଭିନ୍ନ ଦଳର ଆଶାୟୀ ନେତାମାନେ ଏବେଠାରୁ ଗାଁ ମୁହାଁ ହୋଇ ସାରିଲେଣି। ଲୋକଙ୍କ ସୁଖ ଦୁଃଖ ପଚାରିବା ଆରମ୍ଭ କଲେଣି। ଗାଁ ଗହଳିରେ ମିଠା ମିଠା କଥା କହି ଭୋଟରଙ୍କୁ ଆପଣେଇବାକୁ ଚେଷ୍ଟା ଚାଲିଲାଣି। ପୁଣି ନେତାମାନେ କର୍ମୀଙ୍କୁ ପ୍ରାଧାନ୍ୟ ଦେଇ ସେମାନଙ୍କ ମନ ଜିଣିବାକୁ ପ୍ରୟାସ ଜାରି ରଖିଛନ୍ତି। ଭୋଟରଙ୍କୁ ନିଜ ସପକ୍ଷଙ୍କୁ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କର୍ମୀ ସମ୍ମିଳନୀ କରାଇ ଉଭୟ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ଗୋଟି ଚାଳନା କରିବାକୁ ପରାମର୍ଶ ଦିଆଯାଇଛି। ବିଜେଡି ସରକାରଙ୍କ ସଫଳତା, କେନ୍ଦ୍ରର ଅବହେଳାକୁ ଭୋଟରଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କ କାନରେ ମନ୍ତ୍ର ଫୁଙ୍କା ଚାଲିଛି। ଭାଜପା ମୋଦି ସରକାରର ସଫଳତା ଓ ଅପାରଗ ବିଜେଡି ସରକାରର ବିଫଳତା ନେଇ ଭୋଟରକୁ ଭେଟିବାକୁ ଟାର୍ଗେଟ କରିଛି। ବିଜେଡି ଓ ଭାଜପାକୁ ଟାର୍ଗେଟ କରି ନିର୍ବାଚନକୁ ସମ୍ମୁଖୀନ ହେବାକୁ କଂଗ୍ରେସ ତା'ର ରଣନୀତି ପ୍ରସ୍ତୁତ କରିଛି। ଏଣୁ ଗ୍ରାମାଞ୍ଚଳ ସହ ଜିଲା ରାଜନୀତି ଚଳଚଞ୍ଚଳ ହୋଇଉଠିଛି।

ଭୋଟରଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ସବୁ ଦଳ ଅପେକ୍ଷା ଶାସକ ଦଳ ବିଜେଡି ଆଗରେ ରହିଛି। ଦଳ ସରକାରରେ ଥିବାରୁ ଗର୍ଭବତୀ ମହିଳା, ନବଜାତ ଶିଶୁ, ଶବ ସଂସ୍କାର, ଆହାର, ସ୍ୱାସ୍ଥ୍ୟ ପାଇଁ ବୀମା, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ପରି କାର୍ଯ୍ୟକ୍ରମ କରାଇ ନିଜର ସ୍ଥିତି ବଜାୟ ରଖିବାକୁ ଚେଷ୍ଟା ଚଳାଇଛି। ଏପରି କି ଜିଲା ପରିଷଦର ଫଳାଫଳ ଯେପରି ପ୍ରଭାବ ନ ପକାଇବ ସେନେଇ ସତର୍କତାର ସହ ଗୋଟି ଚାଳନା କରାଯାଉଛି। ଜିଲାରେ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଛାଡି ଦେଲେ ଅନ୍ୟ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ଲୋକ ସଭା ଆସନରେ ଶାସକ ଦଳର ପ୍ରତିନିଧି ଅଛନ୍ତି। ବିଜୟୀ ନେତାମାନେ ଟିକେଟ ପାଇବେ କି ନାହିଁ ତାହା ସମୟ କହିବ। ତେବେ ଶାସକ ଦଳରେ ଥିବାରୁ ପୁଣି ଟିକେଟ ମିଳିବ ବୋଲି ଅଧିକାଂଶ ଆଶା ବାନ୍ଧିଛନ୍ତି। ଦଳୀୟ ଟିକେଟକୁ ହାସଲ କରି ମୁଖ୍ୟମନ୍ତ୍ରୀଙ୍କ ନାଁରେ ପୁଣି କିପରି ନିର୍ବାଚନ ବୈତରଣୀ ପାର ହେବେ ସେ ଆଶାରେ ଗୋଟି ଚାଳନା ଚାଲିଛି।

ଶାସକ ଦଳର କେତେଜଣ ଲୋକ ପ୍ରତିନିଧି ଗଣମାଧମକୁ ଅସ୍ତ୍ର ରୂପେ ବ୍ୟବହାର କରି ନିଜର ଲୋକପ୍ରିୟା ଅତୁଟ ରହିଛି ବୋଲି ବାହାବା ନେଉଛନ୍ତି। ଏଥର ନିର୍ବାଚନରେ କଂଗ୍ରେସ ସକ୍ରିୟ ରହିବାର ଦେଖା ଦେଲାଣି। କାରଣ କଂଗ୍ରେସ ପକ୍ଷରୁ ତୃଣମୂଳ ସ୍ତରରେ ସଙ୍ଗଠନ ସଜାଡିବା କାର୍ଯ୍ୟ ଆରମ୍ଭ କରାଯାଇଛି। ନେତାମାନେ ମଧ କିଛିଟା ସ୍ଥାନରେ ସଭାକାର୍ଯ୍ୟ, କର୍ମୀ ସମ୍ମିଳନୀ କରି ଭୋଟରଙ୍କୁ ହାତେଇବା ଓ ନିଜର ଭୋଟ ବ୍ୟାଙ୍କକୁ ଅତୁଟ ରଖିବାକୁ ପ୍ରୟାସ ଆରମ୍ଭ କରି ଦେଇଛନ୍ତି। ସିପିଆଇ(ଏମ) ବିଭିନ୍ନ ପ୍ରକାରର ଇସ୍ୟୁକୁ ଧରି ବିକ୍ଷୋଭ, ପ୍ରତିବାଦ ସଭା ବିଭିନ୍ନ ସମୟରେ କରୁଛି। ତେବେ ବିଧାନସଭା ନିର୍ବାଚନରେ ଶାସକ ଦଳକୁ ଟକ୍କର ଦେବାକୁ ହେଲେ କଂଗ୍ରେସ ଓ ଭାଜପା ନିଜକୁ ଅଧିକ ସକ୍ରିୟ କରିବା ଉଚିତ। ଜିଲାରେ ଶାସକ ଦଳ ବିରୋଧରେ ବିଭିନ୍ନ ପ୍ରକାରର ଇସ୍ୟୁ ଥିବାବେଳେ ଭାଜପା, କଂଗ୍ରେସ ଉପଯୁକ୍ତ ମାର୍ଗରେ ବିରୋଧ କରି ପାରୁନାହାନ୍ତି। ଭାଜପାର ଜିଲା ପରିଷଦରେ ୧୦ ଜଣ ସଦସ୍ୟ ଥିବାବେଳେ ଲୋକଙ୍କ ସୁବିଧା ଅସୁବିଧା ଠିକ୍ ଭାବେ ଉପସ୍ଥାପନ କରୁନାହାନ୍ତି। ଫଳରେ ଭାଜପା ବିଜେଡି ସହ ମୁକାବିଲା କରିବା କାଠିକର ପାଠ ହେଉଛି। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଯଦିଓ ଭାଜପା ତା'ର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି, ତେବେ ସଫଳତା ନେଇ ପାରୁନାହିଁ। ସଙ୍ଗଠନ ନ ଥାଇ ତୃଣମୂଳ ସ୍ତରରେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହେବା ପରେ ଦଳର ଆଗ୍ରହ ବଢ଼ିଛି। ତେବେ ନେତା ତୃଣମୂଳ ସଙ୍ଗଠନକୁ ଏଯାବତ ସୁଦୃଢ଼ କରି ପାରୁନାହାନ୍ତି। କଂଗ୍ରେସର ଉତ୍‌ଥାନ ଭାଜପା ପାଇଁ କାଳ ହେବ ବୋଲି ଦର୍ଶାଇ ବିଜେଡି ଖୁସ। କାରଣ କଂଗ୍ରେସ ଭୋଟରେ ଭାଜପା ବଳିୟାନ ହୋଇଥିବା ବିଜେଡିର ହିସାବ କହୁଛି। କେବଳ ମୋଦିଙ୍କ ନାଁ ନେଇ ଭାଜପାର ସ୍ଥାନୀୟ ନେତାମାନେ ଗ୍ରାମାଞ୍ଚଳ ସଙ୍ଗଠନକୁ ଅଣଦେଖା କରୁଥିବାରୁ ପୁରୁଣା କର୍ମୀମାନେ ଧୀରେ ଧୀରେ ବୀତସ୍ପୃହ ହେଉଛନ୍ତି। ଏଭଳିସ୍ଥିତିରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପାଇଁ ଉଭୟ ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି।

## ରୋଜଗାର ନ କଲେ ଘରେ ଜଳେନି ଚୁଲି



ବିଦ୍ୟାଧର ସ୍ୱାଇଁ

ଘରେ କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ବାର୍ଦ୍ଧକ୍ୟରେ ମଧ ରୋଜଗାର କରିବାକୁ ପଡୁଛି। ଦିନେ କାର୍ଯ୍ୟକୁ ନ ଗଲେ ଘରେ ଜଳୁନି ଚୁଲି। କାନକୁ ଆଦୌ ଶୁଣା ଯାଉ ନ ଥିଲେ ମଧ ୬୫ ବର୍ଷ ବୟସରେ ବାଧବାଧକତାରେ ଖୋର୍ଦ୍ଧା ସହର ଗୁରୁଜଙ୍ଗ ନନ୍ଦସାହିର ବିଦ୍ୟାଧର ସ୍ୱାଇଁ ନିଜକୁ ଫୁରସତ୍ ଦେବାକୁ ସମୟ ପାଆନ୍ତି ନାହିଁ। ବିଦ୍ୟାଧର ଠେଲାଗାଡିରେ କଚୁଡି ବ୍ୟବସାୟ କରନ୍ତି। କଚୁଡି କହିଲେ, ବଡ ଗୁପୁଚୁପ ଭିତରେ ଦହିବରା, ଆଳୁଦମ ଓ ଘୁଗୁନି ମିଶାଇ ଖାଇବାକୁ ଦିଆଯାଏ। ଉପରେ କାକୁଡି, ସେଉ, ମକା ଚିପସ୍, ପିଆଜ, ଦହି, ଖଟାପାଣି, ମିଠାଖଟା, ମସଲାଗୁଣ୍ଡ ପକାଯାଏ। ନିଜ ବ୍ୟବସାୟକୁ ବଞ୍ଚାଇବାକୁ ବିଦ୍ୟାଧର ଓ ତାଙ୍କ ସ୍ତ୍ରୀଙ୍କୁ ପ୍ରତିଦିନ ଭୋର ୬ଟାରେ ଉଠିବାକୁ ପଡେ। ପୂର୍ବାହ୍ନ ୧୧ଟା ସୁଦ୍ଧା କଚୁଡିର ସମସ୍ତ ଉପକରଣ ତିଆରି କରିବାରେ ସ୍ୱାମୀସ୍ତ୍ରୀ ଲାଗି ପଡନ୍ତି। ପରେ ନିଜ ପାଇଁ ରୋଷେଇ କରି ଖାଆନ୍ତି। ଅପରାହ୍ନ ୪ଟାରୁ ଆରମ୍ଭ ହୁଏ ବ୍ୟବସାୟ। ଗୁରୁଜଙ୍ଗର ନନ୍ଦସାହି, ମାଳିସାହି ପରି ବିଭିନ୍ନ ସାହି ଓ ଖୋର୍ଦ୍ଧା ବଜାରରେ ନିଜର ଠେଲାଗାଡି ଲଗାନ୍ତି। ସନ୍ଧ୍ୟା ହେଲେ ବ୍ୟବସାୟ ଶେଷ ହୁଏ। ପରଦିନ ବ୍ୟବସାୟ ପାଇଁ ସନ୍ଧ୍ୟାରେ ସଉଦା କିଣି ଘରକୁ ଫେରନ୍ତି। ତେବେ ଏହି ଦମ୍ପତି ବ୍ୟବସାୟକୁ ଛାଡି ଦେଲେ ଆଉ କିଛି ରୋଜଗାର ନାହିଁ। ତେବେ ଉଭୟେ ୩୦୦ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ୬୦୦ ଟଙ୍କା ପାଉଛନ୍ତି। ଭତ୍ତା ଟଙ୍କା ଓ ବ୍ୟବସାୟ ଲାଭ ଅର୍ଥରେ ଏହି ଦମ୍ପତି ଚଳନ୍ତି। ତେବେ ରୋଗ ଏମାନଙ୍କ ପାଇଁ ଦାଉ ସାଧୁଥାଏ। ଭତ୍ତା ଟଙ୍କା ସହ ବ୍ୟବସାୟର କିଛି ଅର୍ଥ ଔଷଧ ଖର୍ଚ୍ଚରେ ଯାଏ। ଅବଶିଷ୍ଟ ବ୍ୟବସାୟର ଲାଭ ଅର୍ଥରେ ଚଳନ୍ତି। ପାଖରେ ଟଙ୍କା ନ ଥିବାରୁ ବିଦ୍ୟାଧର ନିଜର ଏକ ବଖରାକୁ ଛପର ବି କରି ପାରୁନାହାନ୍ତି। ଫଳରେ ବର୍ଷାଦିନେ ଘରୁ ପାଣି ଗଳି ଭାଙ୍ଗିବା ଆରମ୍ଭ କଲାଣି। ତାଙ୍କର ସମସ୍ୟା ପ୍ରଶାସନ କାନରେ ପଡେ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କାଘର ଯୋଜନାରେ ଘରଟିଏ ପାଇବାକୁ ଯୋଗ୍ୟ ଥିଲେ ହେଁ ତାଙ୍କୁ ଏଯାବତ ଅଣଦେଖା କରାଯାଇଛି। ଘରଟିଏ ପାଇବାକୁ ଖୋର୍ଦ୍ଧା ମ୍ୟୁନିସିପାଲିଟି ଓ ଜିଲାପାଳଙ୍କ ଅଫିସକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ସୁଫଳ ମିଳିନି । ଏ ନେଇ ବିଦ୍ୟାଧର ସ୍ୱାଇଁ କୁହନ୍ତି, ବୟସ ଥିବାବେଳେ ରୋଜଗାର ଅର୍ଥରେ ଦୁଇ ଝିଅଙ୍କୁ ବିବାହ କରି ଦେଇଛି । ହେଲେ ନିଜ ଘରଟିକୁ ଛାତ ଅଥବା ଆଜବେଷ୍ଟସ କରି ପାରଲି ନାହିଁ । ଚାଳ ଘରଟିକୁ କେବଳ ରକ୍ଷଣାବେକ୍ଷଣ କରି ସେଥିରେ କାମ ଚଳାଇ ନେଲି । ଏବେ ଅର୍ଥ ବାଧକ କାରଣରୁ ସେହି ଭଙ୍ଗା ଘରେ ରହିବାକୁ ପଡୁଛି। ସରକାର ତାଙ୍କ ଦୁଃଖକୁ ଅନୁଭବ କରି କିଛି ସହାୟତା ଦେବା ସହ ଘର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେଲେ ବିଶେଷ ଉପକୃତ ହୁଅନ୍ତେ ବୋଲି କହିଛନ୍ତି ।

ଦିନକର କାହାଣୀ

ରିପୋର୍ଟ – **ଲୋକନାଥ ମିଶ୍ର**

## ଶିଳ୍ପ ତାଲିମ କେନ୍ଦ୍ରରେ ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ବୋଲଗଡ,୨୪।୮(ଡି.ଏନ.ଏ.)

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିମନ୍ତେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇସ୍ଥିତ ସାଧନା ଶିଳ୍ପତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଶିକ୍ଷିତ ଯୁବତୀଯୁବକ ଯୋଗଦେଇଥିଲେ। ଭୁବନେଶ୍ୱରର ଜିଲା ଶିଳ୍ପକେନ୍ଦ୍ର ସହାୟତାରେ ଆୟୋଜିତ କର୍ମଶାଳାରେ ଶିଳ୍ପ ଓ ଶିଳ୍ପୋଦ୍ୟୋଗୀଙ୍କର କୌଶଳ ଅଭିବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଭୁବନେଶ୍ୱରସ୍ଥିତ ଜିଲା ଶିଳ୍ପ ତାଲିମ କେନ୍ଦ୍ରର ଆସିଷ୍ଟାଣ୍ଟ ମ୍ୟାନେଜର କନ୍ଧିଆ ବେହେରା, ଆଇପିଓ ପ୍ରେମାନନ୍ଦ ନାଥ, ସାଧନ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ, କାର୍ଯ୍ୟକ୍ରମ ସଂଯୋଜକ ପବିତ୍ର ମୋହନ ହରିଚନ୍ଦନ ପ୍ରମୁଖ ଯୋଗଦେଇ କିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ।

### ଜଟଣୀ ମଧୁସୂଦନନଗର ୧୨ ଭରି ସୁନା, ୧ ଲକ୍ଷ ଟଙ୍କା, ଅନ୍ୟ ସାମଗ୍ରୀ ଚୋରି

ଜଟଣୀ,୨୪।୮(ଡି.ଏନ.ଏ):

ଜଟଣୀ ଥାନା ଅନ୍ତର୍ଗତ ମଧୁସୂଦନ ନଗରସ୍ଥିତ ସମୀର କାନ୍ତ ପ୍ରଧାନଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। କୌଣସି କାର୍ଯ୍ୟରେ ପରିବାର ସମସ୍ତ ସଦସ୍ୟ ବାହାରକୁ ଯାଇଥିବା ସୁଯୋଗରେ ଦୁର୍ବୃତ୍ତମାନେ ଗ୍ରୀଲ ଗେଟ୍ ତାଲା ଭାଙ୍ଗି ଘରେ ପଶିଥିଲେ। କୋଠରି ମଧରେ ଥିବା ଆଲମିରା ଭାଙ୍ଗି ୧୨ ଭରି ଓଜନର ସୁନା ଅଳଙ୍କାର, ୧ଲକ୍ଷ ୧୦ ହଜାର ଟଙ୍କା, ଦୁଇଟି ଏଲ୍‌ଇଡି ଟିଭି, ୨ଟି ଟ୍ରଙ୍କରେ ରହିଥିବା କଂସା ବାସନ ଓ ଦାମିକା ଶାଢ଼ି ଚୋରି କରି ନେଇଛନ୍ତି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଆସିଛନ୍ତି। ସେହିପରି ସ୍ଥାନୀୟ ବାଲିଛକ ସାହିସ୍ଥିତ ଅବସରପ୍ରାପ୍ତ ପ୍ରାଧାପକ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଘରୁ ଦୁର୍ବୃତ୍ତମାନେ ଗୋଟିଏ ମୋବାଇଲ ଓ ୪ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଘରର ସ୍କାଇ ଲାଇଟ୍ ଭାଙ୍ଗି ଘର ମଧକୁ ପ୍ରବେଶ କରିଥିଲେ। ୨ ମାସ ପୂର୍ବେ ମଧ ସୁରେନ୍ଦ୍ରଙ୍କ ଘରୁ ବିଭିନ୍ନ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ।

### ସୀମା ଚିହ୍ନଟ ବେଳେ ଧରା ପଡିଲା ବେଆଇନ ଖଣି ଖନନ

ଖୋର୍ଦ୍ଧା ଅଫିସ,୨୪।୮:

ଖୋର୍ଦ୍ଧା ତହସିଲର ନିଲାମ ହୋଇଥିବା କଳାମୁଗୁନି ପଥର ଖଣିର ସୀମା ଚିହ୍ନଟ ଚାଲିଥିବାବେଳେ ବେଆଇନ ଖଣି ଖନନ ନଜରକୁ ଆସିଥିଲା। ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଓ ଆରଆଇ ମିଳିତ ଭାବେ ଫୋର୍ସ ସହ ବେଆଇନ ଖଣି ଉପରେ ଚଢ଼ାଉ କରି ୩ଟି ଟିପର ଟ୍ରକ ଓ ୧ ଟି ସ୍ୱଲ ବୋଝେଇ ଟ୍ରକ ଜବତ କରିଛନ୍ତି।

■ ଗ୍ରୁପରେ ମେସେଜ ଭାଇରାଲ

## ଡିପିସି, ବିଇଓଙ୍କ ନାଁରେ ଟଙ୍କା ଆଦାୟ

ଖୋର୍ଦ୍ଧା ଅଫିସ,୨୪।୮:

ସୋସିଆଲ ମିଡିଆରେ ମେସେଜ ପଡିଛି ଯେ, ଶିକ୍ଷକଙ୍କଠାରୁ ଆଦାୟ ହେଉଛି ଲାଞ୍ଚ ଟଙ୍କା। ୨୦୧୧ ବ୍ୟାଚର ସହକାରୀ ଶିକ୍ଷକଙ୍କର ବକେୟା ଏରିଅର ଓ ଇପିଏଫ ଟଙ୍କା କରାଇ ଦେବା ପାଇଁ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ ନାଁରେ ଟଙ୍କା ଆଦାୟ ଚାଲିଛି। ଏଥିପାଇଁ ୨୦୧୧ ବ୍ୟାଚ ଶିକ୍ଷକ ଗ୍ରୁପ ନାଁରେ ପଡିଥିବା ମେସେଜ ଭାଇରାଲ ହୋଇଛି। ଯେଉଁଥିରେ କି ବିଭିନ୍ନ ଶିକ୍ଷକମାନେ ମତ ବି ଦେଇଛନ୍ତି। ଯାହାର ୧୨ ମାସର ଏରିଅର ଓ ଇପିଏଫ ରହିଥିବ ୭୫୦ ଟଙ୍କା ଦେବାକୁ ପଡିବ। ସେହିପରି ୬ ମାସର ଏରିଅର ଓ ଇପିଏଫ ପାଇଁ ୪୫୦ ଟଙ୍କା ଏବଂ ୨ ଓ ୩ମାସର ଏରିଅର ଓ ଇପିଏଫ ପାଇଁ ୩୦୦ ଟଙ୍କା ଦେବାକୁ ପଡିବ। ଟଙ୍କା ଦେଇ ଦେଲେ ଅକ୍ଟୋବର ୧୫ରୁ ଟଙ୍କା ପାଇଯିବେ। ଟଙ୍କା ଶୀଘ୍ର ମିଳିଲେ ୭ ଦିନ ଭିତରେ କାମ ଆରମ୍ଭ ହେବ ବୋଲି ଗ୍ରୁପର ସଦସ୍ୟ ଜଣେ ଶିକ୍ଷକ ଏହି ମେସେଜ ଦେଇଛନ୍ତି। ଏ ନେଇ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ସୁନିତା ମହାନ୍ତି କୁହନ୍ତି, ବିଇଓ ଓ ଡିପିସିଙ୍କ ନାଁରେ ଆଦାୟ ହେଉଥିବା ଲାଞ୍ଚ ଟଙ୍କା ଘଟଣାର ତଦନ୍ତ କରାଯିବ। ଯେଉଁ ଗ୍ରୁପରେ ଏହି ମେସେଜ ପଡିଛି ଗ୍ରୁପର ମୁଖ୍ୟଙ୍କୁ ବି ତଦନ୍ତ ପରିସର ଭୁକ୍ତ କରାଯିବ। ମୁଁ ଓ ଡିପିସି ଲାଞ୍ଚ ଟଙ୍କା ଘଟଣାରେ ସମ୍ପୃକ୍ତ ନ ଥିଲେ ହେଁ ଉଭୟଙ୍କୁ ବଦନାମ କରାଯାଇଛି। ଅପରପକ୍ଷେ ଗ୍ରୁପରେ ମେସେଜ କରିଥିବା ଶିକ୍ଷକ କୁହନ୍ତି, ଗ୍ରୁପରେ ପଡିଥିବା ମେସେଜ ପଡିଥିଲେ ମଧ ଟଙ୍କା କୌଣସି ଶିକ୍ଷକଙ୍କଠାରୁ ଆଦାୟ ହୋଇନାହିଁ। ଏହା ମୋର ଭୁଲ୍ ଥିଲା। ଆମେ ଡିପିସି ଓ ବିଇଓଙ୍କ ନାଁରେ ଟଙ୍କା ଆଦାୟ କରିବୁ ନାହିଁ। ଏହା ଆମର ବ୍ୟକ୍ତିଗତ ମତ ଥିଲା। କେହି ବିରୋଧୀ ଭାଇରାଲ କରି ଆମକୁ ବଦନାମ କରିବାକୁ ଚେଷ୍ଟା କରିଛି ବୋଲି କହିଛନ୍ତି।

## ପୂର୍ଣ୍ଣାଙ୍ଗ ଖୋର୍ଦ୍ଧା ଜିଲା ଗଠନ ଦାବି : ସମନ୍ୱୟ ସମିତି ବୈଠକ

ଖୋର୍ଦ୍ଧା ଅଫିସ,୨୪।୮

ଜିଲା ଜଜ୍ କୋର୍ଟ ଓ ଜିଲା ସ୍ତରୀୟ କାର୍ଯ୍ୟାଳୟ ଖୋର୍ଦ୍ଧାକୁ ଫେରାଇବା ଦାବି ସହ ଖୋର୍ଦ୍ଧା ଜିଲାକୁ ପୂର୍ଣ୍ଣାଙ୍ଗ ଜିଲାର ମାନ୍ୟତା ଦେବା ଉଦ୍ଦେଶ୍ୟରେ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ସମନ୍ୱୟ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୀତା ଭବନ ପରିସରରେ ଆୟୋଜିତ ବୈଠକରେ ଜିଲା ଓକିଲ ସଂଘର ସଭାପତି ପ୍ରଭାତ ଦାସ ଓ ପୂର୍ବତନ ସଭାପତି ଶକ୍ତି ଶଙ୍କର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ଅନୁଷ୍ଠାନ, ସାଧାରଣ ଲୋକଙ୍କୁ ନେଇ ସମନ୍ୱୟ ସମିତି କମିଟି ଗଠନ କରାଯିବ। କମିଟି ଗଠନ ହେବା ପରେ ଓକିଲ ସଂଘ ପୁଣି ବୈଠକ ଡାକିବେ। ଏହା ପରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି। ବୈଠକର ଆଲୋଚନା ଅନୁସାରେ ରାଜ୍ୟର ୧ ନଂ. ଜିଲା ସଦର ମହକୁମାକୁ ଅଣଦେଖା କରାଯାଇଛି। କାରଣ ଖୋର୍ଦ୍ଧା ଓଡ଼ିଶାର ରାଜଧାନୀ ଥିଲା। ପୁଣି ସ୍ୱାଧୀନତା ସଂଗ୍ରାମର ଶେଷ ସ୍ୱାଧୀନତା ଦୁର୍ଗ ଓ ପାଇକଗଡ। ତେବେ ଜିଲା ସଦର ମହକୁମାରେ ରୌପ୍ୟ ଜୟନ୍ତୀ ପାଳନ ହେଉଥିବାବେଳେ ଜିଲା ସଦର ମହକୁମାକୁ ତା'ର ହକ ଦିଆଯାଉନି। ହକ ପାଇବା ନେଇ ଗତ ୧୩ ତାରିଖଠାରୁ ଆଇନଜୀବୀମାନେ କୋର୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି ।

■ଝାଁଳା ଫାଣ୍ଡି ଅଞ୍ଚଳରେ ଚୋରି ବୃଦ୍ଧି

## ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ବିଫଳ

ଝାଁଳା,୨୪।୮(ଡି.ଏନ.ଏ.):

ଝାଁଳା ଫାଣ୍ଡିଠାରୁ ମାତ୍ର ୬୦ ରୁ ୭୦ ମିଟର ଦୂରରେ ରହୁଥିବା ଫକୀର ସେଠୀଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘର ମଧରେ ପଶି ସୁନାଚେନ୍, କାନଫୁଲ, ମୁଦି, ଶଙ୍ଖା, ପାଉଁଜି, ଗ୍ୟାସ୍ ସିଲିଣ୍ଡର, କଂସା ବାସନ ଓ ୪ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଫାଣ୍ଡିରେ ସେ ଅଭିଯୋଗ କରିଛନ୍ତି। ଝାଁଳା ଫାଣ୍ଡି ଅଞ୍ଚଳରେ କିଛିମାସ ହେବ ଚୋରି ଓ ଲୁଟ୍ ବୃଦ୍ଧି ପାଇଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି। ପୋଲିସ ଉପରେ ଲୋକଙ୍କ ଭରସା ତୁଟି ଯାଉଛି। ଫଳରେ ଅନେକ ଘଟଣାରେ ଫାଣ୍ଡିକୁ ଲୋକେ ଅଭିଯୋଗ କରିବାକୁ ଆସୁନାହାନ୍ତି। ଗତ ୨୨ ତାରିଖରେ ଝାଁଳା ଅଞ୍ଚଳର ବେବିନା ବାରିକଙ୍କ ଘରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଦୁର୍ବୃତ୍ତ ଚିହ୍ନଟରେ ବେବିନାଙ୍କ ପରିବାର ସହାୟତା କରିବାରୁ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା। ସେହିଦିନ ସନ୍ଧ୍ୟା ଓ ରାତିରେ ଦୁର୍ବୃତ୍ତମାନେ ଝାଁଳା ଓ ମୁଣ୍ଡ ମୁହାଣ ଅଞ୍ଚଳରେ ଥିବା ଅନେକଙ୍କ ଘର ଓ ଦୋକାନରୁ ଚୋରି ଉଦ୍ୟମ କରିଥିଲେ। କେଦାର ବେହେରାଙ୍କ ଘରୁ ଧାନବସ୍ତା, ବିଜୟ ସାହୁଙ୍କ ଘରୁ ଟଙ୍କା ଚୋରି କରିଥିଲେ। ଉପରୋକ୍ତ ଅଞ୍ଚଳର ଦୀପୁ ସ୍ୱାଇଁଙ୍କ ଡ୍ରେସ୍ ଦୋକାନରେ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ। ସେହିପରି ବାବୁ ବେବର୍ତ୍ତା, କେଦାର ବାରିକ, ହୃଦୟ ଶେଖର ପଟ୍ଟନାୟକ, ନକୁଳ ପ୍ରଧାନଙ୍କ ଘରେ ଚୋରି ପାଇଁ ଦୁର୍ବୃତ୍ତମାନେ ଉଦ୍ୟମ କରିଥିଲେ। ତେବେ ଘର ଲୋକ ଉଠି ପଡ଼ିବାରୁ ଘଟଣାସ୍ଥଳ ଛାଡ଼ି ଦୁର୍ବୃତ୍ତମାନେ ପଳାଇ ଥିଲେ। ସେହିଦିନ ରାତିରେ ଝାଁଳା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ମଧ ଚୋରି ଉଦ୍ୟମ ହୋଇଥିଲା। ତେବେ ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ଯୋଗୁ ଚୋରି ସମ୍ଭବ ହୋଇ ପାରି ନ ଥିଲା। ଏଣୁ ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

■ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ପ୍ରତିକାର ପାଇଁ ଚେତା ପଶିଲା

## ବଡବେରଣାରେ ପହଞ୍ଚିଲେ ଡାକ୍ତରୀ ଦଳ

ବେଗୁନିଆ,୨୪।୮ (ଡି.ଏନ.ଏ.)

ବେଗୁନିଆ ବ୍ଲକ ବଡବେରଣା ଗ୍ରାମରେ କାୟା ବିସ୍ତାର କଲାଣି ଡେଙ୍ଗୁ । ଏ ନେଇ ସ୍ୱାସ୍ଥ୍ୟ ବିଭାଗର ବହୁ ବିଳମ୍ବରେ ଚେତା ପଶିଛି। ଦିନକୁଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ପରେ ପ୍ରତିକାର ପାଇଁ ଗ୍ରାମରେ ଶୁକ୍ରବାର ଡାକ୍ତରୀ ଦଳ ପହଞ୍ଚିଛନ୍ତି। ସେମାନେ ଘରକୁ ଘର ବୁଲିବା ପରେ ଗାଁ ଚାରି ପାଖରେ ବିଟିଆଇ ସିଞ୍ଚନ କରିଛନ୍ତି। ଏଥିସହ ସ୍ୱାସ୍ଥ୍ୟ କ୍ୟାମ୍ପ ମଧ ଖୋଲିଛନ୍ତି।

ଗତ ଏକ ସପ୍ତାହ ହେଲା ବଡବେରଣା ଗ୍ରାମରେ ଡେଙ୍ଗୁ ରୋଗରେ ୮ ଜଣ ରୋଗୀ ଆକ୍ରାନ୍ତ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏଥିସହ ଶୁକ୍ରବାର ମଧ ଆଉ ୩ ଜଣଙ୍କର ରକ୍ତ ନମୁନା ପରୀକ୍ଷା ପାଇଁ ଖୋର୍ଦ୍ଧା ଲାବୋରେଟୋରିକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସେହି ଗ୍ରାମରେ ବହୁ ଲୋକ ମଧ ଜ୍ୱରରେ

**ସିଞ୍ଚନ ହେଲା ବିଟିଆଇ, ଖୋଲିଲା ସ୍ୱାସ୍ଥ୍ୟ କ୍ୟାମ୍ପ**



ଗ୍ରାମର ଚତୁଃପାର୍ଶ୍ୱରେ ବିଟିଆଇ ସିଞ୍ଚନ କରାଯାଉଛି ।

ପୀଡିତ ଅଛନ୍ତି। ସେମାନଙ୍କର ରକ୍ତ ସଂଗ୍ରହ କରାଯାଇ ପରୀକ୍ଷଣ କରାଯିବା ପରେ ମ୍ୟାଲେରିଆ ବାହାରିଛି। ତେବେ ଗାଁ ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବାରୁ ଏହି ରୋଗ ବ୍ୟାପକ ହୋଇଛି। ଏହି ରୋଗର ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୫ ଜଣିଆ ଟିମ ଗଠନ କରାଯାଇଥିଲା। ଏହି ଟିମରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠୀ, ବିପିଓ ପ୍ରଭାସିନୀ ପଣ୍ଡା, ୨ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦେବରାଜ ମହାନ୍ତି ଓ ଯୁଧିଷ୍ଠିର ଦେବତା, ଜିଲା ମ୍ୟାଲେରିଆ ବିଭାଗରୁ ଆସିଥିବା ଦୀପକ କୁମାର ସାହୁ ସାମିଲ ଥିଲେ। ଏଥିସହ ଗ୍ରାମର ବହୁ ଯୁବ ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗ୍ରାମର ୧୮୩ ଟି ପରିବାରର ଲୋକଙ୍କୁ ଭେଟି ଡେଙ୍ଗୁର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଗ୍ରାମ ଚତୁଃପାର୍ଶ୍ୱରେ ବିଟିଆଇ ୫ କିଗ୍ରା ସିଞ୍ଚନ କରାଯାଇଛି। ଆଉ ବାକି ରହି ଯାଇଥିବା ଗ୍ରାମର ୩ଟି ବସ୍ତିରେ ମଧ ଶନିବାର ସିଞ୍ଚନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିପାଠୀ କୁହନ୍ତି, ଲୋକେ ଭୟଭୀତ ହେବାର କିଛି କାରଣ ନାହିଁ। ପ୍ରତିକାର ପାଇଁ ଉକ୍ତ ଗ୍ରାମରେ ଆମ ବିଭାଗ ପକ୍ଷରୁ ବିଟିଆଇ ସିଞ୍ଚନ କରାଯାଇଛି। ସମ୍ପୂର୍ଣ୍ଣ ଭାବେ ଗ୍ରାମରୁ ରୋଗମୁକ୍ତ କରିବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବ। ତେବେ ଗାଁରେ ବସବାସ କରୁଥିବା ଲୋକେ ସଚେତନ ହେବା ସହ ପରିମଳ ସଫେଇ କରିବା ପାଇଁ ଧାନ ଦେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।

–ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ




### ପ୍ରଫେସର ମିଜୋକାମୀ ତୋମିୟୋଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୨୪।୮:** ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ଓ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ହୋଟେଲ ହଲିଡେ ରିସର୍ଟଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ୍ ପଦ୍ମଶ୍ରୀ ପ୍ରଫେସର ମିଜୋକାମୀ ତୋମିୟୋଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ, ରୋଟାରୀ କ୍ଲବ ଜଗନ୍ନାଥ ଧାମର ସୁବାସ ଚନ୍ଦ୍ର ପରିଡ଼ା, ପୁରୀ ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର, ସୃଜନୀ ସାହିତ୍ୟ ସଂସଦ ସଭାପତି ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ ମିଜୋକାମୀ କହିଥିଲେ ଯେ, ଦୀର୍ଘବର୍ଷ ପୂର୍ବରୁ ଭାରତ-ଜାପାନ ସମ୍ପର୍କ ଏକ ବିଶାଳ ପାଚେରି ପରି। ଭାରତୀୟ ସଂସ୍କୃତି, ପରମ୍ପରା ପୂରା ବିଶ୍ୱକୁ ଚମକପ୍ରଦ କରିଛି। ଏଥିସହ ସେ ଭାରତ-ଜାପାନ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା।

### ଟ୍ରାକ୍ଟର-ବସ୍ ମୁହାଁମୁହିଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ପୁରୀ ଅଫିସ, ୨୪।୮:** ପୁରୀ ସଦର ଥାନା ଅଧୀନ ଗୋରୁଆଳ ତାରିଣୀ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରାକ୍ଟର ଓ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗାଡ଼ିର ଚାଳକ ଫେରାର ହୋଇଯାଇଥିଲେ। ବସ୍‌ରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ମିଳିଥିବା ସୂଚନା ପ୍ରକାରେ, ଚନ୍ଦ୍ରମା ନାମକ ଏକ ଘରୋଇ ବସ୍ (ନଂ.ଓଆର୧୩ଏ-୫୯୭୯) ଅପରାହ୍ନରେ ପୁରୀରୁ ସାତପଡ଼ା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର (ନଂ. ଓଆର୧୩ଏ-୧୩୧୬) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା।

### ଶ୍ରୀବିହାରରେ ଆଇନ ସଚେତନତା କାର୍ଯ୍ୟକ୍ରମ




**ପୁରୀ ଅଫିସ, ୨୪।୮:** ପୁରୀ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ-ନୟାଗଡ଼ ଜିଲା ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। କୁଳପତି ପ୍ରଫେସର ରାଧାମାଧବ ଦାଶ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ହରିହର ହୋତା, କୁଳସଚିବ ଡ. ଏସ୍.ଏନ୍. ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ବିଜୟ କୁମାର ସ୍ୱାଇଁ ଲୋକ ଅଦାଲତକୁ ନ୍ୟାୟିକ ବ୍ୟବସ୍ଥାର ବିକଳ୍ପ ବୋଲି କହିଥିଲେ। ଏଥିସହିତ ଲୋକ ଅଦାଲତର ଆବଶ୍ୟକତା ଏବଂ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। କୁଳପତି ଦାଶ କହିଲେ, ଲୋକ ଅଦାଲତରେ ବହୁ ସମସ୍ୟା ସମାଧାନ ହୋଇପାରୁଛି। ଲୋକେ ଏହାର ସୁଯୋଗ ନେବା ଉଚିତ। ଏହି ଅବସରରେ ଅତିଥିମାନେ ଲୋକ ଅଦାଲତକୁ ନେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ମହାପାତ୍ର କହିଲେ, ଲୋକ ଅଦାଲତ ହେଉଛି ଲୋକଙ୍କ ଉପଯୋଗୀ ସେବା। ଏହା ଲୋକଙ୍କ କେସ୍ ଠିକ୍ ଭାବେ ପରିଚାଳନା କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିଥାଏ।

# ବେଳାଭୂମି ଅବକ୍ଷୟ : ସଙ୍ଗିନ ହେଉଛି ସ୍ଥିତି

ପୁରୀ ଅଫିସ, ୨୪।୮

ସ୍ୱର୍ଗଦ୍ୱାର ସମ୍ମୁଖରେ ସମୁଦ୍ରର ସୁଉଚ୍ଚ ଲହଡ଼ି ବେଳାଭୂମିକୁ ଖାଇ ଆଗକୁ ଆଗକୁ ମାଡ଼ି ଆସୁଛି। ୨୦୧୬ ଘଟଣାର ପୁନରାବୃତ୍ତି ଘଟିଛି। ବେଳାଭୂମିରେ ପସରା ମେଲାଇ ବ୍ୟବସାୟ କରୁଥିବା ଦୋକାନୀ ଚିନ୍ତାରେ ରହିଛନ୍ତି। ଦୁଇଦିନ ମଧ୍ୟରେ ବେଳାଭୂମି ଲମ୍ବରେ ପ୍ରାୟ ୧ଶହ ଫୁଟ ଖାଇଗଲାଣି। ସ୍ୱର୍ଗଦ୍ୱାର ସମେତ ରାଜଭବନ ପଛପାର୍ଶ୍ୱ ଏବଂ ବଳିଆପଣ୍ଡା ଅଞ୍ଚଳରେ ବି ବେଳାଭୂମି ଅବକ୍ଷୟ ଲାଗି ରହିଛି। ଆଗକୁ ପୁଣି ଲଘୁଚାପ ରହିଥିବା ବେଳେ ସମୁଦ୍ର ଅଧିକ ଜୁଆରିଆ ହେବା ସହିତ ସ୍ଥିତି ସଙ୍ଗିନ ହେବା ଆଶଙ୍କା କରାଯାଉଛି। ଜଳସେଚନ ବିଭାଗର ଏକ ଟିମ୍ ଶୁକ୍ରବାର ଅପରାହ୍ନରେ ବେଳାଭୂମି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁରୀ ବେଳାଭୂମିର ସ୍ୱର୍ଗଦ୍ୱାର ନିକଟରେ ପ୍ରତ୍ୟହ ସର୍ବାଧିକ ପର୍ଯ୍ୟଟକ ସ୍ନାନ କରନ୍ତି। ବର୍ତ୍ତମାନ ବିପଦସଙ୍କୁଳ ସ୍ଥିତିରେ ରହିଛି ଏହି ବେଳାଭୂମି। ଶୁକ୍ରବାର ଆହୁରି ୫୦ଫୁଟ ଖାଇଯାଇଛି। ଚୈତନ୍ୟ ଛକଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ ଅବକ୍ଷୟ ହେବାରେ ଲାଗିଛି। ଏପରି କି ବେଳାଭୂମିରେ କିଛି ଦୋକାନକୁ ସମୁଦ୍ର ମଧ୍ୟ ଭସାଇ ନେଇଛି। ଏସବୁ ସତ୍ତ୍ୱେ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପୁରୀ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ରାଉତ ଏବଂ ରାଜ୍ୟ ଜଳସେଚନ ବିଭାଗର ପରାମର୍ଶଦାତା ଶତ୍ରୁଘ୍ନ ଦାଶ ସ୍ୱର୍ଗଦ୍ୱାର ବେଳାଭୂମି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିର୍ବାହୀଯନ୍ତ୍ରୀ ରାଉତ କହିଛନ୍ତି ଯେ, ଏହା ପ୍ରାକୃତିକ ପ୍ରକ୍ରିୟା। ଅବକ୍ଷୟ ଅଞ୍ଚଳ ପୁଣି ପୂର୍ବସ୍ଥିତିକୁ ଫେରିବ। ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ।

ସୂଚନାଯୋଗ୍ୟ, ୨୦୧୬ ମସିହାରେ ଦୀର୍ଘଦିନ ଧରି ମଙ୍ଗଳାନଦୀ ମୁହାଣ ବନ୍ଦ ହୋଇ ରହିଥିଲା। ଏହା ସହିତ ଅଗଷ୍ଟ ୧୦ରୁ ସ୍ୱର୍ଗଦ୍ୱାର ବେଳାଭୂମିରେ ଅବକ୍ଷୟ ଆରମ୍ଭ ହୋଇଥିଲା। କିନ୍ତୁ ସେତେବେଳେ ବେଳାଭୂମିର ଅନ୍ୟ କେଉଁଠି ଅବକ୍ଷୟ ଦେଖିବାକୁ ମିଳି ନ ଥିଲା। ବେଳାଭୂମି ଅବକ୍ଷୟକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ମାଡ୍ରାସ ଏବଂ ଭୁବନେଶ୍ୱର ଆଇଆଇଟିର ବିଶେଷଜ୍ଞ ଆସି ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ଏପରି କି ଜଳସେଚନ ବିଭାଗ ମଙ୍ଗଳାନଦୀ ମୁହାଣ ଖୋଲିବାକୁ ପଦକ୍ଷେପ ନେଇଥିଲା। କିନ୍ତୁ ଅବକ୍ଷୟର କିଛି ଦିନ ପରେ ଅବକ୍ଷୟ ଇଲାକା ପୂର୍ବସ୍ଥିତିକୁ ଫେରିଥିଲା। ଏହାପରେ ସମସ୍ତେ ଚୁପ୍ ହୋଇଯାଇଥିଲେ। ଦୀର୍ଘ ଦୁଇ ବର୍ଷ ପରେ ପୁଣି ସମୁଦ୍ର ଅଶାନ୍ତ ରହିବା ସାଙ୍ଗକୁ ବେଳାଭୂମି ଅବକ୍ଷୟ ଆରମ୍ଭ ହୋଇଛି।

## ଅନୁଧ୍ୟାନ କଲା ଜଳସେଚନ ବିଭାଗ ଟିମ୍



ବେଳାଭୂମି ଅବକ୍ଷୟ ସ୍ଥାନକୁ ବିଶେଷଜ୍ଞ ଦଳ ବୁଲି ଦେଖୁଛନ୍ତି ।

# ୨ ଘଣ୍ଟା ବର୍ଷା:ବଡ଼ଦାଣ୍ଡରେ ଆଣ୍ଠୁଏ ପାଣି




ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ବର୍ଷାରେ ବଡ଼ଦାଣ୍ଡ ଜଳମଗ୍ନ ହୋଇପଡିଛି।

ପୁରୀ ଅଫିସ,୨୪।୮

ପୁରୀରେ ଶୁକ୍ରବାର ପ୍ରାୟ ୨ ଘଣ୍ଟା ଧରି ହୋଇଥିବା ବର୍ଷାରେ ସହରର ପ୍ରମୁଖ ରାସ୍ତାରେ ପାଣି ଜମିଛି। ବିଶେଷକରି ବଡ଼ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଜମି ଯାଇଥିଲା। ବର୍ଷା ଛାଡିବା ପରେ ଏହା ନିଷ୍କାସିତ ହୋଇଯାଇଥିଲା।

ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିଲା ବର୍ଷା। ପ୍ରଥମେ ଝିପି ଝିପି ହୋଇ ସାଢେ ୪ଟାରୁ ଜୋର୍‌ରେ ବର୍ଷିଥିଲା। ପାଖାପାଖି ଅଧଘଣ୍ଟା ଧରି ବର୍ଷିବା ପରେ କମିଯାଇଥିଲା। କିଛି ସମୟ ପରେ ପୁଣି ଅଜାଡିହେଲା ଭଳି ବର୍ଷା ବର୍ଷିଥିଲା। ପ୍ରାୟ ୪୦ ମିନିଟ୍ ଧରି ନିର୍ଘୁମ ବର୍ଷାରେ ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ଗଳିକନ୍ଦି ରାସ୍ତାରେ ପାଣି ଜମିଥିଲା। ମେଡିକାଲ ଛକରେ ଆଣ୍ଠୁଏ ଉଚ୍ଚର ପାଣି ଜମିଯାଇଥିଲା। ବଡ଼ଦାଣ୍ଡର ଏହା ପ୍ରମୁଖ ପ୍ରବେଶ ପଥ ହୋଇଥିବାରୁ ବାହାରୁ ଆସୁଥିବା ଗାଡିଗୁଡ଼ିକ ପାଣିରେ ପଶି ଯିବାକୁ ବାଧ୍ୟ ହୋଇଥିଲେ। କେବଳ ବଡ଼ଦାଣ୍ଡ ନୁହେଁ, ସହରର ପ୍ରାୟ ଅଧିକାଂଶ ରାସ୍ତାର ସ୍ଥିତି ବିଗିଡ଼ି ଯାଇଥିଲା। ପ୍ରମୁଖ ସ୍ଥାନ ଭିଆଇପି ରୋଡ୍‌ର ରିଜର୍ଭ ଗ୍ରାଉଣ୍ଡ, ଷ୍ଟେଟବ୍ୟାଙ୍କ ଛକ, ବେଳାଭୂମି ମାର୍ଗର ରେଣୁକା ଗଳି ଛକ, ଲାଇଟ୍ ହାଉସ ପାଖରେ ବର୍ଷାପାଣି ଜମି ଯାଇଥିଲା। ସେହିପରି ବିଭିନ୍ନ ଗଳି ରାସ୍ତାରେ ବର୍ଷାପାଣି ଓ ଡ୍ରେନ୍‌ପାଣି ଏକାକାର ହୋଇଥିଲା। ହେଲେ ବର୍ଷା ଛାଡିବା ପରେ ରାସ୍ତାରୁ ପାଣି କମିଯାଇଥିଲା। ଗତ ଲଘୁଚାପ ବର୍ଷାରେ କେତେକ ବସ୍ତି ଅଞ୍ଚଳରେ ଜମିଥିବା ପାଣି ସମ୍ପୂର୍ଣ୍ଣ ଶୁଖି ନ ଥିବା ବେଳେ ଏହି ବର୍ଷା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢାଇ ଦେଇଛି।

## ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

କଣାସ,୨୪।୮(ଡି.ଏନ୍.ଏ./ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ନୀଳାଚଳସେବା ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୬୩ଜଣ ଅସ୍ଥିଶଲ୍ୟ, ୧୪୭ଜଣ ବଧିର, ୧୧୯ଜଣ ଦୃଷ୍ଟିହୀନ, ୧୬୦ଜଣ ମାନସିକ ଅନଗ୍ରସର ଯୋଗଦେଇଥିଲେ। ଡା. ସୁବ୍ରତ ମହାନ୍ତି, ଡା. ପିସି ପାତ୍ର, ଡା. ପି.କେ ନନ୍ଦ, ଡା. ଆ.ଏମ ଶ୍ରୀଚନ୍ଦନ, ଡା. ୟୁ.ପି. ଇଶ୍ୱାଳ, ଡା. ପିକେ ମହାନ୍ତି, ଡା. ବି.କେ ଜେନା, ଡା. ମନୋରଞ୍ଜନ ପଣ୍ଡା, ଡା. ଆର.ଆର. ସାହୁ ପ୍ରମୁଖ ଯୋଗଦେଇ ପରୀକ୍ଷା କରିଥିଲେ। ଉପଜିଲାପାଳ ଭବତରଣ ସାହୁ, ଜିଲାସମାଜ ମଙ୍ଗଳ ଅଧିକାରୀ ତ୍ରିନାଥ ପାଢୀ, ବିଡିଓ ପ୍ରତିଭା ସାହୁ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, କଣାସ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଅନିତା ପଟ୍ଟନାୟକ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଚିହ୍ନଟ ଶିବିରରେ ସହଯୋଗ କରିଥିଲେ।

# କ୍ୟାମ୍ପସ ଆଗରେ ଛାଇଗଲାଣି ପୋଷ୍ଟର

ପୁରୀ ଅଫିସ,୨୪।୮

ଆଗକୁ ରହିଛି ଛାତ୍ର ସଂସଦ ନିର୍ବାଚନ। ଏନେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ କ୍ୟାମ୍ପସ ଆଗରେ ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର ଲାଗିଛି। ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବର୍ଷରେ ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗକୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ଏଣୁ ପ୍ରଥମ ବର୍ଷ ପିଲାଙ୍କୁ କ୍ୟାମ୍ପସକୁ ସ୍ୱାଗତ ଉଦ୍ଦେଶ୍ୟରେ ବହୁ ଆଶାୟୀ ପ୍ରାର୍ଥୀ ପୋଷ୍ଟର ଲଗାଇଛନ୍ତି। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ କ୍ୟାମ୍ପସ ଆଗରେ ମଧ୍ୟ ବିଜେଡି ଏବଂ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ପୋଷ୍ଟର ଲାଗିଛି। କ୍ୟାମ୍ପସ ପରିସରରେ ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହିତ ପ୍ରଚାର ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଦୁଇ କଲେଜରେ ଉଭୟ କଂଗ୍ରେସ ଓ ଛାତ୍ର ବିଜେଡି ସେମାନଙ୍କ ରଣନୀତି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଉଭୟ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟାରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ସଂସଦ ନିର୍ବାଚନରେ କିଭଳି ରଣନୀତି ରହିବ ସେ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ପୁରୀ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶିଷ ଦାଶ କୁହନ୍ତି, ଆଗାମୀ ଛାତ୍ର ସଂସଦ ନିର୍ବାଚନ ଲାଗି ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତାରିଖ ଘୋଷଣା ହେବା ପରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ବର୍ତ୍ତମାନ ଆଶାୟୀ ପ୍ରାର୍ଥୀମାନଙ୍କ ସହ ଆଲୋଚନା ଚାଲିଛି। ସେହିପରି ବିଜୁ ଛାତ୍ର ଜନତା ଦଳ ପୁରୀ ଜିଲା ସଭାପତି ନାରାୟଣ ସିଂ କୁହନ୍ତି, ପୂର୍ବ ବର୍ଷର ଅନୁଭୂତିକୁ ନେଇ ଚଳିତବର୍ଷର ରଣନୀତି ପ୍ରସ୍ତୁତ କରାଯିବ।

## ଆଗକୁ ଛାତ୍ର ସଂସଦ ନିର୍ବାଚନ




## କୋଣାର୍କ ନାଟ୍ୟମଣ୍ଡପରେ ଝୁଲଣ ଉତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଲା ମାହାରୀ ନୃତ୍ୟ

କୋଣାର୍କ, ୨୪।୮(ଡି.ଏନ୍.ଏ.)

କୋଣାର୍କ ସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନାଟ୍ୟମଣ୍ଡପଠାରେ ଆୟୋଜିତ ଝୁଲଣ ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅତିଥି ଭାବରେ ମା'ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମକୃଷ୍ଣ ମହାପାତ୍ର, କୋଣାର୍କନବୋଦୟ ବିଦ୍ୟାଳୟର ଅଧକ୍ଷ ଡି.ମାଲେଶ୍ୱର ରାଓ, ପୂର୍ବତନ କାଉନସିଲର ସୁବାସ ନାୟକ, ନାଟ୍ୟମଣ୍ଡପର ଯୁଗ୍ମ ସମ୍ପାଦକ ଗୁରୁପଦ ବଳିୟାର ସିଂ ଓ ଉପସଭାପତି ପ୍ରସନ୍ନ ବେଉରିଆ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉତ୍କଳୀୟ କଳା ଓ ସଂସ୍କୃତିରେ ଝୁଲଣ ଉତ୍ସବର ମହନୀୟତା ଓ ମାହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ଆୟୁସୀ ବଲେୟା, ରାୟପୁରର କୁଚିପୁଡ଼ି ନୃତ୍ୟାଙ୍ଗନାଙ୍କ ଦ୍ୱାରା ଆଦି ଶକ୍ତି ମା' ପାର୍ବତୀଙ୍କ ବିଭିନ୍ନ ରୂପର ବର୍ଣ୍ଣନା ସମ୍ବନ୍ଧୀୟ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ପୁରୀର ଓଡ଼ିଶୀ ନୃତ୍ୟାଙ୍ଗନା ଆର୍ଯ୍ୟାରୂପା ଦାଶଙ୍କ ଦ୍ୱାରା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମ୍ପରାର ଅଂଶବିଶେଷ ଗୀତଗୋବିନ୍ଦ ଉପରେ ନୌବିହାର ଓ ସାରିବାର ବିହାର ଉପରେ ଆଧାରିତ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୨ୟ ସନ୍ଧ୍ୟାରେ ଉତ୍ସବକୁ ନଖରାସ୍ଥିତ ଇଷ୍ଟ କଲେଜର ସଂସ୍କୃତି ଅଧ୍ୟାପକ ଅଶୋକ କୁମାର ଶତପଥୀ ସଂଯୋଜନା କରିଥିଲେ। ଏହି ଉତ୍ସବକୁ ନାଟ୍ୟ ମଣ୍ଡପର ଚନ୍ଦ୍ରଶେଖର ରାଉତରାୟ, ଗୁରୁ ଜୟକୃଷ୍ଣ ରାଉତ ଓ ସୁଦେଷ୍ଣା ପ୍ରଧାନ, ଅମିନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




କୋଣାର୍କ ନାଟ୍ୟମଣ୍ଡପ ଝୁଲଣ ଉତ୍ସବରେ ଜଣେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଅଜୟ



@ ପ୍ରଭୁ



@ ପ୍ରଜ୍ଞାପ୍ରିୟଦର୍ଶିନୀ



@ ପୁଷ୍ପାଞ୍ଜଳି



@ ବିଶ୍ୱଜିତ



@ ପାର୍ଥସାରଥି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
metroselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ।

-ଚାଣକ୍ୟ



## ସଂକ୍ଷେପରେ

### କେରଳବାସୀଙ୍କ ପାଇଁ ଚିତ୍ରକଳା ପ୍ରଦର୍ଶନୀ କରିବ ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି

**ଭୁବନେଶ୍ୱର, ୨୪।୮(ବ୍ୟୁରୋ):** କେରଳ ବନ୍ୟା ପ୍ରପୀଡ଼ିତମାନଙ୍କୁ ସହଯୋଗ ଲାଗି ବିଭିନ୍ନ ଅନୁଷ୍ଠାନ ଆଗେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି କେରଳବାସୀଙ୍କୁ ସହଯୋଗ କରିବା ପାଇଁ ଏକ ଅଭିନବ ଉଦ୍ୟମ କରିଛି। ଗ୍ୟାଲେରି ପକ୍ଷରୁ ପୂର୍ବରୁ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ଦ୍ୱାରା ସଂଗୃହୀତ ଏବଂ କର୍ମଶାଳାର ଚିତ୍ରଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯିବା ସହିତ ଏହାକୁ ବିକ୍ରି କରାଯିବ। ଏଥିରୁ ଯେଉଁ ଅର୍ଥ ମିଳିବ ତନ୍ମଧ୍ୟରୁ ୫୦% ମୁଖ୍ୟମନ୍ତ୍ରୀଙ୍କ ମାଧ୍ୟମରେ କେରଳର ବନ୍ୟା ପ୍ରପୀଡ଼ିତଙ୍କୁ ପ୍ରଦାନ କରାଯିବ। ଏହି ପ୍ରଦର୍ଶନୀ ଆସନ୍ତା ୨୮ତାରିଖରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ବୋଲି ଶୁକ୍ରବାର ଗ୍ୟାଲେରି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସୁନ୍ଦର ଚିତ୍ରଟିଏ ମାଧ୍ୟମରେ ପରୋକ୍ଷରେ ଅନ୍ୟକୁ ସହଯୋଗ କରି ମାନବିକତାର ପରିଚୟ ସୃଷ୍ଟି କରିବା ପାଇଁ ଏହା ଏକ ଭଲ ପଦକ୍ଷେପ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଗ୍ୟାଲେରିର ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ା, ସଦସ୍ୟ ତଥା ଆବାହକ ସତ୍ୟବ୍ରତ ଜେନା ଉପସ୍ଥିତ ଥିଲେ।

### ବିଏସ୍‌କେୱାଇ ପାଇଁ ଟୋଲ୍ ଫ୍ରି ନମ୍ବର

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନ୍ତର୍ଭୁକ୍ତ ହେବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ବିଜୁ କୃଷକ କଲ୍ୟାଣ ଯୋଜନାର କାର୍ଡଧାରୀଙ୍କ ବାର୍ଷିକ ଆୟକୁ ଦେଖାଯିବ। ଏହି ଦୁଇ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମାଞ୍ଚଳ ପରିବାରର ବାର୍ଷିକ ଆୟ ୫୦ ହଜାର ଏବଂ ସହରାଞ୍ଚଳ ପରିବାରର ବାର୍ଷିକ ଆୟ ୬୦ ହଜାର ଟଙ୍କା ହୋଇଥିବା ଆବଶ୍ୟକ। ଯୋଜନା ସୁବିଧାରୁ ବଞ୍ଚିତ ହେଲେ ଟୋଲ୍ ଫ୍ରି ନମ୍ବର ୧୫୫୩୬୯କୁ ଡାଏଲ କରି ଅଭିଯୋଗ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଟୋଲ୍ ଫ୍ରି ନମ୍ବର ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୫ରୁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାକୁ ଶୁଭାରମ୍ଭ କରିଥିଲେ। ୭୦ ଲକ୍ଷ ପରିବାରର ସାଢେ ୩ କୋଟି ଲୋକଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ମିଳିବ। ମହିଳାଙ୍କ ପାଇଁ ୭ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ରହିଛି। ସମସ୍ତ ସରକାରୀ ହସ୍ପିଟାଲ ସହିତ ୨୦୮ ଘରୋଇ ହସ୍ପିଟାଲରେ ଏହି ସୁବିଧା ମିଳିବ।

### ଏସ୍‌ସିବିରେ ୧୧୫ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୪।୮:** ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ୍ ୧୧୫ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୨ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ମେଡିକାଲରେ ହୋଇଥିବା ରକ୍ତ ନମୁନା ପରୀକ୍ଷାରୁ କଟକରୁ ୧୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ମୋଟ୍ ୧୩୦ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୨୪ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। କଟକରୁ ଚିହ୍ନଟ ରୋଗୀଙ୍କ ମଧ୍ୟରେ ହାଇକୋର୍ଟ ଅଞ୍ଚଳର ଜଣେ ଥିବାବେଳେ ହରିଅନ୍ତା, ନଜରପୁର, ପ୍ରଧାନପଡ଼ା, ସତ୍ୟଭାମାପୁର, ରାଧାକିଶୋରପୁର ଓ ଆଡୋଡ଼ା ଅଞ୍ଚଳର ରୋଗୀ ରହିଛନ୍ତି।

### ବ୍ୟକ୍ତିଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୨୪।୮(ଡି.ଏନ୍.ଏ):** ଗୁରୁଡିଝାଟିଆ ଥାନା ଓରନ୍ଦା ଗ୍ରାମର ବେନୁ ପଲେଇ ଶୁକ୍ରବାର ମଦ୍ୟ ପାନ କରି ଆସୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ କଣ୍ଟାବୁଦାରେ ପଡି ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁଡିଝାଟିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବେନୁ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ଝଗଡା କରିବା ସହ ତାଙ୍କଠାରୁ କିଛି ଟଙ୍କା ନେଇ ଘରୁ ବାହାରି ଆସିଥିଲେ। ଏହାପରେ ସେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନ ସାଢେ ୨ଟାରେ ତାଙ୍କ ଘରଲୋକେ ଖୋଜାଖୋଜି କରିବା ପରେ ସେ ଏକ କଣ୍ଟା ବୁଦା ଉପରେ ମରି ପଡିଥିବା ଦେଖିବାକୁ ପାଇଥିଲେ।

■ ଅଲାରନାଥ ମନ୍ଦିର ହୁଣ୍ଡିରୁ ଲୁଟ୍ ଘଟଣା

# ଦେଢ଼ମାସ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

**ବ୍ରହ୍ମଗିରି, ୨୪।୮(ଡି.ଏନ୍.ଏ.)**

■ ମିଳିମିଶି ଚାପି ଦେବାକୁ ଉଦ୍ୟମ

■ ସୁରକ୍ଷିତ ନୁହେଁ ଭକ୍ତଙ୍କ ଦାନ ହୁଣ୍ଡି

ଭକ୍ତମାନେ ଭକ୍ତି ସହକାରେ ଭଗବାନଙ୍କୁ ବିଭିନ୍ନ ପ୍ରକାର ଦାନ କରୁଥିବାବେଳେ ମନ୍ଦିରରେ ରହୁଥିବା ଦାନ ହୁଣ୍ଡିଗୁଡ଼ିକ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଲୁଟେରାମାନେ ବିଭିନ୍ନ ସମୟରେ ମନ୍ଦିର ହୁଣ୍ଡିଗୁଡ଼ିକରୁ ଲୁଟ୍ କରୁଛନ୍ତି। କେତେକ ସ୍ଥାନରେ କୌଣସି ପ୍ରମାଣ ନ ଥିବାରୁ ଲୁଟେରାମାନେ ନିର୍ବିଘ୍ନରେ ଖସିଯାଉଛନ୍ତି। କିନ୍ତୁ ସମସ୍ତ ପ୍ରମାଣ ଥାଇ ମଧ୍ୟ ଏହି ଲୁଟେରାଙ୍କୁ ଧରିବାରେ ମନ୍ଦିର ପ୍ରଶାସନ ଏବଂ ପୋଲିସ ଆଗ୍ରହ ପ୍ରକାଶ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ବ୍ରହ୍ମଗିରିର ଅଲାରନାଥ ମନ୍ଦିରରେ।

ପ୍ରକାଶ ଯେ, ଅଲାରନାଥ ମନ୍ଦିରରେ ଥିବା ହୁଣ୍ଡିରୁ ଗତ ଅଣସର ସମୟରେ ଜଣେ ଦୁର୍ବୃତ୍ତ ଲୁଟ୍ କରିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ମନ୍ଦିରରେ ଲାଗିଥିବା ସିସି କ୍ୟାମେରା ଭଙ୍ଗାରୁଜା କରିବା ସହ ତାର କାଟି ଦେଇଥିଲେ। ଏହାକୁ କେତେକ ସେବାୟତ ଦେଖି ହୁଣ୍ଡିରୁ ଲୁଟ ହୋଇଥିବା ସମ୍ପର୍କରେ ମନ୍ଦିର ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ବ୍ରହ୍ମଗିରି ତହସିଲଦାରଙ୍କୁ ଅବଗତ କରାଇଥିଲେ। କିନ୍ତୁ ଉକ୍ତ କଥାକୁ କେହି ଗୁରୁତ୍ୱ ନ ଦେଇ ମିଛ କଥା କହି ଏଡାଇ ଦେଇଥିଲେ। ପରେ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରୁ ଲୁଟ ହେବା କଥା ଜଣାପଡିଥିଲା। ସେବାୟତମାନେ ଲୁଟେରାକୁ ଧରିବା ପାଇଁ ତହସିଲଦାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏହି ଘଟଣା ଘଟିବାର ଦେଢମାସ ବିତି ଯାଇଥିଲେ ବି ପୋଲିସ ହେଉ କି ମନ୍ଦିର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ସମସ୍ତେ ମିଳିମିଶି ଏହି ଘଟଣାଟିକୁ ଚପେଇ ଦେବାକୁ ଉଦ୍ୟମ କରୁଥିବା ସେବାୟତ ମଧୁସୂଦନ ପଣ୍ଡା, ନୀଳକଣ୍ଠ ସୁଆର ଅଭିଯୋଗ କରିଛନ୍ତି। ଏନେଇ ସେମାନେ କୁହନ୍ତି, ଏଠାରେ ଠାକୁରଙ୍କ ହୁଣ୍ଡି ସୁରକ୍ଷିତ ନୁହେଁ। ଲୁଟେରାଙ୍କ ସମ୍ପର୍କରେ ପ୍ରଶାସନ ସୁରାକ ପାଇ ନୀରବ ରହିବା ଅର୍ଥ ଲୁଟ ପାଇଁ ଲୁଟେରାଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମନ୍ଦିର ମଧ୍ୟ ଅସୁରକ୍ଷିତ ହୋଇପଡିବ। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ପଚାରିବାରେ ଏହାର ତଦନ୍ତ ପାଇଁ ଥାନାକୁ ରିପୋର୍ଟ କରିଛି। ପୋଲିସ ଯାହା କରିବା କଥା କରିବ ବୋଲି କହିଥିଲେ। ସେହିପରି ବ୍ରହ୍ମଗିରି ଥାନା ଅଧିକାରୀ ବୁଲୁ ମୁଣ୍ଡା କୁହନ୍ତି ଏହା ପୁରୁଣା ଘଟଣା। ମୁଁ ଅଳ୍ପ ଦିନ ହେଲା ଦାୟିତ୍ୱରେ ରହିଛି। ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।



ଅଲାରନାଥଙ୍କ ପୀଠରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

## ଅଲାରନାଥଙ୍କ ପୀଠରେ ଝୁଲଣ ପର୍ବ ତୃତୀୟ ଦିନରେ

**ବ୍ରହ୍ମଗିରି, ୨୪।୮(ଡି.ଏନ୍.ଏ.)**

ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ବୁଧବାରଠାରୁ ଝୁଲଣ ପର୍ବ ଆରମ୍ଭ ହୋଇଛି। ଏହା ପାଞ୍ଚ ଦିନ ଧରି ଚାଲିବ। ଶୁକ୍ରବାର ଝୁଲଣ ଉତ୍ସବ ତୃତୀୟ ଦିନରେ ପହଞ୍ଚିଛି। ସନ୍ଧ୍ୟା ପୂର୍ବରୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ବାହୁ ବିଜେ କରାଇ ଝୁଲଣ ମଣ୍ଡପରେ ବିଜେ କରାଯାଇଥିଲା। ସେଠାରେ ମନ୍ଦିର ତରଫରୁ ଏକ ସ୍ୱତନ୍ତ୍ର ଧୂପରେ ଶୀତଳ ମଣୋହି ଭୋଗ ମାଣ୍ଡୁଅପିଠା, ଖଇକୋରା ଖଣ୍ଡ, ଉଖୁଡା ଅର୍ପଣ କରାଯାଇଥିଲା। ତୃତୀୟ ଦିନରେ ଅନନ୍ତ ବେହେରା ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।

# ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷା ହେବା ଆବଶ୍ୟକ

**୫ଟି ପ୍ରଶ୍ନ**



ପ୍ରାକ୍ତନ କୁଳପତି ନୀଳକଣ୍ଠ ପତି

ସଂସ୍କୃତ ବିଦ୍ୱାନ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ନୀଳକଣ୍ଠ ପତି। ସର୍ବଦର୍ଶନ ଉପରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ପତି ୧୯୮୧ ମସିହାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୦ରେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ଅବସର ପରେ ରତନ ଲାଲ ଟାଟା ଇନଷ୍ଟିଚ୍ୟୁଟର ଅବୈତନିକ ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଏହାସହିତ ସେ ରଚନା କରିଛନ୍ତି ୧୦ରୁ ଅଧିକ ସଂସ୍କୃତ ଏବଂ ଓଡ଼ିଆ ଭାଷା ପୁସ୍ତକ। ସେଗୁଡିକ ମଧ୍ୟରେ ରହିଛି ତତ୍ତ୍ୱ ମୁକ୍ତାବଳି, ସାମାନ୍ୟ ଦର୍ଶନ, ଆଚାର୍ଯ୍ୟ ବିଜ୍ଞାନ ଭିକ୍ଷୁ, ତତ୍ତ୍ୱ ଚତୁଃଷ୍ଟୟ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏବଂ କର୍ମକାଣ୍ଡ ଇତ୍ୟାଦି। ପତିଙ୍କ ଅବସର ସମୟ କିପରି କଟେ ସେ ସମ୍ପର୍କରେ ତାଙ୍କୁ ୫ଟି ପଶ୍ନ।

**▸ ରାଜ୍ୟରେ ସଂସ୍କୃତ ଶିକ୍ଷା ସ୍ଥିତି କ'ଣ?**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଉନ୍ନତ ଗବେଷଣା ଓ ସଂସ୍କୃତ ଭାଷାର ଅଧ୍ୟୟନ ଲାଗି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସଂସ୍କୃତ ଶିକ୍ଷାକୁ ଏକ ଦିଗ ମିଳିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍କୃତ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଗଲା ନାହିଁ। ବର୍ତ୍ତମାନ ରାଜ୍ୟରେ ସଂସ୍କୃତ ଶିକ୍ଷା ଦୋଦୁଲ୍ୟମାନ ସ୍ଥିତିରେ ଚାଲିଛି। ରାଜ୍ୟରେ ପାରମ୍ପରିକ ସଂସ୍କୃତ ବିଦ୍ୱାନ୍‌ଙ୍କ ସଂଖ୍ୟା କମୁଛି। ସଂସ୍କୃତ ମୂଲ୍ୟଭିତ୍ତିକ ଶିକ୍ଷାହେବା ଆବଶ୍ୟକ। ଏଥିଲାଗି ରାଜ୍ୟ ସରକାର ଓ ସଂସ୍କୃତ ବିଦ୍ୱାନ୍‌ମାନଙ୍କ ସାମୂହିକ ଉଦ୍ୟମ ଆବଶ୍ୟକ।

**▸ ଅବସର ସମୟ କିଭିଳି କଟୁଛି?**

ଚାକିରି ସମୟରେ ବିଶ୍ୱବିଦ୍ୟାଳୟରେ ସମୟ ବିତୁଥିଲା। ପ୍ରତ୍ୟହ ଯେଉଁ ଅଳ୍ପ କିଛି ସମୟ ମିଳୁଥିଲା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି। କିନ୍ତୁ ଚାକିରିରୁ ଅବସର ପରେ ବହୁତ ସମୟ ମିଳୁଛି। ବର୍ତ୍ତମାନ ଅଧିକ ସମୟ ଲେଖାଲେଖି ଓ ବିଭିନ୍ନ ବହି ପଢାପଢିରେ ବିତୁଛି। ବିଭିନ୍ନ ମହାପୁରୁଷଙ୍କ ଦର୍ଶନ(ଫିଲୋସଫି) ପଢିବାକୁ ଭଲପାଏ। ଏପରି କି ଜର୍ମାନ ଦାର୍ଶନିକ ଇମାନୁଏଲ କାଣ୍ଟଙ୍କ ଦର୍ଶନକୁ ସଂସ୍କୃତ ଭାଷାରେ ଅନୁବାଦ କରିଛି। ବେଳେ ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ହୋଇ ଯିବାକୁ ପଡୁଛି।

**▸ ଶରୀରକୁ ସୁସ୍ଥ ରଖିବା ଲାଗି କ'ଣ କରନ୍ତି?**

ମୁଁ ପ୍ରତ୍ୟହ ପ୍ରାତଃଭ୍ରମଣ କରେ। ଏହାସହିତ ଯୋଗ ଓ ପ୍ରାଣାୟମ କରେ।

**▸ ଆପଣଙ୍କ ହବି କ'ଣ?**

ପଢିବା ହେଉଛି ମୋର ହବି। ମୁଁ ବିଭିନ୍ନ ପ୍ରକାର ପୁସ୍ତକ ପଢିବାକୁ ଭଲପାଏ। ମୋତେ ଦିନରେ ଯେତିକି ବି ସମୟ ମିଳେ ପଢାପଢି କରେ।

**▸ ଚାକିରି ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ**

ମୁଁ ୟୁଜିସି ଟିମ୍‌ରେ ବୈଷ୍ଣୋଦେବୀ ଯାଇଥାଏ। ୩ ଜଣ ଆଇଏଏସ୍ ଅଫିସରଙ୍କ ସହିତ ଟିମ୍‌ରେ ଆମେ ସାତଜଣ ଥାଉ। ବୈଷ୍ଣୋଦେବୀ ଯିବା ଲାଗି ଆମ ପାଇଁ ହେଲିକପ୍ଟର ବ୍ୟବସ୍ଥା ହୋଇଥାଏ। କିନ୍ତୁ ଆମେ ସେଠାରେ ପହଞ୍ଚିବା ପରେ ପାଗ ମେଘୁଆ ହୋଇଗଲା। ହେଲିକପ୍ଟର ସେବା ବାତିଲ ଘୋଷଣା ହେଲା। ମୁଁ ଭାବିଲି ମା'ଙ୍କ ଦର୍ଶନର ସୁଯୋଗ ନାହିଁ। ସମସ୍ତେ ମନଦୁଃଖରେ ବସିଥାଉ। ହଠାତ୍ ଘୋଷଣା ହେଲା ୟୁଜିସି ଟିମ୍ ପାଇଁ କେବଳ ହେଲିକପ୍ଟର ଯିବ। ଆମେ ଯାଇ ମା'ଙ୍କ ଦର୍ଶନ କରି ଫେରିଥିଲୁ। ଏହା ଏକ ଆଲୌକିକ ଘଟଣା ଭଳି ଥିଲା। ଏହା ମୋ ପାଇଁ ସ୍ମରଣୀୟ।

–ସାକ୍ଷାତ୍: ପ୍ରଦୀପ କିଶୋର ସାହୁ, (ପୁରୀ ଅଫିସ)

# ୫୦ ବନ କର୍ମଚାରୀଙ୍କୁ ସାପ ଉଦ୍ଧାର ପ୍ରଶିକ୍ଷଣ

**ଗୋପ, ୨୪।୮(ଡି.ଏନ୍.ଏ.)**

ଗ୍ରାମାଞ୍ଚଳର ଲୋକମାନେ ନିଜ ନିଜର ବାଡ଼ି ବଗିଚାକୁ ସଫା ସୁତରା ରଖିଲେ ନିଶ୍ଚିତ ଭାବରେ ବିଷାକ୍ତ ସର୍ପ ଦଂଶନରୁ ମୁକ୍ତି ପାଇବେ। ଘର ଚାରିପଟେ ଦାନାଦାର ଓ ବ୍ଲିଚିଂ ପାଉଡର ପକାଇଲେ ସାପମାନେ ଆଉ ଆସିପାରିବେ ନାହିଁ ବୋଲି ଶୁକ୍ରବାର ଗୋପ ବନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ସର୍ପ ଉଦ୍ଧାର ପ୍ରଶିକ୍ଷଣ ଶିବିରରେ ସ୍ନେକ୍ ହେଲ୍‌ପ ଲାଇନ୍‌ର ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରଶିକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଶିବିରରେ ଜିଲାର ୫ଟି ରେଞ୍ଜର ୫୦ ଜଣ ବନ ବିଭାଗ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ହେଲ୍‌ପ ଲାଇନ୍‌ର ସଂଯୋଜକ ଲଳିତ ମୋହନ ପଣ୍ଡା, ସ୍ନେକ୍ ହେଲ୍‌ପ ଲାଇନ୍ ସଦସ୍ୟ ବ୍ରଜକିଶୋର ସାହୁ ପ୍ରମୁଖ ସାପ ଧରିବାର ବିଭିନ୍ନ ଶୈଳୀ ସମ୍ପର୍କରେ ତାଲିମ ଦେବା ସହ ଉନ୍ନତମାନର ଯନ୍ତ୍ରାଂଶ ବ୍ୟବହାର କରି ସାପମାନଙ୍କୁ କିପରି ସହଜରେ ଧରାଯାଇପାରୁଛି ସେ ସମ୍ପର୍କରେ ତାଲିମ ଦେଇଥିଲେ। ସାପ କାମୁଡ଼ିଲେ ତତ୍‌କ୍ଷଣାତ୍ ଏହାର କିପରି ପ୍ରତିକାର କରିବ ଓ କିପରି ଶରୀରକୁ ବିଷ ନ ବ୍ୟାପିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଲୋକଙ୍କ ଘରେ ବିଭିନ୍ନ ସମୟରେ ସାପ ପଶିଲେ ସ୍ନେକ୍ ହେଲ୍‌ପ ଲାଇନ୍‌ର ସହାୟତା ନେଉଥିବାବେଳେ ଆବଶ୍ୟକ ଅନୁଯାୟୀ ସ୍ନେକ୍ ହେଲ୍‌ପ ଲାଇନ୍‌ରେ ସଦସ୍ୟ ନ ଥିବାରୁ କେତେକ କ୍ଷେତ୍ରରେ ସେବା ଯୋଗାଇ ଦେବାରେ ବିଫଳ ହେଉଛନ୍ତି। ବନ ବିଭାଗ କର୍ମଚାରୀମାନେ ସର୍ପ ଧରିବା ଶୈଳୀ ଜାଣିଲେ ଜନସାଧାରଣମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ମଲ୍ଲିକ୍ କହିଥିଲେ। ଏଥିରେ ଜିଲା ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ, ଗୋପ ରେଞ୍ଜର କାହ୍ନୁଚରଣ ସେଠୀ, କୋଣାର୍କ ବନଖଣ୍ଡ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର, ଅସ୍ତରଙ୍ଗ ରେଞ୍ଜର ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବନ ବିଭାଗ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ଆମ ପୋଲିସ ସମିତି ପକ୍ଷରୁ ରକ୍ତଦାନ ଶିବିର

**କଣାସ,୨୪।୮(ଡି.ଏନ୍.ଏ./ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଥାନା ପରିସରରେ ଶୁକ୍ରବାର ଆମ ପୋଲିସ ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୁବେର ମହାପାତ୍ର ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦସଭ୍ୟ ନୀଳମଣୀ ବେହେରା, ଯାମଳଗୋଦା ସରପଞ୍ଚ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୭୬ଜଣ ରକ୍ତଦାନ କରିଥିଲେ। ପୁରୀ ଆଚାର୍ଯ୍ୟ ହରିହର ରକ୍ତ ଭଣ୍ଡାରର ଡାକ୍ତର ଏବଂ କର୍ମଚାରୀମାନେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଗଡିଶାଗୋଦା ଥାନା ଅଧିକାରୀ ଧିରଜ ଲେଙ୍କା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କେରଳ ଗଲେ କିଟ୍‌ର ୭୫ କୁଶଳୀ କର୍ମଚାରୀ

**ଭୁବନେଶ୍ୱର,୨୪।୮(ବ୍ୟୁରୋ):**

କେରଳ ବନ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇଦେବା ପାଇଁ କିଟ୍‌ର ୭୫ଜଣ କୁଶଳୀ କର୍ମଚାରୀ ଶୁକ୍ରବାର କେରଳ ଯାତ୍ରା କରିଛନ୍ତି। କେରଳରେ ପ୍ରଳୟଙ୍କାରୀ ବନ୍ୟାରେ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରବାହିତ ହୋଇଥିବା ବେଳେ ବହୁ କ୍ଷୟକ୍ଷତି ଘଟିଛି। ବନ୍ୟା ହ୍ରାସ ପାଇଥିବା ବେଳେ ଲକ୍ଷାଧିକ ବାସଗୃହ ଭାଙ୍ଗିଯାଇଛି। ପାନୀୟ ଜଳର ସମସ୍ୟା ଦେଖା ଯାଇଥିବା ବେଳେ ବିଜୁଳି ଓ ଜଳଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଅପରିହାର୍ଯ୍ୟ ହୋଇପଡ଼ିଛି। କେରଳବାସୀଙ୍କ ଦୁର୍ଦ୍ଦଶାକୁ ଅନୁଭବ କରିକିଟ୍‌ଓକିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍‌ରେ କାର୍ଯ୍ୟରତ ୭୫ଜଣ ଦକ୍ଷ କୁଶଳୀ ବିଦ୍ୟୁତ ଓ ପାଣି ପାଇପ କର୍ମଚାରୀ, ବଢ଼େଇ, ୱେଲ୍ଡର୍ ଓ ସାପ ଧରାଳିଙ୍କୁ କେରଳ ପଠାଇଛନ୍ତି। କର୍ମଚାରୀମାନେ ସାଙ୍ଗରେ ଆବଶ୍ୟକ ଯନ୍ତ୍ରପାତି ନେଇଛନ୍ତି।

# ଏବିଭିପିର ଛାତ୍ର ନେତା ସମ୍ମିଳନୀ

**ଭୁବନେଶ୍ୱର, ୨୪।୮(ବ୍ୟୁରୋ):**

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ଥାନୀୟ ଦୁର୍ଗା କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଛାତ୍ରନେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ। ସେମାନେ ନିଜ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଅଧ୍ୟାପକ ସମସ୍ୟା, ଭିତ୍ତିଭୂମିର ଅଭାବ, ଲାଇବ୍ରେରୀରେ ପୁସ୍ତକ ଅଭାବ, କ୍ୟାମ୍ପସରେ ରାଜନୈତିକ ଦଳର ଗୁଣ୍ଡାରାଜ, ଉନ୍ନତ ଶିକ୍ଷାଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏବିଭିପିର ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଦୀପକ ରିଷି ଯୋଗଦେଇ ଓଡ଼ିଶାରେ ଦୟନୀୟ ଓ ଦୁର୍ନୀତିଗ୍ରସ୍ତ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କହିଥିଲେ। ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ଅଭିଲାଷ ପଣ୍ଡା ଗତ ଦୁଇ ଦଶନ୍ଧିଧରି ଓଡ଼ିଶା ଉଚ୍ଚଶିକ୍ଷାକୁ ବରବାଦ କରିବା ପାଇଁ କିପରି ଷଡ଼ଯନ୍ତ୍ର ଚାଲିଛି ତାହା କହିଥିଲେ। ସଂଗଠନର ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶନୀ ମଲ୍ଲିକ କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ଛାତ୍ରୀଙ୍କୁ ଅସଦାଚରଣ, ଭିଡିଓ ଭାଇରାଲ ଭଳି କାର୍ଯ୍ୟ ବିଗତ କିଛି ଦିନରେ ବଢ଼ିଚାଲିଛି ବୋଲି ଦର୍ଶାଇ ମଲ୍ଲିକ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ସମସ୍ୟା ସମାଧାନ ସହିତ ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଆସନ୍ତା ସପ୍ଟେମ୍ବର ୧୧ରେ ଭୁବନେଶ୍ୱରରେ ଛାତ୍ର ଅଧିକାର ସମାବେଶର ଆୟୋଜନ କରାଯାଇଛି ବୋଲି ମଲ୍ଲିକ କହିଥିଲେ।

## ରମାଦେବୀରେ ହେବ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଚେସ୍ ଆସୋସିଏଶନ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ସେପ୍ଟେମ୍ବର ୫ରୁ ୭ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବର୍ଗର ପ୍ରତିଦ୍ୱନ୍ଦ୍ୱୀ ଅଂଶ ଗ୍ରହଣ କରିପାରିବେ। ସମସ୍ତ ବର୍ଗର ଖେଳାଳିମାନେ ଏଥିରେ ଭାଗ ନେଇପାରିବେ। ଇଚ୍ଛୁକ ପ୍ରତିଯୋଗୀମାନେ ୪ତାରିଖ ମଧ୍ୟାହ୍ନ ୧୨ଟା ସୁଦ୍ଧା ଆବେଦନ କରିବାକୁ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ. ଦୁର୍ଗା ଶଙ୍କର ଷଡଙ୍ଗୀ ସୂଚନା ଦେଇଛନ୍ତି। ବାହାରୁ ଆସୁଥିବା ପ୍ରତିଯୋଗୀମାନେ ରହିବା ପାଇଁ ଚାହିଁଲେ ସେମାନେ ସେପ୍ଟେମ୍ବର ୨ସୁଦ୍ଧା ଜଣାଇ ପାରିବେ।

# ନିମାପଡ଼ାରେ ଜିଲାପାଳଙ୍କ ସମୀକ୍ଷା ବୈଠକ

**ନିମାପଡ଼ା,୨୪।୮(ଡି.ଏନ୍.ଏ ):**

ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ପି.ଡି. ଉଦ୍ଧବ ମାଝି ଶୁକ୍ରବାର ନିମାପଡ଼ା ତହସିଲ ଓ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ ସହ ସମୀକ୍ଷା ବୈଠକ କରିଛନ୍ତି। ତହସିଲ ଅଫିସଠାରେ ତହସିଲଦାର କମଳଜିତ ଦାଶ, ଅତିରିକ୍ତ ତହସିଲଦାର ଲୋଚନ ଦାସ, ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ଜିଲାପାଳ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲାପାଳ ଦାସ ତହସିଲ ଅଫିସଠାରେ (ମ୍ୟୁଟେଶନ କେସ)ଦାଖଲ ଖାରଜ ମାମଲା, ରାଜସ୍ୱ ଅଦାଲତ ମାମଲା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳ ଦାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ନିର୍ମାଣଧୀନ ଗୃହକାର୍ଯ୍ୟ ସେପ୍ଟେମ୍ବର ଶେଷ ସୁଦ୍ଧା ଶେଷ କରିବାକୁ ବ୍ଲକ ପ୍ରଶାସନର ଅଧିକାରୀମାନଙ୍କୁ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଡିଓ କ୍ଷୀରୋଦ ପ୍ରଧାନ, ସହକାରୀ ଯନ୍ତ୍ରୀ ଅଜୟ କୁମାର ପ୍ରଧାନଙ୍କ ସମେତ ଅତିରିକ୍ତ ବିଡିଓ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଜିଲାପାଳ ଦାସ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଜଣାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ପ୍ରଶାସନର ଏଭଳି ଘଟଣାକୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦସଭ୍ୟ ପ୍ରମୁଖ ନାପସନ୍ଦ କରିଛନ୍ତି।




ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ ଓ ଅନ୍ୟମାନେ।